ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

## ପାଠ୍ୟକ୍ରମ -୪

## ଗ୍ରାମୀଣ ବିକାଶ ଅନୁଷ୍ଠାନ ଓ ଉଦ୍ୟୋଗ

ବ୍ଲକ୍

## ୪ ଗ୍ରାମୀଣ ଅର୍ଥବ୍ୟବସ୍ଥା

ପ୍ରଥମ ଏକକ

**କୃଷି ଭିତ୍ତିକ ଅର୍ଥ ବ୍ୟବସ୍ଥା ଓ ଗ୍ରାମୀଣ ଜୀବନ - ଜୀବିକା**

ଦ୍ୱିତୀୟ ଏକକ

**ଗ୍ରାମୀଣ ବଜାର ବ୍ୟବସ୍ଥା ଏବଂ ଖାଦ୍ୟ ସୁରକ୍ଷା ସମସ୍ୟା**

ତୃତୀୟ ଏକକ

**ଆୟ ବୃଦ୍ଧି କାର୍ଯ୍ୟକ୍ରମ**

## ବିଶେଷଜ୍ଞ କମିଟି


୧. ଶ୍ରୀ ଜଗଦାନନ୍ଦ — ଅଧ୍ୟକ୍ଷ
ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ,
ସି.ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା

୨. ଡ଼କ୍ଟର ଶ୍ରୁତି ମହାପାତ୍ର — ସଭ୍ୟା
ମୁଖ୍ୟ ନର୍ବାହୀ,
ସ୍ୱାଭିମାନ, ଭୁବନେଶ୍ୱର

୩. ଡ଼କ୍ଟର ଧର୍ମବ୍ରତ ମହାପାତ୍ର, — ସଭ୍ୟା
ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ,
ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

୪. ଡ଼କ୍ଟର ଏମ୍. ଜି. ବାଗେ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୫. ଶ୍ରୀମତୀ ଦୀପ୍ତି ରାୟ, — ସଭ୍ୟା
ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚ୍ଳନା ବିଭାଗ,
ନିଶ୍ୱାସ, ଭୁବନେଶ୍ୱର

୬. ଡ଼କ୍ଟର ରବୀନ୍ଦ୍ର ଗାରାଡ଼େ — ସଭ୍ୟା
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୭. ଶ୍ରୀ ଏସ୍.ଟି. ରେହମାନ — ସଂଯୋଜକ
ଶିକ୍ଷଣ ପରାମର୍ଶଦାତା,
ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



| ଲେଖକ | ଅନୁବାଦକ |
| --- | --- |
| **ଶ୍ରୀ ସୁବ୍ରତା ଏସ. ଶତପଥୀ** | **ଡକ୍ଟର ଅନନ୍ତ କିଶୋର ଜେନା,ଏମ୍.ଏ.ପିଏଚ୍.ଡି.** |
| ଶିକ୍ଷାୟନ ଗବେଷଣା ପରାମର୍ଶ ଦାତା | ଆସୋସିଏସଟ୍ ପ୍ରଫେସର |
| ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ଜେ.କେ.ବି.କେ. କଲେଜ, କଟକ |



**Material Production**

**Dr. Jayanta Kar Sharma**
Registrar
**Odisha State Open University, Sambalpur**



*© OSOU, 2017. **ଗ୍ରାମୀଣ ବିକାଶ ଅନୁଷ୍ଠାନ ଓ ଉଦ୍ୟୋଗ** is made available under a Creative Commons Attribution-ShareAlike4.0http://creativecommons.org/licences/by-sa/4.0*



*Printed by : Sri Mandir Publication, Sahid Nagar, Bhubaneswar*

# ପ୍ରଥମ ଏକକ

# କୃଷି ଭିତ୍ତିକ ଅର୍ଥ ବ୍ୟବସ୍ଥା ଓ ଗ୍ରାମୀଣ ଜୀବନ - ଜୀବିକା

## ପଠନର ଉଦ୍ଦେଶ୍ୟ :

ଏହି ଅନୁଚ୍ଛେଦ ଶେଷରେ ଆପଣ ଜାଣିବାକୁ ପାଇବେ :

- କୃଷି ଭିତ୍ତିକ ଅର୍ଥନୈତିକ ଯୋଜନାର ପରିକଳ୍ପନା ଓ ବିଶ୍ଳେଷଣ ।
- ଗ୍ରାମୀଣ ଭାରତରେ କୃଷିର ଗୁରୁତ୍ୱ ଓ ପ୍ରାସଙ୍ଗିକତାର ବିଶ୍ଳେଷଣ।
- ଗ୍ରାମୀଣ ଭାରତରେ କୃଷି ସମତୁଲ କାର୍ଯ୍ୟ କ୍ଷେତ୍ର ଗୁଡ଼ିକର ଭୂମିକା ଓ ଆର୍ଥିକ ଅଭିବୃଦ୍ଧିରେ ସେଗୁଡ଼ିକର କାର୍ଯ୍ୟକାରିତା ବିଶ୍ଳେଷଣ।

### ପାଠ୍ୟକ୍ରମ ଗଠନ ପ୍ରଣାଳୀ


୧.୧ ଉପକ୍ରମ

୧.୨ ଗ୍ରାମୀଣ ଭାରତରେ କୃଷିଭିତ୍ତିକ ଅର୍ଥନୀତି ଓ ସମଜାତୀୟ ଅର୍ଥବ୍ୟବସ୍ଥା

୧.୩ ଅଣକୃଷି ଭିତ୍ତିଭୂମି : ଗ୍ରାମୀଣ ଭାରତର ରୂପାନ୍ତରୀକରଣ

୧.୪ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ

୧.୫ ଶେଷ କଥା

୧.୬ ସାରାଂଶ

୧.୭ ମୁଖ୍ୟ ଶବ୍ଦାବଳୀ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୧ ଉପକ୍ରମ

ଗ୍ରାମୀଣ ଭାରତର ଆର୍ଥନୀତିକ ବ୍ୟବସ୍ଥା ଆମ ଦେଶର ସମସ୍ତ ପ୍ରକାର ବିକାଶ ପ୍ରକ୍ରିୟା ଉପରେ ଗଭୀର ପ୍ରଭାବ ପକାଇବା ସହିତ ବ୍ୟକ୍ତି ଚେତନାକୁ ମଧ୍ୟ ଅବଦମିତ କରିବାରେ ଲାଗିଛି। ଗ୍ରାମୀଣ ଅର୍ଥନୀତି ସବୁଠାରୁ ବୃହତ୍ ଅର୍ଥନୀତି ଏବଂ ଏହା ଭାରତୀୟ ଅର୍ଥବ୍ୟବସ୍ଥା ସହିତ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ। ଏହାର ବିସ୍ତାରିତ ଦିଗ ଯେପରି ଅର୍ଥବ୍ୟବସ୍ଥାର ସବୁ ଦିଗକୁ ସ୍ପର୍ଶ କରିଛି, ସେହିପରି ଆର୍ଥିକ ବିକାଶ ପ୍ରକ୍ରିୟାକୁ ମଧ୍ୟ ବହୁଳ ପ୍ରଭାବିତ କରୁଅଛି। ପ୍ରାୟତଃ ଏକ ଶହ ପଚାଶ କୋଟି ଜନ ସଂଖ୍ୟା ବିଶିଷ୍ଟ ଭାରତରେ ଦୁଇ ତୃତୀୟାଂଶ ଜନତା , ୬୩୮,୩୬୫ଟି ଗ୍ରାମରେ ବସବାସ କରନ୍ତି ଏବଂ ଏମାନଙ୍କର

ଆୟ ଭାରତୀୟ ଅର୍ଥନୀତିର ଏକ ତୃତୀୟାଂଶ ମାତ୍ର । ତଥାପି, ଭୌଗଳିକ ସ୍ଥିତି ଓ କୃଷି ଭିତ୍ତିକ ଅର୍ଥନୀତିର ବିବିଧତା ସତ୍ତ୍ୱେ ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଏହା ଏକ ଆଦର୍ଶର ପ୍ରତୀକ ରୂପେ ପ୍ରତିଭାତ ।

ଏହା ସତ ଯେ ଗ୍ରାମୀଣ ଅର୍ଥବ୍ୟବସ୍ଥା ଏକ ବହୁ ସ୍ତରୀୟ ଆର୍ଥନୀତିକ କାର୍ଯ୍ୟକ୍ରମର ସମ୍ମିଶ୍ରଣ । ଏହାର ସବୁଠାରୁ ବୃହତ୍ କେନ୍ଦ୍ରୀୟ ଉପାଦାନ ହେଉଛି କୃଷି । ଏହା ମଧ୍ୟରେ ଶସ୍ୟ, ଡାଲି, ତୈଳବୀଜ, ଫଳ ଓ ପନିପରିବା ହେଉଛି ମୁଖ୍ୟ କୃଷି ଜାତ ଦ୍ରବ୍ୟ । ଏହା ସହିତ ପଶୁ ପାଳନ କରିବା ଦ୍ୱାରା, ଦୁଗ୍ଧ ଓ ଦୁଗ୍ଧ ଜାତ ଖାଦ୍ୟ ପଦାର୍ଥ, ମାଂସ ଇତ୍ୟାଦିର ଉତ୍ପାଦନ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ ମଧ କରେ । ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ପରିପୁଷ୍ଟ କରୁଥିବା ଅନ୍ୟଏକ ଉପାଦାନ ହେଉଛି, ଜଙ୍ଗଲ । ଜଙ୍ଗଲ ଜାତ ଦ୍ରବ୍ୟର ଉତ୍ପାଦନ ଓ ଜଙ୍ଗଲ କୃଷି ଆର୍ଥିକ, ମାନଦଣ୍ଡକୁ ସୁଦୃଢ଼ କରିବା ସହିତ ଜାଳେଣିକାଠ, ଶିଳ୍ପରେ ବ୍ୟବହୃତ କାଠ, ଫର୍ଣ୍ଣିଚର (ଗୃହ ଉପକରଣ), ଗୃହ ତିଆରି ପାଇଁ କାଠ ଇତ୍ୟାଦିର ବ୍ୟବହାର ଦ୍ୱାରା ଗ୍ରାମୀଣ ଜନତାଙ୍କର ଜୀବନ- ଜୀବିକାର ଉନ୍ନତିରେ ସହାୟତା କରିପାରୁଛି । ଜଙ୍ଗଲରୁ ପ୍ରାପ୍ତ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରେ କେନ୍ଦୁପତ୍ର, ବାଉଁଶ, ଝୁଣା, ଲାଖ, ଝାଡୁ ଇତ୍ୟାଦିର କ୍ରୟ- ବିକ୍ରୟ ଦ୍ୱାରା ଗ୍ରାମୀଣ ଅର୍ଥନୀତି ଅନେକାଂଶରେ ସୁଦୃଢ଼ ହୋଇ ପାରୁଛି ।

ମାଛଚାଷ ଗ୍ରାମୀଣ ଅର୍ଥବ୍ୟବସ୍ଥାର ଅନ୍ୟ ଏକ ଦିଗ । ମଧୁର ଜଳରେ ମାଛ ଚାଷ ଓ ସମୁଦ୍ରରୁ ମାଛ ଧରି ବିକ୍ରି କରିବା ଦ୍ୱାରା ଜନତାଙ୍କର ଆର୍ଥିକ ଉନ୍ନତିରେ ପରିବର୍ତ୍ତନ ଆଣିପାରିଛି । ଏଥିସହିତ କୁଟୀର ଶିଳ୍ପ ମଧ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ଅନେକାଂଶରେ ମଜବୁତ୍ କରେ । ଯେପରି ଖଦୀବସ୍ତ୍ର, ସମ୍ବଲପୁରୀ ଶାଢ଼ୀ, କଂସା ବାସନ, ଟେରାକୋଟା, ଡୋକରା, ବେତ ଓ ବାଉଁଶ ତିଆରି ଫର୍ଣ୍ଣିଚର ଓ ଗୃହ ଉପଯୋଗୀ ଉପକରଣ ଇତ୍ୟାଦି । ଏସବୁର ବିକ୍ରି ଲବ୍ଧ ଅର୍ଥରେ ଗ୍ରାମ୍ୟ–ଜନତା ନିଜର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରୁଛନ୍ତି ।

ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ, ଭାରତର ଗ୍ରାମୀଣ ଅର୍ଥବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦେବାକୁ ହେବ । ଗ୍ରାମୀଣ- ଆର୍ଥନୀତିର ବିବିଧ ପରିସର ଭାରତୀୟ ଅର୍ଥବ୍ୟବସ୍ଥାର ପ୍ରଧାନ ଅବଲମ୍ବନ । ତେଣୁ ଏହାପ୍ରତି ଅବହେଳା ପ୍ରଦର୍ଶନ ନକରି;ଏହାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

## ୧.୨ ଗ୍ରାମୀଣ ଭାରତର କୃଷିଭିତ୍ତିକ ଅର୍ଥନୀତି ଓ ସମଜାତୀୟ ଅର୍ଥବ୍ୟବସ୍ଥା

କୃଷି ଭିତ୍ତିକ ଅର୍ଥନୀତି, ଏକ ପୁରାତନ ଅର୍ଥନୀତି- ଯାହା ଅଦ୍ୟାବିଧି ପ୍ରଚଳିତ । ଏହା ବହୁ ଘାତ ପ୍ରତିଘାତ ମଧ୍ୟଦେଇ ରୂପାନ୍ତରିତ ହୋଇ ଆସିଛି । ଏହି ରୂପାନ୍ତରଣ ପଶ୍ଚାତ୍‌ରେ ରହିଛି କୃଷିର ଉନ୍ନତି, ଉତ୍ପାଦନ କ୍ଷମତାର ବୃଦ୍ଧି ଓ ଅର୍ଥନୀତିର ବିକାଶ । ସେଥିପାଇଁ ନୂତନ ବୈଜ୍ଞାନିକ ପଦ୍ଧତି ଓ ଯନ୍ତ୍ରପାତିର

ଉପଯୋଗ କୃଷି କ୍ଷେତ୍ରରେ କରାଗଲାଣି । ଉଦାହରଣ ସ୍ୱରୂପ ଆନୁବଂଶିକ ଗୁଣନିୟନ୍ତ୍ରଣ , କୃତ୍ରିମ ବୀଜବପନ, ଶଙ୍କର କିଷମର ସୃଷ୍ଟି , ଶଙ୍କର ପ୍ରଣାଳୀରେ ଉତ୍ତମ ପଶୁଧନ ଉତ୍ପାଦନ ଓ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇ ପାରୁଛି । ଆଧୁନିକ ଉପକରଣ ଓ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ସତ୍ତ୍ୱେ ଅନ୍ୟାନ୍ୟ ଅର୍ଥବ୍ୟବସ୍ଥା ଅପେକ୍ଷା କୃଷିଭିତ୍ତିକ ଅର୍ଥନୀତି ଅଦ୍ୟାପି ସଂଘର୍ଷରତ । ସେଥିପାଇଁ ଅନେକ ଲୋକ କୃଷିକୁ ଛାଡ଼ି ବ୍ୟବସାୟ କରିବା, ଶିଳ୍ପାଞ୍ଚଳରେ ଚାକିରି କରିବା କିମ୍ବା ସରକାରୀ ଚାକିରି ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ସ୍ଫିତ ଜନସଂଖ୍ୟା ଯୋଗୁଁ ଜୀବନ - ଜୀବିକା ନିର୍ଦ୍ଧାରଣ ଓ ବାସ ଗୃହର ଚାହିଦା ମେଣ୍ଟାଇବା ଉଦ୍ଦେଶ୍ୟରେ ଚାଷଜମି ମଧ୍ୟ କ୍ରମଶଃ ହ୍ରାସ ହେବାରେ ଲାଗିଛି । ଏହା ସହିତ ବିଶ୍ୱତାପାୟନ ଓ ଜଳବାୟୁ ପରିବର୍ତ୍ତନରେ ବର୍ଷାଜଳର ଅଭାବ ଯୋଗୁଁ କୃଷି ପ୍ରତି ବିବିଧ ବିପଦ ଘନେଇ ଆସିଲାଣି । ଫଳରେ ଗ୍ରାମୀଣ ଅର୍ଥନୀତିର ବିକାଶ ଆଜି ଏକ ସନ୍ଦେହାତ୍ମକ ପରିସ୍ଥିତି ସୃଷ୍ଟି କରିସାରିଲାଣି ।

**ଭାରତରେ କୃଷିର ସମସ୍ୟା :**

୨୦୦୩ ମସିହାରେ ଖାଦ୍ୟ ଓ କୃଷି ସଂସ୍ଥାଦ୍ୱାରା କରାଯାଇଥିବା ଏକ ଅନୁଶୀଳନରୁ ଜଣାଯାଏ ଯେ, ୧୯୭୦ରୁ ୨୦୦୧ ମସିହା ମଧ୍ୟରେ ହୋଇଥିବା ଭାରତୀୟ କୃଷିର ଅଭିବୃଦ୍ଧି ହାର ହ୍ରାସ ଏକ ନିୟମିତ ସମସ୍ୟା ରୂପେ ପ୍ରତିଭାତ । ପ୍ରତି ୬ ବର୍ଷ ବ୍ୟବଧାନରେ ଅର୍ଥାତ୍ ୧୯୭୦-୭୬, ୧୯୭୬-୮୨, ୧୯୮୨-୮୮, ୧୯୮୮-୧୯୯୪, ୧୯୯୪-୨୦୦୦ ପର୍ଯ୍ୟନ୍ତ ପ୍ରାପ୍ତ ପ୍ରମୁଖ କୃଷି ଜାତ ଦ୍ରବ୍ୟର ବାର୍ଷିକ କ୍ରମିକ ହାର ମାତ୍ର ୨.୫, ୨.୫, ୩.୦, ୨.୬ ଏବଂ ୧.୮% । ସମତୁଲ୍ୟ ଅନୁଶୀଳନର ଅନୁକ୍ରମରେ ୧୯୯୪-୨୦୦୦ ମସିହା ପର୍ଯ୍ୟନ୍ତ କୃଷି ଉତ୍ପାଦନ ବାର୍ଷିକ ମାତ୍ର ୧.୫% ବୋଲି ପ୍ରଦର୍ଶିତ ହୋଇଅଛି । ଏଥିରୁ ଅନୁମାନ କରାଯାଇପାରେ ଯେ ଭାରତୀୟ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରୁଥିବା ଗ୍ରାମୀଣ ଅର୍ଥନୀତି କେତେ ଦୁର୍ବଳ ଏବଂ ଭାରତ ଅନ୍ୟ ଦେଶ ତୁଳନାରେ ବିକାଶଠାରୁ ବହୁ ପଛରେ କାହିଁକି ରହିଛି ।

ଦ୍ୱିତୀୟରେ ଭାରତବର୍ଷରେ ବାର୍ଷିକ ଯେତେ କୃଷି ଉତ୍ପାଦନ ହେଉଛି ; ତାର କିଛି ଅଂଶ ରକ୍ଷଣାବେକ୍ଷଣ ଏବଂ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ଉତ୍ପାଦିତ ଫସଲ ନଷ୍ଟ ମଧ୍ୟ ହୋଇ ଯାଉଛି । ଏସବୁକୁ ଯଦି ରୋକାଯାଇ ପାରନ୍ତା ; ତେବେ କୃଷକ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପ୍ରାପ୍ତ କରି,ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରନ୍ତା ।

କ) **ଭିତ୍ତିଭୂମି :**

ରଚିତ ସମୟରେ କୃଷିଜାତ ଦ୍ରବ୍ୟର ସଂଗ୍ରହ କରି ମଣ୍ଡିକୁ ଆଣିବା ଏବଂ ସାର ବିଷ ଓ ବିହନ ପରି ଆବଶ୍ୟକୀୟ ଉପାଦାନ, ଠିକ ଭାବେ ସମୟରେ କୃଷକ ନିକଟରେ ପହଞ୍ଚାଇବା ପାଇଁ ଭାରତରେ

ଗମନାଗମନ ପାଇଁ ଗ୍ରାମୀଣ ରାସ୍ତାର ଅନେକ ଅଭାବ ଅଦ୍ୟାବଧି ପରିଲକ୍ଷିତ । ଦେଶର ଅନେକ ଅଞ୍ଚଳରେ ଜଳସେଚନର ଅସୁବିଧା ଜନିତ ଫସଲ ହାନୀ କୃଷକ ପାଇଁ ଏକ ସର୍ବକାଳୀନ ସମସ୍ୟା । ଅଥଚ ଯେଉଁ ଅଞ୍ଚଳରେ ନଦୀ, ନାଳ ଓ ନଦୀବନ୍ଧ ଯୋଜନା ମୁତାବକ ଜଳ ସେଚନ ସୁବିଧା ଅଛି; ସେଠାରେ ବନ୍ୟାର ପ୍ରାଦୁର୍ଭାବ, ନିମ୍ନମାନର ବୀଜ /ମଞ୍ଜି, ଆଧୁନିକ କୃଷି ପ୍ରଣାଳୀର ଅଜ୍ଞତା, ଶୀତଳ ଭଣ୍ଡାରର ଅଭାବ ଏବଂ ଅମଳ ସମୟରେ କ୍ଷତି ପାଇଁ ପ୍ରାୟତଃ ୩୦% ଉତ୍ପାଦିତ ଫସଲ ନଷ୍ଟ ହେବା ସହିତ ଯୋଜନାବଦ୍ଧ କ୍ରୟ-ବିକ୍ରୟର ଅଭାବ ଯୋଗୁଁ କୃଷକର ଆର୍ଥିକ ଉନ୍ନତିରେ ବାଧା ପରିଲକ୍ଷିତ ହେଉଅଛି ।

ଭାରତୀୟ କୃଷକ ଉତ୍ପାଦନର ସମୁଦାୟ ମୂଲ୍ୟରୁ ମାତ୍ର ୧୦%ରୁ ୨୩% ଲାଭାଂଶ ପାଇଥିବା ବେଳେ ବାକି ଅଂଶ କ୍ଷତି, ବ୍ୟାବସାୟିକ ଅପାରଗତା ଓ ଦଲାଲଙ୍କ ଯୋଗୁଁ ବାଟମାରଣା ହୋଇଯାଉଛି । ମାତ୍ର ୟୁରୋପ ଓ ଆମେରିକା ପରି ବିକାଶଶୀଳ ରାଷ୍ଟ୍ରର କୃଷକମାନେ ତାଙ୍କର ସମୁଦାୟ କୃଷି ଉତ୍ପାଦନର ୬୪%ରୁ ୮୧% ଲାଭାଂଶ ପ୍ରାପ୍ତ ହେଉଥିବାରୁ ସେ ଦେଶର ଆର୍ଥିକ ଅବସ୍ଥା ଆମଠାରୁ ଅଶାତୀତ ଭାବରେ ଅଧିକ ।

ଖ) **ଉତ୍ପାଦନ ସାମର୍ଥ୍ୟ :**

ଭାରତରେ କୃଷି ଉତ୍ପାଦିତ ଦ୍ରବ୍ୟ, ଆମର ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ ସମର୍ଥ ହେଲେ ହେଁ; ଏହା ଆମେରିକା, ଫ୍ରାନସ୍ ଓ ବ୍ରାଜିଲ ପରି ଦେଶର କୃଷି ଉତ୍ପାଦନ ହାର ଠାରୁ ଅନେକ ପଛରେ ଅଛି । ଫ୍ରାନସରେ ଏକ ହେକ୍ଟର ଜମିରେ ଯେତେ ଗହମ ଉତ୍ପାଦିତ ହୁଏ, ଭାରତରେ ତାହା ଏକ ତୃତୀୟାଂଶ ମାତ୍ର । ଧାନ ଅମଳରେ ହେକ୍ଟର ପିଛା, ଚାଇନା ତୁଳନାରେ ପ୍ରାୟତଃ ଅଧା ଏବଂ ଅନ୍ୟ ଖାଦ୍ୟ ଶସ୍ୟର ଅମଳ ସେହି ତୁଳନାରେ ଅତି ନଗଣ୍ୟ ମଧ୍ୟ । ଦେଖିବାକୁ ଗଲେ, ଭାରତ ତୁଳନାରେ ଚାଇନାର କୃଷକ ମାନଙ୍କର ଚାଷ ଜମି କମ୍ ; ତଥାପି ତାଙ୍କର ବାର୍ଷିକ ଅମଳ ହାର ୬% ଥିଲାବେଳେ ଭାରତର ବାର୍ଷିକ ଅମଳ ମାତ୍ର ୨% । ଏହିପରି ଅନେକ ଅନୁଶୀଳନରୁ ଜଣାଯାଏ ଯେ, ଭାରତର କୃଷି ଗବେଷଣା, ବୈଜ୍ଞାନିକ ପଦ୍ଧତିରେ ଉନ୍ନତ କୃଷି ପ୍ରଣାଳୀର ଅନୁସରଣ,ଖାଦ୍ୟ ସଂରକ୍ଷଣ ଓ ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ଦ୍ୱାରା କୃଷି ଉତ୍ପାଦନର ଯଥେଷ୍ଟ ଅଭିବୃଦ୍ଧି କରିପାରିଲେ,ଭାରତରୁ ଖାଦ୍ୟାଭାବ ଓ କୁପୋଷଣ ଜନିତ ସମସ୍ୟା ସହଜରେ ଦୂର କରାଯାଇପାରିବ ।

ଅପର ପକ୍ଷରେ, ଭାରତ ଚା, ଆଖୁ ଓ କସାବା (ମିଠା ଆଳୁ) ଅମଳରେ ଯଥେଷ୍ଟ ପାରଦର୍ଶିତା ଲାଭ କରିପାରିଛି । ଭାରତରେ ଏମିତି କିଛି ରାଜ୍ୟ ଅଛି, ଯେଉଁଠି ଏହିସବୁ ଫସଲ ବର୍ଷକୁ ଦୁଇରୁ ତିନିଥର ପର୍ଯ୍ୟନ୍ତ ଅମଳ କରାଯାଇ ପାରୁଛି । ୨୦୦୧-୦୨ ମସିହାର ଆକଳନ ଅନୁସାରେ ଭାରତ ଅନ୍ୟ ୟୁରୋପୀୟ ରାଷ୍ଟ୍ର ଓ ଆମେରିକାଠାରୁ ପ୍ରାୟତଃ ୯୦% ଅଧିକ ଅମଳ, ଏହିସବୁ ଚାଷରୁ ପାଇ ପାରୁଛି । ଭାରତର କୌଣସି ରାଜ୍ୟ ସବୁ ପ୍ରକାର ଚାଷରେ ଉତ୍ତମ ଅମଳ ପାଇ ପାରୁନି; ଯେପରି

ତାମିଲନାଡୁ ଆଖୁରେ, ହରିଆଣା ଗହମ , କର୍ଣ୍ଣାଟକ କପା ଓ ବିହାର ଡାଲି ଜାତୀୟ ଶସ୍ୟ, ଅଧିକ ଅମଳ କରୁଥିବାବେଳେ ଅନ୍ୟ ରାଜ୍ୟ ସମୁହ ଫୁଲ ଚାଷ, ଫଳଚାଷ, ଧାନଚାଷ ଓ ତୈଳବୀଜ ଚାଷରୁ ଅଧିକ ଅମଳ କରିଥାନ୍ତି । ଏପରି ଉତ୍ପାଦନ ଗତ ପାର୍ଥକ୍ୟ, ଜଳବାୟୁର ଭିନ୍ନତା,ମାଟିର ଆର୍ଦ୍ରତା ଚାଷ ଜମିର ମାନ, ସ୍ଥାନୀୟ ସମ୍ବଳ, କୃଷକର ଜ୍ଞାନ ଓ ଅଭିନବ କୃଷି ଶୈଳୀ ଉପରେ ନିର୍ଭରଶୀଳ ।

ଅନ୍ୟ ଏକ ସମସ୍ୟା ହେଉଛି, ଭାରତରେ ଖାଦ୍ୟଶସ୍ୟର ସୁକ୍ଷମ ବଣ୍ଟନର ଅଭାବ । ରାଜ୍ୟ – ରାଜ୍ୟ ଭିତରେ,ଜିଲ୍ଲା–ଜିଲ୍ଲା ଭିତରେ ଖାଦ୍ୟ ଶସ୍ୟର ସୁକ୍ଷମ ବଣ୍ଟନ ପ୍ରକ୍ରିୟାର ସମନ୍ୱୟ ଅଭାବରୁ କୃଷିଜାତ ଦ୍ରବ୍ୟ ମଣ୍ଡିରେ ନଷ୍ଟ ହେଉଥିବାର ଖବର ମିଳୁଛି । ଏସବୁର ସଠିକ୍ ସମୟରେ ଉପଯୁକ୍ତ ବଣ୍ଟନ କରି ଦେଇପାରିଲେ,ସଠିକ୍ ଉପଯୋଗ ହେବା ସହିତ କୃଷକ ତା'ର ଲାଭ ପାଇ ପାରନ୍ତା । ମାତ୍ର ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ,ଭାରତର କୃଷି ଯୋଜନା ଯଦି ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି,ଜଳସେଚନ, ଖାଦ୍ୟ ନିରାପତ୍ତା ଭିତ୍ତିଭୂମି ପ୍ରତିଷ୍ଠା,ଅଧିକ ଅମଳ ପାଇଁ କୃଷି ଜ୍ଞାନର ପ୍ରଚାର ଓ ପ୍ରସାର, ରୋଗ ପ୍ରତିରୋଧକ ମଞ୍ଜିର ଉତ୍ପାଦନ,ଶୀତଳ ଭଣ୍ଡାର ପ୍ରତିଷ୍ଠା,ସ୍ୱାସ୍ଥ୍ୟକର ଖାଦ୍ୟର ପ୍ୟାକେଟ ପ୍ରସ୍ତୁତି ଏବଂ ଅତ୍ୟାଧୁନିକ ବଜାର ପ୍ରଣାଳୀ ଦ୍ୱାରା ଖାଦ୍ୟଶସ୍ୟର ନଷ୍ଟକୁ ରୋକିବା ସହିତ ଗ୍ରାମୀଣ ଜନତାଙ୍କର ଆୟବୃଦ୍ଧି କରାଯାଇ ପାରିବ ।

**ଭାରତରେ ଖାଦ୍ୟଶସ୍ୟର ସ୍ୱଳ୍ପଉତ୍ପାଦନ ଓ ତା'ର କାରଣ :**

- ଭାରତରେ ପାରିବାରିକ କଳହ ଓ ଭୂଅଧିକାରର ସର୍ବୋଚ୍ଚ ସୀମା ଯୋଗୁଁ ଚାଷ ଜମିର ଆକାର ଖଣ୍ଡବିଖଣ୍ଡିତ ହେବା ସହିତ, ପ୍ରାୟତଃ ଏହାର ପରିସୀମା ବହୁତ ଛୋଟ (୨ ହେକ୍ଟରରୁ କମ୍) । ଏହିସବୁ କ୍ଷୁଦ୍ର ଚାଷ ଜମିର ମାଲିକାନା ସତ୍ତ୍ୱ ପରିବାରର ସବୁ ସଦସ୍ୟଙ୍କର; ଯାହାଫଳରେ ଲୋକ ସଂଖ୍ୟା ଅନୁସାରେ ଚାଷଜମି ବହୁତ କମ୍ ଏବଂ କୃଷି ଶ୍ରମିକଙ୍କ ଅଭାବରୁ ଉତ୍ପାଦ ମଧ କମ୍ ହେଉଅଛି । ମାତ୍ର ଏକ ବିଶ୍ଳେଷଣରୁ ଜଣାଯାଇଛି, କୃଷକଙ୍କର ସ୍ୱଳ୍ପ ଜମି ଯୋଗୁଁ ଉତ୍ପାଦ କମେ ନାହିଁ ; ବରଂ ଅନୁନ୍ନତ ଚାଷ ପ୍ରଣାଳୀ ଯୋଗୁଁ ଉତ୍ପାଦ କମିଥାଏ । ଏ କ୍ଷେତ୍ରରେ ଚୀନ ସବୁଠୁ ଆଗରେ ଅଛି । ଚୀନ କୃଷକମାନଙ୍କ ସ୍ୱଳ୍ପ ଜମିଥିଲେ ମଧ ଉନ୍ନତମାନର କୃଷି ପ୍ରଣାଳୀ, ଉନ୍ନତ କିସମର ବିହନ ବ୍ୟବହାର, ସୁନିୟନ୍ତ୍ରିତ ବଜାର ବ୍ୟବସ୍ଥା ଓ ଗମନା ଗମନ/ପରିବହନ ପାଇଁ ସୁଦୀର୍ଘ ଜାତୀୟ ରାଜପଥ ଏବଂ ଉପଯୁକ୍ତ ଭିତ୍ତି ଭୂମିର ସୁବନ୍ଦୋବସ୍ତ ଯୋଗୁଁ ୯୭% ଜନତା ଚାଷ କାର୍ଯ୍ୟରେ ନିୟୋଜିତ ହୋଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିପାରିଛନ୍ତି ।

- ଭାରତର କ୍ଷୁଦ୍ରଚାଷୀମାନେ ଆଧୁନିକ କୃଷି ପ୍ରଣାଳୀର ଅଭାବ ଅନୁଭବ କରିବା ସହିତ ବୈଜ୍ଞାନିକ କୃଷି ପଦ୍ଧତି ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ତେଣୁ ସେମାନେ ଅଧିକ କୃଷି ଉତ୍ପାଦନ କରିବାର ଅକ୍ଷମ ।

- ବିଶ୍ୱବ୍ୟାଙ୍କର ଏକ ତଥ୍ୟରୁ ଜଣାଯାଏ ଯେ, ଭାରତ କୃଷି ଓ ଗ୍ରାମୀଣ ବିକାଶ ପ୍ରତି ଅଗ୍ରାଧିକାର ଦେବାକୁ ଯାଇ କୃଷକମାନଙ୍କୁ ଯେଉଁ ଆର୍ଥିକ ପ୍ରୋତ୍ସାହନ (ସବ୍‌ସିଡି) ପ୍ରଦାନ ଓ ଋଣଛାଡ ବ୍ୟବସ୍ଥା କରୁଛି, ତଦ୍ୱାରା କୃଷି ଉତ୍ପାଦନରେ ବ୍ୟାଘାତ ଘଟିବା ସହିତ କୃଷିରେ ଅର୍ଥ ବିନିଯୋଗ କରିବାକୁ କେହି ଇଚ୍ଛା ପ୍ରକାଶ ମଧ୍ୟ କରୁନାହାନ୍ତି । ଏପରିକି କୃଷି ଉପରେ ଅଧିକ ସରକାରୀ ନିୟନ୍ତ୍ରଣ ଏବଂ ଅନେକାଂଶରେ ଅଣଦେଖା ମନୋବୃତ୍ତି ପାଇଁ କୃଷିର ଅନିଶ୍ଚିତ ଭବିଷ୍ୟତ ପ୍ରତି ଆଶଙ୍କା ଉପୁଜିବା ସହିତ ମୂଲ୍ୟବୃଦ୍ଧି ଘଟିବାରେ ଲାଗିଛି । ଜମିଜମା, ଶ୍ରମିକ ଓ ଶ୍ରମନୀତି ଏବଂ ବଜାର ମୂଲ୍ୟରେ ସରକାରଙ୍କର ଅଯଥା ହସ୍ତକ୍ଷେପ ଓ ଦୁର୍ବଳ ଭିତ୍ତିଭୂମି ଭାରତରେ କୃଷିଭିତ୍ତିକ ଗ୍ରାମୀଣ ଅର୍ଥନୀତିକୁ ଦୋହଲାଇ ଦେବାକୁ ବସିଲାଣି ।

- ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ, ଭାରତରେ ଚାଷଜମିକୁ ଜଳ ସେଚନ ବ୍ୟବସ୍ଥା ସ୍ୱଳ୍ପ, ନିମ୍ନମାନର ଓ ଚାଷଜମିର ଜଳ ଧାରଣ କ୍ଷମତା ମଧ୍ୟ ଦୁର୍ବଳ ଏବଂ ଦିନକୁ ଦିନ ଜଳ ସେଚନର ଭିତ୍ତିଭୂମି ମଧ୍ୟ ଭୁଷୁଡିବାକୁ ଆରମ୍ଭ କଲାଣି । ଅନେକ କ୍ଷେତ୍ରରେ ଉଠାଜଳସେଚନ ବ୍ୟବସ୍ଥା ଯୋଗୁଁ ଚାଷ ଜମିରେ ଆବଶ୍ୟକତାଠାରୁ ଅଧିକ ଜଳର ବ୍ୟବହାର ଦ୍ୱାରା ଭୂମିତଳେ ଜଳର ଯେଉଁ ସୂର୍ଣ୍ଣିମ ସତ୍ତା ବିଦ୍ୟମାନ; ତାହା ପ୍ରତିବର୍ଷ ଏକଫୁଟ ପରିମାଣରେ କମିବାରେ ଲାଗିଛି । ସମସ୍ତେ ଜାଣିବା ଉଚିତ୍ ଯେ ଭୂତଳ ଜଳ, ସବୁଠାରୁ ସ୍ୱଚ୍ଛ ଓ ସ୍ୱଚ୍ଛ ସମ୍ବଳ ବିଶିଷ୍ଟ ଏବଂ ଜଳଧାରଣ ପାଇଁ ଅତ୍ୟନ୍ତ ଦରକାରୀ । ବିଶ୍ୱ ପରିବେଶବିତ୍‌ଗଣ ଏକ ତଥ୍ୟ ପ୍ରଦାନ କରି ଚାଲିଛନ୍ତି ଯେ ୨୦୩୦ ମସିହା ବେଳକୁ ଜଳବାୟୁ ପରିବର୍ତ୍ତନ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଏକ ବଡ଼ ଧରଣର ସମସ୍ୟା ସୃଷ୍ଟି କରିବ । ତେଣୁ ଏସବୁ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

**ଅଶିକ୍ଷା** ଅନୁନ୍ନତ ସାମାଜିକ - ଆର୍ଥିକ ସ୍ଥିତି, ଭୂସଂସ୍କାରର ମନ୍ଥରତା, ସ୍ୱଳ୍ପ ଓ ନିଅଣ୍ଟିଆ ବିତ୍ତୀୟ ପ୍ରାବଧାନ ଏବଂ ବଜାରୀକରଣର ଅଭାବ ପାଇଁ କୃଷି ଉତ୍ପାଦନ ହ୍ରାସିତ ହେଉଅଛି ।

**ସରକାରୀ ନୀତିର ଅସମଞ୍ଜସ୍ୟ :** କୃଷି ପାଇଁ ଆର୍ଥିକ ରିହାତି,ବିନା ସୂଚନାରେ କର ପରିମାଣର ପରିବର୍ତ୍ତନ ଏବଂ ଅଳ୍ପସମୟ ବ୍ୟବଧାନରେ ରାଜନୀତିକ ଉଦ୍ଦେଶ୍ୟ ଓ ସରକାର ପରିବର୍ତ୍ତନ ପାଇଁ ମଧ୍ୟ କୃଷି ଉପରେ ପ୍ରଭାବ ପଡ଼ିଥାଏ ।

**ସ୍ୱଳ୍ପ ଜଳସେଚନ ବ୍ୟବସ୍ଥା:** ଏକ ପ୍ରାମାଣିକ ତଥ୍ୟ ଅନୁସାରେ ୨୦୦୩-୦୪ ରେ ଭାରତରେ ମାତ୍ର ୫୨.୬% ଜମି ଜଳସେଚନିତ ହେଉଥିଲା; ଏଥିରୁ ଜଣାଯାଏ ଯେ କେବଳ ବର୍ଷାଋତୁରେ କୃଷକ ବର୍ଷାଜଳକୁ ଉପଯୋଗ କରି କୃଷି କାର୍ଯ୍ୟ କରିଥାଏ । ଭଲ ବର୍ଷା ହେଲେ ଭଲ ଅମଳ ହେବ, ନଚେତ ଫସଲହାନୀର ସମ୍ଭାବନା ଅଧିକ। ଫସଲର ସୁରକ୍ଷା ପାଇଁ ଉଠାଜଳସେଚନ ବ୍ୟବସ୍ଥାରେ ସରକାର ଚାଷୀମାନଙ୍କୁ ରିହାତି ଦରରେ ବିଜୁଳି ଯୋଗାଇ ଦେଉଥିବାରୁ ଭୂତଳ ଜଳସ୍ତର କମିବା ଦ୍ୱାରା ପରିବେଶବିତ୍‌ମାନଙ୍କର ଚିନ୍ତା ବଢି ଗଲାଣି । ଭାରତ ସରକାରଙ୍କ ଅଧିନରେ ଥିବା ନାବାର୍ଡ (NABARD) ଏକ

ଶୀର୍ଷ ପ୍ରତିନିଧି ହୋଇ ଥିବାରୁ କୃଷିର ଉନ୍ନତି ସହିତ ଭୂତଳ ଜଳସ୍ତରର ସୁରକ୍ଷା ବିଷୟରେ ଚିନ୍ତା କରିବା ଜରୁରୀ ।

- ବିଶ୍ୱବଜାରୀ କରଣ ନୀତି ଯୋଗୁଁ ବିଦେଶୀ ଖାଦ୍ୟ ପଦାର୍ଥର ଆମଦାନୀ ବଣ୍ଟନ ବ୍ୟବସ୍ଥାର ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଏକ ତୃତୀୟାଂଶ ଭାରତୀୟ କୃଷି ସାମଗ୍ରୀ ପଚିସଢ଼ି ଯାଉଛି । ଏସବୁର ସୁରକ୍ଷା, ସଦୁପଯୋଗ ଓ ସୁବଣ୍ଟନ ହୋଇପାରିଲେ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହୋଇପାରିବ ।
- ସରକାରଙ୍କର ଦ୍ୱାରା ପ୍ରଦତ୍ତ ଟଙ୍କାକିଆ ଚାଉଳ ବ୍ୟବସ୍ଥା, ଅନ୍ନପୂର୍ଣ୍ଣା ଯୋଜନା ଓ ଅନ୍ତୋଦୟ ଯୋଜନା ଯୋଗୁଁ କୃଷି ପାଇଁ ଶ୍ରମିକ ଅଭାବ ହେଲେଣି । ଫଳରେ କୃଷି କାର୍ଯ୍ୟରେ ଅତ୍ୟଧିକ ବ୍ୟୟ, ମଜୁରୀ ବୃଦ୍ଧି ଯୋଗୁଁ କୃଷକ କୃଷି କ୍ଷେତ୍ର ଠାରୁ ନିଜକୁ ଦୂରେଇ ରଖିବାକୁ ମନେ କଲେଣି ।

ଗ) **ଚାଷୀ ଆତ୍ମହତ୍ୟା:** ଭାରତୀୟ ଜାତୀୟ ଅପରାଧ ଅଭିଲେଖ ବ୍ୟୁରୋ (MCRBI) ତଥ୍ୟ ଅନୁସାରେ ୨୦୧୨ ରେ ସମୁଦାୟ ୧୩.୭୫୪ ଜଣ ଚାଷୀ ଆତ୍ମହତ୍ୟା କରିଥିଲେ । ଯାହା ଭାରତରେ ସମୁଦାୟ ଆତ୍ମହତ୍ୟାରେ ୧୧.୨% । ସାମାଜିକ କର୍ମୀ ଓ ଗବେଷକମାନେ ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ପାରିବାରିକ କନ୍ଦଳ, ବ୍ୟକ୍ତିଗତ ସମସ୍ୟା, ମାନସିକ ସ୍ୱାସ୍ଥ୍ୟ, ସରକାରୀ ନୀତି, ପ୍ରଦୂଷିତ ବିହନ, ସ୍ୱଳ୍ପ- ବୃଷ୍ଟିଯୋଗୁଁ ଫସଲହାନୀ ଓ ଋଣଭାରକୁ ପ୍ରାଧାନ୍ୟ ଦେଇଅଛନ୍ତି ।

ଏହି ଅଧ୍ୟାୟ , ଭାରତୀୟ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କଲାପରି କେତେକ ଉପାଦାନର ଅବଦାନ ଉପରେ ଗୁରୁତ୍ୱ ପ୍ରଦାନ କରେ ।

## ୧.୨.୧ କୃଷି କ୍ଷେତ୍ର

ଗ୍ରାମୀଣ ଅର୍ଥବ୍ୟବସ୍ଥା ପରଂପରାଗତ ରୂପେ କୃଷି ସହିତ ଜଡ଼ିତ । ଭାରତ କୃଷି ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ଏକ ଦେଶ ; ଯାହାର ପ୍ରାୟତଃ ଏକ ତୃତୀୟାଂଶ ଜନତା ଗ୍ରାମରେ ବାସ କରନ୍ତି । କୃଷି ଓ କୃଷିଜାତୀୟ ଅନ୍ୟାନ୍ୟ ଉତ୍ସ ଗ୍ରାମୀଣ ଜନତାଙ୍କ ଜୀବନ ନିର୍ବାହର ପ୍ରଧାନ ସମ୍ବଳ । ଏଣୁ କୃଷିର ବିକାଶ ହିଁ ଦେଶର ଅର୍ଥନୀତିକୁ ପରିଚାଳିତ କରେ । ମାତ୍ର ବିଗତ କିଛି ବର୍ଷ ଧରି ଜାତୀୟ ଅର୍ଥବ୍ୟବସ୍ଥାଙ୍କୁ ସୁଦୃଢ କରୁଥିବା ଗ୍ରାମୀଣ କୃଷିର ଯୋଗଦାନ କମିବାକୁ ଆରମ୍ଭ କରିଛି । ଦେଖିବାକୁ ଗଲେ, ସ୍ୱାଧିନତା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ସାଧାରଣ ବିକାଶ କାର୍ଯ୍ୟକ୍ରମ (ଜିଡିପି) ୫୫% ରୁ କୃଷିର ବିକାଶ ମାତ୍ର ୨୨% । ଯେଉଁଠି କୃଷି ଏକ ମୁଖ୍ୟ ସାଧନ ରୂପେ ବିବେଚିତ ହେବା କଥା, ସେଠାରେ ଗ୍ରାମ୍ୟଜୀବନ

ସହିତ କୃଷିର ସଂପର୍କ ପ୍ରାୟତଃ ସାମୟିକ ହେବା ଫଳରେ ଗ୍ରାମୀଣ ଅର୍ଥବ୍ୟବସ୍ଥା ଉପରେ କୁ ପ୍ରଭାବ ପଡୁଛି ।

ତଥାପି ଭାରତୀୟ ଅର୍ଥବ୍ୟବସ୍ଥା ବହୁଳ ଭାବରେ କୃଷି ଉପରେ ନିର୍ଭରଶୀଳ ଏବଂ ସମୁଦାୟ ଜନସଂଖ୍ୟାର ୬୫% ଲୋକଙ୍କୁ ରୋଜଗାର ପ୍ରଦାନ କରୁଅଛି । ଭାରତର କୃଷିଭିତ୍ତିକ ସ୍ଥିତି ବିଶ୍ୱରେ ୬ଷ୍ଠ ସ୍ଥାନରେ ଥିବାବେଳେ ୨୦୦୨ ମସିହାରେ କୃଷିରୁ ଭାରତ ୨୯୨୫ ମିଲିୟନ୍ ଆମେରିକୀୟ ଡଲାର ଆୟକରି ପାରିଛି । ୧୯୯୩- ୯୪ ରେ ଭାରତ ୨୫% ଜିଡିପି ସହିତ ଧାନ, ଗହମ, ଚିନାବାଦାମ, ଧୂଆଁପତ୍ର, କଫି, ମସଲା, ଚିନି, ଚା, ଝୋଟ, କପା, ତୈଳବୀଜ, ଫଳ ଓ ପନିପରିବା ଆମଦାନୀ କରି ବିଶ୍ୱରେ ପଞ୍ଚମ ସ୍ଥାନ ଅଧିକାର କରିଥିଲା । ଭାରତରେ ଆଳୁ (ବାର୍ଷିକ ଉତ୍ପାଦନ ୨୩ ମିଲିୟନ ଟନ୍) ଏକ ପ୍ରମୁଖ ପରିବା ଏବଂ ଭାରତ ଫଳ (ବାର୍ଷିକ ୩୦ ମିଲିୟନ୍ ଟନ୍) ଓ ପନିପରିବା (ବାର୍ଷିକ ୮୫ ମିଲିୟନ୍ ଟନ) ଉତ୍ପାଦନ କରି ବିଶ୍ୱରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟସ୍ଥାନ ଅଧିକାର କରିପାରିଛି ।

ଅତୀତରେ ଭାରତ ବିଦେଶରୁ ଖାଦ୍ୟଦ୍ରବ୍ୟ ଆମଦାନୀ କରି ଜନତାଙ୍କର ଉଦର ପୋଷଣ କରୁଥିଲା; ମାତ୍ର ଆଜି ଆତ୍ମନିର୍ଭରଶୀଳ ହେବା ସହିତ ଯଥେଷ୍ଟ ଖାଦ୍ୟ ଶସ୍ୟ ମହଜୁଦ୍ ରଖିବାରେ ସକ୍ଷମ ହୋଇପାରିଛି । ବିଗତ ଚାରିଦଶନ୍ଧି ଧରି କୃଷି ଉତ୍ପାଦନ କରିବାରେ ଭାରତ ବୃହତ୍ ସଫଳତା ଲାଭ କରିପାରିଛି; ଯାହାର ଶ୍ରେୟଃ ଅଧିକ କୃଷିକ୍ଷେତ୍ର ପ୍ରସ୍ତୁତି, ଜଳସେଚନର ପ୍ରସାରଣ , ଉନ୍ନତମାନର ଅଧିକ ଅମଳକ୍ଷମ ବିହନର ବ୍ୟବହାର, ଅତ୍ୟାଧୁନିକ, ବୈଜ୍ଞାନିକ କୃଷି ପ୍ରଣାଳୀର ଉପଯୋଗ , ଜଳ ପରିଚାଳନା, ଚାରା ସୁରକ୍ଷା ପାଇଁ ସାର ଓ ବିଷର ଆନୁପାତିକ ପ୍ରୟୋଗ ଓ କୃଷକର ଫସଲ ପରିଚାଳନା ଦକ୍ଷତାକୁ ହିଁ ଦିଆଯିବ । ଭାରତୀୟ ଅର୍ଥନୀତିର ଦ୍ରୁତ ବିକାଶରେ କୃଷି କ୍ଷେତ୍ରର ଭୂମିକା ଅନସ୍ୱୀ-କାର୍ଯ୍ୟ । କୃଷିର ଏପରି ଧାରାବାହିକ ବିକାଶ କେବଳ ୬୫% ଲୋକଙ୍କୁ ରୋଜଗାର ପ୍ରଦାନ କରୁନାହିଁ ବରଂ ଗ୍ରାମୀଣ ଅର୍ଥନୀତିର ଉନ୍ନତି ଯୋଗୁଁ ଗ୍ରାମୀଣ ଜନତା ତାର ଅନ୍ୟ ଆବଶ୍ୟକୀୟ ଉପକରଣ (ମଟର ସାଇକେଲ, ଟିଭି, ଫ୍ରିଜ୍, ଟ୍ରାକ୍ଟର, ପମ୍ପସେଟ୍, କମ୍ପୁଟର, ଟେଲିଫୋନ୍) ଗୁଡ଼ିକୁ କ୍ରୟ କରିବାର ସକ୍ଷମ ହେବା ଫଳରେ ପରୋକ୍ଷରେ ଅନ୍ୟ ଶିଳ୍ପଗୁଡ଼ିକର ମଧ୍ୟ ଅଭିବୃଦ୍ଧି ଘଟି ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିପାରିଛି ।

କ) **ଉର୍ବରକ କାରଖାନା :**

୧୯୦୬ ମସିହାରେ ଭାରତରେ ପ୍ରଥମେ ଚେନାଇର ରାଣିପେଟାଠାରେ ୬୦୦ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ସିଙ୍ଗଲ ସୁପର ଫସଫେଟ୍ (ଏସ୍ଏସପି) ନାମରେ ଏକ ସାର କାରଖାନା ବସିଥିଲା । ପରେ ଉନବିଂଶ ଶତକର ତୃତୀୟ ୪ର୍ଥ ଦଶକ ବେଳକୁ ପ୍ରତିଷ୍ଠିତ କେରଳର କୋଚି ଠାରେ ଦି ଫର୍ଟିଲାଇଜର ଆଣ୍ଡ୍ କେମିକାଲ୍ସ ଟ୍ରାଭାନ୍କୋର ଅଫ୍ ଇଣ୍ଡିଆ (ଏଫ୍ ସିଟି) ଓ ବିହାରର ସିନ୍ଧ୍ରିଠାରେ ଫର୍ଟିଲାଇଜର୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏଫ୍.ସି.ଆଇ, ବର୍ତ୍ତମାନ ଝାଡଖଣ୍ଡରେ) ପରି ଭାରତର

ଦୁଇଟି ବଡ଼ ସାର କାରଖାନାରୁ ଉତ୍ପାଦନ ଆରମ୍ଭ ହେବା ଫଳରେ କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଆରମ୍ଭ ହୋଇଗଲା । ପରେ ପ୍ରାୟତଃ ଷଷ୍ଠ ଦଶକ ବେଳକୁ ଭାରତରେ ଉର୍ବରକ କାରଖାନାଗୁଡ଼ିକର ଦ୍ରୁତ ବୃଦ୍ଧି ଫଳରେ ଧୀରେ ଧୀରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇ ୨୦୦୩ ମସିହାବେଳକୁ ୧୨.୧୧ ମିଲିୟନ୍ ଟନ ନାଇଟ୍ରୋଜେନ୍, ୨୦.୮୪ ମିଲିୟନ୍ ମେଟ୍ରିକଟନ୍ ୟୁରିଆ , ୫.୩୬ ମିଲିୟନ୍ ମେଟ୍ରିକଟନ୍ ଫସଫେଟ୍ ଉତ୍ପାଦିତ ହୋଇ ଭାରତକୁ ବିଶ୍ୱର ତୃତୀୟ ଉର୍ବରକ ଉତ୍ପାଦନକାରୀ ଦେଶ ଭାବରେ ଦଣ୍ଡାୟମାନ କରିପାରିଥିଲା । ବର୍ତ୍ତମାନ ୫୭ ଟି ବିଶାଳ ଓ ୬୪ ଟି ମଧ୍ୟମ ଧରଣର ସାର କାରଖାନାରୁ ପ୍ରଚୁର ସାର ଉତ୍ପାଦନ କରାଯାଉ ଅଛି ।

### ଖ) ବିହନ ନିଗମ/ ଶିଳ୍ପ :

ସ୍ୱାଧିନତା ପ୍ରାପ୍ତି ପରଠାରୁ ଭାରତରେ ବିହନ ନିଗମ ପ୍ରତିଷ୍ଠା କରିବା ଏକ ବୃହତ୍ ପଦକ୍ଷେପ । ଏହିସମୟରେ ସରକାରୀ ଯୋଜନା ଆଧାରରେ ଅବିକଶିତ ବିହନ ଶିଳ୍ପକୁ ବିକଶିତ କରିବାକୁ ପ୍ରଚେଷ୍ଟା କରାଗଲା । ଯାହା ଫଳରେ ୧୯୫୩-୫୪ ବେଳକୁ ଉନ୍ନତମାନର ବିହନ ଉତ୍ପାଦନ ୦.୧୮ ମିଲିୟନ୍ କୁଇଣ୍ଟାଲରୁ ବୃଦ୍ଧି ପାଇ ୧୯୯୨-୯୩ ବେଳକୁ ୫.୩ ମିଲିୟନ୍ କୁଇଣ୍ଟାଲରେ ପହଞ୍ଚି ପାରିଛି । ତଥାପି ଆବଶ୍ୟକତାଠାରୁ ଭାରତ ଅନେକ ପଛରେ ରହି ଯାଇଥିଲା । ମାତ୍ର ୨୦୦୨-୦୩ ବେଳକୁ ଏହାର ପରିମାଣ ବୃଦ୍ଧି ପାଇ ୯୩୦,୦୦୦ ମିଲିୟନ ଟନ୍‌ରେ ପହଂଚିବା ଦ୍ୱାରା ଭାରତ ବିଶ୍ୱରେ ପ୍ରମାଣିତ ବିହନ ଅମଳ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିପାରିଥିଲା ଏବଂ ବର୍ତ୍ତମାନ ଏହାର ପରିମାଣ ୨୫ ବିଲିୟନ ଟନ୍ । ଯାହା ଫଳରେ ସରକାର ବିନାମୂଲ୍ୟରେ ଏବଂ ଅନେକ କ୍ଷେତ୍ରରେ ସ୍ୱଳ୍ପ ମୂଲ୍ୟରେ ଚାଷୀମାନଙ୍କୁ ଆବଣ୍ଟନ କରିପାରୁଛନ୍ତି । ଏହି କ୍ଷମତାକୁ ଆଗାମୀ ବର୍ଷମାନଙ୍କରେ ୨୩୫ ବିଲିୟନ୍ ଟନ୍‌କୁ ବୃଦ୍ଧି କରିବାକୁ ଧାର୍ଯ୍ୟକରାଯାଇ ଅଛି । ବିଶେଷ କରି ପରଂମ୍ପରାଗତ ବିହନ ଅପେକ୍ଷା ଜୈବ ପ୍ରକ୍ରିୟା ଯୁକ୍ତ ଶଙ୍କର ଜାତୀୟ ଅଧିକ ଅମଳକ୍ଷମ ବିହନ ଅମଳ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଯଦ୍ୱାରା ଦେଶର ସାମଗ୍ରିକ କୃଷି ବିକାଶ ୬% ରୁ ବାର୍ଷିକ ୧୪% ପର୍ଯ୍ୟନ୍ତ ପହଞ୍ଚିପାରିବ ।

### ଗ) କୀଟନାଶକ ଔଷଧ କାରଖାନା :

ଭାରତ ବର୍ତ୍ତମାନ ବର୍ଷକୁ ୯୦,୦୦୦ ମେଟ୍ରିକ୍ ଟନ୍ କୀଟନାଶକ ଔଷଧ ଉତ୍ପାଦନ କରୁଛି । ଭାରତର କୀଟନାଶକ ଔଷଧ ଶିଳ୍ପର ସ୍ଥାନ ଏସିଆ ମହାଦେଶର ଏକ ବୃହତ ଶିଳ୍ପ ଏବଂ ବିଶ୍ୱରେ ଦ୍ୱାଦଶ ସ୍ଥାନ ଅଧିକାର କରେ । ଯାହାର ହାରାହାରି ମୂଲ୍ୟ ୦.୬ ବିଲିୟନ ଆମେରିକୀୟ ଡଲାର ଏବଂ ବିଶ୍ୱ ବାଣିଜ୍ୟର ୧.୬ % ସ୍ଥାନ ଅଧିଗ୍ରହଣ କରିଛି । ଭାରତର ୬୦% ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ ଦେଶର ଆର୍ଥନୀତିକ ଅଭିବୃଦ୍ଧିରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କୀଟନାଶକ ଔଷଧର ଇତିହାସ ଅବଲୋକନ କଲେ ଜଣାଯାଏ, ୧୯୪୭ ବେଳକୁ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ପ୍ରଥମେ ଡିଡିଟି ବ୍ୟବହୃତ ହୋଇଥିଲା । ମାତ୍ର ୨୦୦୩ ଆର୍ଥିକ ବର୍ଷ ବେଳକୁ ଏହାର ବଜାରୀକରଣ ମୂଲ୍ୟ ୪୫୦୦୦ ମିଲିୟନ୍ ଟଙ୍କାରେ ପହଞ୍ଚି

ପାରିଥିଲା । ତଥାପି ଅନ୍ୟାନ୍ୟ ବିକାଶଶୀଳ ଦେଶ ତୁଳନାରେ ଭାରତ ବହୁତ କମ୍ କୀଟ ନାଶକ ଔଷଧ ବ୍ୟବହାର କରେ, ଯାହା ହେକ୍ଟର ପ୍ରତି ୦.୫୫ କିଲୋଗ୍ରାମ ମାତ୍ର । ଅଥଚ, ଭାରତ ବିଶ୍ୱରେ କୀଟ ନାଶକ ରପ୍ତାନୀ କ୍ଷେତ୍ରରେ ତ୍ରୟୋଦଶ ସ୍ଥାନ ଅଧିକାର କରିପାରିଛି । ଭାରତ ଅଦ୍ୟାବଧି ଅନ୍ୟଦେଶ ତୁଳନାରେ ଅତ୍ୟନ୍ତ କମ୍‌କୀଟ ନାଶକ, ସାର, ଶଙ୍କର ଜାତୀୟ ବିହନ ଓ କୃଷି କ୍ଷେତ୍ରରେ ଟ୍ରାକ୍ଟର ବ୍ୟବହାର କରିବା ସତ୍ତ୍ୱେ ବାର୍ଷିକ ୪୫୦୦୦ କୋଟି ଟଙ୍କା କୃଷିରେ ନିବେଶ କରେ ।

## ୧.୨.୨ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅନ୍ୟ ସହଯୋଗୀ କ୍ଷେତ୍ର ସମୂହ

**୧) ପଶୁ ସମ୍ପଦ:** କୃଷି ଓ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରରୁ ଭାରତର ଆୟ ଅନୁସାରେ ଯେତିକି ଜିଡିପି ବଢେ , କେବଳ ପଶୁଧନରୁ ତା'ର ୪୦.୬% ମିଳିଥାଏ । ୨୦୦୪ ମସିହାରେ ପଶୁଧନରୁ ସମୁଦାୟ ୩୫ ମିଲିୟନ୍ ଆମେରିକୀୟ ଡଲାର ଆୟ ହୋଇଥିଲା । ଭାରତର ସାମାଜିକ ଓ ଅର୍ଥନୀତି କ୍ଷେତ୍ରର ଅଭିବୃଦ୍ଧିରେ ପଶୁସଂପଦର ମୁଖ୍ୟ ଭୂମିକା ବିଦ୍ୟମାନ । ମାଂସ ଓ ଅଣ୍ଡା ଭଳି ପୁଷ୍ଟିକର ଖାଦ୍ୟ ଯୋଗାଇବା ସହିତ ପଶୁଧନ କୋଟି କୋଟି ଜନତାଙ୍କୁ ରୋଜଗାର ପ୍ରଦାନ କରିଥାଏ । ବିଶେଷ କରି କୃଷକମାନେ ଏହାର ଭରପୂର ଲାଭ ଉଠାଇବା ସହିତ ମହିଳାମାନେ ଏ କ୍ଷେତ୍ରରେ ନିଜକୁ ନିୟୋଜିତ କରି ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାନ୍ତି । ଭାରତର ବହୁଳ ଜନସଂଖ୍ୟାର ଆବଶ୍ୟକତା ଦିନକୁ ଦିନ ବଢିଚାଲି ଥିବାବେଳେ ମାତ୍ର ୨୫୦ ମିଲିୟନ୍ ଗ୍ରାହକଙ୍କୁ ପଶୁସଂପଦରୁ ଉତ୍ପାଦିତ ଖାଦ୍ୟ ପଦାର୍ଥ ଯୋଗାଇବା ସମ୍ଭବ ହୋଇପାରୁଛି । ୧୯୯୧ ପଶୁଗଣନାନୁସାରେ ଭାରତରେ ୨୦୩.୧ ମିଲିୟନ୍ ଗାଈ,ଗୋରୁ ୮୩.୧ ମିଲିୟନ୍ ମହିଁଷୀ ୫୦.୭ ମିଲିୟନ୍ ମେଣ୍ଢା ୧୧୫.୩ ମିଲିୟନ୍, ଛେଳି, ୧୨.୧ ମିଲିୟନ୍, ଘୁଷୁରୀ, ୩.୬ ମିଲିୟନ୍ ଅନ୍ୟ ପଶୁ (ଗଧ, ଘୋଡା, ଖଚର ଇତ୍ୟାଦି) ଏବଂ ୪୦୦ ମିଲିୟନ୍ ଦେଶୀ କୁକୁଡ଼ା ଥିଲେ । ଖାଦ୍ୟ ଶସ୍ୟ ଉତ୍ପାଦନଠାରୁ ଏହା ଅନ୍ୟ ଏକ ରୋଜଗାରର ମାଧମ ହେଲେ ହେଁ ଏବଂ ଗ୍ରାମୀଣ- ଅର୍ଥବ୍ୟବସ୍ଥା ସୁଦୃଢ଼ କରୁଥିଲେ ମଧ ଖାଦ୍ୟ - ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଏହି ପଶୁ ସଂପଦର ସହଯୋଗ ଅବର୍ଣ୍ଣନୀୟ ।

ସେହିପରି ଗୋ ମହିଷାଦିର ଗୋବରରୁ ଜୈବିକ ଖତ ସାର ପ୍ରସ୍ତୁତି କରି କୃଷିର ଉତ୍ପାଦନ ବଢାଇବା, ବଳଦ ଓ ମଇଁଷିଙ୍କୁ ଚାଷ କାର୍ଯ୍ୟରେ ଲଗାଇବା, ପଶୁ ଚମଡ଼ା, ଗୋ ଚମଡ଼ା ଜାତୀୟ ଉପକରଣ ପସ୍ତୁତିରେ ଚମଡ଼ା ଶିଳ୍ପର ବିକାଶ, ପଶୁ ଶିଙ୍ଗରୁ ସୌଖିନ ଗୃହଉପକରଣ ଓ ସାର୍ଟ ବୋତାମ ପ୍ରସ୍ତୁତିରୁ ଏଥିରେ ନିଯୁକ୍ତ ବ୍ୟବସାୟୀମାନଙ୍କର ବ୍ୟବସାୟ ବୃଦ୍ଧି ହେବା ସହିତ ନିଯୁକ୍ତି ସୃଷ୍ଟି କରିବାରେ ଯଥେଷ୍ଟ ସହାୟକ ହୋଇପାରିଛି ।

## ଦୁଗ୍ଧ ଜାତ /ଦୁଗ୍ଧ ଉତ୍ପାଦାନ :

ଭାରତ, ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନ କରୁଥିବା ଦେଶ । ଏକ ଆକଳନରୁ ଜଣାଯାଇଛି ଯେ, ପ୍ରାୟତଃ ଭାରତର ୭୦ ମିଲିୟନ ଦୁଗ୍ଧ ଚାଷୀ ବାର୍ଷିକ ୧୪୦ ମିଲିୟନ ଟନ୍ କ୍ଷୀର ଉତ୍ପାଦନ କରନ୍ତି। ଏହା ତାଙ୍କ ବାର୍ଷିକ ଆୟର ହାରାହାରି ୫.୬% । ଭାରତର ଦୁଗ୍ଧ ବନ୍ୟା ଯୋଜନାରେ ଯଥେଷ୍ଟ ସଚେତନତା ଆସିବା ଫଳରେ ଦୁଗ୍ଧଜାତ ପଦାର୍ଥର ଆଖି ଦୃଶିଆ ବୃଦ୍ଧି ସମ୍ଭବ ହୋଇ ପାରିଛି ।

ଭାରତରେ ସଂଗଠିତ ଦୁଗ୍ଧ ବଜାର ବହୁତ କ୍ଷୁଦ୍ର (ଘରୋଇ -୧୧-୧୨% ସରକାରୀ /ସହଯୋଗୀ ସଂସ୍ଥା -୧୧-୧୨%)। ବର୍ତ୍ତମାନ ସୁଦ୍ଧା ଦୁଗ୍ଧ ମାର୍କେଟର ସିଂହଭାଗ ଅଣ ସଂଗଠିତ କ୍ଷେତ୍ର ଦ୍ୱାରା ପରିଚାଳିତ; ଯାହାର କୁ ପ୍ରଭାବ ଚାଷୀମାନଙ୍କର ଲାଭାଂଶ ଉପରେ ପଡୁଛି । ସରକାରୀ /ସହଯୋଗୀ ସଂସ୍ଥା ଦ୍ୱାରା ପରିଚାଳିତ ଦୁଗ୍ଧବଜାରର ୮୦% ଭାଗ ଦୁଗ୍ଧ ଓ ୭୦% ଦୁଗ୍ଧ ଜାତ ପଦାର୍ଥ ଭାବରେ ବଜାରରେ ଉପଲବ୍ଧ; ଯାହାକି ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ଦୁଗ୍ଧ ବଜାର ଏହାର ବିପରୀତ (୩୦% କ୍ଷୀର ଓ ୭୦% ଦୁଗ୍ଧ ଜାତ ଦ୍ରବ୍ୟ ) । ଅଧିକ ଚାହିଦା ଥିବା ଦୁଗ୍ଧ ଜାତ ପଦାର୍ଥକୁ ନିମ୍ନଲିଖିତ ପ୍ରକ୍ରିୟାରେ ପରିଚାଳିତ କରାଯାଇ ପାରିଲେ ଅଧିକ ଲାଭ ମିଳିବ :

- ସୁବାସିତ କ୍ଷୀର ଭାବରେ ବିକ୍ରି କରାଗଲେ ।
- ଦହି, ମିଠାଦହି, ଲସି, ଘୋଳଦହି, କଡ଼ି, ମଖନ/ଲହୁଣୀ, ଘିଅ, ଛେନା ଓ ଶ୍ରୀଖଣ୍ଡ ପ୍ରସ୍ତୁତ କରି ବିକ୍ରି କରାଗଲେ।
- ଭାରତୀୟ ସ୍ୱାଦାନୁସାରେ – କ୍ଷୀରି, କୁଲ୍‌ଫି, ରାବିଡି, ପେଡ଼ା, କାଲାକନ୍ଦ, ରସମଲେଇ, ଓ ରସଗୋଲା ଇତ୍ୟାଦି ମିଷ୍ଟାନ୍ନ ତିଆରି କରି ବିକ୍ରି କରାଗଲେ ।
- ଛେନା,ପନିର ଇତ୍ୟାଦିର ବ୍ୟବସାୟୀ କରଣ କରାଗଲେ ।

## ଗୃହପାଳିତ ପକ୍ଷୀ (କୁକୁଡା, ବତକ, ହଂସ, ଏମୁ) ଉତ୍ପାଦନ :

ଭାରତରେ ବାର୍ଷିକ ୮.୧୦% ଅଣ୍ଡା ଏବଂ ୧୨-୧୫% ମାଂସଳ କୁକୁଡ଼ା ଉତ୍ପାଦନ କରାଯାଏ ଅର୍ଥାତ୍ ୩୩ ବିଲିୟନ୍ ଅଣ୍ଡା ୫୩୦ ବିଲିୟନ୍ ମାଂସଳ କୁକୁଡ଼ା ଉତ୍ପାଦିତ ହୁଏ ଏବଂ ବିଶ୍ୱରେ ଭାରତର ସ୍ଥାନ ପଞ୍ଚମ । ୨୦୧୦ ମସିହାର ଅନୁଶୀଳନୋନୁଯାୟୀ କୁକୁଡ଼ା ପାଳନ ଦ୍ୱାରା ଭାରତରେ ୧.୫ ମିଲିୟନ୍ ଲୋକ ରୋଜଗାର ପାଇଥାନ୍ତି । ଭାତରେ ବାର୍ଷିକ ୧୮୦ ବିଲିୟନ୍ ଅଣ୍ଡା ଓ ୯.୧ ବିଲିୟନ୍ କେଜି କୁକୁଡ଼ା ମାଂସର ଆବଶ୍ୟକତା ଥିଲାବେଳେ ଉତ୍ପାଦନ ହେଉଛି ମାତ୍ର ୪୬.୨ ବିଲିୟନ୍ ଅଣ୍ଡା ଓ

୩.୦୪ ବିଲିୟନ୍ କେଜି କୁକୁଡ଼ାମାଂସ । ଦ୍ରୁତ ସହରୀକରଣ, ଚାହିଦା ବୃଦ୍ଧି ଓ ୨୫୦ ମିଲିୟନ୍ ସକ୍ଷମ ଖାଉଟିଙ୍କ ଆବଶ୍ୟକତାକୁ ଆକଳନ କଲେ କୁକୁଡ଼ା ମାଂସ ଓ ଅଣ୍ଡାର ଭବିଷ୍ୟତ ବଜାର ସଂପ୍ରସାରିତ ନିଶ୍ଚିତ ହେବ । ଘରୋଇ ସଂସ୍ଥାଗୁଡିକ ଆଶାନୁରୂପ ଭାବରେ ବ୍ୟବସାୟିକ କୁକୁଡ଼ାପାଳନ, କୁକୁଡ଼ା ଚିଆଁ ଉତ୍ପାଦନ, କୁକୁଡା ଚାଷ ପାଇଁ ବିଭିନ୍ନ ଉପକରଣ,ମିଶ୍ରିତ ଖାଦ୍ୟ ପ୍ରସ୍ତୁତି, ରୋଗ ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥାମାନ ସହଜଲଭ୍ୟ କରିବା ଫଳରେ କୁକୁଡ଼ା ଓ ବତକ ପାଳନ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି । ସେହିପରି ଦକ୍ଷତା ସମ୍ପନ୍ନ ଶ୍ରମିକ/ କୁକୁଡା ଚାଷୀମାନେ ଟୀକାକରଣ, ବଂଶବୃଦ୍ଧି ପାଇଁ ଔଷଧ ପ୍ରୟୋଗ ଓ ଉତ୍ତମ ଗୁଣ ସଞ୍ଚାର ପ୍ରକ୍ରିୟା ଦ୍ୱାରା ଶଙ୍କର ଜାତୀୟ ଅଧିକ ଅଣ୍ଡାଦାନକାରୀ ବା ମାଂସଳ କୁକୁଡ଼ା ଉତ୍ପନ୍ନ କରି ଆଧୁନିକ ପ୍ରକ୍ରିୟାରେ ମାଂସ ପ୍ରକ୍ରିୟା କରଣ , ଅଣ୍ଡା ସଂରକ୍ଷଣ ଓ ବଜାରୀକରଣ ଦ୍ୱାରା ଅଧିକ ଲାଭବାନ ହୋଇପାରୁଛନ୍ତି ।

କିନ୍ତୁ ଗ୍ରାମୀଣ କୁକୁଡ଼ାଚାଷୀମାନେ ଅତ୍ୟନ୍ତ ଗରିବ ଏବଂ ସମ୍ବଳହୀନ ହୋଇଥିବାରୁ ସେମାନେ ଆଧୁନିକ ପ୍ରଣାଳୀରେ କୁକୁଡ଼ାପାଳନ କରିପାରନ୍ତି ନାହିଁ । ସେହିପରି ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ଅବସ୍ଥା ତତୋଧିକ । ସେମାନେ ଚିରାଚରିତ ଢଙ୍ଗରେ କୁକୁଡ଼ା ପାଳନ କରୁଥିବାରୁ ବିଶେଷ ଫାଇଦା ପାଇପାରୁ ନାହାଁନ୍ତି । ଏହି ଗ୍ରାମୀଣ କୁକୁଡ଼ା ପାଳନକାରୀଙ୍କୁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି , ମାଂସ ପ୍ରକ୍ରିୟା କରଣ, ବଜାରୀକରଣ ଓ ସହଜ ବିକ୍ରୟ ସୁବିଧା ଇତ୍ୟାଦିର ଆନୁସଙ୍ଗିକ ବ୍ୟବସ୍ଥା କରାଇ ଦିଆଗଲେ , ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହୋଇପାରିବ ।

**ମତ୍ସ୍ୟ ଉତ୍ପାଦନ :**

ଭାରତ , ଅନେକ ଉପଦ୍ୱୀପ (ଆଣ୍ଡାମାନ ନିକୋବର) ସହିତ ୮୦୪୧ କି.ମି ସମୁଦ୍ର ଉପକୂଳ ୨.୦୨ ମିଲିୟନ୍ ବର୍ଗକିଲୋମିଟର ଗୌରବମୟ ଆର୍ଥିକ କ୍ଷେତ୍ର ଏବଂ ୦.୫ ମିଲିୟନ୍ ବର୍ଗ କି.ମି ମହାଦେଶୀୟ କ୍ଷେତ୍ରର ଅଧିକାରୀ । ଏହାର ୫.୭୦ ମିଲିୟନ୍ ହେକ୍ଟର ମଧୁରଜଳର ବିସ୍ତୀର୍ଣ୍ଣ ଅଞ୍ଚଳ ବ୍ୟାପ୍ତ; ଯାହା ମତ୍ସ୍ୟ ଚାଷ ପାଇଁ ବିଶେଷ ଉପଯୋଗୀ । ଭାରତର ବାର୍ଷିକ ମତ୍ସ୍ୟଅମଳ କ୍ଷମତା ୫.୬୫ ମିଲିୟନ୍ ଟନ (ନଦୀ, ପୋଖରୀ ଓ ହ୍ରଦରୁ ୨.୮୨ ମିଲିୟନ୍ ଟନ ଏବଂ ସମୁଦ୍ରରୁ ୨.୮୩ ମିଲିୟନ୍ ଟନ) କିନ୍ତୁ ପ୍ରକୃତ ଉତ୍ପାଦନ କ୍ଷମତା ବାର୍ଷିକ ୮.୪ ମିଲିୟନ୍ ଟନ୍ (ନଦୀ, ପୋଖରୀ- ୪.୫୦ ମି.ଟନ୍ ଓ ସମୁଦ୍ର ୩.୯୦ ମି.ଟନ୍) । ଯଦି ଆଧୁନିକ ଯନ୍ତ୍ରପାତି ମାଧ୍ୟମରେ ମାଛ ଧରାଯାଇ ପାରନ୍ତା ; ତେବେ ଏହାର ହାର ଆହୁରି ବଢି ପାରନ୍ତା । ତେବେ ବାର୍ଷିକ ୨୫୦ ବିଲିୟନ୍ ମତ୍ସ୍ୟାହାରୀ ଗ୍ରାହକଙ୍କର ଘରୋଇ ମତ୍ସ୍ୟ ବଜାର ପ୍ରତିଦିନ ଚାହିଦା ପୂରଣ କରିଥାଏ । ଭାରତର ଜିଡିପି ବୃଦ୍ଧିରେ ମତ୍ସ୍ୟ ଉତ୍ପାଦନ ଓ ବିକ୍ରୟ ବ୍ୟବସ୍ଥା ୧.୩% ସହଯୋଗ କରିଥାଏ ଏବଂ ଭାରତ ବିଶ୍ୱର ୬୪ ଦେଶକୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ କରି ବାର୍ଷିକ ୧.୩ ବିଲିୟନ୍ ଆମେରିକୀୟ ଡଲାର ଆମଦାନୀ କରିଥାଏ । ବିଗତ ପାଞ୍ଚବର୍ଷ ଭିତରେ ଭାରତ

ସାମୁଦ୍ରିକ ମତ୍ସ୍ୟ ରପ୍ତାନୀରୁ ସମୁଦାୟ ୩-୪ ବିଲିୟନ୍ ଆମେରିକୀୟ ଡଲାର ଲାଭପାଇ ଥିବାର ସୂଚନା ମିଳେ ।

ଭାରତ ସରକାର ୨୦୦୬ ମସିହାରେ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ (ଗୋଷ୍ଠୀ) ପ୍ରତିଷ୍ଠା କଲେ। ଏହାର ମୁଖ୍ୟାଳୟ ହାଇଦ୍ରାବାଦର ଅବସ୍ଥିତ ଏବଂ ଏହାର ଅଫିସ କୋଠାର ଆକାର ଦେଖିବାକୁ ଠିକ୍ ମାଛପରି । ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ହେଲା :

- ପୋଖରୀ ଓ ଜଳାଶୟରେ ମଧୁରଜଳ ମତ୍ସ୍ୟଚାଷ ।
- ବନ୍ଧରେ ମତ୍ସ୍ୟ ଉତ୍ପାଦନ କରିବା ।
- ସମୁଦ୍ର ଉପକୂଳରେ ମତ୍ସ୍ୟଚାଷ ।
- ମତ୍ସ୍ୟଚାଷ
- ସାମୁଦ୍ରିକ ଉଦ୍ଭିଦ ଚାଷ ।
- ମାଛଧରା ବନ୍ଦର ଓ ମତ୍ସ୍ୟ ଅବତରଣ କେନ୍ଦ୍ରର ଭିତ୍ତିଭୂମି ବିକାଶ ।
- ମତ୍ସ୍ୟପ୍ରକ୍ରିୟା କରଣ କେନ୍ଦ୍ର ପ୍ରତିଷ୍ଠା ଓ ସୌରଶକ୍ତିରେ ମାଛ ଶୁଖାଇବା ବ୍ୟବସ୍ଥା ।
- ଘରୋଇ କ୍ରୟ-ବିକ୍ରୟ ବ୍ୟବସ୍ଥା ।
- ଯନ୍ତ୍ରାଂଶର ଉନ୍ନତିକରଣ ।
- ଗଭୀର ସମୁଦ୍ରରୁ ମାଛ ଧରିବା ଏବଂ ଟୁନା ମାଛ (ଲାଲ ରଙ୍ଗ ଥିବା ମାଛ) ପ୍ରକ୍ରିୟାକରଣ ।

ଏତଦ୍ ବ୍ୟତୀତ 'ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା' ଓ ଜାତୀୟ ମତ୍ସ୍ୟ ଯାଆଁଳ ଉନ୍ନୟନ କାର୍ଯ୍ୟକ୍ରମ ପରି ଦୁଇଟି କାର୍ଯ୍ୟକ୍ରମ ମଧୁରଜଳ ମତ୍ସ୍ୟଚାଷ ପାଇଁ ଗଠନ କରାଯାଇ ମାଛ ଚାଷ ପାଇଁ ପ୍ରୋତ୍ସାହନ ସୃଷ୍ଟି କରାଗଲା; ଯାହା ଫଳରେ ୧୯୮୪ ଆର୍ଥିକ ବର୍ଷରେ ୦-୯ ମିଲିୟନ୍ ଟନ୍ ଓ ୧୯୯୦ ଆର୍ଥିକ ବର୍ଷରେ ୧.୫ ମିଲିୟନ୍ ଟନ୍ ମତ୍ସ୍ୟ ଉତ୍ପାଦନ କରିବା ସମ୍ଭବ ହୋଇପାରିଲା । ପରେ ଭାରତରେ ମତ୍ସ୍ୟଚାଷ ପାଇଁ ଆଗ୍ରହ ବଢ଼ିଲା ଏବଂ ୧୯୯୨ ବେଳକୁ ୩୧୩ ଟି ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଥିବାର ଜଣାପଡ଼ିଲା । ଏହି ସମୟ ବେଳକୁ ଜାତୀୟ ମତ୍ସ୍ୟ ଯାଆଁଳ ଉନ୍ନୟନ ଅଧିନରେ ୪୦ ଟି ମତ୍ସ୍ୟ ଯାଆଁଳ କେନ୍ଦ୍ର କାର୍ଯ୍ୟ ଆରମ୍ଭ କରିବାରୁ ୧୯୮୩ ମସିହା ତୁଳନାରେ (୫ ବିଲିୟନ୍ ପହଣା) ୧୯୮୯ ଆର୍ଥିକ ବର୍ଷ ବେଳକୁ ୧୦ ବିଲିୟନ୍ ମାଛ ପହଣା ଉତ୍ପାଦନ କରାଯାଇ ପାରିଲା । ୧୯୮୬ ମସିହା ବେଳକୁ ନୂଆ କରି ମାଛ ଚାଷରେ ଜୈବସାର ପ୍ରୟୋଗ କରିବା ଦ୍ୱାରା ୧୯୮୦ ଆର୍ଥିକ ବର୍ଷଠାରୁ ୧୯୯୦

ଆର୍ଥିକ ବର୍ଷରେ ୪୦% ଅଧିକ ମତ୍ସ୍ୟ ଅମଳ କରାଯାଇ ଋଷୀମାନଙ୍କର ଆର୍ଥିକ ଉନ୍ନତିରେ ସହାୟତା ସୃଷ୍ଟି କରାଯାଇ ପାରିଲା ।

**୨) ଅରଣ୍ୟ ସଂପଦ :**

ଅରଣ୍ୟ ଗ୍ରାମୀଣ ଭାରତୀୟଙ୍କ ସାମାଜିକ - ଆର୍ଥିକ ଉନ୍ନତିର ଏକ ମୁଖ୍ୟ ସମ୍ବଳ ଯାହା ଭାରତୀୟ ଅର୍ଥବ୍ୟବସ୍ଥାର ଏକ ସହଯୋଗୀ କ୍ଷେତ୍ର । ଅରଣ୍ୟ, ଗ୍ରାମୀଣ ଜନତାଙ୍କର ରୋଷେଇ ପାଇଁ ଜାଳେଣି, ଗୃହ ତିଆରି ପାଇଁ କାଠ, ଫର୍ଣ୍ଣିଚର, ବାଉଁଶ, ଲାଖ, ଝୁଣା, ଫଳ, ଉଦ୍ଭିଦ ଜାତ ପଦାର୍ଥ, ଛତୁ, ମହୁ, ଗୋଖାଦ୍ୟ ପାଇଁ ଘାସ, ତୈଳବୀଜ, ଔଷଧ, ଔଷଧୀୟ ବୃକ୍ଷ, ଜଙ୍ଗଲୀ ପଶୁମାଂସ, ସୁଗନ୍ଧିତ ଫୁଲ, ବୃକ୍ଷଲତା ଏବଂ ଅନ୍ୟାନ୍ୟ ଜଙ୍ଗଲ ଜାତ ପଦାର୍ଥ ଯୋଗାଇଥାଏ । ଗ୍ରାମବାସୀମାନେ ଏହିସବୁ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କରି ନିଜର ଆବଶ୍ୟକତା ମେଣ୍ଟାଇବା ସହିତ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ ମଧ୍ୟ କରିଥାନ୍ତି । ଅନେକ ଅଞ୍ଚଳରେ ଜଙ୍ଗଲ ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ଏକ ରୋଜଗାରର ମାଧ୍ୟମ ।

ବିଶ୍ୱର ଦଶଟି ଧନୀଦେଶ ମଧ୍ୟରେ ଭାରତର ସ୍ଥାନ ମଧ୍ୟ ସ୍ମରଣୀୟ । ରୁଷ୍ , ଚୀନ୍ , ଆମେରିକା, ବ୍ରାଜିଲ୍, କାନାଡ଼ା, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ କଙ୍ଗୋ ଓ ସୁଦାନ ତୁଳନାରେ ଭାରତରେ ବିଶ୍ୱର ୬୭% ଜଙ୍ଗଲ ଅଛି ; ଯାହା ୧୯୯୦-୨୦୦୦ ମଧ୍ୟରେ ୦.୨୨% ଏବଂ ୨୦୦୦-୨୦୧୦ ରେ ୦.୪୬% ବୃଦ୍ଧି ପାଇଛି । ତଥାପି ଜଙ୍ଗଲକ୍ଷୟ ବର୍ତ୍ତମାନର ବିକଶିତ ଭାରତ ପାଇଁ ଏକ କ୍ରୁର ଚେତାବନି ।

ଆମେରିକାର ଖାଦ୍ୟ ଓ କୃଷି ଗବେଷଣା ସଂସ୍ଥା ୨୦୧୦ ମସିହାରେ ଏକ ସର୍ଭେ କରିଥିଲା ଯେ, ଭାରତରେ ୬୮ ମିଲିୟନ୍ ହେକ୍ଟର ପରିମିତ ଜମିରେ ଘନ ଜଙ୍ଗଲ ପରିବ୍ୟାପ୍ତ ଏବଂ ଭାରତର କ୍ଷେତ୍ରଫଳର ୨୨% । ୨୦୧୩ ମସିହାରେ ଭାରତୀୟଙ୍କ ସର୍ଭେ ଅନୁସାରେ ଏହା ବୃଦ୍ଧି ପାଇ ୬୯,୮ ମିଲିୟନ୍ ହେକ୍ଟରରେ ପହଞ୍ଚିପାରିଥିଲା । ଏହି ଅଭିବୃଦ୍ଧି ଉତ୍ତର ଭାରତ,ଦକ୍ଷିଣ ଭାରତ ଓ ଭାରତର କେନ୍ଦ୍ରସ୍ଥଳରେ ଅବସ୍ଥିତ ରାଜ୍ୟଗୁଡ଼ିକରେ ଦୃଶ୍ୟମାନ ଥିଲାବେଳେ ପୂର୍ବଭାରତରେ ଜଙ୍ଗଲ କ୍ଷତି ବିସ୍ମୟ ପରିସ୍ଥିତି ସୃଷ୍ଟି କରିଛି । ୨୦୦୨ ମସିହାରେ ଅରଣ୍ୟ ଜାତ ପଦାର୍ଥ ପାଇଁ ଭାରତର ଜିଡିପି ୧.୭% ଥିଲାବେଳେ ୨୦୧୦ ମସିହାରେ ଏହିହାର ୦.୯% କୁ ଖସି ଆସିଛି । ଏହାର ତିନୋଟି କାରଣ ବିଦ୍ୟମାନ ପ୍ରଥମଟି ହେଲା ଦ୍ରୁତ ଜଙ୍ଗଲ କ୍ଷୟ ଓ ଦ୍ୱିତୀୟଟି ହେଲା ବିଜ୍ଞାନ ଓ ବୈଷୟିକ ବାଣିଜ୍ୟର ଅଭିବୃଦ୍ଧି । ଗୃହ ଉପକରଣ ପ୍ରସ୍ତୁତିରେ  ପ୍ଲାଷ୍ଟିକ୍ ଓ ଷ୍ଟିଲ୍‌ର ବ୍ୟବହାର, ଚିଠିପତ୍ର ବଦଳରେ ଇ-ମେଲ ଓ ହ୍ୱାଟ୍ସଆପ୍‌ର ବ୍ୟବହାର ଯୋଗୁଁ କାଠ ଫର୍ଣ୍ଣିଚର ଓ କାଗଜ ବ୍ୟବହାର କ୍ରମଶଃ କମିଗଲାଣି । ତୃତୀୟ କରାଣଟି ହେଲା, ବିଦେଶରୁ ସୌଖିନ କାଠ ଫର୍ଣ୍ଣିଚର ଓ କାଗଜ ଆମଦାନୀ ।

ଭାରତର ଆବଶ୍ୟକତାନୁସାରେ ପ୍ରାୟ ୪୦୦ କାଗଜକଳରୁ ୩,୦୦୦ ମେଟ୍ରିକ ଟନ୍ କାଗଜ ଉତ୍ପାଦନ କରିବା ପାଇଁ ୩୦ ମିଲିୟନ୍ କ୍ୟୁବିକ୍ ମିଟର କାଠ ଆବଶ୍ୟକ କରିଥାଏ । ସେହିପରି ବର୍ଷକୁ ଜାଳେଣି ପାଇଁ ୨୭୦ ମିଲିୟନ୍ ଟନ୍ ଜଙ୍ଗଲୀକାଠ, ୨୮୦୦ ମିଲିୟନ୍ ଟନ୍ ଲଟାଝଟା ପଶୁଖାଦ୍ୟ ପାଇଁ ବ୍ୟବହୃତ ହୋଇଥାଏ । ଯାହାର ମୂଲ୍ୟ ୨୭,୫୦୦ କୋଟି ଟଙ୍କା ଏବଂ ଭାରତ ଏ ଦିଗରେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କର । ଏକ ଆକଳନରୁ ଜଣାଯାଇଛି ଯେ, ପ୍ରାୟତଃ ୮୦% ଗ୍ରାମୀଣ ପରିବାର ଓ ୪୮% ସହରୀ ପରିବାର ରୋଷେଇ ପାଇଁ ଜାଳେଣି କାଠ ଆବଶ୍ୟକ କରନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କ ଉଜ୍ଜ୍ୱଳା ଯୋଜନା କାରଣରୁ ଏହାର ପରିମାଣ ହ୍ରାସ ପାଇବାରୁ ଜଙ୍ଗଲ ସୁରକ୍ଷା କିଛି ମାତ୍ରାରେ ସମ୍ଭବ ହୋଇଛି ।

ଜଙ୍ଗଲ ସୁରକ୍ଷା ଅପେକ୍ଷା ଜାଳେଣିକାଠ ବ୍ୟବହାର ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହାନି କାରକ । ଆଧୁନିକ ଶୈଳୀରେ ଜାଳେଣି ଚୁଲା ବ୍ୟବହୃତ ନହେବା କାରଣରୁ ଏଥିରେ ଅଧିକ କାଠ ଉପଯୋଗ ହେବା ସହିତ ଚୁଲିରୁ ଧୂଆଁ ନିର୍ଗତ ହୋଇ ମହିଳାମାନଙ୍କ ସ୍ୱାସ୍ଥ୍ୟର ଅନେକ ଅବନତି ଘଟାଇ ଥାଏ (ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ଥରଟେ ଗୋଟିଏ ଚୁଲିରୁ ଯେତିକି ଧୂଆଁ ବାହାରେ, ତାହା ୧୫୦୦ ସିଗାରେଟ୍ ଧୂଆଁ ସହିତ ସମାନ) । ଯାହା ଫଳରେ ଗ୍ରାମୀଣ ଜନତା ଅକାଳ ବାର୍ଦ୍ଧକ୍ୟର ଶିକାର ହେବା ସହିତ, ତାଙ୍କର କାର୍ଯ୍ୟ ଦକ୍ଷତା କମିଯିବା ଓ ଡାକ୍ତରୀ ଔଷଧରେ ଅଧିକ ଟଙ୍କା ଖର୍ଚ୍ଚ ହେବା ଫଳରେ ଆର୍ଥିକ ଅନଟନର ଶିକାର ହୋଇଥାନ୍ତି ।

ଜଙ୍ଗଲ ଆମକୁ କାଠ, ଜାଳେଣି କାଠ ଜଙ୍ଗଲ ଜାତ ଦ୍ରବ୍ୟ ଯୋଗାଇ ଆର୍ଥିକ ଦିଗକୁ ସବଳ କରିବା ସହିତ ଦିଆସିଲି କାରଖାନା, ପ୍ଲାଇଓଡ୍ କାରଖାନା, ଲୁଗାତିଆରି (ରେୟନ କାରଖାନା) ପାଇଁ କେତେକ ସ୍ୱତନ୍ତ୍ର ଶ୍ରେଣୀର କାଠ ଯୋଗାଇ ଭାରତୀୟ ଅର୍ଥନୀତିକୁ ସୁଦୃଢ କରିବାରେ ସାହାଯ୍ୟ କରୁଛି । ସେଥିପାଇଁ ଜଙ୍ଗଲର ସୁରକ୍ଷା କରିବା ସମସ୍ତ ଭାରତୀୟଙ୍କର କର୍ତ୍ତବ୍ୟ ।

### ୩) ଖାଦ୍ୟ ପ୍ରକ୍ରିୟାକରଣ :

ଭାରତ ଫଳ ଓ ପନିପରିବା ଉତ୍ପାଦନରେ ବିଶ୍ୱରେ ଦ୍ୱିତୀୟସ୍ଥାନ ଅଧିକାର କରେ । ମାତ୍ର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏହା ବିଶ୍ୱର ଅନ୍ୟଦେଶ ତୁଳନାରେ ସର୍ବନିମ୍ନ । ଇଂଲଣ୍ଡ ଓ ଆମେରିକାରେ ୬୦.୭୦%, ମାଲେସିଆରେ ୮୦% ଓ ଆଇଲାଣ୍ଡରେ ୩୦% ଫଳ ପ୍ରକ୍ରିୟାକରଣ କରାଯାଉଥିବା ବେଳେ ଭାରତରେ ଏହାର ହାର ମାତ୍ର ୨% । ଫଳରେ ବାକି ୯୮% ଫଳ ଓ ପନିପରିବା ତଟକା ଭାବରେ ବ୍ୟବହୃତ ହେଲା ପରେ ଅର୍ଦ୍ଧାଧିକ ପଚିସଢ଼ି ନଷ୍ଟ ହୋଇଯାଏ କିମ୍ବା ଋଷୀମାନେ ଖର୍ଚ୍ଚାନ୍ତ ହେବା ଦୃଷ୍ଟିରୁ ଜମିରୁ ଅମଳ ମଧ କରନ୍ତି ନାହିଁ । ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ଓ ଶୀତଳ ଭଣ୍ଡାର ଅଭାବ ଯୋଗୁଁ

ଯେଉଁ କ୍ଷତି ହୋଇଥାଏ ; ଏହା ସିଧା ସଳଖ ପ୍ରଭାବ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ିଥାଏ । ଏଭଳି କ୍ଷତି କେବଳ କୃଷି ଉପରେ ନୁହେଁ, ଉଦ୍ୟାନକୃଷି, ଫୁଲଚାଷ, ପଶୁ ଓ କୁକୁଡ଼ାପାଳନ, ଓ ମତ୍ସ୍ୟ ଚାଷ ଉପରେ ମଧ୍ୟ ପ୍ରଭୂତ ପ୍ରଭାବ ପକାଇଥାଏ । କ୍ଷତିର ଭୟକୁ ଦୃଷ୍ଟିରେ ରଖି କୃଷକ ଚାଷର ପରିମାଣ କମ୍ କରି ଦେଉଥିବାରୁ ଶ୍ରମିକମାନଙ୍କର ରୋଜଗାର ଓ କର୍ମ ସଂସ୍ଥାନ ଏବଂ ବ୍ୟବସାୟର ମାନ୍ଦାବସ୍ଥା ଯୋଗୁଁ ବହୁ ଆର୍ଥିକ କ୍ଷତି ଘଟିଥାଏ । ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ, ଦକ୍ଷତା ବିକାଶ କାଳେ, କୃଷକ ସଚେତନତା ଓ ସହଜ ବ୍ୟବସାୟ ସୁବିଧା ଉପଲବ୍ଧ କରାଇ ପାରିଲେ ଫସଲ / କୃଷି ଉତ୍ପାଦିତ ବସ୍ତୁର ସୁରକ୍ଷା ହେବା ସହିତ ଗ୍ରାମୀଣ କୃଷକ ମାନଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି କରାଯାଇ ପାରନ୍ତା।

କୃଷିର ସର୍ବାଙ୍ଗୀନ ଉନ୍ନତି ମୁଖ୍ୟତଃ ଦୁଇଟି ଦିଗରୁ ହୋଇଥାଏ,(କ) କୃଷି ଜାତ ଦ୍ରବ୍ୟର ଉତ୍ପାଦନ ଏବଂ ଅଧିକ ଅମଳ ପାଇଁ ଲକ୍ଷ୍ୟଧାର୍ଯ୍ୟ, ଏବଂ (ଖ) ଉତ୍ପାଦନ ପରେ ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଓ ସୁରକ୍ଷା। କୃଷିର ଉଦ୍ଦେଶ୍ୟ ହେଲା; ନିଜସ୍ୱ ଆବଶ୍ୟକତା ପୂରଣ ଏବଂ ବଳକା ଶସ୍ୟର ସଠିକ୍ ମୂଲ୍ୟ ଯୁକ୍ତ ବ୍ୟବସାୟ ଦ୍ୱାରା ଅର୍ଥଉପାର୍ଜନ ତଥା ଉପାର୍ଜିତ ଅର୍ଥରୁ ଋଣ ପରିଶୋଧ ପଶ୍ଚାତ୍ ଲାଭାଂଶରୁ ଆର୍ଥିକ ସ୍ଥିତିର ସୁଧାର, ସନ୍ତାନମାନଙ୍କର ଶିକ୍ଷା, ପରିବାରର ସ୍ୱାସ୍ଥ୍ୟ, ସୁଖସୁବିଧା ପରି ଆବଶ୍ୟକତା ପୂରଣ । ଭାରତରେ ଉତ୍ପାଦିତ ଫସଲର ସୁରକ୍ଷା ବେଶି କ୍ଷତି ସହିଥାଏ କୃଷକ ଏବଂ ଶେଷ ପରିଣତି ଋଣ ପରିଶୋଧ କରିନ ପାରି ଆତ୍ମହତ୍ୟା କରେ । ଏହି ସମସ୍ୟାକୁ ହାଲକା କରିବା ପାଇଁ ସରକାର ଯେଉଁ କୃଷିଋଣ ଛାଡ଼ର ଏକ ଅପରିପକ୍ୱ ଓ ସହଜ ସିଦ୍ଧାନ୍ତ ଗ୍ରହଣ କରିଥାନ୍ତି;ତା'ର ସିଧାସଳଖ କୁପ୍ରଭାବ ପଡ଼େ ଭାରତୀୟ ଅର୍ଥନୀତି ଉପରେ । ଏ ସଂପର୍କରେ ରିଜର୍ଭ ବ୍ୟାଙ୍କର ଗର୍ଭର୍ଣ୍ଣର ଉର୍ଜିତ୍ ପଟେଲ ଓ ଆମରିକାର କୃଷି ଓ ଖାଦ୍ୟ ଗବେଷଣା ସଂସ୍ଥା ଯେଉଁ ମତ ରଖିଥିଲେ, ତାହାକୁ ଅନୁମାନ କରିବା ଅତ୍ୟନ୍ତ ବିଜ୍ଞତାର ବିଷୟ ।

ଖାଦ୍ୟ ପ୍ରକ୍ରିୟାକରଣ ଦୁଇଟି ଦିଗ ଉପରେ ନିର୍ଭର କରେ, ପ୍ରଥମଟି ପ୍ରାଥମିକ ପ୍ରକ୍ରିୟାକରଣ; ଯାହା କୃଷକ ନିଜେ କରିବାରେ ସମର୍ଥ ଏବଂ ସାଇତି ରଖିପାରେ ମଧ୍ୟ । ଏସବୁ ମଧ୍ୟରେ ଧାନ, ଗହମ, ବିରି, ମୁଗ ଇତ୍ୟାଦି ଉତ୍ପାଦିତ ଫସଲ । ଏହାର ଅବଶିଷ୍ଟାଂଶ ଗୋଖାଦ୍ୟରୂପେ ବ୍ୟବହାର ହେବା ସହିତ ଘର ଛପର ପରି କାର୍ଯ୍ୟରେ (ନଡ଼ା) ଲାଗିପାରେ । କେବଳ ବର୍ଷା ଓ ଅଦିନିଆ ବାତ୍ୟାରୁ ରକ୍ଷା କରିବାର ସୁବିଧା ରହିଲେ ଏପରି ଉତ୍ପାଦିତ ଶସ୍ୟ ନଷ୍ଟ ହେବାର ଆଶଙ୍କା ନଥାଏ । ଦ୍ୱିତୀୟଟି ହେଲା ମୁଖ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା; ଯେଉଁଥିରେ ଯନ୍ତ୍ରପାତି ଓ ଅନେକ ଲୋକଙ୍କର ଆବଶ୍ୟକତା ପଡ଼େ। ଫଳ, ପନିପରିବା, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଇତ୍ୟାଦି । ଏସବୁ ପାଇଁ ବିଭିନ୍ନ ପ୍ରକାର କାରଖାନା ଓ ଶୀତଳ ଭଣ୍ଡାରର ଆବଶ୍ୟକତା ଅଛି । ଏଥିରେ ସଫାସଫି, ବଛାବଛି, ମାନନିର୍ଦ୍ଧାରଣ (ବଡ଼ସାନ) ପ୍ୟାକେଟ୍ କରିବା, ବୋଝେଇ କରିବା, ଓହ୍ଲାଇବା ଓ ବୋହିବା ଇତ୍ୟାଦିରେ ଅନେକ ଲୋକଙ୍କୁ ନିଯୁକ୍ତି ଦିଆଯାଇ

ରୋଜଗାର ବଢାଯିବା ସହିତ ଉତ୍ପାଦିତ ମୂଲ୍ୟ ହାସଲ କରାଯାଇ ପାରେ । ଏହି ପ୍ରକ୍ରିୟାରେ ଗ୍ରାମୀଣ ଜନତାଙ୍କର ନିଯୁକ୍ତି ଓ ଅର୍ଥ ଉପାର୍ଜନ ପଥ ସୁଗମ ହୋଇପାରିବ ।

**୪) ଖାଦ୍ୟ ପ୍ରକ୍ରିୟା କରଣର ବର୍ତ୍ତମାନ ସ୍ଥିତି :**

ଖାଦ୍ୟ ସାମଗ୍ରୀର ଚାହିଦା ପୂରଣ ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ । କାରଣ ଏମିତି କରି ଋତୁଭିତ୍ତିକ ଫସଲ ଅଛି ; ଯାହା ବର୍ଷ ତମାମ୍ ଉତ୍ପାଦିତ ହୋଇ ପାରିବ ନାହିଁ ଏବଂ ଅନ୍ୟ କିଛି ଖାଦ୍ୟ ଶସ୍ୟ ମଧ୍ୟ ଅଛି; ଯାହାକୁ ଧାନ-ଗହମ ପରି ସାଧାରଣ ଭାବରେ ସାଇତି ରଖିବା ଅସମ୍ଭବ। ତେଣୁ ସେହିସବୁ ପଚମାନ ଓ ସ୍ୱଳ୍ପ କାଳ ମଧ୍ୟରେ ନଷ୍ଟ ହେଉଥିବା ଉତ୍ପାଦିତ ଫସଲକୁ ବୈଜ୍ଞାନିକ ଉପାୟରେ ସାଇତି ରଖି ପାରିଲେ, ଦେଶର ଜନତାଙ୍କ ଆବଶ୍ୟକତାକୁ ପୂରଣ କରାଯାଇ ପାରିବ। ସେଥିପାଇଁ ଖାଦ୍ୟ ପ୍ରକ୍ରିୟା କରଣ ବ୍ୟବସ୍ଥା ପ୍ରତ୍ୟେକ ଦେଶ ପାଇଁ ଅପରିହାର୍ଯ୍ୟ।

ଏକ ଆକଳନରୁ ଜଣାଯାଇଛି ଯେ, ଭାରତରେ ଅଣ ସଂଗଠିତ କ୍ଷେତ୍ର ବା ଘରୋଇ ଉଦ୍ୟୋଗ ଦ୍ୱାରା ୪୨% ସଂଗଠିତ କ୍ଷେତ୍ର ବା ସରକାରୀ ତଥା ସମବାୟିକ ସଂସ୍ଥା ଦ୍ୱାରା ମାତ୍ର ୨୫% ସମୁଦାୟ ଉତ୍ପାଦିତ ଫସଲର ସୁଚାରୁ ପ୍ରକ୍ରିୟାକରଣ କରାଯାଇଥାଏ; ଯାହାର ମାନ ଆନ୍ତର୍ଜାତୀୟ ସ୍ତରର ସମତୁଲ ନୁହେଁ। ଫଳରେ ଭାରତୀୟ ଖାଦ୍ୟ-ଉଦ୍ୟୋଗ ବୈଦେଶିକ ମୁଦ୍ରା ସଂଗ୍ରହ କରିବାରେ ବିଫଳ। ଦ୍ୱିତୀୟରେ ଅପମିଶ୍ରଣ ଓ ଉପାଦାନର ମିଥ୍ୟା ଭରଷା ପ୍ରଦାନ କାରଣରୁ ଭାରତୀୟ ପ୍ରକ୍ରିୟାକୃତ ଖାଦ୍ୟ ପ୍ରତି ଗ୍ରାହକଙ୍କ ବିମୁଖତା, କ୍ଷତିର ହାରକୁ ବୃଦ୍ଧି ମଧ୍ୟ କରିଥାଏ। ତଥାପି ପ୍ରକ୍ରିୟାକୃତ ଖାଦ୍ୟ ମନୁଷ୍ୟର ମୁଖ୍ୟ ଖୋରାକର ଏକ ଅଂଶ ବିଶେଷ ହୋଇଥିବାରୁ ଏହାର ବିକାଶ ଓ ସଂପ୍ରସାରଣ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଗଲେ, ଦେଶର ଜିଡିପି ବୃଦ୍ଧି ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିପାରନ୍ତା ।

ବର୍ତ୍ତମାନର ଭାରତରେ ପ୍ରତିଷ୍ଠିତ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟା କରଣ ଉଦ୍ୟୋଗ ସମୂହ ଯୁବକମାନଙ୍କୁ ରୋଜଗାର ପ୍ରଦାନ କରିବା ସହିତ ସୁଲଭ ମୂଲ୍ୟ ବଜାର ବ୍ୟବସ୍ଥା ଦ୍ୱାରା ଗ୍ରାହକଙ୍କର ପ୍ରିୟଭାଜନ ହେବାକୁ ପ୍ରଚେଷ୍ଟା କରୁଛନ୍ତି। ମାତ୍ର ବର୍ତ୍ତମାନର ପ୍ରତିଯୋଗିତାମୂଳକ ବଜାର ବ୍ୟବସ୍ଥା ଏବଂ ପ୍ରତିଷ୍ଠିତ କମ୍ପାନୀମାନଙ୍କର ଉପରେ ଏମାନେ ଧୀରେ ଧୀରେ ଅଣନିଃଶ୍ୱାସୀ ହେବାକୁ ବସିଲେଣି। କୃଷିଜାତ ଫସଲର ଉତ୍ତମ ସୁରକ୍ଷା ବ୍ୟବସ୍ଥା,ଅଞ୍ଚଳ ଭିତ୍ତିରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକ୍ରିୟାଗଣ ଉଦ୍ୟୋଗ ପ୍ରତିଷ୍ଠା,ଉତ୍ତମ ଓ ସମୟାନୁବର୍ତ୍ତୀ ପରିବହନ ବ୍ୟବସ୍ଥା, ଖାଦ୍ୟର ମାନ ଓ ପୋଷକତତ୍ତ୍ୱ ସଠିକ୍ ନିର୍ଦ୍ଧାରଣ ଅତ୍ୟାବଶ୍ୟକୀୟ ଖାଦ୍ୟର ପ୍ରଚୁର ଉତ୍ପାଦନ ପାଇଁ ପ୍ରୋତ୍ସାହନ, ପ୍ରକ୍ରିୟାକରଣ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଓ ବେକାରୀ ଯୁବକମାନଙ୍କୁ ଉତ୍ତମ ତାଲିମ୍ ପ୍ରଦାନ ଏବଂ ସହର ଓ ଗ୍ରାମାଞ୍ଚଳର ଆବଶ୍ୟକତାନୁସାରେ ସ୍କୁଲ୍, ଅଫିସ୍, ଶିଳ୍ପ, ହୋଟେଲ୍ ଓ ରେଷ୍ଟୁରାଣ୍ଟ ମାନଙ୍କରେ ଭାରତୀୟ ଖାଦ୍ୟର ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଉଭୟ ସରକାରୀ ଓ ବେସରକାରୀ

ସ୍ତରରେ ଦିଆଗଲେ, ଗ୍ରାମୀଣ କୃଷକମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବା ସହିତ ଭାରତୀୟ ଅର୍ଥନୀତି ମଜବୁତ୍ ହୋଇ ପାରିବ ।

- **ଖାଦ୍ୟ ପ୍ରକ୍ରିୟାକରଣର ଗୁରୁତ୍ୱ**

ସବୁ ପ୍ରକାର ପ୍ରାକୃତିକ ଉପାୟରେ ଉତ୍ପାଦିତ ଖାଦ୍ୟ ଗୁଡ଼ିକର ପୁଷ୍ଟିସାର ଯୁକ୍ତ ପୋଷକ ତତ୍ତ୍ୱର ଉତ୍ତମମାନ ଓ ତାର ସୁରକ୍ଷାପାଇଁ ଖାଦ୍ୟ ପ୍ରକ୍ରିୟାକରଣ କରିବା ସମୟରେ ନିମ୍ନ ଲିଖିତ ପାଞ୍ଚୋଟି ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ :

୧ – ଉତ୍ତମ ବିକ୍ରି ମୂଲ୍ୟ ପ୍ରାପ୍ତି ପାଇଁ ଅନେକ ଦିନ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରଖିବା ।

୨ – ଖାଦ୍ୟ ପଦାର୍ଥକୁ ପରିଷ୍କାର କରି ଚେପା, ବାଲି-ଗୋଡ଼ି ଇତ୍ୟାଦି ଅଖାଦ୍ୟଗୁଡ଼ିକକୁ ବାହାର କରିଦେବା ।

୩ – କ୍ଷତିକାରକ ଉପାଦାନଗୁଡ଼ିକୁ ଖାଦ୍ୟରୁ ବାହାର କରି ନଷ୍ଟ କରିଦେବା ।

୪ – ଗ୍ରାହକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତଦନୁଯାୟୀ ପ୍ୟାକେଟ୍ କରି ସଂରକ୍ଷିତ କରିବା ଏବଂ

୫ – ଖାଦ୍ୟ ଉତ୍ପାଦିତ ଗୁଡ଼ିକର ବିଭାଗୀକରଣ କରିବା ।

ସାଧାରଣତଃ ଫସଲରୁ ଉତ୍ପାଦିତ ଖାଦ୍ୟ ଦୁଇ ଭାଗରେ ବିଭକ୍ତ ହୋଇଥାଏ; ପ୍ରଥମଟି କ୍ଷେତ୍ର ଉତ୍ପାଦିତ ଖାଦ୍ୟ ଧାନ, ଗହମ, ମକା, ବାଜରା, ଜୈଳବୀଜ, ଆଖୁ ଓ ଘାସ (ପଶୁ ଖାଦ୍ୟ)ଇତ୍ୟାଦି ପଶୁଖାଦ୍ୟ । ଏହାକୁ ସିଧା ସଳଖ ଅମଳ କରି ପରିଷ୍କାର କରିବା ପୂର୍ବକ ଅତିକମ୍ ପରିଶ୍ରମ ଓ ଖର୍ଚ୍ଚରେ ସଂରକ୍ଷିତ କରାଯାଇ ପାରେ ଏବଂ ଏହାର ନଡ଼ା, ଚଷୁ ଓ ସେହିପରି ପଦାର୍ଥଗୁଡ଼ିକୁ ପଶୁଖାଦ୍ୟ, ଜାଳେଣି କିମ୍ବା କମ୍ପୋଷ୍ଟ ତିଆରି କରିବାରେ ଉପଯୋଗ କରାଯାଇପାରେ । ଏଥିସହିତ ଆଳୁ,ଫଳ,ପନି-ପରିବା ଇତ୍ୟାଦି କ୍ଷେତ ଉତ୍ପାଦିତ ଖାଦ୍ୟର ସୁରକ୍ଷା ପାଇଁ ଶୀତଳ ଭଣ୍ଡାର ଓ ପ୍ରକ୍ରିୟାକରଣ ପରି ବ୍ୟବସ୍ଥା ଆବଶ୍ୟକ ପଡ଼ିଥାଏ ।

ସେହିପରି ଅଣକ୍ଷେତ୍ର ଉତ୍ପାଦିତ ଖାଦ୍ୟ ଭାବରେ କୁକୁଡ଼ା, ଅଣ୍ଡା, ଛେଳି ମାଂସ, ମାଛ ଓ କ୍ଷୀର ପରି ପଦାର୍ଥଗୁଡ଼ିକ ଜଟିଳ ବୈଜ୍ଞାନିକ ପଦ୍ଧତିର ପ୍ରକିୟାକରଣ ଓ ସଂରକ୍ଷଣ ବ୍ୟବସ୍ଥା ଆବଶ୍ୟକ କରିଥାଏ ଏହି ସବୁ ଖାଦ୍ୟ ପଦାର୍ଥର ସଠିକ୍ ବିଭାଗୀକରଣ, ଚୟନ, ସମୟ ଅବଧି ଭିତରେ ଆବଣ୍ଟନ, ଉପଯୋଗ ଓ ଉପଯୁକ୍ତ ବଜାର ବ୍ୟବସ୍ଥା କରାଇ ପାରିଲେ, ଭାରତରେ ଉତ୍ପାଦିତ ଫସଲ ନଷ୍ଟ ନ ହୋଇ କ୍ଷତି ପରିବର୍ତ୍ତେ ଲାଭପ୍ରଦ ହୋଇପାରିବ ।

- ଖାଦ୍ୟ ପ୍ରକ୍ରିୟାକରଣର ସୁଯୋଗ

ବିଶ୍ୱରେ ଚୀନ୍‌କୁ ଛାଡ଼ି ଦେଲେ, ଭାରତ ବିଶ୍ୱର ସମୁଦାୟ ଖାଦ୍ୟ ଶସ୍ୟର ୧୬% ଖାଦ୍ୟ ଉତ୍ପାଦନ କରି ଦ୍ୱିତୀୟ ସ୍ଥାନରେ ଅବସ୍ଥିତ ଏବଂ ଅଗାମୀ ଦଶ ବର୍ଷ ଭିତରେ କୃଷି ଉତ୍ପାଦନରେ ଏହା ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବାର ସମ୍ଭାବନା ଅଛି । ଆଗାମୀ ୨୦୩୦ ମସିହା ବେଳକୁ ଭାରତର ସହରାଞ୍ଚଳରେ ପ୍ରାୟତଃ ୫୯୦ ମିଲିୟନ ଲୋକ ବାସ କରୁଥିବେ ବୋଲି ଅନୁମାନ କରାଯାଏ । ଭାରତର ସାମାଜିକ - ଆର୍ଥିକ ବ୍ୟବସ୍ଥାର ଦ୍ରୁତ ପରିବର୍ତ୍ତନ, ମଧ୍ୟବିତ୍ତ ଶ୍ରେଣୀର ଆୟ ବୃଦ୍ଧି ଓ ଜୀବନ ଶୈଳୀର ମାନ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ପରିବେଶାନୁଯାୟୀ ବ୍ୟକ୍ତିଗତ ରୁଚି ଓ ଖାଦ୍ୟାଭ୍ୟାସର ପରିବର୍ତ୍ତନ, ଭବିଷ୍ୟତରେ ବିବିଧ ଖାଦ୍ୟର ଆବଶ୍ୟକତାକୁ ନିଶ୍ଚିତ ଭାବେ ବଢ଼ାଇଦେବେ ।

ଏହିସବୁ ଦିଗପ୍ରତି ଦୃଷ୍ଟି ନିକ୍ଷେପ କଲେ, ଭବିଷ୍ୟତରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ଯାନ୍ତ୍ରିକ ପ୍ରୟୋଗ ଓ ପୁଞ୍ଜି ନିବେଶର ଏକ ସୁବର୍ଣ୍ଣଯୁଗ ଆରମ୍ଭ ହେବାକୁ ଯାଉଛି । ବିଶେଷ କରି ଆଖୁଚାଷ କରାଯାଉଥିବା ରାଜ୍ୟରେ ଚିନିକଳ, ମୃଦୁ ପାନୀୟ ଓ ନିଶାଯୁକ୍ତ ପାନୀୟ କାରଖାନା ଓ ଗୁଡ଼ କରାଖାନା; ଅତ୍ୟଧିକ ଧାନ- ଗହମ ଉତ୍ପାଦିତ ରାଜ୍ୟରେ ଚାଉଳକଳ, ଅଟାକଳ, ବିସ୍କୁଟ୍, ପାଉଁରୁଟି ଓ ମିଷ୍ଟାନ୍ନ କାରଖାନା, ଚକୋଲେଟ୍ କାରଖାନା; ଫଳ ଓ ପନିପରିବା , ରନ୍ଧାଖାଦ୍ୟ କାରଖାନା ପ୍ରତିଷ୍ଠା, ଫଳରସ କାରଖାନା, ଜାମ୍ ପ୍ରସ୍ତୁତି କାରଖାନା, ଓ ତା'ର ପ୍ୟାକେଟିଂ ବ୍ୟବସ୍ଥା; ମାଛ, ମାଂସ, ଅଣ୍ଡା ଓ କ୍ଷୀର ପାଇଁ ହିମିକୃତ କାରଖାନା ପ୍ରତିଷ୍ଠା, ଦୁଗ୍ଧଜାତ ପଦାର୍ଥର ବିବିଧ ଉତ୍ପାଦନ (ଛେନା, ଦହି, ଘିଅ, ରାବିଡ଼ି, ରସଗୋଲା, ଛେନା ପୋଡ଼) ଓ ତା'ର ପ୍ୟାକେଟିଂ ବ୍ୟବସ୍ଥା ଏବଂ କୁକୁଡ଼ା ଖାଦ୍ୟ, ଗୋ-ଖାଦ୍ୟ ଓ ମତ୍ସ୍ୟଖାଦ୍ୟ କାରଖାନା ପ୍ରତିଷ୍ଠା କରିବା, ଉତ୍ତମ ପରିବହନ ବ୍ୟବସ୍ଥାର ସୁଯୋଗ ସୃଷ୍ଟି ଏବଂ ଗ୍ରାହକଙ୍କର ଆବଶ୍ୟକତାନୁସାରେ ଛୋଟ- ବଡ଼ ପ୍ୟାକେଟିଂ ବ୍ୟବସ୍ଥା ଦ୍ୱାରା ଉତ୍ପାଦିତ ଖାଦ୍ୟର ଉତ୍ତମ ସୁରକ୍ଷା, ଆବଣ୍ଟନ ଓ ବହୁଳ ରୋଜଗାର ସୃଷ୍ଟି ଏବଂ ପୁଞ୍ଜି ନିବେଶର ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହେବା ସହିତ ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ।

- **କୃଷି ଉତ୍ପାଦନ ଓ ତା'ର ସୁରକ୍ଷାରେ ମୁଖ୍ୟ ବାଧକ**

କୃଷି ଉପାଦାନ ଓ ତା'ର ସୁରକ୍ଷାରେ ତିନୋଟି ମୁଖ୍ୟ ବାଧକ ଦଣ୍ଡାୟମାନ; ଯଦ୍ୱାରା ଭାରତ ପ୍ରତ୍ୟେକ୍ଷ ଭାବରେ ଅଭିବୃଦ୍ଧି ଲାଭ କରିବାରେ ସର୍ବଦା ବିଫଳ ।

**୧- ଖାଦ୍ୟ ପଦାର୍ଥର ମହଜୁଦ ପାଇଁ ନିମ୍ନମାନର ଭିତ୍ତିଭୂମି :** ଭାରତରେ ଉତ୍ପାଦିତ ଖାଦ୍ୟ ଶସ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଖାଦ୍ୟ ଶସ୍ୟର ସଂରକ୍ଷଣ ପାଇଁ ଯେଉଁ ଏଫ୍.ସି,ଆଇ ଗୋଦାମ ରହିଛି; ତା'ର ଛାତକଣା କିମ୍ବା ଭଙ୍ଗା ଚଟାଣ ଯୋଗୁଁ ମହଜୁଦ

ଥିବା ଶସ୍ୟ ବର୍ଷାପାଣି ଓ ମୂଷାଙ୍କ ଉପଦ୍ରବ କ୍ରମେ ନଷ୍ଟ ହୋଇଯାଉଛି । ଦ୍ୱିତୀୟରେ ଅଧିକାରୀମାନଙ୍କର ଖାମଖିଆଲି ପରିଚାଳନା ପଦ୍ଧତି ଯୋଗୁଁ ବାଟମାରଣା, ହାତଚିକଣ ଓ ଚୋରି ଜରିଆରେ ସରକାର କୋଟି କୋଟି ଟଙ୍କାର କ୍ଷତି ସହୁଛନ୍ତି । ତୃତୀୟରେ ମଣ୍ଡିରେ ଧାନବସ୍ତା ସବୁ ଖୋଲା ଆକାଶତଳେ ପଡି ରହୁଥିବାରୁ ପୋକ ଜୋକ, ଶୀତ କାକର ଓ ଅଦିନିଆ ବର୍ଷାରେ ସମୂଳେ ନଷ୍ଟ ହୋଇଯାଉଛି । ଚତୁର୍ଥରେ ଫଳ ଓ ପନିପରିବା କିମ୍ବା ଦୁଗ୍ଧ ଜାତୀୟ ପଦାର୍ଥ ଗୁଡ଼ିକୁ ଠିକ୍ ସମୟ ଭିତରେ ଶୀତଳ ଭଣ୍ଡାର ଭିତରେ ନ ରଖିବା ଦ୍ୱାରା ଉପଯୁକ୍ତ ଭୋଲେଟେଜ୍ ଯୁକ୍ତ ବିଜୁଳି ସପ୍ଲାଇ ଅଭାବରୁ ଶୀତଳ ଭଣ୍ଡାର ମେସିନ ନ ଚାଲିବା ଦ୍ୱାରା ଓ ସଠିକ୍ ନିରୀକ୍ଷଣର ଅଭାବ ଦ୍ୱାରା ଖାଦ୍ୟ ପଦାର୍ଥର ନଷ୍ଟ ଅନିବାର୍ଯ୍ୟ । ପଞ୍ଚମରେ ରାଜନୈତିକ ଦଳ ଗୁଡିକ ଦ୍ୱାରା କିମ୍ବା ଟ୍ରେଡ୍ ୟୁନିୟନ ମାନଙ୍କ ଦ୍ୱାରା ରାସ୍ତାରୋକ, ରାସ୍ତାଦୁର୍ଘଟଣା ପାଇଁ ରାସ୍ତାବନ୍ଦ, ଓ ଖରାପ ରାସ୍ତା ପାଇଁ ପରିବହନର ଅସୁବିଧା ଯୋଗୁଁ ଶୀଘ୍ର ସଢିଯାଉଥିବା ଖାଦ୍ୟ ପଦାର୍ଥର ନଷ୍ଟ ପାଇଁ ଭାରତରେ କୃଷି ଉତ୍ପାଦିତ ଦ୍ରବ୍ୟରୁ ଉପଯୁକ୍ତ ଅଭିବୃଦ୍ଧି ହାସଲ କରିହୁଏ ନାହିଁ ।

୨- **ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ ପାଇଁ ଅର୍ଥାଭାବ :** ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁ ପ୍ରଚୁର ଅର୍ଥର ଆବଶ୍ୟକତା ପଡ଼େ ; ତାହାକୁ ବହନ କରିବା ଜଣେ ସାଧାରଣ ବ୍ୟବସାୟୀ ବା ବ୍ୟକ୍ତିପକ୍ଷେ ଅସମ୍ଭବ ଏବଂ ସରକାରୀ ଋଣ ସୁବିଧା ଥିଲେ ମଧ୍ୟ ଅଧିକାରୀ ମାନଙ୍କର ହତୋତ୍ସାହ କରିବା ପ୍ରବଣତା ଓ ଅଯଥା କାଗଜପତ୍ର ତିଆରି କରିବାର ଝାମେଲା ଯୋଗୁଁ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଦ୍ୱିତୀୟରେ ବିଦେଶୀ କମ୍ପାନୀମାନଙ୍କର କୂଟଚକ୍ରାନ୍ତ ଫଳରେ ଦେଶୀୟ କମ୍ପାନୀମାନଙ୍କ ପାଇଁ ବଜାରରେ ତିଷ୍ଠିବା କଷ୍ଟ କର । ତୃତୀୟରେ ଭାରତୀୟଖାଦ୍ୟର ମାନ, ସଫାସୁତରା ପ୍ରତି ଅବିଶ୍ୱାସ, ଅପମିଶ୍ରଣ ଓ ଖରାପ ଖାଦ୍ୟର ପ୍ୟାକେଟିଂ ପ୍ରତି ଗ୍ରାହକର ସନ୍ଦେହଯୋଗୁଁ ବଜାର ଚାହିଦା କମିଯାଉଛି । ତୃତୀୟରେ ସାମାଜିକ ଓ ଧାର୍ମିକ ବିଶ୍ୱାସ ଯୋଗୁଁ କେତେକ "ପ୍ରକିୟାକୃତ ଖାଦ୍ୟ" ପ୍ରତି ସାଧାରଣ ଗ୍ରାହକଙ୍କର ଅନାଗ୍ରହ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠାଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି ।

## ୧.୩ ଅଣକୃଷି ସଂଗଠନ : ଗ୍ରାମୀଣ ଭାରତର ପୁନର୍ବିନ୍ୟାସ

ଏସିଆ ମହାଦେଶରେ ଅବସ୍ଥିତ ଭାରତର ଗ୍ରାମୀଣ ଅର୍ଥନୀତି ବିକାଶରେ କୃଷିର ଭୂମିକା ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ । ତଥାପି ୨୦୦୪ ମସିହାରେ ଏସିଆନ୍ ପ୍ରଡକ୍ଟିଭିଟି ଅର୍ଗାନାଇଜେସନ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ଅଣକୃଷିକ୍ଷେତ୍ର ଉତ୍ପାଦନ ଗୁଡ଼ିକରୁ ଭାରତର ଗ୍ରାମୀଣ ଜନତା ବିଶେଷ ଲାଭବାନ ହେଉନଥିଲେ ହେଁ, ସେମାନଙ୍କର ଜୀବିକା ନିର୍ବାହ କ୍ଷେତ୍ରରେ ଏସବୁର

ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଥିବା ଅଣକୃଷି କ୍ଷେତ୍ର ମୁଖ୍ୟତଃ ତିନିପ୍ରକାର ଯଥା:-

(୧) କୁଟୀର ଶିଳ୍ପ: ଭାରତର ଗ୍ରାମୀଣ ଜନତା ନିଜର ଚାହିଦା ପୂରଣ ପାଇଁ କୃଷି ବ୍ୟତୀତ ବିଭିନ୍ନ ଗୃହ ଉପକରଣ ଗୁଡ଼ିକ ମଧ୍ୟରେ ଲୁହାତିଆରି (ଦା' କଟୁରୀ, ପନିକି, କୋଦାଳ) ଜିନିଷ, କାଠ ଉପକରଣ (ଲଙ୍ଗଳ କୁଆଳି, ଖଟ, ଟେବୁଲ, ଚେୟାର), ବାଉଁଶ ତିଆରି ଜିନିଷ (କୁଲା, ପାଛିଆ) ମାଟି ତିଆରି ଜିନିଷ (ହାଣ୍ଡି, ମାଠିଆ, ଠେକି, କଳସ, ଟେରାକୋଟା ମୂର୍ତ୍ତି) ଲୁଗାପଟା, ମିଠା (ଗୁଡ଼ିଆ ଦୋକାନ) ଇତ୍ୟାଦି ଦ୍ରବ୍ୟର ଆବଶ୍ୟକତା କରନ୍ତି । ଅବଶ୍ୟ ଏସବୁ ବସ୍ତୁ ତିଆରିରେ ବିଭିନ୍ନ ଜାତିବିଶେଷଙ୍କ କୌଳିକ ବୃତ୍ତି ବିଜଡ଼ିତ । ତଥାପି ଏସବୁର ତିଆରି ଓ ବିକ୍ରି ମାଧ୍ୟମରେ ସେମାନେ ଲାଭବାନ୍ ହୋଇଥାନ୍ତି । ବର୍ତ୍ତମାନ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ପଲ୍ଲୀଶ୍ରୀ ମେଳା ଆୟୋଜନ ମାଧ୍ୟମରେ ବିପଣନ ବ୍ୟବସ୍ଥା କରିଥିବାରୁ ଗ୍ରାମୀଣ ଭାରତର ଏକ ପରିବର୍ତ୍ତିତ ରୂପଚିତ୍ର ଦେଖିବାକୁ ମିଳୁଛି ।

(୨) ଦ୍ୱିତୀୟ ପ୍ରକାର ଅଣକୃଷି କ୍ଷେତ୍ର ମଧ୍ୟରେ ଖଣି ଓ ଖାଦାନର ଭୂମିକା ଗ୍ରାମୀଣ ଆର୍ଥନୀତିକ ଅଭିବୃଦ୍ଧିର ବିଶେଷରୂପେ ସହାୟକ । ଏହାଦ୍ୱାରା ଗ୍ରାମୀଣ ଯୁବକ ନିଯୁକ୍ତି ପାଇବା ସହିତ ପରିବହନ ବ୍ୟବସାୟ, ଗାଡ଼ିଚାଳନା, ଟେଲିଫୋନ୍ ବା ମୋବାଇଲ ବ୍ୟବସାୟ ଓ ଜଳଖିଆ ଦୋକାନ,ଗ୍ୟାରେଜ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଗୃହ ସାମଗ୍ରୀର ବ୍ୟବସାୟ କରିବା ଦ୍ୱାରା ନିଜସ୍ୱ ଆର୍ଥନୀତିକ ସ୍ଥିତିକୁ ମଜବୁତ୍ କରିପାରୁଛି ।

(୩) ଗ୍ରାମୀଣ ଭାରତରେ ଜନତାଙ୍କ ଆର୍ଥିକ ସ୍ୱଚ୍ଛଳତା ବଢିବା ଦ୍ୱାରା ତାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସିମେଣ୍ଟ ଉପାର୍ଜିତ ପଦାର୍ଥ (ଫୁଲକୁଣ୍ଡ, ନଳ, ସିମେଣ୍ଟ ଖୁଣ୍ଟ, ପାଇଖାନା ଇତ୍ୟାଦି) ଗୁଡ଼ିକର ବିକ୍ରି, ରାଜମିସ୍ତ୍ରୀ କାର୍ଯ୍ୟର ବୃଦ୍ଧି, ପକ୍କାଘର ନିର୍ମାଣ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟକାରୀ ହେବା ଦ୍ୱାରା ଗ୍ରାମୀଣ ଜନତାଙ୍କର ରୋଜଗାର ବଢ଼ିବାରେ ଲାଗିଲାଣି।

(୪) ସେହିପରି ଇଟାଭାଟି ଓ ଅନ୍ୟାନ୍ୟ ଛୋଟ ଛୋଟ କାରଖାନା (ସ୍ପଞ୍ଜ ଆଇରନ୍) ଗ୍ରାମାଞ୍ଚଳରେ ପ୍ରତିଷ୍ଠା ହେବା ଦ୍ୱାରା ଗ୍ରାମାଞ୍ଚଳର ଜନତା କେବଳ କୃଷି ଉପରେ ନିର୍ଭରଶୀଳ ନ ହୋଇ ଏସବୁ ଅଣକୃଷି କ୍ଷେତ୍ରରୁ ଅର୍ଥ ରୋଜଗାର କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରିବାକୁ ପ୍ରଚେଷ୍ଟା କଲେଣି।

## ଗ୍ରାମୀଣ ଅଣକୃଷି ସଂଗଠନର ଆବଶ୍ୟକତା

ବାର୍ତ୍ତମାନିକ ପରିସ୍ଥିତିରେ ଅଣକୃଷି ସଂଗଠନର ସୁଦୂର ପ୍ରସାରୀ ଭୂମିକାଗୁଡିକ ମଧ୍ୟରେ, ନିମ୍ନଲିଖିତ କାରଣର ଯୁକ୍ତିଯୁକ୍ତ ପ୍ରଭାବ ନିହିତ ।

- ସାମଗ୍ରିକ ବିକାଶ ନିମନ୍ତେ ନିଯୁକ୍ତି ସୃଷ୍ଟି ପାଇଁ ଅଣକୃଷି ସଂଗଠନ ଗୁଡ଼ିକ ସହିତ ଗ୍ରାମୀଣ ଜନତାଙ୍କୁ ସଂଶ୍ଲିଷ୍ଟ କରିବା ।
- ଏକ କୌଶଳ ପୂର୍ଣ୍ଣ ଯୋଜନା ଅନ୍ତର୍ଗତ କାର୍ଯ୍ୟକରି ଗ୍ରାମ୍ୟଜନତାକୁ ଏହି କ୍ଷେତ୍ରରେ ସଂପୃକ୍ତ କରିଦେଲେ ଶ୍ରମିକ ଚଳାଣାକୁ ରୋକାଯାଇ ପାରିବ ।
- ଏହାଦ୍ୱାରା ଗ୍ରାମୀଣ ଅର୍ଥବ୍ୟବସ୍ଥା ଉନ୍ନତି ହେବ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜନତାଙ୍କ ମଧ୍ୟରେ ଥିବା ଧନୀ- ଦରିଦ୍ରର ଦୂରତା କ୍ରମଶଃ କମିବ ।
- ଗ୍ରାମୀଣ ଶିଳ୍ପଗୁଡ଼ିକ କମ୍ ଅର୍ଥ ବିନିଯୋଗରେ ଗଢ଼ି ଉଠିବ ଏବଂ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇପାରିବ ।
- ଗ୍ରାମୀଣ ଶିଳ୍ପ କୃଷିର ଉନ୍ନତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।
- ଯେଉଁଠାରେ କୃଷି ଓ ଶିଳ୍ପର ସମାନତା ଅଛି ; ସେଠାରେ ବେରୋଜଗାରୀ କମ୍ ଏବଂ ଆୟ ମଧ୍ୟ ବିଶେଷ ଉଚ୍ଚ-ନୀଚ ରହେ ନାହିଁ । ଅଣ କୃଷି ସଂଗଠିତ କ୍ଷେତ୍ରରୁ ଉତ୍ପାଦିତ ବସ୍ତୁଗୁଡ଼ିକ ପାରସ୍ପରିକ ଆବଶ୍ୟକତା ପୂରଣ କରୁଥିବା ଯୋଗୁଁ କେବଳ ଉତ୍ପାଦିତ ଅର୍ଥରେ ବିକ୍ରି କରାଯାଏ । ଫଳରେ ଗ୍ରାମୀଣ ଗ୍ରାହକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼େ ନାହିଁ ।

ସାଧାରଣତଃ ଗ୍ରାମାଞ୍ଚଳରେ ବସ୍ତ୍ର ବୟନ, ତେଲ ପେଡ଼ାଇବା, କାଠକାମ ଓ ଗୁଡ଼ରନ୍ଧା ପରି କେତେକ କାର୍ଯ୍ୟକ୍ରମ ପ୍ରଚଳିତ । ଏସବୁର ଅଭିବୃଦ୍ଧି ପାଇଁ ଦୃଢ଼ ପଦକ୍ଷେପ ନେବା ସହିତ ଏସବୁରେ ବିବିଧତା ଓ ନୂତନତା ଆଣିବା ପାଇଁ ପ୍ରୋତ୍ସାହନ ଦେବା ଉଚିତ ହେବ । ସେହିପରି ଗ୍ରାମାଞ୍ଚଳରେ ଦୁଗ୍ଧ, ମାଛ, କୁକୁଡ଼ା, କୁକୁଡ଼ା ଅଣ୍ଡା ଉତ୍ପାଦନରେ ବୃଦ୍ଧି ଓ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବା ଦିଗରେ ସରକାର ଦୃଢ଼ ପଦକ୍ଷେପ ନେଇ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପ୍ରଚେଷ୍ଟା କରିବା ଉଚିତ୍ । ଅତୀତରେ ଗ୍ରାମାଞ୍ଚଳର ମୁଖ୍ୟ ଜୀବନ- ଜୀବିକା ଥିଲା କୃଷି । ଏବେ ଏହି ଚିନ୍ତାଧାରାର କ୍ରମଶଃ ପରିବର୍ତ୍ତନ ଆସିଲାଣି । ଗ୍ରାମୀଣ ଜନତାଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟିକ ବ୍ୟବସ୍ଥା ପହଞ୍ଚିପାରିଲେ ସହର ଓ ଗ୍ରାମାଞ୍ଚଳ ଭିତରେ ଥିବା ଦୂରତା ଏବଂ ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକର ଆର୍ଥିକ ଅବସ୍ଥାର ତାରତମ୍ୟ ଦୁରିଭୂତ ହୋଇପାରିବ ।

# ୧.୪ କ୍ଷୁଦ୍ର ଓ କୁଟୀର ଶିଳ୍ପ

ଭାରତର କ୍ଷୁଦ୍ରଶିଳ୍ପ (SSI) ସଂଜ୍ଞାନୁସାରେ ୨୦ ଲକ୍ଷ ଟଙ୍କାରୁ ୩୫ ଲକ୍ଷ ଟଙ୍କା ବିନିଯୋଗରେ ପ୍ରତିଷ୍ଠିତ ଶିଳ୍ପକୁ କ୍ଷୁଦ୍ର ଶିଳ୍ପ ବୋଲି କୁହାଯାଏ । ଯଦି କେହି ନିଜ କ୍ଷୁଦ୍ର ଶିଳ୍ପର ଏକ ସହାୟକ ୟୁନିଟ୍ ପ୍ରତିଷ୍ଠା କରିବାକୁ ଚାହେଁ ,ତେବେ ସରକାର ଅତିବେଳରେ ୪୫ ଲକ୍ଷ ପର୍ଯ୍ୟନ୍ତ ସହାୟତା ପ୍ରଦାତା ରାଶି କରିପାରିବେ। ଗ୍ରାମୀଣ କ୍ଷୁଦ୍ର ଶିଳ୍ପ (VSI) ତଥ୍ୟାନୁସାରେ ହସ୍ତତନ୍ତ, କତା ଶିଳ୍ପ, ରେଶମଚାଷ, ଖଦିବସ୍ତ୍ର, କୁଟୀର ଶିଳ୍ପ, ହସ୍ତଶିଳ୍ପ, କ୍ଷୁଦ୍ରଶିଳ୍ପ ଓ ବିଦ୍ୟୁତ୍‌ଚାଳିତ ତନ୍ତ ପରି ଆଠ ଗୋଟି ଶିଳ୍ପକୁ କ୍ଷୁଦ୍ର ଓ କୁଟୀର ଶିଳ୍ପ ସଂସ୍ଥା ଅନ୍ତର୍ଗତ କରିଛନ୍ତି। କେବଳ କ୍ଷୁଦ୍ରଶିଳ୍ପ ଓ ବିଦ୍ୟୁତ୍ ଚାଳିତ ତନ୍ତକୁ ଛାଡ଼ିଦେଲେ ବାକି ଛଅଗୋଟି ପରମ୍ପରାଗତ ଗ୍ରାମୀଣ କୁଟୀର ଶିଳ୍ପ ଯେଉଁଥିରୁ ବାର୍ଷିକ ପ୍ରାୟତଃ ୬୦୦୦ କୋଟି ଟଙ୍କା ଆୟ ହୋଇଥାଏ। ଏଥିରେ ବ୍ୟବହୃତ ଉପାଦାନ ଗୁଡ଼ିକ ସେହି ଅଞ୍ଚଳରୁ ମିଳିଥାଏ ଏବଂ ୫୦ ମିଲିୟନ ଲୋକ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଥିବାରୁ ବେରୋଜଗାରୀର କିଛି କ୍ଷତିକୁ ପୂର୍ଣ୍ଣ କରିବାରେ କୁଟୀରଶିଳ୍ପ ଯଥେଷ୍ଟ ସହାୟକ ହୋଇ ପାରୁଛି । ଭାରତୀୟ କୁଟୀର ଶିଳ୍ପ ସମର୍ଥିତ ଅଞ୍ଚଳର ଜନତାଙ୍କ ଜୀବନ ଧାରଣରେ ସହାୟକ ହେବା ସହିତ ସେମାନଙ୍କର ଆର୍ଥିକ ଉନ୍ନତି, ଏପରିକି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରକୁ ପୂର୍ଣ୍ଣ କରିବାରେ ମଧ୍ୟ ସାହାଯ୍ୟ କରୁଅଛି ।

କୃଷି ପରେ କୁଟୀର ଶିଳ୍ପ ଭାରତୀୟଙ୍କ ଉପାର୍ଜନର ଦ୍ୱିତୀୟ ବୃହତ୍ତମ ବ୍ୟବସାୟ କ୍ଷେତ୍ର । ସେଥିପାଇଁ ଭାରତ ସରକାର ଭାରତୀୟ ଆର୍ଥିକ ବିକାଶ ଯୋଜନାରେ କୁଟୀର ଶିଳ୍ପକୁ ମଧ୍ୟ ଅଗ୍ରାଧିକାର ପ୍ରଦାନ କରିଛନ୍ତି। କ୍ଷୁଦ୍ର ଓ କୁଟୀର ଶିଳ୍ପ (ଭିଏସ୍ ଆଇ) ଉତ୍ପାଦିତ ମୂଲ୍ୟରେ ପଚାଶ ପ୍ରତିଶତ ଲାଭାଂଶ ପ୍ରାପ୍ତ କରିବା ସହିତ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇପାରିଛି । କୁଟୀର ଶିଳ୍ପର ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗାନ୍ଧିଜୀଙ୍କ ନୀତି ଅନୁସାରେ କେନ୍ଦ୍ର ସରକାର ତାଙ୍କର ପ୍ରଥମ ପଞ୍ଚମବାର୍ଷିକ ଯୋଜନାରେ ହସ୍ତଶିଳ୍ପ, ହସ୍ତତନ୍ତ, ଖଦି ଓ ଗ୍ରାମୋଦ୍ୟୋଗ, କ୍ଷୁଦ୍ର ଶିଳ୍ପ,ରେଶମ ଚାଷ ଓ କତା ଶିଳ୍ପର ଉନ୍ନତି ପାଇଁ ଆଖିଦୃଶିଆ ଅର୍ଥ ବରାଦ କରିବା ଫଳରେ ମୃତପ୍ରାୟ କୁଟୀର ଶିଳ୍ପଗୁଡ଼ିକ ପୁନର୍ଜୀବନ ପାଇ ପାରିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆଞ୍ଚଳିକ ପ୍ରଶିକ୍ଷଣ ଶିବିର, ଦକ୍ଷତା ବିକାଶ ଶିବିରର ଆୟୋଜନ,ଋଣ ପ୍ରଦାନ, ହସ୍ତଶିଳ୍ପ ମେଳାର ଆୟୋଜନ ଓ ବଜାର- ବିକ୍ରୟ ସୁବିଧା କରାଇବା ଫଳରେ କୁଟୀର ଶିଳ୍ପର ବିକାଶ ସମ୍ଭବ ହୋଇପାରିଲା । ବର୍ତ୍ତମାନ ସମୟରେ ଫିନାଇଲ, ସାବୁନ୍ ,ବେତଚୌକି, ଆଚାର, ଶୁଷ୍କ ଖାଦ୍ୟ- ପଦାର୍ଥ , ଆୟୁର୍ବେଦିକ ଔଷଧ , ଘରସଜା ସରଞ୍ଜାମ , ମହମବତୀ , ଧୂପକାଠି ପରି ଅନେକ କୁଟୀର ଶିଳ୍ପଜାତ ଦ୍ରବ୍ୟ ବଜାରରେ ବିକ୍ରି ହେବା ଦ୍ୱାରା ଗ୍ରାମୀଣ ଜନତା ବିଶେଷ ରୂପେ ଲାଭାନ୍ୱିତ ହୋଇପାରୁଛନ୍ତି ।

## ୧.୪.୧ ଅରଣ୍ୟଜାତ ଦ୍ରବ୍ୟର ପ୍ରସ୍ତୁତିକରଣ

କୁଟୀର ଶିଳ୍ପ ବିକାଶ ଯୋଜନାରେ ଅରଣ୍ୟଜାତି ଦ୍ରବ୍ୟର ପ୍ରସ୍ତୁତି କରଣ ଗ୍ରାମୀଣ ଉଦ୍ୟୋଗର ଏକ ଅଭିନ୍ନ ଅଙ୍ଗ । ଏଥିରେ ଅରଣ୍ୟରୁ ସଂଗୃହୀତ ଔଷଧୀୟ ବୃକ୍ଷଲତାରୁ ଔଷଧ ପ୍ରସ୍ତୁତି , ବେତ ଓ ବାଉଁଶ ତିଆରି ଉପକରଣ,ରବର ଓ ଝୁଣା ଓ ଲାଖ ପ୍ରସ୍ତୁତି, ଖଇର (କଥିଆ) ପ୍ରସ୍ତୁତି ଇତ୍ୟାଦି ରାଜ୍ୟ ଜଙ୍ଗଲ ବିଭାଗ ଅଧୀନରେ କାଯ୍ୟକାରୀ ହେଉଅଛି । ବାଉଁଶ ଓ ବେତ ଶିଳ୍ପ ପାଇଁ ସବୁ ଅଞ୍ଚଳରେ ଆବଶ୍ୟକ କଞ୍ଚାମାଲ ମିଳୁଥିବାରୁ ଏହି ଶିଳ୍ପ ଭାରତର ପ୍ରତ୍ୟେକ ରାଜ୍ୟରେ ବିସ୍ତୃତ ଭାବରେ ପରିଚ୍ଛଳିତ ଏବଂ ଏହି ହସ୍ତକର୍ମରେ ଲକ୍ଷ ଲକ୍ଷ କାରିଗର ନିଯୁକ୍ତ ହୋଇ ଆପଣାର ଗୁଜୁରାଣ ମେଣ୍ଟାଉ ଅଛନ୍ତି । ମାତ୍ର ଭାରତର ଅରଣ୍ୟାନିରୁ ପ୍ରାପ୍ତ ବେତ ପତଳା ଓ ବଙ୍କା – ତେଢ଼ା ହୋଇଥିବାରୁ ଏଥିରୁ ଉତ୍କୃଷ୍ଟ ମାନର ଫର୍ଣ୍ଣିଚର, ବୋଝ- ପାଛିଆ, ଛତାବେଣ୍ଟ, ସୌଖିନ ଗୃହ ଉପକରଣ ଓ ଲାଇଟ୍ ଷ୍ଟାଣ୍ଡ୍ ଇତ୍ୟାଦି ଦେଶ – ବିଦେଶରେ ସେତେଟା ଆଦୃତ ନୁହେଁ । ତଥାପି ଭାରତୀୟ ଅରଣ୍ୟ ସଂପଦରୁ ପ୍ରସ୍ତୁତ ପ୍ରତ୍ୟେକ ଦ୍ରବ୍ୟର ଲାଭାଂଶରୁ ଗ୍ରାମୀଣ ଜନତାଙ୍କ ଆର୍ଥିକ ବିକାଶ ଅନେକାଂଶରେ ଉନ୍ନତ ହୋଇଅଛି ।

## ୧.୪.୨ ପାରଂପରିକ କୁଟୀର ଶିଳ୍ପର ପୁନର୍ବିନ୍ୟାସ

ଆର୍ଥିକ ଅନଟନ, କାରିଗର ତଥା ଗ୍ରାମୀଣ ସମନ୍ୱୟର ଅଭାବରେ ଭାରତରେ ଅନେକ ପାଂରପରିକ କୁଟୀର ଶିଳ୍ପ (କତା ଶିଳ୍ପ,ହସ୍ତତନ୍ତ,ହସ୍ତଶିଳ୍ପ, ମାଟିପାତ୍ର ଓ ଟେରାକୋଟା,ପଥର ଶିଳ୍ପ, କାଠଶିଳ୍ପ) କ୍ରମଶଃ ରୁଗ୍ଣ ଅବସ୍ଥାକୁ ଆସିଯାଇଥିଲା କିମ୍ବା ବନ୍ଦ ହୋଇଯାଇଥିଲା । ଏହାର ପୁନରୁଦ୍ଧାର ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପ୍ରାଥମିକ ପର୍ଯ୍ୟାୟରେ ଏକଶତ କୋଟି ଟଙ୍କା ବ୍ୟୟ ବରାଦ କରିବା ଦ୍ୱାରା ଗ୍ରାମୀଣ କାରିଗର ମାନଙ୍କୁ ଋଣ ପ୍ରଦାନ କରାଯାଇ ହଜି ଯାଉଥିବା କୁଟୀର ଶିଳ୍ପକୁ ନବଜୀବନ ପ୍ରଦାନ କରାଗଲା । କୁଟୀର ଶିଳ୍ପ କେବଳ କ୍ରୟ-ବିକ୍ରୟ , ରପ୍ତାନୀ ଓ ଆର୍ଥିକ ଅଭିବୃଦ୍ଧିର ଏକ ମାଧ୍ୟମ ନୁହେଁ; ଏହା ଭାରତୀୟ ସଂସ୍କୃତି ଓ ଐତିହର ଏକ ଅବିଚ୍ଛିନ୍ନ ଅଂଶ ଏବଂ ଭାରତୀୟତାର ପରିଚୟ ବୋଲି ଭାରତ ସରକାର ଉପଲବ୍ଧି କଲା ପରେ ଏସବୁର ବ୍ୟବହାର, ପ୍ରଚ୍ଛର ଓ ପ୍ରସାରଣ ଆଶାତୀତ ଭାବରେ ବୃଦ୍ଧି ପାଇଛି ।

## ୧.୪.୩ ଜାତୀୟ ଅଭିବୃଦ୍ଧି ପାଇଁ ସମଜାତୀୟ ଶିଳ୍ପର ବିକାଶ

ଭାରତୀୟ ଶିଳ୍ପୋଦ୍ୟୋଗ ଉନ୍ନତିରେ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ (ଏସ୍ଏସ୍ଆଇ) ବାର୍ଷିକ ୪୦% ଉତ୍ପାଦନ ଓ ୩୫% ପ୍ରତ୍ୟକ୍ଷ ରପ୍ତାନୀ କରି ଭାରତର ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅଭିବୃଦ୍ଧିର ପଶ୍ଚାତ୍‌ରେ ଅଛନ୍ତି ଅନେକ ସହଯୋଗୀ ଶିଳ୍ପ , ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଅବିଚ୍ଛିନ୍ନ ଭାବରେ ନିଜର ଉତ୍ପାଦନ ଜାରି ରଖିଛନ୍ତି । ୧୯୯୬ ରେ ଉନିଡୋ (UNIDO) ଦ୍ୱାରା

କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ଭାରତରେ ସେତେବେଳେ ୩୫୦ କ୍ଷୁଦ୍ର ଶିଳ୍ପ ଏବଂ ପ୍ରାୟତଃ ୨୦୦୦ ଗ୍ରାମୀଣ ଶିଳ୍ପ ଥିଲେ ଏବଂ ଏମାନଙ୍କ ଉତ୍ପାଦିତ ଦ୍ରବ୍ୟର ଆନୁମାନିକ ୬୦% ଅଂଶ ଭାରତ ବାହାରକୁ ରପ୍ତାନୀ କରାଯାଉଥିଲା । ମାତ୍ର ଏଭଳି ଲକ୍ଷ୍ୟ ସାଧନ ସତ୍ତ୍ୱେ ଅଧିକାଂଶ କ୍ଷୁଦ୍ର ଶିଳ୍ପ କ୍ଷତିରେ ଚାଲୁଥିବା ଅନୁମାନ କରାଯାଏ । ତା'ର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରେ ପୁରୁଣାକାଳିଆ ଅପ୍ରଚଳିତ ଜ୍ଞାନ କୌଶଳର ପ୍ରୟୋଗ , ନିକୃଷ୍ଟ ଧରଣର ଉତ୍ପାଦନ, ତଥ୍ୟ – ଜ୍ଞାନର ଅଭାବ, ଅନୁପଯୁକ୍ତ ବଜାର-ବ୍ୟବସ୍ଥା ଓ ପରିଚାଳନାଗତ ଅପାରଗତା ବିଦ୍ୟମାନ । ତଥାପି ଭାରତୀୟ ଉଦାରୀକରଣ ନୀତି ଓ ପ୍ରୋତ୍ସାହନ ଦ୍ୱାରା ଆଜିର କ୍ଷୁଦ୍ର ଶିଳ୍ପ ଉତ୍ପାଦନ ଗୁଡ଼ିକ ଉନ୍ନତମାନର ହେବା ସଂଗେ ସଂଗେ ଆନ୍ତର୍ଜାତୀୟ ବଜାରରେ ନିଜର ସ୍ଥିତି ବଜାୟ ରଖିବାରେ ସକ୍ଷମ ହୋଇପାରିଛି ।

## ୧.୪.୪ ଗ୍ରାମୀଣ ଖାଉଟି ଓ ଅବିକଶିତ ଗ୍ରାମୀଣ ବଜାର

ନ୍ୟାସନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ରିସର୍ଚ୍ଚ (NCAER) ର ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ଭାରତୀୟ ଗ୍ରାମୀଣ ବଣିକ ସଂଘ ସର୍ବଦା ଗ୍ରାମୀଣ ବଜାରର ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ବଦ୍ଧ । ସେଥିପାଇଁ ସହରୀ ଆୟ ବୃଦ୍ଧିଠାରୁ ଗ୍ରାମୀଣ ଆୟ ବୃଦ୍ଧିର ଫରକ ବେଶି ନୁହେଁ । ଜଣାଯାଇଛି ଯେ ୧୯୯୪-୯୫ ରେ ଗ୍ରାମୀଣ ଆୟର ଅଭିବୃଦ୍ଧି ୫୫-୫୮% ଥିଲାବେଳେ ୨୦୦୧-୦୨ ରେ ୬୩-୬୪% ଏବଂ ୨୦୦୪-୦୫ ମସିହାରେ ମଧ୍ୟ ୬୩-୬୪% ଅଭିବୃଦ୍ଧିକୁ ଛୁଇଁ ପାରିଥିଲା ଏହିପରି ଆୟବୃଦ୍ଧି ଜାରି ରହିଲେ ଗ୍ରାମୀଣ ଭାରତର ମଧ୍ୟମ ଓ ଉଚ୍ଚ ଆୟ ସଂପନ୍ନ ପରିବାର ବର୍ଗ ସଂଖ୍ୟା ପ୍ରାୟତଃ ୨୦୦୭ ମସିହା ବେଳକୁ ୮୦ ରୁ ୧୧୧ ମିଲିୟନ୍ ପର୍ଯ୍ୟନ୍ତ ପହଁଞ୍ଚି ପାରିବ ବୋଲି ଆଶା କରାଯାଇଥିଲା । ଗ୍ରାମୀଣ ଖାଉଟିଙ୍କର ଚାହିଦା ବୃଦ୍ଧି ଓ ଉତ୍ତମ ସେବାର ଧାରା ଅବ୍ୟାହତ ରହିଲେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ । ଅର୍ଥାତ୍ କୃଷି ଓ ଅଣକୃଷି ଉତ୍ପାଦିତ ପଦାର୍ଥର ଚାହିଦା ଓ ଉତ୍ତମ ବିପଣନରେ ଯେଉଁ ଲାଭାଂଶ ମିଳିବ, ତାହା ଗ୍ରାମୀଣ ଜନତାଙ୍କର ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ସହିତ ଭାରତର ଅର୍ଥବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବ ।

## ୧.୪.୫ ଦ୍ରୁତ ପରିବହନ ଯୋଗ୍ୟ ଖାଉଟି ଦ୍ରବ୍ୟ (FMCG)

ଦ୍ରୁତ ପରିବହନ ଯୋଗ୍ୟ ଖାଉଟି ଦ୍ରବ୍ୟ କହିଲେ, ସାଧାରଣତଃ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଇପିଇ ଶେଷ କରିବା ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପର୍ଯ୍ୟନ୍ତ ଶୀତଳ ଭଣ୍ଡାରଠାରୁ ବାହାରେ ରଖାଯାଇ ପାରୁଥିବା ଖାଦ୍ୟ ପଦାର୍ଥକୁ ବୁଝାଇଥାଏ । ଏହାକୁ ଅନ୍ୟ ଅର୍ଥରେ ଶୀଘ୍ର ପଚନଶୀଳ ପଦାର୍ଥ ବୋଲି କୁହାଯାଇପାରେ । ଯଥା- ଦହି, କ୍ଷୀର, ରାବିଡ଼ି, ମିଷ୍ଟାନ୍ନ, ଜାମ୍, ଥଣ୍ଡା ପାନୀୟ, ପ୍ରସ୍ତୁତ ବ୍ୟଞ୍ଜନ (ରେଡ଼ି- ଟୁ-ଇଟ୍),ଫଳ ଓ ପନିପରିବା ମଧ୍ୟରେ ଆମ୍ବ,କଦଳୀ,ଟମାଟୋ, ଫୁଲ କୋବି, ଶାଗ, ଧନିଆପତ୍ର

ଏବଂ ଆମୀଷ ମଧ୍ୟରେ ମାଛ, ମାଂସ ଓ ଅଣ୍ଡା ଏବଂ ଅନ୍ୟ ପଦାର୍ଥ ମଧ୍ୟରେ ଔଷଧ ଓ ଚକୋଲେଟ୍ ଜାତୀୟ ଖାଦ୍ୟ ପଦାର୍ଥ ଅନ୍ତର୍ଭୁକ୍ତ। ଅତୀତରେ ଏହି ପଦାର୍ଥମାନଙ୍କର ବହୁଳ ବ୍ୟାପାର ସହରାଞ୍ଚଳରେ ହେଉଥିଲା। ବର୍ତ୍ତମାନ ଗ୍ରାମାଞ୍ଚଳରେ ଖାଉଟିମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବା ଏବଂ ଗମନା- ଗମନର ସୁବିଧା ଫଳରେ ଏହିସବୁ ପଦାର୍ଥର ଚାହିଦା ବଢ଼ିଲାଣି। ଆସୋସିଏଟିକ୍ ଚାମ୍ବର୍ସ ଅଫ୍ କମର୍ସ ପର୍ସନାଲ୍ ପ୍ରଡକ୍ଟ ଡିଭିଜନ୍, ହିନ୍ଦୁସ୍ଥାନ ଲିଭର ଲିମିଟେଡ୍ (ACCPPD, HLL) ର ସର୍ଭେ ଅନୁଯାୟୀ ୨୦୧୦ ରେ ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ପରିବହନ ଯୋଗ୍ୟ ଖାଉଟି ଦ୍ରବ୍ୟର ବଜାର ଚାହିଦା ଅଭିବୃଦ୍ଧି ଥିଲା ୫୦% ଏବଂ ଗ୍ରାମୀଣ ଭାରତରେ ସର୍ବମୋଟ ୬୩, ୫୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା ବେଳେ, ସହରାଞ୍ଚଳରେ ମାତ୍ର ୪୯,୫୦୦ କୋଟି ଟଙ୍କାର ବ୍ୟାପାର ହୋଇଥିଲା । ହିନ୍ଦୁସ୍ଥାନ ଲିଭର ଲିମିଟେଡ୍‌ର ସର୍ବେକ୍ଷଣ ଅନୁସାରେ ଯଦି ଗ୍ରାମୀଣ ଭାରତରେ ଏଫ୍.ଏମ୍.ସି.ଜିର ବ୍ୟବସାୟ ସହରାଞ୍ଚଳ ଠାରୁ ୫୦%ରୁ ଅଧିକ, ତେବେ ଗ୍ରାମାଞ୍ଚଳରେ ରାସ୍ତାଘାଟର ସୁବିଧା, ବଜାର ସୁବିଧା, ଶିକ୍ଷା- ସ୍ୱାସ୍ଥ୍ୟ ଓ ସର୍ବୋପରି ଗ୍ରାମୀଣଜନତାଙ୍କ ଆର୍ଥିକ ସ୍ଥିତିର ଉନ୍ନତି ସମ୍ଭବ ହେଲେ, ଭାରତୀୟ ବଜାର ବ୍ୟବସ୍ଥାରୁ ଅନେକ ପରିମାଣର ଅର୍ଥ ଟ୍ୟାକ୍ସ ଆକାରରେ ଭାରତ ସରକାରଙ୍କ ନିକଟକୁ ଆସି ପାରିବ।

ଏହି ମର୍ମରେ ଚେନ୍ନାଇର ଫ୍ରାନସିସ୍ କାନୋଇ ମାର୍କେଟିଂ ପ୍ଲାନିଂ (FKMP) ର ୨୦୦୨ ମସିହାରେ ଏକ ସର୍ବେକ୍ଷଣ କରି କହିଥିଲା ଯେ ୨୦୧୦ ମସିହା ବେଳକୁ ଗ୍ରାମାଞ୍ଚଳର ଖାଉଟିଙ୍କ ସଂଖ୍ୟା ୧୩୫ ମିଲିୟନରୁ ୧୫୩ ବୃଦ୍ଧି ପାଇଥିବ ଏବଂ ଭାରତ, ବିଶ୍ୱର ସର୍ବବୃହତ୍ ଗ୍ରାମୀଣ ଖାଉଟି ବଜାରରେ ପରିଣତ ହେବ। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ବିଶ୍ୱର ସମୁଦାୟ ଜନ ସଂଖ୍ୟାର ୧୨.୨% ଗ୍ରାମୀଣ ଭାରତରେ ବସବାସ କରୁଛନ୍ତି। ଏଇମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ବହୁ ବିଶ୍ୱସ୍ତରୀୟ କମ୍ପାନୀ ଗ୍ରାମୀଣ ପାଇକାରୀ ଖୋଲା ବଜାରକୁ ଲମ୍ଫ ପ୍ରଦାନ କଲେଣି। ଏ କ୍ଷେତ୍ରରେ ହିନ୍ଦୁସ୍ଥାନ ଲିଭର, ଜନ୍‌ସନ୍ ଏଣ୍ଡ ଜନସନ୍, ଲକ୍ସ, ଡୋଭ୍, ଲାଓରେଲ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ପତଞ୍ଜଳୀ ପ୍ରମୁଖ କମ୍ପାନୀମାନେ ଅଗ୍ରଗଣ୍ୟ।

## ୧.୪.୬ ଦୀର୍ଘସ୍ଥାୟୀ ଦ୍ରବ୍ୟ

ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ କହିଲେ, ବିଶେଷତଃ ଅନେକ ଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ପଦାର୍ଥକୁ ବୁଝାଇଥାଏ। ଏଗୁଡ଼ିକ ମଧ୍ୟରେ ଟିଭି,ଫ୍ରିଜ୍,ଗ୍ୟାସ୍ ଚୁଲା,ଗ୍ରାଇଣ୍ଡର,ଓଭନ୍,ମଟର ସାଇକେଲ୍, ଛୋଟ ଚାରି ଚକିଆ ଗାଡ଼ି,ଅଟୋ ଇତ୍ୟାଦି ଘରୋଇ ବ୍ୟବହାର ଯୋଗ୍ୟ ପଦାର୍ଥ;ଟ୍ରାକ୍ଟର,ପାୱାର ଟିଲର, ପମ୍ପସେଟ୍,ଜେନେରେଟର,ଧାନ ଅମଳ ଓ ଧାନରୁଆ ମେସିନ୍ ଆଦି କୃଷି ଉପକରଣ,ଗୃହ ଉପକରଣ ପାଇଁ ସିମେଣ୍ଟ ଲୁହାଛଡ଼,ମୋଲଡେଡ୍ ଫର୍ଣ୍ଣିଚର,କ୍ୟାମେରା,ମୋବାଇଲ୍ ଡିସ୍ ଆଂଟେନା,ଏମରଜେନ୍ସି

ଲାଇଟ୍‌ଓ ଘଡ଼ି ଇତ୍ୟାଦି ସୌଖିନ ପଦାର୍ଥ ଏବଂ କମ୍ପ୍ୟୁଟର ଓ ଲାପଟପ୍ ପରି ଶିକ୍ଷାସମ୍ବନ୍ଧୀୟ ପଦାର୍ଥକୁ ବୁଝାଇଥାଏ। ଏହି ସବୁ ପଦାର୍ଥର ଗ୍ରାମୀଣ ଚାହିଦା ଆଶାତୀତ ଭାବରେ ବୃଦ୍ଧି ପାଇଛି। ବିଗତ ପାଞ୍ଚବର୍ଷ ଭିତରେ ଏହା ୫୯.୯%ପ୍ରତିଶତରୁ ଆସି ୭୫%ରେ ପହଞ୍ଚିସାରିଲାଣି। ଗ୍ରାମୀଣ ଅର୍ଥନୀତି ବର୍ତ୍ତମାନ ବିଭିନ୍ନ କମ୍ପାନୀମାନଙ୍କର ଆୟବୃଦ୍ଧିରେ ସିଧାସଳଖ ସହାୟତା କରୁଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ୧.୪.୭ ଭାରତରେ ଗ୍ରାମୀଣ ବିକାଶ ପାଇଁ ସରକାରୀ ପଦକ୍ଷେପ

ଗ୍ରାମୀଣ ଭାରତର ପରିପୂର୍ଣ୍ଣ ବିକାଶ ପାଇଁ ସରକାରଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ –

- 'କାମପାଇଁ ଖାଦ୍ୟ' ଜାତୀୟ ଯୋଜନା।
- ଜାତୀୟ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନା
- ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY)
- ଗ୍ରାମାଞ୍ଚଳରେ ସହରୀ ସୁବିଧାର ପ୍ରାବଧାନ (PURA)

(ଶିକ୍ଷା, ସ୍ୱାସ୍ଥ୍ୟ, ଗମନା- ଗମନ, ଇଣ୍ଟରନେଟ୍, ଟେଲି ଯୋଗାଯୋଗ, ବ୍ୟାକିଙ୍ଗ୍ ଇତ୍ୟାଦି)।

- ଗ୍ରାମୀଣ ବାସଗୃହ ଯୋଜନା।
- ପାନୀୟ ଜଳ ଯୋଗାଣ ଓ ସ୍ୱାସ୍ଥ୍ୟ ଅଭିଯାନ
- ନିର୍ମଳ ଗ୍ରାମ ଯୋଜନା
- ଭାରତ ନିର୍ମାଣ ଯୋଜନା

ଗ୍ରାମୀଣ ବିକାଶ ପାଇଁ ଭାରତ ସରକାରଙ୍କ ତରଫରୁ ଆରମ୍ଭ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଏସବୁ କାର୍ଯ୍ୟକ୍ରମ ଗୁଡ଼ିକ ଅନ୍ୟତମ।

## ୧.୫ ଶେଷକଥା

ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଅର୍ଥନୀତିର ଉନ୍ନତି ନିତାନ୍ତ ଆବଶ୍ୟକ। କାରଣ ଭାରତର ଅର୍ଦ୍ଧାଧିକ ଜନସଂଖ୍ୟା ଗ୍ରାମ ସହିତ ଜଡ଼ିତ ଏବଂ ସମୟକ୍ରମେ ଏମାନଙ୍କର ଆବଶ୍ୟକତା ମଧ୍ୟ ବଢୁଛି। ଗ୍ରାମୀଣ ଖାଉଟି ବଜାରକୁ ନଜର ଦେଲେ, ଭବିଷ୍ୟତ ଭାରତର ଅଭିବୃଦ୍ଧି ନିଶ୍ଚିତ ଭାବରେ ସମ୍ଭବ। ମାତ୍ର ଗ୍ରାମୀଣ ବିକାଶର ନୂତନ ପନ୍ଥା ଅପେକ୍ଷା ବିତ୍ତୀୟବ୍ୟବସ୍ଥା ସବୁଠାରୁ ବଡ଼ ଅନ୍ତରାୟ। କାରଣ

ଗ୍ରାମୀଣ ଜନତା ସର୍ବଦା ଅର୍ଥାଭାବ ସହିତ ସଂଗ୍ରାମରତ; ଫଳରେ ଉଚ୍ଚ ଦାମର ଦ୍ରବ୍ୟ କିଣିବାରେ ବା ଋଣ କରିବାରେ ସେମାନେ ଅକ୍ଷମ। କୌଣସି ଦୁଃସାହସିକ ପୁଞ୍ଜିପତି କିମ୍ବା ଅର୍ଥ ଲଗାରକାରୀ ସାମାଜିକ କର୍ବ ବା ଦାୟିତ୍ୱବଦ୍ଧତା ଦାୟରେ ମଧ୍ୟ ଗ୍ରାମୀଣ ଜନତାଙ୍କୁ ସାହାଯ୍ୟ କରିବାକୁ ଆଗଭର ହେଉ ନାହାନ୍ତି। ଅଥଚ ଯେଉଁମାନେ ବିନା ସମାନ୍ତରାଳ ସୁରକ୍ଷା (ବନ୍ଧକ) ପ୍ରତିଶ୍ରୁତିରେ ଗ୍ରାମୀଣ ଜନତାଙ୍କୁ ବ୍ୟବସାୟ ବା କୃଷିକାର୍ଯ୍ୟ ପାଇଁ ଟଙ୍କା ଧାର ସୂତ୍ରରେ ଦେଉଛନ୍ତି; ସେମାନଙ୍କ ନିକଟରେ ଉଦ୍ୟୋଗିକ ଦକ୍ଷତା, ନୂତନ ଚିନ୍ତାଧାରା, ସୃଜନାତ୍ମକ କର୍ମ ଦକ୍ଷତା କିମ୍ବା ସମାଜ ପାଇଁ କଠିନ ପରିଶ୍ରମ କରି ଆର୍ଥିକ ପରିବର୍ତ୍ତନ ଆଣିବାର କ୍ଷମତା ନାହିଁ। ବରଂ ଅଛି ଗ୍ରାମୀଣ ଜନତାଙ୍କୁ ଶୋଷଣ କରିବାର ଘୃଣ୍ୟ ମାନସିକତା। ଅତ୍ୟନ୍ତ ଦୁଃଖର ସହିତ  କହିବାକୁ ପଡୁଛି ଯେ, ଏହିପରି ବ୍ୟକ୍ତିବିଶେଷଙ୍କ ପାଇଁ ଆଜି ଆମ ଦେଶର ଗ୍ରାମୀଣ କୃଷକ ଋଣ ଶୁଝି ନ ପାରି ଗୋଟି ଶ୍ରମିକ ପାଲଟି ଯାଉଛି ଅଥବା ଆତ୍ମହତ୍ୟା କରୁଛି। ଏହିସବୁ ସମସ୍ୟାର ସମାଧାନ ପାଇଁ କିଛି ସ୍ୱେଚ୍ଛା ସେବୀ ଅନୁଷ୍ଠାନ (NGO) ଓ ଗ୍ରାମୀଣ ପ୍ରତିନିଧି ମାଇକ୍ରୋ- ଫାଇନାନ୍ସିଙ୍ଗ୍ ସୂତ୍ର ସୃଷ୍ଟି କରି ତାହାକୁ କିଛି ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ ଓ ପ୍ରତିଯୋଗିତାମୂଳକ ବଜାର ବ୍ୟବସ୍ଥା ସହିତ ସଂଯୋଗ କରିବା ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ଥିବା କୃଷକ ପରିବାର ନିଜ କୃଷିଜାତ ଦ୍ରବ୍ୟର ଉତ୍ତମ ବିପଣନ କରି ଆର୍ଥିକ ଦୁଃସ୍ଥିତିରୁ କ୍ରମଶଃ ମୁକୁଳିବାକୁ ଆରମ୍ଭ କଲେଣି। ଯଦି ଏହି ଧାରା ସୁ ପଦ୍ଧତି ଯୁକ୍ତ ଓ ସୁଶୃଙ୍ଖଳିତ ପ୍ରକ୍ରିୟାରେ ଅବ୍ୟାହତ ରହିବ; ତେବେ ୧୯୬୦ ମସିହା ପରେ ଭାରତରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବର ପୁନର୍ବିନ୍ୟାସ ସମ୍ଭବ ହୋଇ ବିଶ୍ୱରେ ଭାରତ ଶ୍ରେଷ୍ଠସ୍ଥାନ ଅଧିକାର କରିପାରିବ। ତେଣୁ ସମୟର ଆହ୍ୱାନ କ୍ରମେ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରି ଭାରତର ସର୍ବାଙ୍ଗୀନ ଉନ୍ନତିରେ ଏହାକୁ ମୁଖ୍ୟ ଭାଗିଦାର କରିବାକୁ ପଡ଼ିବ। ଯାହା ଭବିଷ୍ୟତରେ କଳ୍ପିତ ସୁଖ – ସମୃଦ୍ଧିର ବିକାଶ ହାସଲ କରିବାର ଲକ୍ଷ୍ୟ ପାଇଁ ହେବ ଏକମାତ୍ର ସୁଗମ ପନ୍ଥା। ୨୦୧୫ ମସିହା ସୁଦ୍ଧା ଉତ୍କଟ ଦାରିଦ୍ର୍ୟଠାରୁ ଆରମ୍ଭ କରି ଏଚ୍.ଆଇ.ଭି /ଏଡ୍ସର ସମ୍ପୂର୍ଣ୍ଣ ନିରାକରଣ ଓ ସମସ୍ତଙ୍କ ପାଇଁ  ପ୍ରାଥମିକ ଶିକ୍ଷା ପରି ଯେଉଁ ଆଠଟି କଳ୍ପିତ ବିକାଶର ଲକ୍ଷ୍ୟ ହାସଲ କଥା କୁହାଯାଇଥିଲା; ଗ୍ରାମୀଣ ବିକାଶ ତନ୍ମଧ୍ୟରୁ ଅନ୍ୟତମ ଆବଶ୍ୟକ ଲକ୍ଷ୍ୟ। ଏହିସବୁ ଲକ୍ଷ୍ୟ ହାସଲ ପାଇଁ ଯେଉଁସବୁ, ଯୋଜନାବଦ୍ଧ ନକ୍ସା (ବ୍ଲୁପ୍ରିଣ୍ଟ) ପ୍ରସ୍ତୁତ କରାଯାଇଛି; ତାହାକୁ ବିଶ୍ୱର ପ୍ରତ୍ୟେକ ଦେଶର ବିକଶିତ ସଂସ୍ଥା ସାଦରେ ଗ୍ରହଣ କରଛନ୍ତି। ବିଶ୍ୱର ଦାରିଦ୍ର୍ୟ ଦୂରୀକରଣ ପାଇଁ ଏଭଳି ଅଭୁତପୂର୍ବ ପଦକ୍ଷେପକୁ ତତ୍ପରତାର ସହ କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇଛନ୍ତି। ତେଣୁ ଭାରତର ଗ୍ରାମୀଣ ବିକାଶ ପାଇଁ ଆମକୁ ବିଶ୍ୱର ବିକାଶଶୀଳ ଦେଶର ଯୋଜନା ସମଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପଡ଼ିବ। ଅଞ୍ଚଳ ବିଶେଷର ଦକ୍ଷତା, ଜଳସେଚନ ସୁବିଧା, ମାଟିର ଉର୍ବରତା ଓ ଉତ୍ପାଦନ କ୍ଷମତା, କଞ୍ଚାମାଲର ସହଜ ଉପଲବ୍ଧ ଏବଂ ବଜାର ବ୍ୟବସ୍ଥା ଓ ସହଜ ପରିବହନ ବ୍ୟବସ୍ଥା ଆଧାରରେ ଭାରତର ଗ୍ରାମଗୁଡ଼ିକୁ ସଂଗଠିତ ଭାବରେ  ଭାଗ ଭାଗ କରି ପୁଞ୍ଜି ନିବେଶ ପୂର୍ବକ ଉତ୍ପାଦନ କ୍ଷମତା ବଢାଇବାକୁ ପଡ଼ିବ। ତେଣୁ ଭାରତରେ ଦ୍ରୁତଗାମୀଣ ଆର୍ଥନୀତିକ

ବିକାଶ ହାସଲର ଲକ୍ଷ୍ୟ ଜାରି ରଖିବା ପାଇଁ ନୂତନ ଆହ୍ୱାନ ଓ ଉଦ୍ୟମର ନିରନ୍ତର ପ୍ରଚେଷ୍ଟା ରହିବା ଆବଶ୍ୟକ।

## ଆତ୍ମନିରୀକ୍ଷଣ ପ୍ରଶ୍ନାବଳୀ -୧

ଦ୍ରଷ୍ଟବ୍ୟ:- କ) ପ୍ରଦତ୍ତ ଖାଲିସ୍ଥାନକୁ ଉତ୍ତର ପାଇଁ ବ୍ୟବହାର କର।

ଖ) ଅନୁଚ୍ଛେଦ ଶେଷରେ ପ୍ରଦତ୍ତ ସମ୍ଭାବ୍ୟ ଉତ୍ତର ସହିତ ମେଳ ଖାଉଛି କି ନାହିଁ ପରୀକ୍ଷା କରି ନିଅ।

୧- କୃଷିଭିତ୍ତିକ ଅର୍ଥବ୍ୟବସ୍ଥା କ'ଣ ? କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ପ୍ରତିବନ୍ଧକଗୁଡ଼ିକ ବିଷୟରେ ବର୍ଣ୍ଣନା କର।

ଉତ୍ତର : ______________________________

______________________________

______________________________

______________________________

______________________________

**୨- ସଂକ୍ଷିପ୍ତ ଟିପ୍ପଣୀ ଲେଖ**

କ) କୃଷିକ୍ଷେତ୍ର।

ଖ) ଅଣ କୃଷିକ୍ଷେତ୍ର।

ଗ) ଖାଦ୍ୟ ପ୍ରକ୍ରିୟାକରଣ।

ଘ) ଅରଣ୍ୟ ସଂପଦ।

ଙ) କ୍ଷୁଦ୍ର ଓ କୁଟୀର ଶିଳ୍ପ।

## ୧.୬ ସାରାଂଶ

- ଭାରତର ଗ୍ରାମୀଣ ଆର୍ଥିକ ଅବସ୍ଥା ଯେପରି ଭାରତର ଗ୍ରାମୀଣ ଜନତାଙ୍କୁ ବିଚଳିତ କରିଛି, ସେହିପରି ଦେଶର ଆର୍ଥିକସ୍ଥିତିକୁ ମଧ ଅବଦମିତ କରିଛି । ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ଏହା ସବୁଠାରୁ ବୃହତ୍ ଏବଂ ଭାରତୀୟ ଅର୍ଥନୀତି ସହିତ ଏହାର ଗମ୍ଭୀର ସମ୍ବନ୍ଧ ଅଛି ।

- କୃଷିଭିତ୍ତିକ ଗ୍ରାମୀଣ ଅର୍ଥବ୍ୟବସ୍ଥା, ଦେଶର ସର୍ବ ପୂରାତନ ଅର୍ଥବ୍ୟବସ୍ଥା, ଯାହା ଅଦ୍ୟାବଧି ପ୍ରଚଳିତ । ଏହା 'ଆଗ୍ରାରିଆନ୍' ଶବ୍ଦରୁ ଉଦ୍ଧୃତ ; ଯାହାର ଅର୍ଥ କୃଷି । ଏହି ଗ୍ରାମୀଣ କୃଷିଭିତ୍ତିକ ଅର୍ଥ ବ୍ୟବସ୍ଥା ପ୍ରାଚୀନ କାଳରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ବହୁଘାତ ପ୍ରତିଘାତ ମଧ ଦେଇ ରୂପାନ୍ତରିତ ହୋଇ ଆସିଅଛି । ଏହି ରୂପାନ୍ତରିଣ ପଶ୍ଚାତ୍‌ରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ହେଉଛି; କୃଷିର ଉନ୍ନତି, ଉପାଦନ କ୍ଷମତା ବୃଦ୍ଧି ଓ ଅର୍ଥନୀତିର ବିକାଶ ସେଥିପାଇଁ ଆନୁବାଂଶିକ ଗୁଣ ନିୟନ୍ତ୍ରଣ, କୃତ୍ରିମ ବୀଜ ବପନ,ଶଙ୍କର କିସମ ସୃଷ୍ଟି, ଶଙ୍କର ପ୍ରଣାଳୀର ଉତ୍ତମ ପଶୁଧନ ଉତ୍ପାଦନ ଓ ଅଧିକ ଅମଳ କ୍ଷମ ଓ ଋଷ ପ୍ରଣାଳୀରେ ବୈଜ୍ଞାନିକ ପଦ୍ଧତି ଅନୁସରଣ ଓ କୃଷି ଯନ୍ତ୍ରପାତିର ଉପଯୋଗ କରାଯାଉଅଛି ।

- ଭାରତର ଆର୍ଥିକ ବିକାଶ କ୍ଷେତ୍ରରେ ପଶୁ ସମ୍ପଦର ଯେଉଁ ଯୋଗଦାନ ରହିଛି ସେଥିରେ ଘରୋଇ ସଂସ୍ଥା ଗୁଡ଼ିକର ଅବଦାନ ଅବିସ୍ମରଣୀୟ । ସେମାନଙ୍କର ବ୍ୟବସାୟିକ ମନୋବୃତ୍ତି ଓ ଆନ୍ତରିକ ଉଦ୍ୟମ ଫଳରେ ଅଧିକ କ୍ଷୀର ପ୍ରଦାନ କରୁଥିବା ହାଇବ୍ରିଡ ଗୋ-ମହିଷାଦିର ଉତ୍ପାଦନ, ଅଧିକ ଅଣ୍ଡା ଦିଆ ଓ ମାଂସଳ କୁକୁଡ଼ା ଉତ୍ପାଦନ ଓ କୁକୁଡ଼ା ପାଳନ ପାଇଁ ବିଭିନ୍ନ ସାଜ ସରଞ୍ଜାମ,ମିଶ୍ରିତ ପୁଷ୍ଟିସାର ଯୁକ୍ତ ପଶୁ ଖାଦ୍ୟ ଉତ୍ପାଦନ ସହିତ ରୋଗ ନିରୋଧ ବ୍ୟବସ୍ଥା ଏବଂ ଉତ୍ତମ ଗୁଣ ସୂତ୍ର ଆଧାରରେ ପଶୁ ପ୍ରଜନନ, ଟୀକାକରଣ, କୁଶଳୀ ରକ୍ଷଣା ବେକ୍ଷଣକାରୀମାନଙ୍କୁ ନିୟୋଜିତ କରି ବିଶେଷ ଲାଭବାନ ହେବା ସହିତ ଗ୍ରାମୀଣ ଜନତାଙ୍କୁ ଗୋ-ପାଳନ, କୁକୁଡ଼ା ପାଳନ ଓ ମେଷ ପାଳନ ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରଦାନ କରି ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ଉନ୍ନତି ଆଣିବାରେ ସହାୟକ ହୋଇପାରୁଛନ୍ତି ।

- କୁକୁଡ଼ା ଓ କୁକୁଡ଼ା ଅଣ୍ଡା ଉତ୍ପାଦନ,ସଂରକ୍ଷଣ ଓ ତା'ର ପ୍ରକ୍ରିୟାକରଣ ର ଅଗ୍ରଗତି ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । କୁକୁଡ଼ା ପାଳନ ଓ ଅଣ୍ଡା ଉତ୍ପାଦନ ବର୍ତ୍ତମାନ ଏକ ଉନ୍ନତ ଶିଳ୍ପରେ ପରିଣତ ହେଲାଣି ଏବଂ ବର୍ତ୍ତମାନ ଏହାର ଆଧୁନିକିକରଣ ଯେତେବେଳେ କରାଗଲାଣି,ସେ କ୍ଷେତ୍ରରେ ଗ୍ରାମୀଣ କୁକଡ଼ା ଋଷୀ ଓ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ବନବାସୀମାନଙ୍କୁ

ଉନ୍ନତ ମାନର ଅଣ୍ଡାଦିଆ କୁକୁଡ଼ା ପାଳନ କରିବାକୁ ପ୍ରବର୍ତ୍ତାଇବା ଏକ କଷ୍ଟକର ବ୍ୟାପର ହେଲେ ମଧ୍ୟ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ପଡ଼ିବ ।

- ଦେଶର ଆର୍ଥିକ ବିକାଶ ପାଇଁ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଉନ୍ନତି ଆଣିବା ବର୍ତ୍ତମାନ ଏକ ଯୁଗପଯୋଗୀ ଆହ୍ୱାନ। ଭବିଷ୍ୟତରେ ସ୍ୱର୍ଣ୍ଣିମ ବିକାଶ ଓ ସୁଖ ସମୃଦ୍ଧିର କଳ୍ପିତ ହାସଲ ଲକ୍ଷ କରିବା ପାଇଁ ଏହା ହିଁ ଏକମାତ୍ର ପନ୍ଥା । ୧୯୧୫ ମସିହା ମଧ୍ୟରେ ଚରମ ଦାରିଦ୍ର୍ୟର ମୂଳ ଉତ୍ପାଟନ ଓ ଏଚ୍.ଆଇ.ଭି - ଏଡ଼୍ସ୍ ର ବିନାଶ ପରି ଯେଉଁ ଆଠଟି କଳ୍ପିତ ସମୃଦ୍ଧି ଲକ୍ଷ ହାସଲ କଥା କୁହାଯାଇଥିଲା; ତନ୍ମଧ୍ୟରୁ ଗ୍ରାମୀଣ ବିକାଶର ନକ୍ସା ପ୍ରସ୍ତୁତି ଅନ୍ୟତମ ଏବଂ ବିଶ୍ୱର ସମସ୍ତ ବିକାଶଶୀଳ ସଂସ୍ଥାମାନଙ୍କ ଦ୍ୱାରା ଗୃହୀତ ମଧ୍ୟ ହୋଇ ଅଛି ।

## ୧.୭ ମୁଖ୍ୟ ଶବ୍ଦାବଳୀ

- **କୃଷି ଭିତ୍ତିକ ଅର୍ଥ ବ୍ୟବସ୍ଥା :** ଏହି ପ୍ରକାର ଅର୍ଥ ବ୍ୟବସ୍ଥା ମୁଖ୍ୟତଃ କୃଷି ଶିଳ୍ପ, ପଶୁପାଳନ ଓ ଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ । ଏହି ପ୍ରକାର ଅର୍ଥ ବ୍ୟବସ୍ଥାର ସାମଗ୍ରିକ ଅଭିବୃଦ୍ଧି ପାଇଁ ଋଷ ଜମିରୁ ଉତ୍ପନ୍ନ କୃଷି ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଗ୍ରାମାଞ୍ଚଳରେ ଜନତା, ଯେଉଁମାନଙ୍କ ଜୀବନ- ଜୀବିକା ପୂର୍ଣ୍ଣତଃ କୃଷି ଉପରେ ନିର୍ଭରଶୀଳ। ସେମାନେ କୃଷି ଭିତ୍ତିକ ଅର୍ଥବ୍ୟବସ୍ଥାର ଜଣେ ଜଣେ ଅଂଶୀଦାର ।

- **ଜୀବିକା ନିର୍ବାହ :** ଇଂରାଜୀରେ ଏହାକୁ କୁହାଯାଏ "ଲାଇଭ୍‌ଲିହୁଡ୍" ଅର୍ଥାତ୍ ଜୀବିକା ନିର୍ବାହ ପଦ୍ଧତି । ଜୀବନ ଧାରଣ ପାଇଁ ଆବଶ୍ୟକ ହେଉଥିବା ନିମ୍ନତମ ଆବଶ୍ୟକତା (ଖାଦ୍ୟ, ପାନୀୟ, ପୋଷାକ ଓ ବାସଗୃହ) ଅନୁସାରେ ସ୍ୱଚ୍ଛନ୍ଦରେ ସମାଜରେ ବଞ୍ଚିରହିବାକୁ "ଜୀବିକା ନିର୍ବାହ" କରୁଛି ବୋଲି କହନ୍ତି। ପୁନଶ୍ଚ ଜୀବନ ଧାରଣ ପାଇଁ ଯେଉଁ ମାର୍ଗ (କର୍ମ) କରାଯାଏ । ତାହାକୁ ପଦ୍ଧତି (ଜୀବିକା ନିର୍ବାହ ପଦ୍ଧତି) ବୋଲି କୁହାଯାଏ । ନିଜର ଓ ନିଜ ପରିବାର ଖାଦ୍ୟ ପାନୀୟ ବାସଗୃହ ଔଷଧ, ପୋଷାକ ଓ ଶିକ୍ଷା ପାଇଁ ବ୍ୟକ୍ତିଗତ ଭାବରେ ବା ଗୋଷ୍ଠୀଗତ ଭାବରେ ଦକ୍ଷତା ଓ ମର୍ଯ୍ୟାଦାର ସହ ଯେଉଁ କାର୍ଯ୍ୟ କରାଯାଏ ; ତାହାକୁ ଜୀବିକା ନିର୍ବାହ ପଦ୍ଧତି ଅବଲମ୍ବନ ବୋଲି କୁହାଯାଏ । ମାତ୍ର ଜୀବିକା ନିର୍ବାହ କରିବାକୁ ପଦ୍ଧତି ଅବଲମ୍ବନ, ମାଧ୍ୟମର ସହଜ ଉପଲବ୍ଧ ଥିବା ଆବଶ୍ୟକ; ଯେପରି ମାଛଧରାଳୀ ପାଇଁ ନଦୀ ପୋଖରୀ ବା ସମୁଦ୍ରରେ ପ୍ରଚୁର ମାଛ ମିଳୁଥିବା ଦରକାର ଏବଂ ସେ ମଧ୍ୟ ନଦୀ ବା ସମୁଦ୍ର ନିକଟରେ ବାସ କରୁଥିବା ଦରକାର ।

- **ଗ୍ରାମୀଣ ଅଣ କୃଷି କ୍ଷେତ୍ର (ଆର୍. ଏନ୍. ଏଫ୍. ଏସ୍) :** କୃଷି କ୍ଷେତ୍ର ବ୍ୟତିରେକ ଅନ୍ୟକ୍ଷେତ୍ରରୁ ଉତ୍ପାଦିତ ବସ୍ତୁର ବିପଣନ କରି ଗ୍ରାମୀଣ ଜନତା ନିଜର ଆବଶ୍ୟକତା ମେଣ୍ଟାଇଥାନ୍ତି । ଏହି ସବୁ

କର୍ମ / କ୍ଷେତ୍ରକୁ ରୁରାଲ - ନନ୍-ଫାର୍ମ- ସେକ୍ଟର ବା ଅଣକୃଷି କ୍ଷେତ୍ର ବୋଲି କୁହାଯାଏ । ସେଗୁଡ଼ିକ ମଧ୍ୟରେ ପଶୁପାଳନ, କୁକୁଡ଼ାପାଳନ,ମତ୍ସ୍ୟଚାଷ, ଅରଣ୍ୟ ସମ୍ପଦ,କୁଟୀର ଶିଳ୍ପ, ହସ୍ତଶୀଳ୍ପ,ବ୍ୟବସାୟ , ନିର୍ମାଣ କାର୍ଯ୍ୟ, ଖଣି- ଖାଦାନ,ପରିବହନ,ଯୋଗାଯୋଗ ଓ ଖାଦ୍ୟ ପ୍ରସ୍ତୁତି ଓ ବିତରଣ (କ୍ୟାଟରିଙ୍ଗ୍) ପରି ଅନେକ ବ୍ୟକ୍ତିଗତ ଓ ସମଷ୍ଟି ଗତ କାର୍ଯ୍ୟ ଅର୍ନ୍ତଭୁକ୍ତ । କୃଷି ପରି ଏହି କ୍ଷେତ୍ରରୁ ଆୟ ମାଧ୍ୟମରେ ଗ୍ରାମୀଣ ଅର୍ଥ ବ୍ୟବସ୍ଥା ଦୃଢ଼ିଭୂତ ହୋଇଥାଏ ।

- **କୁଟୀର ଶିଳ୍ପ :** କୌଣସି କଳକାରଖାନା ବ୍ୟତୀତ ଓ ଯନ୍ତ୍ରପାତିର ବିନା ସହାୟତାରେ ଘରେ ବସି ଯେଉଁ କର୍ମ କରାଯାଏ ଏବଂ ତନ୍ମଧ୍ୟରୁ ଉତ୍ପାଦିତ ଦ୍ରବ୍ୟର ବିକ୍ରି ଲବ୍ଧ ଲାଭରେ ନିଜର ଆର୍ଥିକ ଅନାଟନକୁ ମେଣ୍ଟାଇ ହୁଏ, ତାହାକୁ କୁଟୀର ଶିଳ୍ପ ମଧ୍ୟ କହନ୍ତି । ଏହାକୁ କ୍ଷୁଦ୍ର ଶିଳ୍ପ (ଏସ୍. ଏସ୍. ଆଇ) ବୋଲି ମଧ୍ୟ କୁହାଯାଏ । ଏଗୁଡ଼ିକ ମଧ୍ୟରେ ଫର୍ଣ୍ଣିଚର, ଲୁଗାବୁଣା , ଗୁଡ଼ରନ୍ଧା,ଶୁଖୁଆ ପ୍ରସ୍ତୁତି, ମିଷ୍ଟାନ୍ନ ପ୍ରସ୍ତୁତି ଚମଡ଼ା କାମ, ଝୁନ୍ଦୁଆ କାମ, ଶିଙ୍ଗ କାମ ଓ କଂସାବାସନ ତିଆରି ଇତ୍ୟାଦି ଅନ୍ୟତମ । କୌଳିକ ବୃତ୍ତି କ୍ରମେ ଏହି କର୍ମ କରାଯାଏ । ବର୍ତ୍ତମାନ ଏହି କାର୍ଯ୍ୟରୁ ଲାଭାଂଶ ମିଳୁଥିବାରୁ ଅଧିକ ଉତ୍ପାଦନ ପାଇଁ ବୃତ୍ତିଧାରୀମାନେ ଅନ୍ୟମାନଙ୍କୁ ମଜୁରୀ/ଦରମା ଦେଇ ନିୟୋଜିତ କଲେଣି । ଏହା ଦ୍ୱାରା ବେରୋଜଗାରୀ କମିବା ସହିତ କର୍ମନିଯୋଜନ ସହଜ ହୋଇପାରିଛି ।

## ୧.୮ ସହାୟକ ଗ୍ରନ୍ଥସୂଚୀ


- Arbraham, Vinod- 2009 : Employment growth in Rural India: Distress Driven, Economic and Political weekly vol. 44 No. -16.
- Ahmad Mumtaj Uiddin – 2006 : Rural Development and Poverty-Alleviation through Promotion of Rural Non- Farm Activities in the Asia-Pacifi Region: Review of Evidence, Patterns and Issues Asia Pacific Journal of Rural Development, Vol- 16, No-01.
- Basant, Rakesh – 1994 : Economic Diversification of Rural Areas, Economic and Political Weekly, vol-29, No- 39.

- Basant, Rakesh and B.L. Kumar – 1989 : Rural Non Agricultural Activities in India, A Review of Available Evidence, Social Scientist, Vol. 17 No-12
- Bhalla , G.S. and Peter Hazell – 2003 : "Rural Employment and Poverty : Strategics to Eliminate Rural Poverty with in a Generation, Economic and Political Weekly, Vol.38 No- 33
- Chadha, G.K. - 2002 : Rural Non Farm Employment in India : What does Recent Experience Teach us? The Indian Journal of Labour Economics, Vol. 45 No-4
- Dev, Mahedra S. – 1990 : Non Agricultural Employment in Rural India : Evidence at a Disaggregated Level, Economic and Political Weekly, Vol. 26 No-28.
- Fisher Thomas, Vijay Mohajan and Ashok Singha – 1997 : The Forgotten Sector : Non , Farm Employment and Enterprises in Rural India, London, Intermediate Technology Publications.
- Gill, L.S.- 2005 : "Deceleration of Industrial Growth and Rural Industrialization Stratregy for Indian Punjab", Journal of Punjab Studies Vol.12.No.

# ଦ୍ୱିତୀୟ ଏକକ
# ଗ୍ରାମୀଣ ବଜାର ବ୍ୟବସ୍ଥା ଏବଂ ଖାଦ୍ୟ ସୁରକ୍ଷା ସମସ୍ୟା

## ଶିକ୍ଷାର ଉଦ୍ଦେଶ୍ୟ:

ଏହି ଅନୁଚ୍ଛେଦର ଶେଷରେ ଆପଣ ଜାଣିବାକୁ ପାଇବେ -

- ଖାଦ୍ୟ ସୁରକ୍ଷା ସଂପର୍କରେ ସ୍ପଷ୍ଟ ଧାରଣା
- ଗ୍ରାମୀଣ ଭାରତରେ ଖାଦ୍ୟ ସୁରକ୍ଷାର ଆହ୍ୱାନ ଓ ସମାଧାନର ବିଷୟଗତ ଚର୍ଚ୍ଚା
- ଗ୍ରାମୀଣ ବଜାର ବ୍ୟବସ୍ଥାର ବାସ୍ତବରୂପ ଓ ବିଭିନ୍ନ ବୈଶିଷ୍ଟ୍ୟ ସଂପର୍କରେ ସ୍ପଷ୍ଟ ସୂଚନା।

## ବିଷୟ ଗଠନ :

୨.୧ ଉପକ୍ରମ

୨.୨ ଖାଦ୍ୟସୁରକ୍ଷା: ଅବଧାରଣା ଓ ବିଶ୍ଳେଷଣ

୨.୩ ଖାଦ୍ୟସୁରକ୍ଷାର ବିଭିନ୍ନ ଅଂଶ

୨.୪ ଖାଦ୍ୟସୁରକ୍ଷାର ଲକ୍ଷ୍ୟସିଦ୍ଧି ପାଇଁ ଆହ୍ୱାନ

୨.୫ ଭାରତରେ ଖାଦ୍ୟସୁରକ୍ଷା ଜନିତ ଆହ୍ୱାନର ଅନୁଧ୍ୟାନ

୨.୬ ଭାରତର ଗ୍ରାମୀଣ ବଜାର

୨.୭ ଗ୍ରାମୀଣ ବଜାର ବ୍ୟବସ୍ଥାର ବୈଶିଷ୍ଟ୍ୟ

୨.୮ ଉପସଂହାର

୨.୯ ସାରାଂଶ

୨.୧୦ ମୁଖ୍ୟ ଶବ୍ଦ

୨.୧୧ ସହାୟକ ଗ୍ରନ୍ଥସୂଚୀ

## ୨.୧ ଉପକ୍ରମ

ବିଶ୍ୱରେ ଏପରି ଅନେକ ଦେଶ ଅଛନ୍ତି; ଯେଉଁମାନଙ୍କର ଖାଦ୍ୟଶସ୍ୟ ଉତ୍ପାଦନ ବହୁତ କମ୍ ଏବଂ ସେମାନଙ୍କ ନାଗରିକମାନଙ୍କର ଉଦର ପୋଷଣ ଓ ଅଭାବ ପୂରଣ ପାଇଁ ଅନ୍ୟ ଦେଶରୁ ଖାଦ୍ୟ-ଶସ୍ୟ ଆମଦାନୀ କରନ୍ତି। ମାତ୍ର ଭାରତ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ଏବଂ ବଳକା ଖାଦ୍ୟ-ଶସ୍ୟକୁ ସଂରକ୍ଷିତ କରି ରଖିବାର କ୍ଷମତା ସଂପନ୍ନ ମଧ୍ୟ। ଭାରତ ସ୍ୱାଧୀନତା ହାସଲ କରିବାର ବିଗତ ଚାରି ଦଶକରୁ କୃଷିର ଉନ୍ନତିପାଇଁ ଆନ୍ତରିକ ଉଦ୍ୟମ ଅବ୍ୟାହତ ରହିଆସିଛି; ଯାହାର ଫଳସ୍ୱରୂପ ଭାରତ ଆଜି ଖାଦ୍ୟ-ଶସ୍ୟ ଉତ୍ପାଦନରେ ଯଥେଷ୍ଟ ଆତ୍ମ ନିର୍ଭରଶୀଳ। ବର୍ତ୍ତମାନ କୃଷି ଓ କୃଷି ସମକକ୍ଷ ଅନ୍ୟ ଉତ୍ପାଦନ କ୍ଷେତ୍ରଗୁଡିକ ଘରୋଇ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ପାଦନ କରୁଛନ୍ତି। ଭାରତର ପ୍ରାୟତଃ ଦୁଇତୃତୀୟାଂଶ ଜନତାଙ୍କର ମୁଖ୍ୟ ଜୀବିକା ନିର୍ବାହର ମାର୍ଗ କୃଷି ଉପରେ ନିର୍ଭରଶୀଳ। ଏହିପରି ଆତ୍ମସନ୍ତୋଷମୂଳକ ଉନ୍ନତି ସତ୍ତ୍ୱେ ମଧ୍ୟ ଭାରତର କୃଷି ବିକାଶ କ୍ଷମତା ଏକ ବିରୋଧାଭାଷର ମଧ୍ୟବର୍ତ୍ତୀ ସ୍ଥଳରେ ଦଣ୍ଡାୟମାନ। ଏକ ପକ୍ଷରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ (ଉତ୍ପାଦନ ୬୨ ମିଲିୟନଟନ ଆବଶ୍ୟକତା ୨୦ ମିଲିୟନଟନ୍) ଉତ୍ପାଦନ ଓ ସଂରକ୍ଷଣ କରାଯାଇଥିବା ବେଳେ, ଅନ୍ୟପକ୍ଷରେ ପ୍ରାୟତଃ ୨୦ କୋଟି ଭାରତୀୟ ଅର୍ଦ୍ଧା ଆହାରରେ କାଳାତିପାତ କରୁଛନ୍ତି। ସେହିପରି ସହସ୍ରାଧିକ ଜନତା ପୁଷ୍ଟି ହୀନତାର ମଧ୍ୟ ଶିକାର ହେଉଛନ୍ତି। ଏହିପରି ଦୂରତାର ନିବାରଣ ଓ ପାତର ଅନ୍ତର ପରିସ୍ଥିତିର ମୁକାବିଲା ଭାରତପରି ବିକାଶୋନ୍ମୁଖୀ ଦେଶପାଇଁ ଏକ ବଡ ଆହ୍ୱାନ।



ଏହିପରି ଏକ ସମ୍ବେଦନଶୀଳ ପରିସ୍ଥିତିରେ ଦିନକୁଦିନ ଚାଷଜମିର ସଂକୋଚନ ଓ ଜଳସ୍ରୋତର ନିଃଶେଷକ୍ରମକୁ ଦୃଷ୍ଟିରେ ରଖି ଜୈବ ଉତ୍ପାଦନର ବୃଦ୍ଧି ଘଟାଇବା ନିତ୍ୟାନ୍ତ ଆବଶ୍ୟକ; ଯାହା ଭବିଷ୍ୟତର ପର୍ଯ୍ୟାବରଣର ମୂଳଭିତ୍ତିକୁ ଅକ୍ଷୁର୍ଣ୍ଣ ରଖି ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟାଭାବକୁ ପୂରଣ କରିପାରିବେ। ମାତ୍ର ମନେରଖିବା ଉଚିତ ଯେ,ଏହିପରି ପଦକ୍ଷେପ ଯେତିକି ଗୁରୁତ୍ୱ ନୁହେଁ; ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, କୃଷକଙ୍କର

ଆବଶ୍ୟକ କୃଷି ପଦ୍ଧତି । ପାରମ୍ପରିକ ଉତ୍ପାଦନ ଓ ଆୟ ପ୍ରତି ଯଥେଷ୍ଟ ଧ୍ୟାନ ପ୍ରଦାନ କରିବା । କାରଣ, ଜୈବଉତ୍ପାଦିତ ଖାଦ୍ୟପଦାର୍ଥ କୃଷକମାନଙ୍କର ଜୀବନ-ଜୀବିକା ପ୍ରତି ଏକ ସୁନିଶ୍ଚିତ ବିପଦ । ସମସ୍ତେ ଜାଣନ୍ତି; ଭାରତ ପରି ଏକ ଚିନ୍ତାଶୀଳ ଓ ଜନମଙ୍ଗଳ ଦେଶର ପ୍ରତ୍ୟେକ ସମସ୍ୟାକୁ ମୁକାବିଲା କଲା ପରି ଯଥେଷ୍ଟ କ୍ଷମତା ଅଛି । ତେବେ ସେଥିପାଇଁ ଫଳପ୍ରସୂ ଯୋଜନା ପ୍ରସ୍ତୁତି, ଭିତ୍ତିଭୂମିର ବିକାଶ, ଏବଂ ଉତ୍ପାଦନ କ୍ଷେତ୍ରରେ ବିଶେଷ କ୍ଷମତା ରଖୁଥିବା ବିଭିନ୍ନ କ୍ଷେତ୍ରକୁ ସରକାରୀ ପ୍ରୋତ୍ସାହନ ଦ୍ୱାରା ପ୍ରଭାବଶାଳୀ କରି କୃଷି ଓ ଗ୍ରାମୀଣ ବିକାଶର ଉନ୍ନତିକରଣ କରାଯାଇ ପାରିବ ।

## ୨.୨ ଖାଦ୍ୟ ସୁରକ୍ଷା : ଅବଧାରଣା ଓ ବିଶ୍ଳେଷଣ

ବିଶ୍ୱଖାଦ୍ୟ ସୁରକ୍ଷା ସଂପର୍କରେ ମିଳିତ ଜାତିସଂଘ କମିଟି ଦେଇଥିବା ମତାନୁସାରେ, ପ୍ରାକୃତିକ, ସାମାଜିକ ଓ ଆର୍ଥନୀତିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ନାଗରିକଙ୍କୁ (ଜୀବନବ୍ୟାପି) ଶୁଦ୍ଧ ସୁରକ୍ଷିତ ଓ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟପଦାର୍ଥ ଯୋଗାଇ ଦେଇ ସେମାନଙ୍କୁ ସୁସ୍ଥ, ନିରାମୟ ଓ ସର୍ବଦା କର୍ମଚଞ୍ଚଳ ଜୀବନ ନିର୍ବାହ କରିବାକୁ ସୁଯୋଗ ପ୍ରଦାନ କରିବା ହିଁ ଖାଦ୍ୟ ସୁରକ୍ଷା ନିୟମର ପ୍ରଧାନ କାର୍ଯ୍ୟ । ମାତ୍ର ଆଗାମୀ ଦିନମାନଙ୍କରେ ବିଶ୍ୱତାପାୟନ ବୃଦ୍ଧି, ପରିବେଶ ଓ ଜଳବାୟୁର ଦ୍ରୁତ ପରିବର୍ତ୍ତନ, ବିଶ୍ୱଜନସଂଖ୍ୟା ବୃଦ୍ଧି, ସନ୍ତୁଳନହୀନ ବିଶ୍ୱ ପରିବେଶ ଓ ଖାଦ୍ୟ – ଦ୍ରବ୍ୟର ଅସ୍ୱାଭାବିକ ମୂଲ୍ୟ ବୃଦ୍ଧି, ଖାଦ୍ୟ ସୁରକ୍ଷା ଉପରେ ଏକ ଅନାବଶ୍ୟକ ପ୍ରଭାବ ନିଶ୍ଚିତ ଭାବରେ ପକାଇବ । ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ବିଶ୍ୱର ପରିବର୍ତ୍ତିତ ପରିବେଶ ଅନୁସାରେ ଯୋଜନା ପ୍ରସ୍ତୁତି, ଜଳ ସଂରକ୍ଷଣ ଓ ତାର ଉପଯୁକ୍ତ ଉପଯୋଗ, କୃଷି ଉପଯୋଗୀ ଋଷଜମି ଚୟନ, ଖାଦ୍ୟ ପ୍ରତିବଦଳ ଯୋଜନା, କୃଷି ଉତ୍ପାଦନ ପରବର୍ତ୍ତୀ ଖାଦ୍ୟ ପ୍ରକ୍ରିୟାକରଣ, ଖାଦ୍ୟ ସଂରକ୍ଷଣ, ଖାଦ୍ୟର ମୂଲ୍ୟ ନିର୍ଦ୍ଧାରଣ ପ୍ରଭୃତି ଆବଶ୍ୟକ ନୀତିଗୁଡ଼ିକୁ ବିଧିବଦ୍ଧ ଭାବରେ ଲାଗୁ କରାଯିବା ଆବଶ୍ୟକ । ଏହିସବୁ ଜନହିତକର ଯୋଜନା ଅନୁସାରେ କାର୍ଯ୍ୟକଲେ କୃଷକମାନଙ୍କର ଆଖିଦୃଶିଆ ଉନ୍ନତି ହେବା ସହିତ ଗ୍ରାମୀଣ ଅର୍ଥନୀତିର ବିକାଶ ସମ୍ଭବ ହେବ ଏବଂ ତା'ର ଲାଭ ବିଶ୍ୱର ପ୍ରତ୍ୟେକ ଗ୍ରାମୀଣ ଜନତା ପାଇ ପାରିବେ । ମନେରଖିବାକୁ ହେବ ଯେ, ଆର୍ଥିକ ଉନ୍ନତି ଖାଦ୍ୟ ସୁରକ୍ଷାର ଏକ ସମର୍ଥିତ ଦିଗ । ବିଶ୍ୱର ଯଦି କୌଣସି ଦେଶ ଖାଦ୍ୟସୁରକ୍ଷା ଯୋଜନାକୁ ଗ୍ରହଣ ନକରେ କିମ୍ବା ସଠିକ୍ ରୂପେ ପରିଋଳନା ନକରେ; ତେବେ ଦେଶୀୟ, ଆଞ୍ଚଳିକ ଓ ବିଶ୍ୱସ୍ତରରେ ସେ ଦେଶ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ମାନିବାକୁ ହେବ । ବିଶେଷକରି ପୁଷ୍ଟିହୀନ ମହିଳା, ଅନ୍ୟ ଦୁର୍ବଳ ଶ୍ରେଣୀ ଏବଂ ଅଭାବଗ୍ରସ୍ତ ଜନତାଙ୍କ ପାଇଁ ଖାଦ୍ୟ-ସୁରକ୍ଷାର ଆବଶ୍ୟକତା ବେଶି ।

ଖାଦ୍ୟ-ସୁରକ୍ଷା ସମ୍ବନ୍ଧିତ ତଥ୍ୟ ଅତୀତରେ ନଥିଲା କି ଏହାର କୌଣସି ବିଧିବଦ୍ଧ ଇତିହାସ ନାହିଁ। ପ୍ରାୟତଃ ୧୦,୦୦୦ ବର୍ଷପୂର୍ବରୁ ପ୍ରାଚୀନ ଚୀନା ସଭ୍ୟତା ଓ ଇଜିପ୍ଟରେ ଶସ୍ୟାଗାରମାନ ଥିଲା ଏବଂ ଦୁର୍ଭିକ୍ଷ ସମୟରେ ଏହି ଶସ୍ୟାଗାରଗୁଡିକ ଲୋକଙ୍କର ଆବଶ୍ୟକତା ପୂରଣ କରୁଥିଲା । ୧୯୭୪ ମସିହା ବେଳକୁ

ପ୍ରଥମେ ବିଶ୍ୱଖାଦ୍ୟ ସମ୍ମିଳନୀରେ "ଖାଦ୍ୟ – ସୁରକ୍ଷା" (Food Security) ପରି ଏକ ବିଶେଷ ଭାବ ସମ୍ବଳିତ ଶବ୍ଦର ବ୍ୟବହାର କରାଗଲା; ଯାହାର ପ୍ରକୃତ ଅର୍ଥ ଥିଲା ଖାଦ୍ୟ ପଦାର୍ଥର ସମବଣ୍ଟନ। ଖାଦ୍ୟ ସୁରକ୍ଷା ସଂପର୍କରେ "ବିଶ୍ୱ ଖାଦ୍ୟ ସମ୍ମିଳନୀ (World food conference) ର ମତ ହେଲା, ବିଶ୍ୱସ୍ତରରେ ଖାଦ୍ୟ ପଦାର୍ଥର ସହଜଲଭ୍ୟ କରାଇବା ଏବଂ ସଠିକ୍ ଉପଯୋଗ କରିବା ସହିତ ଉତ୍ପାଦନ ଓ ମୂଲ୍ୟ ମଧ୍ୟରେ ସମୀକରଣ ରକ୍ଷା କରିବା। ପରବର୍ତ୍ତୀ ସମୟରେ ଚାହିଦା ଓ ସୁଯୋଗ ପରି ଦୁଇଟି ଦିଗରୁ ଏହାର ସଂଜ୍ଞା ଅନ୍ତର୍ଭୁକ୍ତ କରାଗଲା। ୧୯୯୭ ମସିହାରେ ଅନୁଷ୍ଠିତ 'ବିଶ୍ୱ ଖାଦ୍ୟ ସମ୍ମିଳନୀରେ" ପ୍ରାକୃତିକ, ସାମାଜିକ ଓ ଆର୍ଥନୀତିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ନାଗରିକଙ୍କୁ ଜୀବନକାଳବ୍ୟାପି ଶୁଦ୍ଧ, ସୁରକ୍ଷିତ ଓ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ପଦାର୍ଥ ଯୋଗାଇ ଦେଇ, ସେମାନଙ୍କୁ ସୁସ୍ଥ, ନିରାମୟ ଓ ସର୍ବଦା କର୍ମଚଞ୍ଚଳ, ଜୀବନଯାପନ କରିବାକୁ ସୁଯୋଗ ପ୍ରଦାନ କରିବା ହିଁ ଖାଦ୍ୟସୁରକ୍ଷାର ପ୍ରଧାନକାର୍ଯ୍ୟ ବୋଲି ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି।



ପାରିବାରିକ ଖାଦ୍ୟସୁରକ୍ଷା ସଂପର୍କରେ କୁହାଯାଇଛି ଯେ, ଯେତେବେଳେ ପରିବାରର ପ୍ରତ୍ୟେକ ସଦସ୍ୟ ବର୍ଷସାରା ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ସହଜରେ ପ୍ରାପ୍ତ ହୋଇ ସୁସ୍ଥ ଓ ନିରାମୟ ଜୀବନଯାପନର ସୁଯୋଗ ପାଇବେ ; ସେତେବେଳେ ପାରିବାରିକ ଖାଦ୍ୟ ସୁରକ୍ଷା ପ୍ରତି ସଠିକ୍ ରୂପେ ଧ୍ୟାନ ବୋଲି ଧରିନିଆଯିବ। ଯେଉଁମାନେ ଖାଦ୍ୟର ସୁଲଭ ପ୍ରାପ୍ତିରେ ସୁରକ୍ଷିତ ବୋଲି ପ୍ରଚାର କରାଯାଉଛି; ସେମାନେ କ୍ଷୁଧାରେ ବା ଅନାହାରରେ କାଳାତିପାତ କରିବା ଅନୁଚିତ୍ । ଖାଦ୍ୟ ଅସୁରକ୍ଷାର ଅନ୍ୟ ଅର୍ଥ ହେଲା, ସ୍ୱଚ୍ଛ ଓ ପୌଷ୍ଟିକ ଖାଦ୍ୟର ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରିବା। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସାମାଜିକ ସ୍ତରରେ ଗ୍ରହଣ ଯୋଗ୍ୟ ସମସ୍ତ ଖାଦ୍ୟ ପୋଷକତତ୍ତ୍ୱ ଯୁକ୍ତ ନୁହେଁ। ଆମେରିକୀୟ କୃଷି ବିଭାଗ (SDA) ତଥ୍ୟାନୁସାରେ, ଏମିତି

କିଛି ଖାଦ୍ୟ ଆମ ଭିତରେ ପ୍ରଚଳିତ, ଯାହା କେବଳ ଉଦର ପୋଷଣ କରେ ସତ, ମାତ୍ର ଶରୀର ଆବଶ୍ୟକ କରୁଥିବା ସବୁ ପ୍ରକାର ଜୀବସାର ଯୋଗାଇ ପାରିବାରେ ତାହା ଅସମର୍ଥ । ସେହିପରି ଦୁର୍ଭିକ୍ଷ, ସାମୁହିକ ବିପଦ, ଇନ୍ଧନର ଅଭାବ, ଆର୍ଥନୀତିକ ଅସ୍ଥିରତା ଓ ଯୁଦ୍ଧ ଭୟ ପରି ଭବିଷ୍ୟତରେ ବିଭିନ୍ନ ପ୍ରକାର ବିପରୀତ ପରିସ୍ଥିତିରେ ଖାଦ୍ୟ ଆବଣ୍ଟନର ସଂକଟପୂର୍ଣ୍ଣ ବିଶୃଙ୍ଖଳାକୁ ମୁକାବିଲା କରିବା ହେଉଛି, ଖାଦ୍ୟ ସୁରକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହିପରିପ୍ରେକ୍ଷୀରେ ୨୦୧୧-୨୦୧୩ ମସିହାରେ କରାଯାଇଥିବା ଏକ ଅନୁଶୀଳନରୁ ଜଣାଯାଏ ଯେ ବିଶ୍ୱରେ ୮୪୨୦ ଲକ୍ଷ ଲୋକ ଦୀର୍ଘକାଳ ଧରି କ୍ଷୁଧାରେ ପ୍ରପୀଡ଼ିତ ଥିଲେ । ଏହିପରି ଏକ ସମ୍ବେଦନଶୀଳ ଦୁଃସ୍ଥିତିକୁ ଅନୁଧ୍ୟାନ କରି ସମଗ୍ର ବିଶ୍ୱକୁ କ୍ଷୁଧାମୁକ୍ତ କରିବା ପାଇଁ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠିତ ସଂସ୍ଥା (FAO- Food and Agriculture Organisation) ସୁଲଭତା, ସୁଯୋଗ, ବିନିଯୋଗ ଓ ସ୍ଥିରତା ପରି ଖାଦ୍ୟସୁରକ୍ଷାର ଚାରୋଟି ମୁଖ୍ୟ ସହାୟକ ନୀତିକୁ ଘନିଷ୍ଠ ଭାବରେ ସଂଯୁକ୍ତ କଲେ । ଜାତିସଂଘ ଅନୁଭବ କଲେ ଯେ ୧୯୪୮ ମସିହାରେ ଯେଉଁ ମାନବିକ ଅଧିକାରର ଘୋଷଣା କରାଯାଇଥିଲା, ତନ୍ମଧ୍ୟରେ ଖାଦ୍ୟପ୍ରାପ୍ତିର ଅଧିକାରକୁ ସଂଯୁକ୍ତ କରିବା ଉଚିତ୍ ଏବଂ ଅନ୍ୟାନ୍ୟ ମୌଳିକ ଅଧିକାର ପରି ପ୍ରତ୍ୟେକ ମାନବ ଏହି ଖାଦ୍ୟପ୍ରାପ୍ତି ଅଧିକାରକୁ ନିଜର ମୌଳିକ ଅଧିକାର ବୋଲି ମଧ୍ୟ ଦାବୀ କରିପାରିବ । ପୁନଶ୍ଚ ବିଶ୍ୱ ଖାଦ୍ୟ ସୁରକ୍ଷା ସମ୍ମିଳନୀରେ ଘୋଷଣା କରାଗଲା ଯେ, କୌଣସି ଦେଶରେ ଖାଦ୍ୟପଦାର୍ଥ, ଆର୍ଥିକ ଚାପ ଓ ରାଜନୀତିକ ଅଭିସନ୍ଧିର ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହୃତ ହୋଇ ପାରିବ ନାହିଁ । ପ୍ରତ୍ୟେକ ଦେଶ ପାଇଁ, ତା'ର ଜନତାଙ୍କର ଉଦରପୋଷଣ କରିବା ଏକ ପ୍ରାଥମିକ କର୍ତ୍ତବ୍ୟ । ଏହି ମର୍ମରେ ଆନ୍ତର୍ଜାତୀୟ ବାଣିଜ୍ୟ ଓ ବିକାଶ କେନ୍ଦ୍ର (ICTDS) କହିଛି ଯେ "କୌଣସି ଦେଶର କୃଷିର ବ୍ୟାବସାୟିକ ବିଫଳତା ଓ କୃଷି କ୍ଷେତ୍ରରେ ଅନୁନ୍ନତ ଯନ୍ତ୍ରପାତି ଓ ବିହନର ପ୍ରୟୋଗ, ବିଶ୍ୱର ଖାଦ୍ୟ ସୁରକ୍ଷା ଓ ପୌଷ୍ଟିକ ବିକାଶର ଏକାନ୍ତ ପରିପନ୍ଥୀ । ଏସବୁର ଦୂରୀକରଣ ପାଇଁ ବିଶ୍ୱ ସ୍ତରରେ ଆନ୍ତରିକ ଉଦ୍ୟମ ଆବଶ୍ୟକ ।

## ୨.୩ ଖାଦ୍ୟସୁରକ୍ଷାର ବିଭିନ୍ନ ଅଂଶ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଖାଦ୍ୟ ସୁରକ୍ଷାର ମୁଖ୍ୟତଃ ତିନିଟି ମୁଖ୍ୟନୀତି ନିର୍ଦ୍ଧାରଣ କରିଥିଲେ । ସେଗୁଡିକ ମଧ୍ୟରେ ଖାଦ୍ୟର ସୁଲଭତା, ଖାଦ୍ୟ ପ୍ରାପ୍ତିର ସୁଯୋଗ ଓ ଖାଦ୍ୟର ସୁବିନିଯୋଗ । ପରେ ଖାଦ୍ୟ ଓ କୃଷି ସଂଗଠନ (FAO) ସ୍ଥିରତାକୁ ଖାଦ୍ୟ ସୁରକ୍ଷାର ଚତୁର୍ଥ ମୁଖ୍ୟ ନିର୍ଦ୍ଧାରିତ ନୀତି ରୂପେ ଘୋଷଣା କଲା । ୨୦୦୯ ମସିହାରେ ଉଭୟଙ୍କର ନୀତିକୁ ସମ୍ମାନ ପ୍ରଦର୍ଶନ କରି ବିଶ୍ୱ ଖାଦ୍ୟସୁରକ୍ଷା ସମ୍ମିଳନୀ ସୁଲଭତା, ଖାଦ୍ୟ ପ୍ରାପ୍ତିର ସୁଯୋଗ, ଖାଦ୍ୟର ବିନିଯୋଗ ଓ ଖାଦ୍ୟର ସ୍ଥିରତାକୁ ଚତୁର୍ବର୍ଗ ନୀତି ରୂପେ ସ୍ୱୀକାର କରିନେଲେ ।




୧) ସୁଲଭତା – ଜନସଂଖ୍ୟା ବୃଦ୍ଧି ଅପେକ୍ଷା ଖାଦ୍ୟ – ଶସ୍ୟର ଉତ୍ପାଦନ ବୃଦ୍ଧି କରିବା ବୁଦ୍ଧିମାନ୍ ନାଗରିକମାନଙ୍କର ପ୍ରାଥମିକ କର୍ତ୍ତବ୍ୟ। ଖାଦ୍ୟ ଓ କୃଷି ସଂଗଠନର ଆକଳନ ଅନୁସାରେ ୧୯୬୧ ମସିହାରୁ ଅଦ୍ୟାବଧି ମୁଣ୍ଡ ପିଛା ଖାଦ୍ୟ - ଶସ୍ୟର ଉତ୍ପାଦନ ବୃଦ୍ଧି ପାଇ ଆସୁଛି। ମାତ୍ର ଉତ୍ପାଦନ ଅନୁସାରେ ଖାଦ୍ୟ - ଶସ୍ୟର ସୁଲଭପ୍ରାପ୍ତି , ଆବଣ୍ଟନ ଓ ବିନିମୟକୁ ସଠିକ୍ ଭାବରେ ପରିଚାଳନା କରାଯାଇ ପାରୁନାହିଁ। ଖାଦ୍ୟ ଉତ୍ପାଦନ ବିଭିନ୍ନ କ୍ଷେତ୍ର ଉପରେ ନିର୍ଭରଶୀଳ। ତନ୍ମଧ୍ୟରୁ ଜମିର ମାଲିକାନାସତ୍ତ୍ୱ ଓ ଉପଯୋଗ; ମୃତ୍ତିକା ପରିଚାଳନା; ଉପଯୁକ୍ତ ଫସଲ ନିର୍ବାଚନ; ପ୍ରଜନନ ଓ ପ୍ରତିପାଳନ; ପଶୁସଂପଦର ପ୍ରଜନନ ଓ ପାଳନ; ଏବଂ ଶସ୍ୟ ଅମଳ ପରି କାର୍ଯ୍ୟଗୁଡିକ ପ୍ରମୁଖ ସ୍ଥାନ ଅଧିକାର କରେ । ଉତ୍କୃଷ୍ଟ ଶସ୍ୟ ଉତ୍ପାଦନର ମୁଖ୍ୟ ପ୍ରତିବନ୍ଧକ ରୂପେ ତାପମାତ୍ରା ବୃଦ୍ଧି ଓ ବର୍ଷାର ଅନିୟମିତତା ମୁଖ୍ୟତଃ ଦାୟୀ। ଜଳ, ଜମି ଓ ଶକ୍ତି ପରସ୍ପରର ପ୍ରତିଦ୍ୱନ୍ଦୀ ରୂପେ ଦଣ୍ଡାୟମାନ ହେଲେ ଫସଲ ଅମଳ ମଧ୍ୟ ବାଧାପ୍ରାପ୍ତ ହୁଏ। ସେହିପରି କୃଷି କ୍ଷେତ୍ରକୁ ବାସ ଉପଯୋଗୀ କରିବା, ଚାଷ ଜମିର ଲବଣତା ଓ ମୃତ୍ତିକା କ୍ଷୟ ଏବଂ ଏକ ପ୍ରକାର ଫସଲ ପୁନଃ – ପୌନଃ ଭାବରେ ନିର୍ଦ୍ଦିଷ୍ଟ ଜମିରେ କରିବା ଫଳରେ ଉତ୍ପାଦନ ହ୍ରାସ ହୋଇଥାଏ।

ଖାଦ୍ୟ ସୁରକ୍ଷାର ଲକ୍ଷ୍ୟ ସାଧନ ପାଇଁ କୌଣସି ଦେଶ ପ୍ରଚୁର ଫସଲ ଉତ୍ପାଦନ କରିବା ନିହାତି ଆବଶ୍ୟକ ନୁହେଁ। ଜାପାନ ଓ ସିଙ୍ଗାପୁର ପରି କିଛି ଦେଶ ଅଛନ୍ତି, ଯେଉଁମାନଙ୍କ ପାଖରେ ଫସଲ ଉତ୍ପାଦନ ପାଇଁ ଯଥେଷ୍ଟ ପ୍ରାକୃତିକ ସମ୍ବଳ ନାହିଁ; ତଥାପି ସେମାନେ ଖାଦ୍ୟ ସୁରକ୍ଷା ପାଇଁ ଯଥେଷ୍ଟ ସଚେତନ। ଏହିପରି ଦେଶମାନଙ୍କର ଖାଦ୍ୟ ଚାହିଦାକୁ ନିଜର ଆବଶ୍ୟକତାଠାରୁ ଅଧିକ ଫସଲ ଉତ୍ପାଦନ କରୁଥିବା ରାଷ୍ଟ୍ରମାନେ ପୂରଣ କରିଥା'ନ୍ତି। ସେଥିପାଇଁ ଦେଶୀୟ, ମହାଦେଶୀୟ ଓ ବିଶ୍ୱସ୍ତରୀୟ ସୁସମ ବଣ୍ଟନ, ଆମଦାନୀ- ରପ୍ତାନୀ ପରି ଆନ୍ତର୍ଜାତୀୟ ନୀତି ସଠିକ୍ ରୂପେ କାର୍ଯ୍ୟ କରୁଅଛି। ଏହିପରି ଧାରାବାହିକତାକୁ ଅତୁଟ ରଖିବା ପାଇଁ ପ୍ରତ୍ୟେକ ଦେଶରେ ଖାଦ୍ୟ-ଶସ୍ୟ ମହଜୁଦ୍ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା, ଉତ୍ତମ ପ୍ରକ୍ରିୟାକରଣ ଓ

ପ୍ୟାକେଜିଂ (ପୁଡିଆ ପ୍ରସ୍ତୁତି), ଦ୍ୱରିତ ପରିବହନ ଓ ବଜାର ବ୍ୟବସ୍ଥା ଥିବା ଆବଶ୍ୟକ । ଖାଦ୍ୟ-ଶସ୍ୟ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନଥିଲେ, କୃଷିକ୍ଷେତ୍ରରୁ ହିଁ ଏହାସବୁ ନଷ୍ଟ ହୋଇଯାଇ ବିଶ୍ୱ ଖାଦ୍ୟଶୃଙ୍ଖଳା (Food- Chain) କୁ ପ୍ରତିହତ କରିଥାଏ (ଓଡିଶାରେ ଏପରି ଘଟଣା ବେଶି) । ଆବଶ୍ୟକ ଜଳସେଚନ ଓ ଉତ୍ତମ ପରିବହନ ବ୍ୟବସ୍ଥାର ଅଭାବ ରହିଲେ; ସାର, ଔଷଧର ମୂଲ୍ୟବୃଦ୍ଧି ଘଟିଲେ ଜାତୀୟ ଓ ବିଶ୍ୱ ବାଣିଜ୍ୟ ବଜାରରେ ମଧ୍ୟ ଖାଦ୍ୟ-ଶସ୍ୟର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ଘଟେ । ଦେଖିବାକୁ ଗଲେ, ସମଗ୍ର ବିଶ୍ୱରେ ମାତ୍ର ଅଳ୍ପ କିଛି ଦେଶ ନିରନ୍ତର ଭାବରେ ଖାଦ୍ୟ-ଶସ୍ୟ ଅମଳ ଓ ସଂରକ୍ଷଣରେ ଆତ୍ମ ନିର୍ଭରଶୀଳ । ମାତ୍ର ଅନ୍ୟମାନେ ଖାଦ୍ୟ-ଶସ୍ୟ ପ୍ରତିବଦଳ ଓ ମୁଦ୍ରା ବିନିମୟରେ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହିପରି ଖାଦ୍ୟ-ଶସ୍ୟ ପ୍ରତିବଦଳ ଏକ ଉତ୍ତମ ବାଣିଜ୍ୟିକ ବ୍ୟବସ୍ଥା; ମାତ୍ର ଏଥିରେ ସାମାନ୍ୟ ବିଚ୍ୟୁତି ରହିଲେ ଖାଦ୍ୟ ସୁରକ୍ଷାର ମହତ୍ ଦିଗଟି ବହୁ ମାତ୍ରାରେ ପ୍ରଭାବିତ ହୋଇଥାଏ । ଆକଳନରୁ ଜଣାପଡିଛି ଯେ, ବିଶ୍ୱରେ ସମୁଦାୟ ଉତ୍ପାଦିତ ଖାଦ୍ୟ-ଶସ୍ୟ, ସମଗ୍ର ମାନବଜାତିର ଉଦର ପୋଷଣ କରି ସାରିବା ପରେ ମଧ୍ୟ ବଳକା ରହିବାର ଅନେକ ସମ୍ଭାବନା ଅଛି; ଉପଯୁକ୍ତ ଗମନାଗମନ ଓ ପରିବହନ ବ୍ୟବସ୍ଥାର ଅଭାବ ଯୋଗୁଁ ପ୍ରଚୁର ଖାଦ୍ୟ-ଶସ୍ୟ ନଷ୍ଟ ହେବା ସହିତ ବେପାରୀମାନଙ୍କର ଲାଭଖୋର ମନୋବୃତ୍ତି ଯୋଗୁଁ ଅବିଶ୍ୱସନୀୟ ମୂଲ୍ୟ ବୃଦ୍ଧି ପାଇଁ, ଅନେକ ଖାଦ୍ୟ ବିକ୍ରି ହୋଇ ନ ପାରି ନଷ୍ଟ ହୋଇ ଯାଉଅଛି । ଏହିପରି ପ୍ରତିବନ୍ଧକକୁ ରୋକାଯାଇ ପାରିଲେ ଖାଦ୍ୟ ସୁରକ୍ଷାର ମହତ ଉଦ୍ଦେଶ୍ୟଟି ସାଧିତ ହୋଇ ପାରିବ ।

**୨) ଖାଦ୍ୟର ସହଜ ପ୍ରାପ୍ତି /ସୁଯୋଗ**

ପାରିବାରିକ ଓ ବ୍ୟକ୍ତିଗତ ଭାବରେ ଖାଦ୍ୟର ଚୟନ,ପ୍ରାପ୍ତିର ସୁଯୋଗ, କ୍ରୟ କରିବାର କ୍ଷମତା, ବୃହତ ଖାଦ୍ୟ ଶସ୍ୟ ସମୂହର ଆଶଂକ ବଣ୍ଟନ ବ୍ୟବସ୍ଥାକୁ ଖାଦ୍ୟ ପ୍ରାପ୍ତିର ସୁଯୋଗ (ACCESS) ବୋଲି କୁହାଯାଏ । ଜାତି ସଂଘ ସମ୍ମିଳନୀର ସୂଚନାନୁସାରେ ସାମାଜିକ, ଆର୍ଥିକ ଓ ଖାଦ୍ୟର ସାଂସ୍କୃତିକ ଅଧିକାର ଅନୁସାରେ କ୍ଷୁଧା ବା ଅପପୁଷ୍ଟି ବିଶ୍ୱର ଅଧିକାଂଶ ଜନତାଙ୍କୁ କବଳିତ କରି ନାହିଁ ; ବରଂ ଦରିଦ୍ର ଜନତା ପ୍ରଚୁର ପରିମାଣରେ ମିଳୁଥିବା ଖାଦ୍ୟ- ଶସ୍ୟକୁ ହାତ ପାହାନ୍ତାରେ ପାଇପାରୁ ନ ଥିବାରୁ ବିଶ୍ୱରେ ଖାଦ୍ୟ ସଂକଟ ଦେଖା ଦେଉଛି । ଉତ୍ପାଦିତ ଖାଦ୍ୟ ଶସ୍ୟର ସୁବଣ୍ଟନ ଓ ସହଜ ପ୍ରାପ୍ତି ଦାରିଦ୍ର୍ୟକୁ ପ୍ରତିହତ କରିପାରିବ ଏବଂ ଅନାବଶ୍ୟକ ଭାବରେ ବୃଦ୍ଧି ପାଉଥିବା ମୂଲ୍ୟ ବୃଦ୍ଧିକୁ ମଧ୍ୟ ପଣ୍ଡ କରିଦେଇ ପାରେ । ଅନ୍ୟଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଖାଦ୍ୟ-ଶସ୍ୟ ଉତ୍ପାଦନ ପାଇଁ ଆବଶ୍ୟକ କୃଷିକ୍ଷେତ୍ର, ପ୍ରାକୃତିକ ସମ୍ବଳ ଏବଂ ପାରିବାରିକ ଆୟ ଓ କ୍ରୟ କରିବାର କ୍ଷମତାନୁସାରେ କୌଣସି ବ୍ୟକ୍ତି ବିଶେଷ ଖାଦ୍ୟ ପ୍ରାପ୍ତିର ସୁଯୋଗ ପାଇଥାଏ । ସେହିପରି ଶସ୍ୟ ଉତ୍ପାଦନକାରୀମାନଙ୍କର ଯଥେଷ୍ଟ ସମ୍ବଳ, ଉତ୍ପାଦନ କ୍ଷମତାବୃଦ୍ଧି ଓ ସଂରକ୍ଷଣ ଦକ୍ଷତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟର ସୁଲଭପ୍ରାପ୍ତି ହୋଇଥାଏ ।

ଖାଦ୍ୟପ୍ରାପ୍ତିର ଦୁଇଟି ସହଜ ଦିଗ ହେଲା: ୧) ପ୍ରତ୍ୟକ୍ଷ ପ୍ରାପ୍ତି (Direct Access), ୨) ଅର୍ଥଜନିତ ପ୍ରାପ୍ତି (Economic Access)। ପ୍ରତ୍ୟକ୍ଷପ୍ରାପ୍ତି ବା ସିଧା ସଳଖ ପ୍ରାପ୍ତିରେ ଖାଦ୍ୟଶସ୍ୟ ଉତ୍ପାଦନକାରୀ ନିଜ ଜମିରେ ଜନବଳ ଓ ଯନ୍ତ୍ରବଳ ବ୍ୟବହାର କରି ଶସ୍ୟ ଉତ୍ପାଦନ କରେ। ମାତ୍ର ଅର୍ଥଜନିତ ପ୍ରାପ୍ତିରେ ଅନ୍ୟ ଅଞ୍ଚଳରେ ଉତ୍ପାଦିତ ଖାଦ୍ୟ-ଶସ୍ୟକୁ ଅର୍ଥ ପ୍ରତିବଦଳରେ କ୍ରୟ କରାଯାଇ ଚାହିଦା ପୂରଣ କରାଯାଏ। କୌଣସି ପରିବାର ନିର୍ଭର କରୁଥିବା ଖାଦ୍ୟ ଉପରେ ସ୍ଥାନର ମଧ୍ୟ ପ୍ରଭାବ ପଡ଼ିଥାଏ। ଅର୍ଥାତ୍ ଆବଶ୍ୟକ ଖାଦ୍ୟ - ଶସ୍ୟକୁ ଉତ୍ପାଦନ କରିବାରେ ସେ ଅଞ୍ଚଳର ମାଟି ଅନୁର୍ବର ଥିଲେ ଏବଂ ଗମନାଗମନ ଓ ପରିବହନର ଅସୁବିଧା ହେତୁ ଅର୍ଥ ଖର୍ଚ୍ଚ କଲେ ମଧ୍ୟ ଖାଦ୍ୟ-ଶସ୍ୟ ମିଳିବାରେ ସମସ୍ୟା ଥିଲେ ଖାଦ୍ୟର ସହଜ ପ୍ରାପ୍ତି ଅସମ୍ଭବ। ସେହିପରି ଆୟ, ଜମି- ଜମା, ଶ୍ରମ ଓ ମଜୁରୀପ୍ରଦାନ, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ଧନ କିମ୍ବା ଦାନ ସୂତ୍ରରେ ସଂପତ୍ତି ପ୍ରାପ୍ତିରେ ସୁଯୋଗ ନଥିଲେ ମଧ୍ୟ ଭରପୂର ଉଦର ପୋଷଣ କରିବା ଅସମ୍ଭବ। ଅତଏବ ଖାଦ୍ୟ ପ୍ରାପ୍ତି ଓ କ୍ରୟ କରିବାର ପୂର୍ଣ୍ଣ ସୁଯୋଗ କେବଳ ଉତ୍ତମ ସେବା କିମ୍ବା ଅର୍ଥ ପ୍ରତିବଦଳରେ ମିଳେ ନାହିଁ। ବରଂ କୌଣସି ଦେଶର ଜନସଂଖ୍ୟା ନିୟନ୍ତ୍ରଣ, ସଂପୂର୍ଣ୍ଣ ଧନ୍ଦାମୂଳକ ଶିକ୍ଷା, ଉତ୍ପାଦନ କ୍ଷମତା ବୃଦ୍ଧି ଲିଙ୍ଗାନୁପାତିକ କର୍ମ ପ୍ରବଣତା ଓ ଆୟ ବୃଦ୍ଧି ଅନୁସାରେ ଖାଦ୍ୟ କ୍ରୟ କରିବା ଓ ପ୍ରାପ୍ତିର ପର୍ଯ୍ୟାପ୍ତ ସୁଯୋଗ ମିଳିଥାଏ। ପୁନଶ୍ଚ ମନେ ରଖିବାକୁ ହେବ ଯେ, ବହେ ଆଜେବାଜେ ଖାଦ୍ୟ ଖାଇବାର ସୁଯୋଗ ମିଳିଲେ ବା ଉତ୍ପାଦନ କରିଦେଲେ ଖାଦ୍ୟସୁରକ୍ଷାର ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ। ଉପଯୁକ୍ତ ପୋଷକତତ୍ତ୍ୱ ଯୁକ୍ତ ଫସଲ ଉତ୍ପାଦନ ଓ ସନ୍ତୁଳିତ ଆହାର- ବିହାର ଖାଦ୍ୟ ସୁରକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ପୂରଣ କରିବା ସହିତ, ସୁସ୍ଥ ମାନବ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ।

### ୩) ଉପଯୋଗ

ଖାଦ୍ୟ ସୁରକ୍ଷାର ଦ୍ୱିତୀୟ ନୀତି ହେଉଛି, ବ୍ୟକ୍ତି ବିଶେଷର ଶରୀରକୁ ସମସ୍ତ ପ୍ରକାର ଶକ୍ତି ଯୋଗାଉଥିବା ଖାଦ୍ୟର ସଠିକ୍ ଉପଯୋଗ। ଏହି ପ୍ରକାର ଶରୀର ପାଇଁ ଉପଯୋଗୀ ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇ ଉତ୍ପାଦନକାରୀ ଓ ଖାଉଟିଙ୍କ ପରିବାର ସଦସ୍ୟଙ୍କ ନିକଟରେ ପହଞ୍ଚିବା ଭିତରେ ଏହାର ମାନ ଓ ଗୁଣରେ ଅନେକ କାରଣରୁ କ୍ଷତି ହୋଇଥାଏ। ଖାଦ୍ୟ ସୁରକ୍ଷାର ଅନ୍ୟ ଏକ ଦିଗ ହେଲା, ଶରୀରର ପୁଷ୍ଟିସାଧନ ପାଇଁ ଆବଶ୍ୟକ ଖାଦ୍ୟର ଉପଯୋଗ କରିବା; ପେଟ ପୂରାଇବା ପାଇଁ ଯେ କୌଣସି ପ୍ରକାର ଖାଦ୍ୟ ଗିଳି ପକାଇଲେ ଚଳିବ ନାହିଁ। ଏମିତି କିଛି ଖାଦ୍ୟ -ଶସ୍ୟ ଅଛି; ଯାହା ଆମ ପାଇଁ ଉଦ୍ଦିଷ୍ଟ ନୁହେଁ; ମାତ୍ର ଅନ୍ୟମାନଙ୍କ ପାଇଁ ବିଶେଷ ଜରୁରୀ। ଏହି ମର୍ମରେ ଖାଦ୍ୟ ସୁରକ୍ଷାର ପ୍ରକୃତ ଅର୍ଥ ବୁଝିବାକୁ ହେଲେ, ଖାଦ୍ୟର ସଂରକ୍ଷଣ, ସଞ୍ଚୟ ଓ ବିନଷ୍ଟରୁ ରକ୍ଷା କରିବାକୁ ହିଁ ବୁଝିଥାଉଁ; ଯାହା ଉତ୍ପାଦନକାରୀ ଓ ଉପଯୋଗକାରୀଙ୍କ ମଧ୍ୟରେ ହେଉଥିବା, ପ୍ରସ୍ତୁତି, ପ୍ରକ୍ରିୟାକରଣ, ପରିବହନ ଓ ରନ୍ଧନ ବ୍ୟବସ୍ଥା ଭିତରେ ସୁରକ୍ଷିତ ହୋଇଥାଏ। ଅନେକ ସମୟରେ ଉପଭୋକ୍ତାର ପସନ୍ଦାନୁସାରେ ଖାଦ୍ୟରୁ ପୋଷକତତ୍ତ୍ୱ ମିଳିଥାଏ। କିନ୍ତୁ ଏପରି କିଛି ଖାଦ୍ୟ ଅଛି; ଯାହା ସାମାଜିକ ଓ ସାଂସ୍କୃତିକ ସ୍ତରରେ

ବ୍ୟବହାର ଯୋଗ୍ୟ । ମାତ୍ର ଶରୀରପାଇଁ ଉପଯୋଗୀ ନୁହେଁ (ଉଦାହରଣ ସ୍ୱରୂପ ଆମ୍ବ ଟାକୁଆକୁ ଖାଦ୍ୟରୂପେ ବ୍ୟବହାର କରିବା, ଛେଳିମାରି ରକ୍ତପାନ କରିବା ଇତ୍ୟାଦି) । ସେଥିପାଇଁ ସ୍ୱାସ୍ଥ୍ୟରକ୍ଷା ପାଇଁ ଉପଯୋଗୀ ଖାଦ୍ୟ ଖାଇବା ନିତ୍ୟାନ୍ତ ଆବଶ୍ୟକ । ଉଦାହରଣ ସ୍ୱରୂପ ବୃହଦାନ୍ତ୍ରରେ ଏମିତି କିଛି ଜୀବାଣୁ ଅଛନ୍ତି; ଯେଉଁମାନେ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରନ୍ତି । ଦହିରେ ସୃଷ୍ଟି ହେଉଥିବା ଜୀବାଣୁ ଓ ଆମ ପେଟ ଭିତରେ ଥିବା ଜୀବାଣୁମାନେ ପ୍ରାୟତଃ ସମଗୋତ୍ରୀୟ । ତେଣୁ ଦହି ଖାଇଲେ ଖାଦ୍ୟ ସହଜରେ ହଜମ ହୋଇଥାଏ ଏବଂ ଶରୀର ସୁସ୍ଥ ସବଳ ହୋଇଥାଏ । ମାତ୍ର ପ୍ରଦୂଷିତ ଜୀବାଣୁଯୁକ୍ତ ଖାଦ୍ୟ ଆମ ଶରୀରକୁ କ୍ଷତି ପହଁଞ୍ଚାଇଥାଏ । ସେଥିପାଇଁ ସ୍ୱାସ୍ଥ୍ୟରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତାର ଉପଯୁକ୍ତ ଶିକ୍ଷା, ଖାଦ୍ୟ- ଶସ୍ୟ ନଷ୍ଟ ନ କରିବା, ପ୍ରକୃଷ୍ଟ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟ ପ୍ରସ୍ତୁତି, ସଚେତନତା ଓ ଶରୀର ଆବଶ୍ୟକ କରୁଥିବା ପରିମାଣ ଖାଦ୍ୟ ଗ୍ରହଣ ପରି କେତେକ ନୀତି ଖାଦ୍ୟର ଉପଯୋଗିତାକୁ ସୂଚିତ କରିବା ସହିତ ଖାଦ୍ୟ ସୁରକ୍ଷାର ମହତ ଉଦ୍ଦେଶ୍ୟକୁ ସାଧିତ କରିଥାଏ ।

### ୪) ସ୍ଥିରତା

ଖାଦ୍ୟ ଅପ୍ରାପ୍ତି ଓ ଅସୁରକ୍ଷା ଦୀର୍ଘସ୍ଥାୟୀ, କ୍ଷଣସ୍ଥାୟୀ ବା ଋତୁଭିତ୍ତିକ ହୋଇପାରେ; ମାତ୍ର ଖାଦ୍ୟର ସ୍ଥିରତା କହିଲେ ସାଧାରଣତଃ ବର୍ଷତମାମ ଖାଦ୍ୟ ପ୍ରାପ୍ତିକୁ ବୁଝାଇଥାଏ । ପ୍ରାକୃତିକ ଦୁର୍ବିପାକ, ଦୁର୍ଭିକ୍ଷ, ମରୁଡି, ଶସ୍ୟହାନୀ, ସ୍ୱଳ୍ପ ଉତ୍ପାଦନ ପରି ପରିସ୍ଥିତିର ଆବଶ୍ୟକ ଖାଦ୍ୟଶସ୍ୟ ମିଳି ନଥାଏ । ସେହିପରି ପରିବହନ ସମସ୍ୟା, ଅସ୍ଥିର ବଜାର ବ୍ୟବସ୍ଥା ଓ ଯୁଦ୍ଧ ପରି ମନୁଷ୍ୟକୃତ ସମସ୍ୟା ଜନୀତ କାରଣରୁ ମଧ୍ୟ ଖାଦ୍ୟ - ଶସ୍ୟର ଅଭାବ ପରିଲକ୍ଷିତ ହୋଇଥାଏ । ଅନେକ ସମୟରେ କୃଷି ଉତ୍ପାଦନ କ୍ଷେତ୍ରରେ ଜ୍ଞାନର ଅଭାବ, ଅବିରତ ଭାବରେ ଗୋଟିଏ ଜମିରେ ଏକପ୍ରକାର ଚାଷ କରିବା, ଉତ୍ପାଦନ ପ୍ରତି ଯଥେଷ୍ଟଧ୍ୟାନ ନ ଦେବା କାରଣରୁ ମଧ୍ୟ କୃଷକମାନେ ସ୍ୱଳ୍ପ ଶସ୍ୟ ଉତ୍ପାଦନ କରିଥାନ୍ତି । ଏପରି କ୍ଷେତ୍ରରେ ଆବଶ୍ୟକ ଖାଦ୍ୟ ଶସ୍ୟର ଅଭାବ ପରିଲକ୍ଷିତ ହୋଇଥାଏ । ବର୍ଷତମାମ ଖାଦ୍ୟ- ଶସ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରି ଉପରୋକ୍ତ ସମସ୍ୟାର ମୂଳୋତ୍ପାଟନ କରି ଉତ୍ପାଦନ କରିବା ଓ ଅଧିକ ଉତ୍ପାଦିତ ଖାଦ୍ୟ- ଶସ୍ୟକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖି ଅଭାବ ପୂରଣ କରିବାକୁ ସ୍ଥିରତା ବୋଲି କହିଥା'ନ୍ତି ।

## ୨.୪ ଖାଦ୍ୟ ସୁରକ୍ଷାର ଲକ୍ଷ୍ୟ ସିଦ୍ଧି ପାଇଁ ଆହ୍ୱାନ

**ବିଶ୍ୱବ୍ୟାପି ଜଳ ସମସ୍ୟା :**

- ବିଶ୍ୱର ଶହେକୋଟି ଲୋକ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ।
- ପ୍ରତିବର୍ଷ ଜଳବାହିତ ରୋଗରେ ବିଶ୍ୱର ୩.୬ କୋଟି ଲୋକ ମରୁଛନ୍ତି ।
- ବିକାଶଶୀଳ ଦେଶମାନଙ୍କରେ ୯୮% ମୃତ୍ୟୁ ଜଳସମସ୍ୟା ଯୋଗୁଁ ଘଟୁଛି ।
- ଜଣେ ଲୋକ ମାତ୍ର ଅଳ୍ପ କେତେ ଦିନ ଜଳ ବିନା ବଞ୍ଚିପାରେ, ନ ହେଲେ ମୃତ୍ୟୁ ସୁନିଶ୍ଚିତ ।



୧) ବର୍ତ୍ତମାନ ବିଶ୍ୱରେ ସୃଷ୍ଟି ହୋଇଥିବା ଜଳାଭାବ ଅନେକ ଛୋଟ ଛୋଟ ଦେଶମାନଙ୍କ ପାଇଁ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବଡ ପ୍ରତିବନ୍ଧକ ରୂପେ ଠିଆ ହେଲାଣି । ପରେ ଏହି ସମସ୍ୟା ଭାରତ ଓ ଚୀନକୁ ମଧ୍ୟ ଗ୍ରାସ କରିବ । ଏହି ସବୁ ସମସ୍ୟାର କାରଣ ଦୁଇ ପ୍ରକାର । ପ୍ରଥମ କାରଣ ହେଉଛି ବିଶ୍ୱ ତାପମାତ୍ରାରେ ବୃଦ୍ଧି ଓ ପରିବେଶ ଅସନ୍ତୁଳନ ପାଇଁ ସ୍ୱଳ୍ପବୃଷ୍ଟି ଏବଂ ଦ୍ୱିତୀୟଟି ହେଉଛି, ବଡବଡ ପମ୍ପସେଟ୍ ଲଗାଇ ଉଠାଜଳସେଚନ ବ୍ୟବସ୍ଥା ଦ୍ୱାରା ଭୂତଳ ଜଳସ୍ତର ହ୍ରାସ । ବର୍ତ୍ତମାନ ପାକିସ୍ତାନ, ଆଫଗାନିସ୍ତାନ, ଇରାକ୍, ଇରାନ୍ ଓ ସାଉଦି ଆରବ, ଇଜିପ୍ଟ, ଆଲଜେରିଆ ମେକସିକୋ ଓ ଆରବ ପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡିକ ଏହି ରାସ୍ତାର ଯାତ୍ରୀ । ଏହି ଦେଶମାନଙ୍କରେ ଜନସଂଖ୍ୟା ବୃଦ୍ଧି ସହିତ ଜଳାଭାବ ମଧ୍ୟ ସବୁଠାରୁ ଉତ୍କଟ । ଫଳରେ ଶସ୍ୟ ଅମଳରେ ମଧ୍ୟ ହ୍ରାସତ୍ୱ ପରିଲକ୍ଷିତ ହେଲାଣି । ଏହିଧାରା ବଜାୟ ରହିଲେ ବିଶ୍ୱରେ ଖାଦ୍ୟ ଶସ୍ୟର ମୂଲ୍ୟବୃଦ୍ଧି ନିଶ୍ଚୟ ବଢ଼ିବ । ଭାରତ ଓ ଚୀନ୍ ପଛକୁ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆଫ୍‌ଗାନସ୍ଥାନ,ଆଲଜେରିଆ, ଇଜିପ୍ଟ ଓ ମେକ୍ସିକୋ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସେହିପରି ଏମାନଙ୍କର ବାର୍ଷିକ ହାରାହାରୀ ଜନସଂଖ୍ୟା ବୃଦ୍ଧିର ପରିମାଣ ୪୦ ଲକ୍ଷ । ଯଦି ଭବିଷ୍ୟତରେ ଜଳ ସମସ୍ୟା ପାଇଁ ଖାଦ୍ୟ- ଶସ୍ୟର ଉତ୍ପାଦନ ଆବଶ୍ୟକତା ଠାରୁ କମିଯାଏ ; ତେବେ ସେମାନଙ୍କ ନାଗରିକମାନଙ୍କ ସହ ସମଗ୍ର ବିଶ୍ୱର ଜନତାଙ୍କୁ ମଧ୍ୟ ଅର୍ଦ୍ଧାହାରରେ ରହିବାକୁ ପଡ଼ିବ । ତେଣୁ ବିଶ୍ୱର

ଖାଦ୍ୟ ସୁରକ୍ଷାକୁ ମଜବୁତ କରିବାକୁ ହେଲେ ଜଳ ସମସ୍ୟାର ଦୂରୀକରଣ ସବୁଠାରୁ ଜରୁରୀ ବୋଲି ମନେ କରାଯାଏ ।

### ୨) ଚାଷ ଜମିର ଉର୍ବରତା ହ୍ରାସ

ଖାଦ୍ୟ ସୁରକ୍ଷାର ସଂକଟାବସ୍ଥା ସୃଷ୍ଟି କରିବାରେ ମୁଖ୍ୟତଃ ଆବଶ୍ୟକ ଜଳର ଅଭାବ, ମୃତ୍ତିକା କ୍ଷୟ, ଜଙ୍ଗଲକ୍ଷୟ ଯୋଗୁଁ ଚାଷଜମିର ଉର୍ବରତା ହ୍ରାସ ଦାୟୀ । ଏହାର ଦ୍ୱିତୀୟ କାରଣ ହେଲା, ଗୋ- ସଂପଦାଦିର ଅବକ୍ଷୟ ଏବଂ ଜୈବିକ ଖତ ସାରର ପ୍ରୟୋଗ ହ୍ରାସ । ସବୁଠାରୁ ବିପଦ ଜନକ ତୃତୀୟ କାରଣଟି ହେଲା ଅତ୍ୟଧିକ ଅମଳ ପାଇଁ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଏବଂ ମାଟିରେ ବିଷ ପ୍ରୟୋଗ । ରାସାୟନିକ ବିଷ ପ୍ରୟୋଗ କାରଣରୁ ଜିଆ ଓ ଶୈବାଳ ପରି କେତେକ ଜୀବ ଓ ଉଦ୍ଭିଦଙ୍କ ଅକାଳ ମୃତ୍ୟୁ ହେବା ଫଳରେ ମାଟିର ଉର୍ବରତା ଦ୍ରୁତ ଭାବରେ କମିବାକୁ ଲାଗିଲାଣି । ଏକ ଆକଳନରୁ ଜଣାପଡିଛି ଯେ ବିଶ୍ୱର ପ୍ରାୟତଃ ୪୦% ଚାଷଜମି ଏହି ସବୁ କାରଣରୁ ଉର୍ବରତା ହରାଇ ବସିଲାଣି । ଭାରତର ଅବସ୍ଥା ମଧ୍ୟ ତଦ୍ରୂପ । ଜଙ୍ଗଲ କ୍ଷୟ ଯୋଗୁଁ ବର୍ଷାହାନୀ ଓ ବନ୍ୟ ପ୍ଲାବନର ଅଭାବ ଯୋଗୁଁ ଜମିରେ ଆଉ ପଟୁ ପଡୁ ନାହିଁ କି ପ୍ରାକୃତିକ ଉର୍ବରତା ଆସୁନାହିଁ । ଚରଣଭୂମିର ଅଭାବ ପାଇଁ ଗୋପାଳନ କମି ଆସିଲାଣି । ଫଳରେ ଗୋବର ଖତର ମଧ୍ୟ ପ୍ରଚୁର ଅଭାବ । କମ୍ପୋଷ୍ଟ ଖତର ବ୍ୟବହାର ପ୍ରାୟତଃ ସ୍ୱପ୍ନ । ଏହି ଅବସ୍ଥା ବଜାୟ ରହିଲେ ଭବିଷ୍ୟତରେ ଭାରତର ଚାଷ ଜମିର ଉର୍ବରକ ଅବସ୍ଥା କ'ଣ ହେବ, କହିବା ଆଶଙ୍କା ଜନକ ।

### ୩) ଜଳବାୟୁ ପରିବର୍ତ୍ତନ

ଖାଦ୍ୟସୁରକ୍ଷା ପ୍ରତି ଅନ୍ୟ ଏକ ବଡ଼ ବିପଦ ହେଲା, ଜଳବାୟୁ ପରିବର୍ତ୍ତନ । ବିଶ୍ୱର ଅବିଶ୍ୱସନୀୟ ତାପମାତ୍ରା ବୃଦ୍ଧି । ଅନିୟମିତ ବର୍ଷା ପାଇଁ ଅତ୍ୟଧିକ ବନ୍ୟା ଓ ମରୁଡି ଅବସ୍ଥା ବର୍ତ୍ତମାନ ଶସ୍ୟ ଉତ୍ପାଦନ ପାଇଁ ଏକ ପ୍ରତିକୂଳ ଅବସ୍ଥା ସୃଷ୍ଟି କରୁଛି । କ୍ରମାଗତ ଭାବେରେ ଓଜୋନ ସ୍ତରର ହ୍ରାସ, ଏଲନିନୋର ପ୍ରଭାବ ଓ ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱର ତାପମାତ୍ରା ବୃଦ୍ଧି ପାଇଲେ ପ୍ରାୟତଃ ୨୦୪୦ ମସିହା ବେଳକୁ ବିଶ୍ୱର ସବୁଠାରୁ ବର୍ଷା ବହୁଳ ଓ ଜଳସେଚିତ ଅଞ୍ଚଳ ରୂପେ ଖ୍ୟାତ ନୀଳ ଉପତ୍ୟକା ମରୁଭୂମିରେ ପରିଣତ ହେବ ବୋଲି ଆଶଙ୍କା କରାଗଲାଣି । ଏଭଳି ଅବସ୍ଥା ସୃଷ୍ଟି ହେଲେ ଭବିଷ୍ୟତରେ ଜନଜୀବନ ଚର୍ଯ୍ୟା, ଅର୍ଥନୀତି, କୃଷି ଉତ୍ପାଦନ, ପଶୁ ସଂପଦ, ବିଶ୍ୱ ବାଣିଜ୍ୟ କାରବାର ଏବଂ ସମଗ୍ର ବିଶ୍ୱର ବର୍ଦ୍ଧିତ ଭିତ୍ତିଭୂମି ସୁନିଶ୍ଚିତ ରୂପେ ପ୍ରଭାବିତ ହେବ । ଏହିପରି ସମସ୍ୟାରୁ ମୁକ୍ତି ପାଇଁ ଜଳବାୟୁକୁ ସହିଳା ପରି କୃଷି- ଉଦ୍ୟାନ ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ପାରଂମ୍ପରିକ ବୃକ୍ଷ ଓ ଫଳବୃକ୍ଷ ଲଗାଇ ଜଙ୍ଗଲ ସୃଷ୍ଟି କରି ମୃତ୍ତିକା କ୍ଷୟକୁ ହ୍ରାସ କରିବା ଜରୁରୀ ।




ଜଳବାୟୁ ପରିବର୍ତ୍ତନ କହିଲେ, ସାଧାରଣତଃ ପାଣିପାଗର ଏକ ପରିସଂଖ୍ୟାନ ଯୁକ୍ତ ଭିନ୍ନ ଭିନ୍ନ ସ୍ଥିତିକୁ ବୁଝାଇଥାଏ; ଯାହାର ଅବଧି ଏକ ଯୁଗରୁ ଆରମ୍ଭ କରି ସହସ୍ର ବର୍ଷ ପର୍ଯ୍ୟନ୍ତ ବ୍ୟାପିଥାଏ। ଏହା ବେଳେବେଳେ ଅତି ସ୍ୱଳ୍ପ ସମୟ ଭିତରେ ଅତି ସାଧାରଣ ଭାବରେ ପରିବର୍ତ୍ତିତ ହୁଏ; ପୁଣି କେତେବେଳେ ଅନେକ ବର୍ଷ ଯାଏ ସେହି ସ୍ଥିତିରେ ଗତି କରେ। ଅନେକ ସମୟରେ ଜଳବାୟୁ ପରିବର୍ତ୍ତନ ଜୀବଜଗତର ସ୍ଥିତି, ସୌର ମଣ୍ଡଳୀୟ ସ୍ଥିତିର ପରିବର୍ତ୍ତନ, ପୃଥିବୀର ଉଷ୍ଣତା ଓ ଆଦ୍ରତାର ପରିବର୍ତ୍ତନ ଓ ଆଗ୍ନେୟଗିରିର ଉଦଗୀରଣ ଉପରେ ନିର୍ଭରଶୀଳ। ବର୍ତ୍ତମାନ ସମୟରେ ମାନବ ସମାଜର ବୈଜ୍ଞାନିକ ଦୃଷ୍ଟି ଭଂଗୀ ଓ ପୃଥିବୀ ପୃଷ୍ଠରେ ଅନାବଶ୍ୟକ ପରୀକ୍ଷା-ନିରୀକ୍ଷା, ଯୁଦ୍ଧ, ପରମାଣୁ ପରୀକ୍ଷଣ ଇତ୍ୟାଦି କାରଣରୁ ମଧ୍ୟ ଜଳବାୟୁର ପରିବର୍ତ୍ତନ ଘଟୁଅଛି। ମଣିଷ ଋହିଁଲେ କୃତ୍ରିମ ଉପାୟରେ ଘଟୁଥିବା ଜଳବାୟୁ ପରିବର୍ତ୍ତନକୁ ରୋକିପାରିବ।

## ୪) କୃଷି ସମ୍ବନ୍ଧୀୟ ରୋଗ

କୃଷି ଉତ୍ପାଦନ ପାଇଁ ସ୍ଥାନାନୁସାରେ ଅପ୍ରତ୍ୟାଶିତ ଯୋଜନାର ବନ୍ଦୋବସ୍ତ ନ ଥିଲେ ଶସ୍ୟ କ୍ଷେତ୍ରରେ ରୋଗପୋକ ଲାଗିବା ଏବଂ ପଶୁ ସମ୍ପଦ ରୋଗଗ୍ରସ୍ତ ହେବା ଦ୍ୱାରା ଖାଦ୍ୟ ଉତ୍ପାଦନରେ ହ୍ରାସ ଘଟିଥାଏ। ଏହାର ମୁକାବିଲା ପାଇଁ ଆନୁବଂଶିକ ଗୁଣ ପରିର୍ତ୍ତନ ଦ୍ୱାରା ମଧ୍ୟ ଗହମ ଓ ଧାନ ପରି ଶସ୍ୟର ରୋଗ ବିରୋଧକ ଶକ୍ତି ବୃଦ୍ଧି କରାଯାଇ ଉତ୍ପାଦନ କ୍ଷମତା ପରିବର୍ଦ୍ଧିତ କରାଯାଇ ପାରୁଛି। ଏହି ପରି ଉପାୟରେ ନୂତନ ଧରଣର ଶସ୍ୟ ଉଦ୍ଭାବନ କରାଯାଇ ତା'ର ହ୍ରାସିତ ଉପାଦନ କ୍ଷମତାକୁ ରୋକା ଯାଇପାରୁଛି। ଏପରି

ଅନେକ କ୍ଷେତ୍ରରେ ଦେଶୀୟ  ଶସ୍ୟର ବୀଜକୁ ଶଙ୍କରୀକରଣ କରାଯାଇ ଅମଳ କ୍ଷମତା ବୃଦ୍ଧି କରାଯାଇ ପାରୁଛି । ପ୍ରକୃତରେ କହିବାକୁ ଗଲେ ହାଇବ୍ରିଡ୍ ବିହନ ଉତ୍ପାଦନ ଓ ଶସ୍ୟର ରୋଗପୋକ ନିୟନ୍ତ୍ରଣ ଦ୍ୱାରା ଅଧିକ ଖାଦ୍ୟ-ଶସ୍ୟ ଉତ୍ପାଦନ ହିଁ ଖାଦ୍ୟ ସୁରକ୍ଷାର ମୂଳମନ୍ତ୍ର ।

## ୨.୫ ଭାରତରେ ଖାଦ୍ୟସୁରକ୍ଷା ଜନୀତ ଆହ୍ୱାନର ଅନୁଧ୍ୟାନ

ପୂର୍ବରୁ କୁହାଯାଇଛି ଯେ ଜଣେ ଲୋକର ଜୀବନ ଧାରଣ ପାଇଁ ପ୍ରାକୃତିକ ଓ ଆର୍ଥିକ ସ୍ତରରେ ପୌଷ୍ଟିକ ଖାଦ୍ୟର ସହଜ ପ୍ରାପ୍ତି ଏକାନ୍ତ ଜରୁରୀ । ଏଥିପାଇଁ ଦୈନିକ ଦୁଇବେଳା ପେଟଭରି ପୁଷ୍ଟିସାରଯୁକ୍ତ ଖାଦ୍ୟ ପ୍ରାପ୍ତି ପ୍ରତ୍ୟେକ ଦେଶର ନାଗରିକଙ୍କର ପ୍ରାଥମିକ ଅଧିକାର । ସେହିପରି କେବଳ ଜୀବନ ବଞ୍ଚାଇବା ପାଇଁ ଖାଦ୍ୟର ଆବଶ୍ୟକତା ଯେତେ ନୁହେଁ ; ପୁରୁଷ ଓ ମହିଳା  ଉଭୟେ କର୍ମଠ, ସୁସ୍ଥ- ସବଳ ଓ ନିରୋଗ ରହିବା ସହିତ ହୃଷ୍ଟପୁଷ୍ଟ ସନ୍ତାନ ସୃଷ୍ଟି କରି ଦେଶର ମାନବ ସମ୍ବଳକୁ ମଜବୁତ୍ କରିବା ସବୁଠୁ ବେଶି ଜରୁରୀ । ଏହି ସମସ୍ୟା କେବଳ କୌଣସି ପରିବାର, ରାଜ୍ୟ ଓ ଦେଶ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ । ପ୍ରକୃତରେ ଖାଦ୍ୟ ସୁରକ୍ଷା, ଖାଦ୍ୟ- ଯୋଗାଣ ଓ ଅଧିକରୁ ଅଧିକ ଖାଦ୍ୟ – ଶସ୍ୟ ଉତ୍ପାଦନ ବର୍ତ୍ତମାନ ସମଗ୍ର ବିଶ୍ୱର ଆବଶ୍ୟକତା ମାତ୍ର । ଗବେଷକମାନଙ୍କର କହିବାନୁସାରେ କେବଳ ଗବେଷଣାଗାରରେ ଗବେଷଣା କରିଦେଲେ ଚଳିବ ନାହିଁ ; ସେଥିପାଇଁ ସାମାଜିକ ଓ ସରକାରୀ ସ୍ତରରେ ଯଥେଷ୍ଟ ସଚେତନତା ଦରକାର । ଏହି ମର୍ମରେ ୧୯୯୬ ରେ ଚେନାଇଠାରେ ଅନୁଷ୍ଠିତ ହୋଇଥିବା ଖାଦ୍ୟ ସୁରକ୍ଷା ସମିତିରେ ବିଶେଷଜ୍ଞମାନେ ମତ ଦେଇଥିଲେ ଯେ, ଭାରତରେ ଫସଲ ଉତ୍ପାଦନ ପାଇଁ ଯେଉଁ ଯେଉଁ ସୁଯୋଗ ଓ ଭିତ୍ତିଭୂମି ରହିଛି,  ତାହାକୁ ଆଧାର କରି ଶସ୍ୟ – ଉତ୍ପାଦିତ ହେଲେ ସମଗ୍ର ବିଶ୍ୱ- ଜନତାର ଉଦର ପୋଷଣ କରାଯାଇ ପାରିବ । ମାତ୍ର ସରକାରୀ ସ୍ତରରେ କିମ୍ବା କୃଷକମାନଙ୍କର ବ୍ୟକ୍ତିଗତ ସ୍ତରରେ ସେଇନିଷ୍ଠା ପରିଲକ୍ଷିତ ହେଉ ନାହିଁ । ଏକ ଆକଳନରୁ  ଜଣାଯାଇଛି ଯେ ଏକ କେଜି ସାର ପ୍ରୟୋଗ ରେ ମାତ୍ର ୧୫ କେଜି ଶସ୍ୟ ଭାରତରେ ଉତ୍ପାଦିତ ହୋଇଥାଏ; ଯାହା ଅନ୍ୟାନ୍ୟ ଦେଶ ତୁଳନା ନଗଣ୍ୟ । ଏପରି ପରିସ୍ଥିତିରେ ଭାରତର ଗରିବ ଗ୍ରାମୀଣ ଜନତାଙ୍କର ଖାଦ୍ୟଭାବ କିପରି ଦୂର କରାଯାଇ ପାରିବ, ତାହା ଏକ ସର୍ବକାଳୀନ ପ୍ରଶ୍ନବାଚୀ ।  ୨୦୧୦ ମସିହାରେ ଖାଦ୍ୟ ଓ କୃଷି ସଂସ୍ଥାନର ଆକଳନ ଅନୁସାରେ  ବିଶ୍ୱର ସମୁଦାୟ ଖାଦ୍ୟ – ଶସ୍ୟର ଆବଶ୍ୟକତା ଉତ୍ପାଦନ କ୍ଷମତା ଠାରୁ ୩୬% ଅଧିକ (ଅର୍ଥାତ୍ ଆବଶ୍ୟକତା – ୨୩୪୨ କୋଟି ଟନ୍, ଉତ୍ପାଦନ ୧୭୨୧ କୋଟି ଟନ = ଅଭାବ ୧୩୧୪ କୋଟି ଟନ୍) । ଅତଏବ୍ ଏହି ଅଭାବକୁ ପୂରଣ କରିବା ପାଇଁ କୃଷି କ୍ଷେତ୍ରରେ ଯାନ୍ତ୍ରିକ କୌଶଳ ଅବଲମ୍ବନ, ଉନ୍ନତ କିସମର ବିହନ ବ୍ୟବହାର, ଉତ୍ପାଦନ କ୍ଷମତା ବୃଦ୍ଧି କରୁଥିବା ରସାୟନିକ ସାର ପ୍ରୟୋଗ+ ଓ ଫସଲର ରୋଗପୋକ ନିୟନ୍ତ୍ରଣ କରି ଉତ୍ପାଦନ କ୍ଷମତା ବୃଦ୍ଧି କଲେ ଖାଦ୍ୟ ସୁରକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ।

ୱାସିଂଟନ୍ ସ୍ଥିତ ୱାର୍ଲଡ୍ ୱାଚ ଇନ୍‌ଷ୍ଟିଚ୍ୟୁଟ୍‌ର ଲେଷ୍ଟର ଆର-ବ୍ରାଉନ୍ ସର୍ବେକ୍ଷଣ କରି କରିଛନ୍ତି – ୨୦୩୦ ମସିହା ବେଳକୁ ବିଶ୍ୱରେ ୮୯୦ କୋଟି ଜନସଂଖ୍ୟା ପାଇଁ ମାତ୍ର ୨୨୦୦ କୋଟି ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଥିବ ; ଯାହା ୨.୭୫ କୋଟି ଆମେରିକୀୟ,୫.୫ କୋଟି ଇଟାଲୀୟ ଓ ୧୧୦ କୋଟି ଭାରତୀୟ ଉଦରପୋଷଣ ପାଇଁ ମାତ୍ର ସକ୍ଷମ ହେବ। ବିଶ୍ୱର ବାକି ଜନତାଙ୍କର ଖାଦ୍ୟାଭାବ ପୂରଣ ହେବ କିପରି, ଏହା ଏକ ପ୍ରଶ୍ନବାଚୀ। ସେ ପୁଣି କହିଛନ୍ତି,ନାଗରିକ ମାନଙ୍କର ଆର୍ଥିକ ସ୍ଥିତିର ଦୃଢ଼ତା ଓ କ୍ରୟ କ୍ଷମତାର ବୃଦ୍ଧି ଯୋଗୁଁ ଏହି ସମସ୍ୟା ଉପୁଜିବ ; ଯାହାର ସିଧାସଳଖ କ୍ଷତି ସହିବେ ଆର୍ଥିକ ଅନଗ୍ରସର ଗ୍ରାମୀଣ ଜନତା ଅନ୍ୟପକ୍ଷରେ ଦେଖିବାକୁ ଗଲେ ଭାରତରେ ସତୁରୀ ଦଶକ ବେଳକୁ ମୁଣ୍ଡପିଛା ଆୟର ବାର୍ଷିକ ୧୨.୯% ଗହମ କିଣାରେ ଖର୍ଚ୍ଚ ହେଉ ଥିଲା,ଯାହା ଅଶୀ ଦଶକ ବେଳକୁ ମାତ୍ର ୭% ଖସି ଆସିଥିଲା । ଏହି ମର୍ମରେ ଅକଳନ କଲେ । ମୁଣ୍ଡପିଛା ଖାଦ୍ୟ ଶସ୍ୟର ଆବଶ୍ୟକତା ଦିନୁ ଦିନ କମିବାରେ ଲାଗିଥିବା ବେଳେ ଉତ୍ପାଦନ କ୍ଷମତା ବଢିବାରେ ଲାଗିଛି। ତେବେ ପ୍ରକୃତରେ ଖାଦ୍ୟାଭାବରେ କାରଣ କ'ଣ ? ପ୍ରକୃତ କାରଣ ହେଲା ଭାରତରେ ୩୦ ରୁ ୪୦% ଲୋକଙ୍କର କ୍ରୟ କରିବାର କ୍ଷମତା ନାହିଁ। ଫଳରେ ଅର୍ଥାଭାବରୁ କ୍ଷୁଧା ବଢିବାରେ ଲାଗିଛି । ଏହି ଆଧାରରେ ଜାତି ସଂଘର ଉନ୍ନୟନ ଯୋଜନାର ସର୍ବଶେଷ ମତ ହେଲା: "ବିଶ୍ୱର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନଙ୍କର ସଚେତନତା ମୂଳକ ପଦକ୍ଷେପ ଓ ପ୍ରତ୍ୟେକ ଦେଶର ସରକାରଙ୍କ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସତ୍ତ୍ୱେ ବି ବିଶ୍ୱରେ ଧନୀ ଓ ଗରିବ ମାନଙ୍କ ମଧ୍ୟରେ ଥିବା ଦୁଇଟି ବିପରୀତ ଭାବଗତ ସଂଘର୍ଷ ଖାଦ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ। ଏହି ଭାବଗତ ବିଭେଦର ଦୂରତା ଯେତେ ହ୍ରାସ ପାଇବ,ଭାରତରେ ଖାଦ୍ୟ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସଫଳ ହେବ । ଦ୍ୱିତୀୟରେ ଯେଉଁମାନେ ଆର୍ଥିକ ସୀମାରେଖା ତଳେ ଅଛନ୍ତି; ସେମାନେ ସରକାରୀ ସ୍ତରରୁ ମିଳୁଥିବା ଆର୍ଥିକ ପ୍ରୋତ୍ସାହନ,ଶିକ୍ଷା,ସ୍ୱାସ୍ଥ୍ୟ,ଗୃହ, ପଶୁପାଳନ ଓ କୃଷିଯୋଜନାର ଉଦ୍ଦିଷ୍ଟ ଲାଭ ହାସଲ କରି ନିଜର ଆର୍ଥିକ ସ୍ଥିତିକୁ ମଜବୁତ୍ କରିପାରିଲେ ଏହି ସମସ୍ୟାର ବିଲୋପ ସମ୍ଭବ ହେବ ।

## ୨.୫.୧ ଗ୍ରାମୀଣ ବିକାଶ ଓ କୃଷିର ଉନ୍ନତି ପାଇଁ ନିରନ୍ତର ପ୍ରୋତ୍ସାହନ

ଭାରତ ଏକ କୃଷି ପ୍ରଧାନ ଦେଶ । ଏହାର ସାମଗ୍ରୀକ ବିକାଶ ରେ କୃଷିର ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଦକ୍ଷତା ବିକାଶ,ଯାନ୍ତ୍ରିକ କୌଶଳର ରୂପାନ୍ତରଣ,କ୍ରୟ-ବିକ୍ରୟ,ଶିକ୍ଷା- ସ୍ୱାସ୍ଥ୍ୟ, ଶକ୍ତି,ଜଳର ଉପଯୋଗ, ପ୍ରାକୃତିକ ସଂପଦାବଳୀର ସଦୁପଯୋଗ,ଦାରିଦ୍ର୍ୟ ଦୂରୀକରଣ ଓ ନିରନ୍ତର ଅଭିବୃଦ୍ଧି ସହିତ କୃଷି ସିଧା ସଳଖ ଭାବରେ ଜଡିତ । କୃଷିର ଅଭିବୃଦ୍ଧିରେ ହ୍ରାସ ଘଟିଲେ ଭାରତର ଅନ୍ୟାନ୍ୟ ଉନ୍ନୟନମୂଳକ କ୍ଷେତ୍ର ଗୁଡିକରେ ମାନ୍ଦାବସ୍ଥା ପରିଲକ୍ଷିତ ହୁଏ। ଭାରତରେ କୃଷିର ଉନ୍ନତି, ଗୋଟିଏ ଏକକ ଯୋଜନା ନୁହେଁ। ଏହା ଜମି,ଜଳ, ଜଳବାୟୁ ଓ ଜୈବ ବିବିଧତା ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହା ମଧ୍ୟରୁ କୌଣସି ଗୋଟିଏ ପ୍ରାକୃତିକ ସମ୍ବଳର ପ୍ରଭାବ ପରିଲିକ୍ଷିତ ହେଲେ ଯୋଜନାଭୁକ୍ତ ଅମଳ ଲକ୍ଷ୍ୟ ପଣ୍ଡ ହୋଇଯିବ । ତେଣୁ କୃଷିର ସର୍ବାଙ୍ଗୀନ

ଉନ୍ନତି ଓ ଲକ୍ଷ ମୁତାବକ ଅମଳ ପାଇବାପାଇଁ ଚାଷ ଜମିର ପରିଚାଳନା,ଜଳ ଅମଳ ଓ ଉପଯୋଗ,ଜୈବିକ ପରିବେଶର ସଂରକ୍ଷଣ ଓ ପରିବେଶର ସନ୍ତୁଳନ ରକ୍ଷା କରିବା ଆମର ପ୍ରାଥମିକ କର୍ତ୍ତବ୍ୟ ।

**ଗ୍ରାମୀଣ ବିକାଶ ଓ କୃଷିର ଉନ୍ନିତ କେତେକ ଉପଯୋଗୀ ତଥ୍ୟ –**

- ଗରୀବ ଓ ସ୍ଥାନୀୟ ଜନତାଙ୍କୁ ଜଳ, ଜମି ଓ ପ୍ରାକୃତିକ ସଂପଦର ବଂଶାନୁକ୍ରମିକ ଅଧିକାର ପ୍ରଦାନ କରି ଉନ୍ନତ କୃଷି ପ୍ରଣାଳୀ ଆପଣେଇବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ ।
- ଜଳ ଓ ଜମି ପାଇଁ ପ୍ରସ୍ତୁତ ଯୋଜନାର ପରିଚାଳନା, ଜୈବ ବିବିଧତାର ସୁରକ୍ଷା, ଭିତ୍ତିଭୂମିର ବିକାଶ, ବଜାର ବ୍ୟବସ୍ଥାର ନୀତି ନିର୍ଦ୍ଧାରଣ, ଉତ୍ପାଦିତ ଦ୍ରବ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣ, ସମ୍ଭାବ୍ୟ ଉତ୍ପାଦିତ ଦ୍ରବ୍ୟର ପର୍ଯ୍ୟାୟ କ୍ରମିକ ରପ୍ତାନୀ ଓ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କୃଷିର ନିରନ୍ତର ଉନ୍ନତି ସମ୍ଭବ।
- କୃଷି ପାଇଁ ଉପଯୁକ୍ତ ଜଳବାୟୁ ଥିବା ଅଂଚଳ ମାନଙ୍କରେ ନିର୍ଦ୍ଧାରିତ ଫସଲ ଚୟନ କରି ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଉଚିତ।
- ସମ୍ମନ୍ୱିତ ଗ୍ରାମୀ ଉନ୍ନୟନ ବ୍ୟବସ୍ଥାର ପ୍ରଯୁଜ୍ୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ଆଞ୍ଚଳିକ ଓ ଜାତୀୟ ସ୍ତରରେ ଦକ୍ଷତା ବିକାଶ, ମାନବ ସମ୍ବଳର ବିକାଶ,ଔଦ୍ୟୋଗିକ ବିକାଶ, ସାମାଜିକ ଓ ଆର୍ଥିକ ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଦରକାର।
- ଗ୍ରାମୀଣ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ ଜରିଆରେ କୃଷି ଋଣ ଯୋଜନାର ପ୍ରଚଳନ କରି ଗ୍ରାମୀଣ ଯୁବଚାଷୀ ମାନଙ୍କର ଭବିଷ୍ୟତକୁ ସୁଦୃଢ କରିବା ସହିତ ଭବିଷ୍ୟତର ଉନ୍ନତ କୃଷି ପ୍ରଣାଳୀ, ଭିତ୍ତିଭୂମି ଓ ଯୋଜନା ସହିତ ସଂଯୋଗୀକରଣ ଆବଶ୍ୟକ।
- ଭାରତର ପ୍ରାୟ ୭୦% କୃଷକ, କ୍ଷୁଦ୍ରଚାଷୀ । ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି କାରଣରୁ ଫସଲ ହାନୀ ଘଟିଲେ, ଏମାନେ ମାନସିକ ସ୍ତରରେ ଭାଙ୍ଗି ପଡୁଛନ୍ତି ଏବଂ କେତେକ ଆତ୍ମହତ୍ୟା କରୁଛନ୍ତି ମଧ୍ୟ । ତେଣୁ ସେମାନଙ୍କ ନିଜର ଓ ଫସଲର ସୁରକ୍ଷା ପାଇଁ ଜାତୀୟ ସ୍ତରରେ ବୀମା ଯୋଜନା (କୃଷି ବୀମା ଯୋଜନାର ପ୍ରଚଳନ ଅଛି) ମାଧ୍ୟମରେ ସେମାନଙ୍କର ନୈତିକ ସାହସ ବଢାଇବା ଉଚିତ୍।
- ପାରିବାରିକ ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଜନତାଙ୍କ କ୍ରୟ କ୍ଷମତା ବୃଦ୍ଧି , କ୍ଷିପ୍ର ଆର୍ଥିକ ଅଭିବୃଦ୍ଧି, ଗ୍ରାମୀଣ ରୋଜଗାର ଯୋଜନା ଓ ଖାଦ୍ୟ – ଶସ୍ୟର ମୁକ୍ତ ବାଣିଜ୍ୟ ବୃଦ୍ଧି ପାଇଁ ଖାଦ୍ୟ-ଶସ୍ୟର ଦ୍ରୁତ ଉତ୍ପାଦନ ବୃଦ୍ଧି ଉପରେ ଦୃଷ୍ଟି ଆବଦ୍ଧ କରିବା ଦରକାର।

- ଜାତୀୟ ଓ ଆଞ୍ଚଳିକ ସ୍ତରରେ ଏବଂ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଖାଦ୍ୟ- ଶସ୍ୟର ସାମୁହିକ ଶୋଦ୍ଧନ, ପ୍ରକ୍ରିୟାକରଣ କରବା ସହିତ ଉନ୍ନତ ଜ୍ଞାନ-କୌଶଳର ପ୍ରୟୋଗ ପାଇଁ ସମ୍ମିଳିତ ସହଯୋଗର ବିକାଶ ଘଟାଇବା ଜରୁରୀ ।
- ସମୟୋପଯୋଗୀ କୃଷି ସୂଚନା ଓ ତଥ୍ୟର ପରିବେଷଣ କେବଳ କୃଷିର ଉନ୍ନତି କରେ ନାହିଁ ; ସମୟକ୍ରମେ ଏହା କୃଷକର ଦକ୍ଷତା ବିକାଶ କରାଇ, ଉନ୍ନତ ମାନର ବିହନ ବ୍ୟବହାର, ଜଳର ସଠିକ ଉପଯୋଗ ଓ ଅମଳ, ବଜାର ବ୍ୟବସ୍ଥା ଓ ବିକ୍ରୟ ସଂପର୍କୀୟ ଜ୍ଞାନ ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଥାଏ ।
- ମୋଟ ଉପରେ କହିବାକୁ ଗଲେ , ଭାରତରେ ଖାଦ୍ୟ ସୁରକ୍ଷାର ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଗ୍ରାମୀଣ ବ୍ୟବସ୍ଥାର ଉନ୍ନତି ମୂଳରେ ଦୁଇଟି କାରଣ ବିଦ୍ୟମାନ - (୧) ଯାନ୍ତ୍ରିକ କୌଶଳ (କୃଷି କ୍ଷେତ୍ରରେ ନୂତନ କୌଶଳ ପ୍ରୟୋଗ , ବହୁ ଅମଳପାଇଁ କ୍ଷେତ୍ର ପ୍ରସ୍ତୁତି, ପରିବେଶଗତ ଜ୍ଞାନ ଆଧାରରେ ଉତ୍ପାଦନ ବୃଦ୍ଧି) ଏବଂ ଦ୍ୱିତୀୟଟି ହେଲା- (୨) ରାଜନୈତିକ ଇଚ୍ଛାଶକ୍ତି (ଗ୍ରାମୀଣ ବିକାଶ) ଓ କୃଷିର ଉନ୍ନତି ପାଇଁ ରାଜନୈତିକ ସ୍ତରରେ ଆନ୍ତରିକ ଉଦ୍ୟମ)



## ୨.୫.୨ ସମବଣ୍ଟନ ଓ ପ୍ରାପ୍ତି ପାଇଁ ପ୍ରୋତ୍ସାହନ

ସ୍ୱାଭିମାନ ସହ ବଞ୍ଚିବା ପାଇଁ ପ୍ରତ୍ୟେକ ଦେଶ ତା'ର ନାଗରିକ ମାନଙ୍କ ପାଇଁ ଖାଦ୍ୟ, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟପରି କୋଟୋଟି ସର୍ବନିମ୍ନ ଆବଶ୍ୟକତା ଯୋଗାଇ ଦେବା ଦରକାର । ଏହା ଏକ ନାଗରିକ ଅଧିକାର । ୧୯୮୦-୯୦ ମସିହା ବେଳକୁ ପ୍ରତ୍ୟେକ ନିରନ୍ନ ଜନତାଙ୍କୁ ଖାଦ୍ୟ ଯୋଗାଇବା ଭାରତ ପରି ଏକ ବିକାଶୋନ୍ମୁଖୀ ଦେଶ ପାଇଁ ଏକ ଆହ୍ୱାନ ରୂପେ ବିବେଚନା କରାଯାଉଥିଲା । ମାତ୍ର ଚଳିତ ଶତାବ୍ଦୀରେ ଖାଦ୍ୟପାଇଁ ଆର୍ଥିକ ଓ ପରିବେଶ ଗତ ଅଧିକାର ସବୁଠାରୁ ବଡ ସମସ୍ୟା । ଏହି ସମସ୍ୟା ସମାଧାନ ପାଇଁ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି, ତନ୍ମଧ୍ୟରୁ –

- ସାମୟିକ ଭାବରେ ରାସାୟନିକ ଓ ଯାନ୍ତ୍ରିକ କୌଶଳ ଯୁକ୍ତ ଚାଷକାର୍ଯ୍ୟର ପରିବର୍ତ୍ତନ କରି ପରିବେଶାନୁକୂଳ କୃଷି କୌଶଳ ଅବଲମ୍ବନ ଦ୍ୱାରା ଖାଦ୍ୟ – ଶସ୍ୟ ଉତ୍ପନ କରିବା ।
- ପରିବେଶାନୁକୂଳ କୃଷି ପଦ୍ଧତି କହିଲେ –ସାଧାରଣତଃ ମାଟିର ଉର୍ବରତା ରକ୍ଷା କରିବା, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା, ଜଳ ସଂରକ୍ଷଣ ଓ ତାର ସଠିକ୍ ପରିଚାଳନାଗତ ଉପଯୋଗକୁ ବୁଝାଇଥାଏ । ଏହାର ଅନ୍ୟ ଏକ ଦିଗ ହେଲା ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରକ୍ଷା- ଯାହା ଗ୍ରାମୀଣ ଜନତାଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ପରିଷ୍କାର ପରିଚ୍ଛନ୍ନତା ଓ ଅନୁକୂଳ ପରିବେଶ ଭିତରେ ଜୀବିକା ନିର୍ବାହ ପଦ୍ଧତିକୁ ବୁଝାଇଥାଏ ।
- ବହୁମୁଖୀ ରୋଜଗାର ଯୋଜନା ମାଧ୍ୟମରେ ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ଉନ୍ନତିପାଇଁ ପ୍ରୋତ୍ସାହିତ କରିବା ।
- ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ବ୍ୟବସ୍ଥା ଉପରେ ଅଧିକ ଲାଭ ପାଇଁ ନିର୍ଭର ନ କରି, ପରିବହନ ଖର୍ଚ୍ଚ କମ୍ କରିବା ପାଇଁ ସ୍ଥାନୀୟ ବଜାର ଉପରେ ନିର୍ଭରଶୀଳ ହେଲେ ଉତ୍ପାଦିତ ଖାଦ୍ୟ - ଶସ୍ୟର ମୂଲ୍ୟ କମ୍ ହୋଇଥାଏ; ଯାହାଦ୍ୱାରା ସାଧାରଣ ଜନତା ମଧ୍ୟ କ୍ରୟ କରିପାରିବ । ଦ୍ୱିତୀୟରେ ଯେଉଁଠାରେ ଖାଦ୍ୟ-ଶସ୍ୟ ଉତ୍ପାଦିତ ହେଉଛି, ସେହି ଅଞ୍ଚଳର ଜନତାଙ୍କୁ ସୁଲଭ ମୂଲ୍ୟରେ ବିକ୍ରି କଲେ ସମସ୍ତଙ୍କ ପାଇଁ ଖାଦ୍ୟ- ଦ୍ରବ୍ୟର ସହଜପ୍ରାପ୍ତି ହୋଇଥାଏ ।

  ପ୍ରତ୍ୟେକ ଗ୍ରାମରେ, ପଞ୍ଚାୟତ ସ୍ତରରେ ଶସ୍ୟ ଭଣ୍ଡାର ଖୋଲାଯାଇ ଖାଦ୍ୟ-ଶସ୍ୟ ସଂରକ୍ଷିତ କରି ଆବଶ୍ୟକ ସମୟରେ ଲୋକଙ୍କୁ ଯୋଗାଇବା ଦ୍ୱାରା ପରିବହନ ଖର୍ଚ୍ଚକାଟ ମଧ୍ୟ କରାଯାଇ ପାରନ୍ତା ।
- ଅଧିକ ଖର୍ଚ୍ଚ ଓ ପ୍ରଭାବହୀନ ଚାଷପ୍ରଣାଳୀ ପରିଚାଳନା ବ୍ୟବସ୍ଥା, ସଂରକ୍ଷଣ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥାକୁ ପରିତ୍ୟାଗ କରି ସ୍ୱଳ୍ପ ଖର୍ଚ୍ଚଯୁକ୍ତ ଉନ୍ନତ କୃଷି ବ୍ୟବସ୍ଥା ଓ ଖାଦ୍ୟ ଶସ୍ୟର ଉତ୍ତମ ପରିଚାଳନା

ଦ୍ୱାରା ସଂରକ୍ଷଣ, ପ୍ରକ୍ରିୟାକରଣ ଓ ପରିବହନ ଖର୍ଚ୍ଚ କମ୍ କରିପାରିଲେ ଖାଦ୍ୟ-ଶସ୍ୟର ମୂଲ୍ୟ କମ୍ ହେବ ଏବଂ ନିମ୍ନ ଆୟବର୍ଗ ଜନତା ମଧ୍ୟ କିଣି ପାରିବେ ।

## ୨.୫.୩ ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷାର ପ୍ରତିଶ୍ରୁତି

ଖାଦ୍ୟସୁରକ୍ଷା ବା ଖାଦ୍ୟ ନିରାପତ୍ତା ଏକ ପ୍ରାକୃତିକ,ଆର୍ଥିକ ଓ ସାମାଜିକ ସମସ୍ୟା । ଏହା ଉତ୍ପାଦନ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନୁହେଁ; ଏହା ଖାଦ୍ୟଶସ୍ୟର ପ୍ରକ୍ରିୟାକରଣ, ଯୋଜନାବଦ୍ଧ ବଣ୍ଟନ ଓ ପରିବହନ, ଗ୍ରାମୀଣ ଓ ସହରର ଚାହିଦା ମୁତାବକ ଉପଯୋଗ, ସଠିକ୍ ଗୁଣବତ୍ତାନୁଯାୟୀ ଖାଦ୍ୟ ଚୟନ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହାର ସୁଲଭ ପ୍ରାପ୍ତି ତଥା ଖାଦ୍ୟର ଏକ ଦାନା ନଷ୍ଟ ନ କରିବା ପରି ମାନସିକତା ଉପରେ ବିଶେଷରୂପେ ନିର୍ଭରଶୀଳ ।

- ଖାଦ୍ୟ ସୁରକ୍ଷାର ବାସ୍ତବ ଦିଗ ସେତେବେଳେ ସଂପୂର୍ଣ୍ଣ ହେବ, ଯେତେବେଳେ ଏହାର ସଚେତନତା ସଂପର୍କରେ ବହୁଳ ପ୍ରଚାର ହେବା ସହିତ ପ୍ରତ୍ୟେକ ନାଗରିକମାନଙ୍କର ଆର୍ଥିକ ଓ ପାରିବେଶିକ ବାସ୍ତବତା ପ୍ରତି ସଜାଗ ରହି ପୌଷ୍ଟିକ ଖାଦ୍ୟର ବନ୍ଦୋବସ୍ତ କରାଇବା ଏବଂ ଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ପରିବେଶ ଭିତରେ ଉନ୍ନତମାନର ଜୀବନ ଧାରଣ କରିବା ପାଇଁ ସୁଯୋଗ ପ୍ରଦାନ କରାଯିବ ।

- ଖାଦ୍ୟ ସୁରକ୍ଷା ପରି ସମସ୍ୟା ଏକ ବିଶ୍ୱସ୍ତରୀୟ ସମସ୍ୟା । ଏହି ସମସ୍ୟା ପାଇଁ କେବଳ ଜନସଂଖ୍ୟା ବୃଦ୍ଧି ଏକ କାରଣ ନୁହେଁ; ଉର୍ବର ଜମି ଓ ଜଳ ସଂକଟ ଖାଦ୍ୟ ସମସ୍ୟା ସହିତ ସିଧାସଳଖ ଭାବରେ ଜଡ଼ିତ । କ୍ରମାଗତ ଭାବରେ ଚାଷ ଜମିର ଉର୍ବରତା ହ୍ରାସ ଏବଂ ବିଶ୍ୱତାପାୟନ ଯୋଗୁଁ ବର୍ଷାଭାବ ଓ ଜଳ ସମସ୍ୟା ବର୍ତ୍ତମାନ କୃଷି ଉତ୍ପାଦନରେ ବାଧା ସୃଷ୍ଟି କଲାଣି । ତଥାପି ସମଗ୍ର ବିଶ୍ୱରେ ଯେତିକି ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି, ତା'ର ସମାନ୍ତରାଳ ବଣ୍ଟନ, ପରିବହନ ଓ ବାଣିଜ୍ୟବ୍ୟବସ୍ଥା ସଠିକ୍ ଭାବରେ କରାଯାଇ ପାରିଲେ, ବିଶ୍ୱର ଖାଦ୍ୟ ସମସ୍ୟାର ସମାଧାନ ସହଜ ହେବ ।

- ସବୁଠାରୁ ବଡ ସମସ୍ୟା ହେଲା ଯେ ଅତିରିକ୍ତ ଖାଦ୍ୟଶସ୍ୟ ଅମଳ ପାଇଁ ବ୍ୟବହୃତ ପ୍ରାକୃତିକ ସମ୍ପଦର ସୁରକ୍ଷାରେ କୋହଳ ମନୋଭାବ ପୋଷଣ ଏବଂ ଏହାର କ୍ରମାଗତ ହ୍ରାସ । ଯାହାର ଫଳସ୍ୱରୂପ ପରିବେଶ ଅନୁକୂଳ ଖାଦ୍ୟ, ଯାହା ପ୍ରକୃତିଠାରୁ ମିଳୁଥିଲା, ତା'ର ଖାଦ୍ୟଗୁଣ ଓ ପୌଷ୍ଟିକ ତତ୍ତ୍ୱର ହ୍ରାସ ହେବା ଯୋଗୁଁ ମାନବ ସମାଜ ଶାରୀରିକ ଓ ମାନସିକ ସ୍ତରରେ କ୍ରମଶଃ ଦୁର୍ବଳ ହେବାକୁ ବସିଲେଣି ।

- ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଉପରେ ସର୍ବଦା ନିର୍ଭରଶୀଳ ନ ରହି, ବହୁପ୍ରକାର ଖାଦ୍ୟ ଉପରେ ନିର୍ଭରଶୀଳ ହୋଇ ଜୀବନ ଯାପନ କଲେ, ଖାଦ୍ୟସୁରକ୍ଷାର ଦିଗ ସୁଗମ ହେବ ।

- ପୌଷ୍ଟିକ ଖାଦ୍ୟ ପାଇବା ପାଇଁ ଫଳ ଓ ପନିପରିବା ଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ଅଣ୍ଡା, ମାଛ, ମାଂସ ଉତ୍ପାଦନ, ମକା- ବାଜରା- ଯୁଆର ଓ ମାଣ୍ଡିଆ ଉତ୍ପାଦନ, ଡାଲି ଓ ଚିନାବାଦାମ ଉତ୍ପାଦନ ପରି ଖାଦ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦେଲେ ଶସ୍ୟ- ଜାତୀୟ ଖାଦ୍ୟର ଚାହିଦା କମିବ।

- ଖାଦ୍ୟ ପାଇଁ କେବଳ ବଜାର ଉପରେ ନିର୍ଭରଶୀଳ ନ ହୋଇ, କିଛି ପରିମାଣରେ ନିଜେ ଉତ୍ପାଦନ କରିବା ଉଚିତ୍।

- କୃଷି ଯନ୍ତ୍ରପାତିର ବିକାଶ, ଉନ୍ନତ କୃଷି ପ୍ରଣାଳୀ ଓ କୃଷକଙ୍କର ଦକ୍ଷତା ବୃଦ୍ଧି ଦ୍ୱାରା ଖାଦ୍ୟ ସମସ୍ୟା ଦୂର କରାଯାଇ ପାରିବ। ଏକବିଂଶ ଶତକର ପ୍ରତ୍ୟେକ ଗ୍ରାମାଞ୍ଚଳର ଜନତାଙ୍କ ପାଇଁ ଏହା ଏକ ଶିକ୍ଷା। ପାରମ୍ପରିକ କୃଷି ପ୍ରଣାଳୀ ଆଧୁନିକ ଯୁଗପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ। ଅଧିକ ଅମଳ ପାଇଁ ନିଜେ ଦକ୍ଷ ହେବା ଏବଂ ଅନ୍ୟକୁ ପ୍ରବର୍ତ୍ତାଇବା ଦ୍ୱାରା କୃଷିର ଉନ୍ନତି ମଧ୍ୟ ସମ୍ଭବ। ଯେପରି ଢିପ ଓ ଅବ୍ୟବହୃତ ଚାଷ ଜମିରେ କି ପ୍ରକାର ଚାଷ କରାଯାଇ ପାରିବ ଏବଂ ତାକୁ ଋତୁ ଅନୁଯାୟୀ ଉପଯୋଗ କରି ଶସ୍ୟ ଅମଳ କରାଯଇ ପାରିବ ଏସଂପର୍କରେ ଶିକ୍ଷାଲାଭ କରିବା ଯେତିକି ଜରୁରୀ ଅନ୍ୟକୁ ଶିକ୍ଷାଦେବା ମଧ୍ୟ ଅତ୍ୟଧିକ ଆବଶ୍ୟକତା । ଏହାଦ୍ୱାରା କୃଷକମାନଙ୍କ ଭିତରେ ସମନ୍ୱୟ ରକ୍ଷା ହେବା ସହିତ ଗ୍ରାମୀଣ କୃଷିରେ ଉନ୍ନତି ଆସି ପାରିବ।

- ଗ୍ରାମୀଣ ଜୀବନ ଧାରାକୁ ବିପର୍ଯ୍ୟସ୍ତ ହେବାରୁ ରକ୍ଷା କରିବାକୁ ହେଲେ କୃଷିର ଅଭିବୃଦ୍ଧି ନିତ୍ୟାନ୍ତ ଆବଶ୍ୟକ।

- ଗ୍ରାମୀଣ ଜନତାକୁ (ବିଶେଷତଃ ମହିଳା ଓ ଝିଅମାନଙ୍କୁ) ଶିକ୍ଷା ଓ ସଚେତନ ମାଧ୍ୟମରେ ସକ୍ଷମ କରାଯାଇ ପାରିଲେ ଗ୍ରାମାଞ୍ଚଳକୁ ଦାରିଦ୍ର୍ୟ ହ୍ରାସ ପାଇବା ସୁନିଶ୍ଚିତ। ସେଥିପାଇଁ ପ୍ରସାର ଓ ସଂପ୍ରସାରଣ ଅଧିକୃତ କାର୍ଯ୍ୟକ୍ରମ କରିବା ଆବଶ୍ୟକ।

- ଗ୍ରାମାଞ୍ଚଳରେ କୃଷିର ଉନ୍ନତି ଓ ଅଧିକ ଅମଳ ପାଇଁ ପ୍ରତ୍ୟେକ ଜନତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷିତ କରାଇବା ଆବଶ୍ୟକ।

- ସହଭାଗିତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଫାର୍ମ ମାଲିକ ଓ କୃଷକମାନେ ନିଜର ଜ୍ଞାନ କୌଶଳ ପ୍ରୟୋଗ କରି କୃଷିର ଉନ୍ନତି ଆଣି ପାରିବେ। ଆଜିର ଶିକ୍ଷାନୁଷ୍ଠାନମାନଙ୍କ ପରି ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ (ପିପିପିମୋଡ଼)ରେ କୃଷି କାର୍ଯ୍ୟ କରାଯାଇ ପାରିବ ।

- କୃଷିର ଅଧିକ ଉନ୍ନତି ପାଇଁ କୃଷକ ମାନେ କୃଷି ଗବେଷଣା କେନ୍ଦ୍ର, କୃଷି ପ୍ରଶିକ୍ଷଣ କେନ୍ଦ୍ର, ବିହନ ଉତ୍ପାଦନ କେନ୍ଦ୍ର, ଓ କୃଷି ପ୍ରଦର୍ଶନୀ କେନ୍ଦ୍ର ସହିତ ଯୋଗାଯୋଗ ରଖିବା ଉଚିତ ।

- ଯୁବକ, ମହିଳା ଓ କୃଷକ ମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି କୃଷିର ନୂତନ କୌଶଳ ସହିତ ସେମାନଙ୍କୁ ପରିଚିତ କରାଇ, ସେମାନଙ୍କୁ ଅଧିକ ଶସ୍ୟ ଉତ୍ପାଦନ କରିବାକୁ ସୁଦକ୍ଷ କରିପାରିଲେ ଖାଦ୍ୟ ସମସ୍ୟା ଦୂର ହୋଇପାରିବ ।

## ୨.୫.୪ ବିଜ୍ଞାନ, କୃଷିଜ୍ଞାନ କୌଶଳ ଓ ଗବେଷଣାର ଉପଯୁକ୍ତ ପ୍ରୟୋଗ :

- ପୌଷ୍ଟିକ ଖାଦ୍ୟ ପରିମାଣ ବୃଦ୍ଧି ଓ ଦାରିଦ୍ର୍ୟ ହ୍ରାସ ପାଇଁ ଜ୍ଞାନ -ବିଜ୍ଞାନ ଓ ଯାନ୍ତ୍ରିକ ଗବେଷଣା କୌଶଳ ଯଥେଷ୍ଟ ନୁହେଁ । ଏହା ପ୍ରତ୍ୟେକ ଦେଶର ନାଗରିକଙ୍କର ମାନସିକତା, କାର୍ଯ୍ୟ ଦକ୍ଷତା, ଗ୍ରହଣୀୟତା ଓ ପ୍ରୟୋଗାତ୍ମକତା ଉପରେ ନିର୍ଭର କରେ ।

- କୃଷି ଗବେଷଣା ସର୍ବଦା ଫଳପ୍ରଦ । ଏହିଭଳି ଗବେଷଣା ପ୍ରତ୍ୟେକ ଦେଶର ନାଗରିକ ଓ ତାଙ୍କର କୃଷି କ୍ଷେତ୍ର ପାଇଁ ସର୍ବଦା ପ୍ରଯୁଜ୍ୟ । କୃଷି ଗବେଷଣା ସର୍ବଦା କୃଷକମାନଙ୍କ ପାଇଁ ପ୍ରେରଣାଦାୟୀ, ପଥ ପ୍ରଦର୍ଶକ, ଶିକ୍ଷଣୀୟ ଓ ଅଧିକ ଉନ୍ନତ କୃଷି ଶୈଳୀର ପ୍ରୟୋଗ ଓ ଅଧିକ ଅମଳ ପ୍ରାପ୍ତି ପାଇଁ ସହାୟକ ।

- କୃଷି ଗବେଷଣା ସର୍ବଦା ଗବେଷଣାଗାର ଓ ଗ୍ରାମୀଣ କୃଷକଙ୍କର ସମସ୍ୟାକୁ ନେଇ ସହଭାଗିତା କାର୍ଯ୍ୟକର୍ମ ଜରିଆରେ କରାଯାଇ ପାରିଲେ, କୃଷିର ଉତ୍ତରୋତ୍ତର ଉନ୍ନତି ହୋଇ ପାରିବ ।

- ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ପ୍ରାକୃତିକ ସଂସାଧନ, ଜମି, ଜଳ ଓ କୃଷିର ଭିତ୍ତିଭୂମିକୁ ନେଇ ତଥ୍ୟଭିତ୍ତିକ ଗବେଷଣା ହେବା ଜରୁରୀ । ଯଦି ପୂର୍ବର କୌଣସି ତଥ୍ୟ ଥାଏ; ତାକୁ ନୂତନ ଆବିଷ୍କୃତ ତଥ୍ୟ ସହିତ ମିଶ୍ରଣ କରି ସିଦ୍ଧାନ୍ତ ନେବା ଆବଶ୍ୟକ ।

- ବଜାର ବ୍ୟବସ୍ଥାର ଉପଯୁକ୍ତ ସୂଚନା, ଜଳବାୟୁ, ପାଣିପାଗ, କୃଷିକ୍ଷେତ୍ରରେ ରୋଗ ପୋକ ଦମନ, ଶସ୍ୟ ସଂରକ୍ଷଣ ଓ କୃଷକ ତାଲିମ ପାଇଁ ସୁଚିନ୍ତିତ ଜ୍ଞାନ କୌଶଳର ବିକାଶ ଆବଶ୍ୟକ ।

- ଶିକ୍ଷିତ ଯୁବକମାନଙ୍କୁ କୃଷିକାର୍ଯ୍ୟ କରିବା ପାଇଁ ଆକର୍ଷିତ କରିବା ଆବଶ୍ୟକ । କାରଣ ସେମାନେ ନୂତନ ଜ୍ଞାନ- କୌଶଳ ବ୍ୟବହାର କରି ଅପହଞ୍ଚ ଅଞ୍ଚଳରେ କୃଷିର ପ୍ରଚାର ଓ ପ୍ରସାର କରି ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିବେ ।

- ବର୍ଗୀକରଣ ପଦ୍ଧତି, ଜନସଂଖ୍ୟା- ଜୀବତତ୍ତ୍ୱ , କୃଷି- ପରିବେଶ ବିଜ୍ଞାନ ଓ ଆଞ୍ଚଳିକ ପାଣିପାଗ ବିଷୟରେ ଯୁବାବର୍ଗଙ୍କୁ ଶିକ୍ଷିତ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଗବେଷଣା କରାଯିବା ଜରୁରୀ ।

- ମରୁଡ଼ି ମୁକାବିଲା, ରୋଗ- ପୋକ ପ୍ରତିରୋଧକାରୀ ଫସଲ ବ୍ୟବସ୍ଥା, ଯବକ୍ଷାରଜାନ ଓ ଜୈବିକ ଖତସାର ପ୍ରୟୋଗ ଦ୍ୱାରା ଚିରସ୍ଥାୟୀ ଫସଲ ବ୍ୟବସ୍ଥା, ଦ୍ୱୈତ ଋଷ ଓ କୃଷିଭିତ୍ତିକ ଜଙ୍ଗଲ (ଆମ୍ବ, ପଣସ, କାଜୁ ଇତ୍ୟାଦି) ସୃଷ୍ଟି ସଂପର୍କରେ ଆବଶ୍ୟକ ଗବେଷଣା ଓ ପ୍ରଶିକ୍ଷଣ ବ୍ୟବସ୍ଥା ହେବା ଉଚିତ୍।

- ତ୍ରିସ୍ତରୀୟ ଲାଭ ପାଇଁ କୃଷି ଫାର୍ମର ଆୟୋଜନ କରିବା ଆବଶ୍ୟକ; ଯାହା ଫଳରେ ପ୍ରତି ହେକ୍ଟର ପିଛା ଅଧିକ ଫସଲ ଅମଳ ହେବ ଓ ଲାଭ ଅଧିକ ମିଳିଲେ ଆର୍ଥିକ ସ୍ଥିତିର ସୁଧାର ଆସିବ। ଜୈବ ଔଦ୍ୟୋଗିକ କୌଶଳ, ସୂଚନା ଓ ଯୋଗାଯୋଗ ବିଦ୍ୟା, ମହାକାଶ ଗବେଷଣା କୌଶଳ, ସୌର- ବାୟୁ- ଜୈବ ଇନ୍ଧନ, ଜୈବ ଆବର୍ଜନା ପରିଚ୍ଳନା କୌଶଳ ଓ ବ୍ୟବସାୟ ପରିଚ୍ଳନା ଓ ବାଣିଜ୍ୟ କାରବାର କୌଶଳ ସହିତ ପାରମ୍ପରିକ କୃଷିର ସଂପୃକ୍ତି କରାଯାଇ ପାରିଲେ ଖାଦ୍ୟ ସୁରକ୍ଷା ସହଜ ହୋଇପାରିବ।

- ଜୈବ ଔଦ୍ୟୋଗିକ କୌଶଳ ଏକାଧାରରେ ଏକ ପ୍ରତିଶ୍ରୁତି ଓ ସମସ୍ୟାର ସମାହାର। ଜୈବ ଔଦ୍ୟୋଗିକ କୌଶଳ (Biotechnology) ର ପ୍ରୟୋଗ ବୈଋରିକ ଭାବରେ ପରିବେଶ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ଓ ଖାଦ୍ୟ ସୁରକ୍ଷା ପାଇଁ କରାଯିବା ଦରକାର। ମାତ୍ର ପ୍ରତିଟି ନୂତନ ଜ୍ଞାନ କୌଶଳର ପ୍ରୟୋଗ ସମୟରେ କେତେକ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼େ। ବାୟୋଟେକ୍ନୋଲୋଜିର ପ୍ରୟୋଗ କୃଷି କ୍ଷେତ୍ରରେ କଲାବେଳେ ସେହିଭଳି ସତର୍କତା ଜରୁରୀ ।

- ପରିବେଶ ଅନୁକୂଳ, ଫଳପ୍ରଦ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ଖାଦ୍ୟ ଶସ୍ୟର ଉତ୍ପନ୍ନ ଓ ସଂରକ୍ଷଣ ହେବା ଅଧିକ ଜରୁରୀ ଏବଂ ଏହା ବିଶେଷ ଭାବରେ ସାମୁଦ୍ରିକ ଖାଦ୍ୟ (ମାଛ, କଙ୍କଡା, ଶାମୁକା), ଜଙ୍ଗଲ ଜାତ ଖାଦ୍ୟ, ପଶୁମାନଙ୍କଠାରୁ ମିଳୁଥିବା କ୍ଷୀର, କୁକୁଡ଼ା ଅଣ୍ଡା ଏବଂ ପ୍ରାକୃତିକ ଉପାୟରେ ଭୂମିରୁ ଉତ୍ପନ୍ନ ହେଉଥିବା ଫଳ ଓ ଶସ୍ୟ ଇତ୍ୟାଦିକୁ ସୂଚିତ କରାଥାଏ।

## ୨.୫.୫ କୃଷିଭିତ୍ତିକ ଜୈବ ବିବିଧତାର ମୂଲ୍ୟାୟନ

ଋଷ ଓ ଅମଳ ଦ୍ୱାରା ଅଳ୍ପ କେତେକ ଉଦ୍ଭିଦ ପ୍ରଜାତି ବିଶ୍ୱର ଖାଦ୍ୟପୂର୍ତ୍ତିର ଆବଶ୍ୟକତାରେ ଆସୁଥିବା ବେଳେ ଆଞ୍ଚଳିକ ଓ ଦେଶୀୟ ସ୍ତରରେ ଶହ ଶହ ପ୍ରଜାତିର ଉଦ୍ଭିଦ ଏହି ସମସ୍ୟାକୁ ଦୂରୀଭୂତ କରିଥା'ନ୍ତି। ଏହିପରି ଖାଦ୍ୟ ଫଳପୁଷ୍ପ ପ୍ରଦାନ କରୁଥିବା ଅନେକ ଉଦ୍ଭିଦକୁ ଜନତା ଚିହ୍ନିପାରନ୍ତି ନାହିଁ କି କାର୍ଯ୍ୟରେ ମଧ୍ୟ ଲଗାନ୍ତି ନାହିଁ। ଏଗୁଡ଼ିକ ପ୍ରାୟତଃ ମହିଳାମାନଙ୍କ ଦ୍ୱାରା ଅମଳ କରାଯାଇଥାଏ। ଏହି ଖାଦ୍ୟ ବସ୍ତୁଗୁଡ଼ିକ ମଧ୍ୟରେ ଋତୁଭିତ୍ତିକ ଛତୁ, ଶାଗ, ଜଳଜ ଉଦ୍ଭିଦର ଫଳ (ପାଣି ସିଂଗଡ଼ା) ଓ ବୃକ୍ଷମୂଳ (କରଡ଼ି,

ମଞ୍ଜୀ) ଇତ୍ୟାଦି ଅନ୍ତର୍ଭୁକ୍ତ। ଜ୍ଞାନର ଅଭାବ ଓ ମଣିଷର ଅଣଦେଖା ମନୋଭାବ ଯୋଗୁଁ ଏହି ଭଳି କେତେକ ପ୍ରଜାତିର ଉଦ୍ଭିଦ ଖାଦ୍ୟ ଉପଯୋଗୀ ନ ହୋଇ ନଷ୍ଟ ହୋଇ ଯାଆନ୍ତି। ଏହି ସବୁ ଖାଦ୍ୟର ପ୍ରଚାର ପ୍ରସାର ଓ ଏହାର ଗୁଣବତ୍ତା ବିଷୟରେ ଲୋକଙ୍କୁ ସଚେତନ କରାଗଲେ, ଯେଉଁସବୁ ଅଞ୍ଚଳରେ ମୁଖ୍ୟ ଫସଲର ଅମଳ ଅପେକ୍ଷାକୃତ କମ୍, ସେସବୁ ଅଞ୍ଚଳର ଲୋକମାନେ ନିଜର ଖାଦ୍ୟର ଆବଶ୍ୟକତାକୁ ପୂରଣ କରିବା ସହିତ, ବଜାରରେ ବିକ୍ରି କରି ଅର୍ଥ ରୋଜଗାର କରିପାରନ୍ତେ।

- ଏହିସବୁ ପ୍ରଜାତିର ଉଦ୍ଭିଦ ଓ ତା'ର ଖାଦ୍ୟଗୁଣକୁ ଚିହ୍ନିବା ପାଇଁ ଜୈବ ବିବିଧତାର ଅନ୍ତର୍ନିହିତ ଗୁଣ ଏବଂ ଏହାର ପାରିବେଶିକ, ସାମାଜିକ, ଆର୍ଥିକ, ବୈଜ୍ଞାନିକ ଓ ସାଂସ୍କୃତିକ ଦିଗ ଉପରେ ଗୁରୁତ୍ୱାରୋପ କରିବାକୁ ପଡ଼ିବ।
- ଏହି ପ୍ରଜାତିର ଉଦ୍ଭିଦଗୁଡିକର ମୌଳିକ ଗୁଣଧର୍ମକୁ ସଂରକ୍ଷିତ ରଖି ଚାଷ କରି ଖାଦ୍ୟରୂପେ ବ୍ୟବହାର କରିବା ପାଇଁ ପ୍ରାଧାନ୍ୟ ଦିଆଗଲେ ମୁଖ୍ୟ ଖାଦ୍ୟଶସ୍ୟ ଉପରେ ଚାପ କମି ପାରିବ।
- ଆର୍ଥିକ ଉନ୍ନତି ଓ ଖାଦ୍ୟ ପୂର୍ତ୍ତିର ଆବଶ୍ୟକତା ପାଇଁ ଜୈବ ବିବିଧତା ସୃଷ୍ଟିକାରୀ ଉଦ୍ଭିଦର ଅଭିବୃଦ୍ଧି ଘଟାଇବା ଆବଶ୍ୟକ।
- ଯେଉଁ ରାଜ୍ୟଗୁଡିକ ଜୈବଗୁଣସ୍ୱତ୍ତ୍ୱ ବହନ କରୁଥିବା ଖାଦ୍ୟ ଉପଯୋଗୀ ଉଦ୍ଭିଦ ଓ ତାର ଫଳ ପୁଷ୍ପ ଏବଂ ପଶୁପକ୍ଷୀ ମାନଙ୍କର ଅଧିକାରୀ, ସେଇ ରାଜ୍ୟଗୁଡିକୁ ଏସବୁର ଉତ୍ପାଦନ ଓ ଉପଯୋଗ ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବା ସହିତ, ଏହିସବୁ ଖାଦ୍ୟ ଉପଯୋଗୀ ଉଦ୍ଭିଦ ଗୁଡ଼ିକର ମୌଳିକତା ରକ୍ଷା କରିବା ଦିଗରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ଆରମ୍ଭ ହେବା ଉଚିତ୍।
- ଦେଶରେ କୃଷିର ବିବିଧତା ସଂପର୍କରେ ଆଲୋଚନା ଓ ଗବେଷଣା ହେବା ସହିତ ଏହାର ଦେଶୀୟ ଗୁଣଧର୍ମ, ପ୍ରଜାତି, ପ୍ରଜନନ ଓ ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ୍।
- କୃଷିନୀତି ସର୍ବଦା କୃଷିବିବିଧତା, ସ୍ଥାନୀୟ ସ୍ଥିତି ଓ ଆଞ୍ଚଳିକ ସ୍ୱତନ୍ତ୍ରତାକୁ ଆଧାର କରି ପ୍ରତିଷ୍ଠିତ ହେବା ଦରକାର।

## ୨.୫.୬ କୃଷି ଓ କୃଷିନୀତି ସଂପର୍କରେ ପୁନର୍ଦୃଷ୍ଟି

ସ୍ଥାୟୀ କୃଷିନୀତି ଓ ଗ୍ରାମୀଣ ବିକାଶ ପାଇଁ ପରିବେଶାନୁକୂଳ ଆଇନ ପ୍ରଣୟନ ଓ ଦୀର୍ଘସ୍ଥାୟୀ ଉନ୍ନତି ପାଇଁ କ୍ଷେତ୍ର ପ୍ରସ୍ତୁତି ସର୍ବଦା ଏକ କଷ୍ଟକର ବ୍ୟାପାର। କାରଣ କୃଷି ଉପରେ ନିର୍ଭରଶୀଳ ହୋଇ ବିକାଶ ସ୍ୱପ୍ନ ଦେଖିବା ଏକ ଭ୍ରାନ୍ତ ଧାରଣା । ସେଥିପାଇଁ ଶିକ୍ଷା ଓ ସଚେତନତା ମାଧ୍ୟମରେ ପରିବେଶର ସୁରକ୍ଷା, ଚାଷଜମିର ଉର୍ବରତା ବୃଦ୍ଧି, ଜଳ ସଂରକ୍ଷଣ, ଚାଷ ଜମିର ଫସଲ ପରିବର୍ତ୍ତନ, ପ୍ରାକୃତିକ ସଂପଦର

ସଠିକ୍ ଉପଯୋଗ ଓ ଦେଶୀୟ ଗୁଣଧର୍ମ ବହନ କରୁଥିବା ବିହନ ବ୍ୟବହାର କରିବା ଦ୍ୱାରା ଭଲ ଫସଲ ଅମଳ ହୁଏ ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ଘଟେ । କେବଳ କୃଷି ନୀତି ପ୍ରଣୟନରେ ବିକାଶ ସମ୍ଭବ ନୁହେଁ ; କୃଷକମାନଙ୍କର ଦକ୍ଷତା ବୃଦ୍ଧି ଓ ସହଯୋଗ ମନୋଭାବର ଆବଶ୍ୟକତା ରହିଛି । ସେଥିପାଇଁ –

- ସରକାର ନିଜସ୍ୱ କୃଷି ନୀତିରେ କୃଷିର ସଂପ୍ରସାରଣ, ପ୍ରଶିକ୍ଷଣ, ଭିତ୍ତିଭୂମିର ବିକାଶ, ଫସଲର ମୂଲ୍ୟ ନିର୍ଦ୍ଧାରଣ, ଆନ୍ତରୀଣ ବଣ୍ଟନ ବ୍ୟବସ୍ଥା, ବଜାର ବ୍ୟବସ୍ଥା ଓ ସଠିକ୍ କର ବ୍ୟବସ୍ଥା ଉପରେ ଦୃଷ୍ଟି ନିବଦ୍ଧ କରିବା ସହିତ ଜୈବ ବିବିଧତାମୂଳକ ଫସଲ ବ୍ୟବସ୍ଥା, ଖାଦ୍ୟ ପ୍ରକ୍ରିୟା କରଣ ଓ ସଂରକ୍ଷଣକୁ ଗୁରୁତ୍ୱ ପ୍ରଦାନ କରିବା ଉଚିତ୍ ।
- ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନତା ଓ ମହିଳାମାନଙ୍କୁ ଭୂ- ଅଧିକାର, ଜଳ ଅଧିକାର, ଜମିର ସମବଣ୍ଟନ ପ୍ରକ୍ରିୟା ଓ ପ୍ରାକୃତିକ ଜୈବିକ ସଂସାଧନର ଉପଯୋଗ ପାଇଁ ଆଇନଗତ ଅଧିକାର ପ୍ରଦାନ କରାଗଲେ, ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ସେମାନଙ୍କର ଖାଦ୍ୟ ସମସ୍ୟା ଦୂର ହେବ ।
- ଭୂସଂସ୍କାର, ଭିତ୍ତିଭୂମିର ବିକାଶ, ଫସଲବୀମା ବ୍ୟବସ୍ଥା, ଭୌଗୋଳିକ ସ୍ଥିତିର ଅନୁଧ୍ୟାନ ପୂର୍ବକ କୃଷି ବ୍ୟବସ୍ଥା, ଜଳସେଚନ ସୁବିଧା, କୃଷକର ସୁରକ୍ଷା ଓ ଅଧିକାର ସଂପର୍କରେ ଉନ୍ନତି ମୂଳକ ଆଇନ ପ୍ରଣୟନ ହେବା ଆବଶ୍ୟକ ।
- ପ୍ରଭାବଶାଳୀଜ୍ଞାନ କୌଶଳର ବିକାଶ ଓ ଜୈବଔଦ୍ୟୋଗିକ କୌଶଳ ମାଧ୍ୟମରେ ଶସ୍ୟକୁ ସ୍ଥାୟୀ ସୁରକ୍ଷା ପ୍ରଦାନ କରିବା ଦରକାର ।
- ଆଞ୍ଚଳିକ ସ୍ତରରେ ପରିବେଶାନୁକୂଳ କୃଷି ପଦ୍ଧତିର ଅନୁସରଣ ଏବଂ ପ୍ରାକୃତିକ ସଂପଦର ପରିଚ୍ଛଳନାଗତ ବିକାଶ ଓ ପ୍ରୋତ୍ସାହନ ପାଇଁ ସୁଯୋଗ ପ୍ରଦାନ କରାଯିବା ଉଚିତ୍ ।
- ବିକଶିତ ରାଷ୍ଟ୍ରଗୁଡିକରେ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ବିଷର ପ୍ରୟୋଗ ନିଷେଧ କରାଯାଇ ଥିବାବେଳେ ବିକାଶଶୀଳ ରାଷ୍ଟ୍ରଗୁଡିକରେ ଏହାର ବ୍ୟବହାର ହେବା ଅନୁଚିତ ।
- କୌଣସି ଶସ୍ୟ ବା ଉଦ୍ଭିଦର ସ୍ୱତ୍ତ୍ୱ ଆଇନ (Patent) ଗବେଷକ ଦେଶ ବା ଗବେଷଣାଗାର ନିକଟରେ ଥିଲେ ମଧ୍ୟ ଏହାର ମୂଳଲାଭ ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇବା ଉଚିତ୍ ଯେଉଁଠାରୁ ଏହି ଶସ୍ୟ ବା ଉଦ୍ଭିଦ ଉତ୍ପନ୍ନ ହୋଇଥିବ ।
- କୌଣସି ଗୁଣସ୍ୱତ୍ତ୍ୱଧାରୀ ଉନ୍ନତ କିସମର ବିହନ ବଜାରକୁ ଆସିବା ବେଳେ, ଏହାର ପ୍ରଜାତି ଓ ଏହାର ଜଳବାୟୁ ସହିତ ସଂପର୍କ, କିପରି ମାଟିରେ ଏହା ଅଧିକ ଅମଳ ଦେଇପାରିବ ଏବଂ କେଉଁ

କେଉଁ ସ୍ଥିତିରେ ଏହାର ଗୁଣସୂତ୍ର ଓ ଉତ୍ପନ୍ନ କ୍ଷମତା ନଷ୍ଟ ହେବ- ଏସବୁ ବିଷୟରେ ବିଶଦ ବିବରଣୀ ରହିବା ଉଚିତ୍।

## ୨.୫.୭ ପରିବେଶାନୁକୂଳ ଆର୍ଥିକ ସ୍ଥିତିର ସୃଷ୍ଟି

ଅଧିକ ରୋଜଗାର ପାଇଁ ଗ୍ରାମାଞ୍ଚଳରୁ ଶ୍ରମିକମାନଙ୍କର ବାହାର ରାଜ୍ୟକୁ ଗମନ ଯୋଗୁଁ କୃଷି ଶ୍ରମିକର ଅଭାବ ପରିଲକ୍ଷିତ ହେଲାଣି। ଦ୍ୱିତୀୟରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ହ୍ରାସ, ସ୍ୱଳ୍ପଲାଭ ଏବଂ ବର୍ଷାର ସ୍ୱଳ୍ପତା ଯୋଗୁଁ ଉତ୍ପାଦନ ହ୍ରାସ ପରି ଅନେକ କାରଣ ଚାଷ କରିବା ପାଇଁ ନିରୁତ୍ସାହ ସୃଷ୍ଟି କରୁଛି। ବିଶ୍ୱ ବାଣିଜ୍ୟ କାରବାରରେ କୃଷିଜାତ ଦ୍ରବ୍ୟର ସ୍ଥାନ ସର୍ବନିମ୍ନରେ ରହିବା ଏବଂ ସରକାରୀ ସ୍ତରରେ ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ କରାନଯିବା ଫଳରେ କୃଷକମାନେ ଯନ୍ତ୍ରଣା ଜର୍ଜରିତ ଜୀବନ ଯାପନ କରୁଛନ୍ତି। କୃଷିର ସ୍ଥାୟୀ ଉନ୍ନତି ପାଇଁ କୃଷକ ମାନଙ୍କୁ ସୁହାଇଲା ପରି ଆର୍ଥିକ ଭିତ୍ତିକଭୂମିର ବିକାଶ ଓ ଉତ୍ସାହପ୍ରଦ ସାଧାରଣ ପରିଚାଳନାଗତ ବ୍ୟବସ୍ଥା ପରି ଦୁଇଟି ମହତ୍ତ୍ୱପୂର୍ଣ୍ଣ ନୀତିର ଅପେକ୍ଷା ରଖେ।

- କୃଷି କ୍ଷେତ୍ରର ତ୍ୱରିତ ବିକାଶ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ଭିତ୍ତିଭୂମିର ବିକାଶ, ଫସଲ ସଂରକ୍ଷଣ ଓ ବିକ୍ରୟ, ଚାହିଦାନୁଯାୟୀ ବଣ୍ଟନ ବ୍ୟବସ୍ଥା ଓ ବଜାର ମୂଲ୍ୟ ନିର୍ଦ୍ଧାରଣ ପରି ଦୃଢ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

- କୃଷି ପାଇଁ ଟାଣି ଓଟାରି ନିଜସ୍ୱ ପୁଞ୍ଜି ନିବେଶ କରୁଥିବା କୃଷକମାନଙ୍କର ମୂଳପୁଞ୍ଜିର ଅଭିବୃଦ୍ଧି,କୃଷିପାଇଁ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା, କୃଷି ବାଣିଜ୍ୟର ବିକାଶ, ଘରୋଇ ଓ ବାହ୍ୟ ବଜାର ବ୍ୟବସ୍ଥା ଓ ପ୍ରଯୁଜ୍ୟ କର ବ୍ୟବସ୍ଥାର ପ୍ରଚଳନ ଇତ୍ୟାଦି କୃଷି ପାଇଁ ସନ୍ତୋଷଜନକ ଓ ଉତ୍ସାହପ୍ରଦ ବାତାବରଣ ସୃଷ୍ଟି କରିପାରିବ।

- ଭାରତପରି କୃଷି ଉପରେ ନିର୍ଭରଶୀଳ ଦେଶରେ  ଘରୋଇ କୃଷି ନୀତି ଆଧାରରେ କୃଷକମାନଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରାଗଲେ, ସେମାନଙ୍କର ଫସଲ ଉତ୍ପାଦନ କ୍ଷମତା ବୃଦ୍ଧି ହେବ, ଆର୍ଥିକ ଉନ୍ନତି ସାଧିତ ହେବ ଏବଂ କୃଷି ବାଣିଜ୍ୟରେ ସ୍ଥିରତା ପରିଲକ୍ଷିତ ହେବ।

- ଆନ୍ତର୍ଜାତୀୟ ବିପଣନ ବ୍ୟବସ୍ଥା ଅପେକ୍ଷା, ଗ୍ରାମୀଣ ବିପଣନ ବ୍ୟବସ୍ଥା ମାଧ୍ୟମରେ କ୍ଷୁଦ୍ର ଚାଷୀମାନଙ୍କୁ ପରସ୍ପର ସହିତ ସଂଯୋଗ କରାଯାଇ ପାରିଲେ ବିକାଶ ପ୍ରକ୍ରିୟାରେ ସ୍ଥିରତା ଆସି ପାରିବ।

- ଆନ୍ତର୍ଜାତିକ କୃଷିନୀତି, ଘରୋଇ କୃଷି କ୍ଷେତ୍ରଗୁଡିକୁ ସେମାନଙ୍କର ସମସ୍ୟା ଓ ତା'ର ସମାଧାନର ରାସ୍ତା ବାହାର କରିବା ପାଇଁ ସୁଯୋଗ ପ୍ରଦାନ କରିବା ଜରୁରୀ । କାରଣ ଆଞ୍ଚଳିକ ସ୍ତରରେ ଜନସାଧାରଣ ସର୍ବଦା କୃଷି ଓ କୃଷି ଉତ୍ପାଦିତ ଦ୍ରବ୍ୟ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ସେମାନଙ୍କ

ପରିବେଶ ମୁତାବକ କୃଷି ଓ ଉତ୍ପାଦିତ ଫସଲକୁ କେବଳ ନିଜର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରନ୍ତି; ବ୍ୟବସାୟ ପାଇଁ ନୁହେଁ।

- ଆନ୍ତର୍ଜାତୀୟ ମାନର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାନୀୟ ଅଞ୍ଚଳରେ ପ୍ରତିଷ୍ଠିତ ହେବା ଆବଶ୍ୟକ।
- ଜୈବ ଆବର୍ଜନାକୁ ପ୍ରକ୍ରିୟାକରଣ କରି ସେଥିରୁ ଅର୍ଥାଗମର ବ୍ୟବସ୍ଥା ରହିବା ଉଚିତ୍।
- ଖାଦ୍ୟ ପ୍ରକ୍ରିୟାକରଣକାରୀ, ବିକ୍ରୟକାରୀ ଓ ଯୋଗାଣକାରୀ ସଂସ୍ଥାମାନେ ବ୍ୟବସାୟର ସ୍ୱଚ୍ଛତା ଓ ଖାଦ୍ୟର ସଠିକ୍ ମାନଦଣ୍ଡ ରକ୍ଷା କରୁଛନ୍ତି କି ନାହିଁ ପ୍ରତ୍ୟେକ ଅଞ୍ଚଳର ବୁଦ୍ଧିଜୀବିମାନେ ନିରୀକ୍ଷଣ କରିବା ଦରକାର।

### ୨.୫.୮ ପ୍ରତ୍ୟେକ କ୍ଷେତ୍ରରେ ସୁନିଶ୍ଚିତ ଭାଗିଦାରୀ ଏବଂ ଅଧିକାରର ସୁରକ୍ଷା

କୃଷିବାଣିଜ୍ୟ ଓ କୃଷି ସଂପଦ ସହିତ ମାଲିକାନା, ଅଦଳବଦଳ, ଆନୁଷ୍ଠାନିକ ଓ ଆଇନଗତ ସମସ୍ୟା, ଯୋଜନା ଏବଂ ଜାତୀୟ କାର୍ଯ୍ୟକ୍ରମ ସହିତ ବର୍ତ୍ତମାନ ଏକ ପ୍ରକାର ଦ୍ୱନ୍ଦ୍ୱମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଜମାଲଗାଣକାରୀ ବ୍ୟକ୍ତି ଓ କୃଷକମାନଙ୍କର ସହଭାଗିତାନୁସାରେ ଏହି ସବୁ ସମସ୍ୟାର ସମାଧାନ ସମ୍ଭବ। ଯଦିଓ ଏପରି ସହଭାଗିତା କାର୍ଯ୍ୟକ୍ରମ ଏକ କଷ୍ଟକର ବ୍ୟାପାର, ତଥାପି ଏକ ନିର୍ଦ୍ଦିଷ୍ଟ ନୀତି ଓ ଜାତୀୟ କାର୍ଯ୍ୟକ୍ରମ ଦ୍ୱାରା ଯେକୌଣସି ଦେଶ ତାର କୃଷି ବିକାଶ କାର୍ଯ୍ୟକ୍ରମକୁ ଅଗ୍ରସର କରିପାରିବ।

- କୃଷି ବିକାଶ ଓ ଖାଦ୍ୟ ସମସ୍ୟାର ସମାଧାନ ପାଇଁ ବ୍ୟକ୍ତି, ବ୍ୟଷ୍ଟି, କମ୍ପାନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଘରୋଇ ଓ ପବ୍ଲିକ୍ ଅନୁଷ୍ଠାନଗୁଡ଼ିକ ସର୍ବସମ୍ମତ ଉନ୍ନତିମୂଳକ ନୀତି ନିର୍ଦ୍ଧାରଣ କରି କାର୍ଯ୍ୟ କରିବା ଉଚିତ୍।
- ସ୍ଥାନୀୟ ଅଞ୍ଚଳରେ ଉତ୍ପନ୍ନ ଦେଉଥିବା ଦେଶୀୟ ଖାଦ୍ୟ ଉପଯୋଗୀ ଉଦ୍ଭିଦ, ଫଳ ଓ ପନିପରିବା ବିଷୟରେ ସେହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଜ୍ଞାନ ଆହରଣ କରିବା ସହିତ ତାର ସୁରକ୍ଷା, ସଂଗ୍ରହ, ସଂରକ୍ଷଣ ଏବଂ ସେହି ସବୁ ଉଦ୍ଭିଦର ସ୍ଥାୟୀତ୍ୱ ପ୍ରତି ସଚେତନ ହୋଇ ସେସବୁକୁ କୃଷିର ରୂପ ଦେଇ ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ଉଚିତ୍।
- ଏହିସବୁ କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଅଧିକ ଏବଂ ପୁରୁଷମାନଙ୍କ ଅପେକ୍ଷା ଖାଦ୍ୟ ଉପଯୋଗୀ ଉଦ୍ଭିଦଗୁଡ଼ିକୁ ସେମାନେ ସ୍ପଷ୍ଟ ରୂପେ ଚିହ୍ନି ପାରନ୍ତି। ତେଣୁ ଆବଶ୍ୟକ ଭିତ୍ତିଭୂମି ଓ କାର୍ଯ୍ୟକରିବା ପାଇଁ ଆନୁଷ୍ଠାନିକ ସହାୟତା ମିଳି ପାରିଲେ, ମହିଳାମାନେ ଦକ୍ଷତାର ସହ ଏ କ୍ଷେତ୍ରରେ କାର୍ଯ୍ୟ କରି ବିକାଶ ପ୍ରକ୍ରିୟାକୁ ସୁଦୃଢ଼ କରିପାରିବେ।

- ସ୍ଥାନୀୟ ଜ୍ଞାନର ଆଦାନ ପ୍ରଦାନ, ନୂତନ କୃଷି କୌଶଳ ଅମଳମ୍ବନ ଓ ତା'ର ନିରନ୍ତର ଅଭ୍ୟାସ ଦ୍ୱାରା ପାରମ୍ପରିକ ପ୍ରାକୃତିକ ଖାଦ୍ୟସଂପଦକୁ ଯୁଗଯୁଗ ଧରି ବଞ୍ଚାଇ ରଖାଯାଇ ପାରିବ ଏବଂ ଆବଶ୍ୟକ ଖାଦ୍ୟାଭାବକୁ ପୂରଣ କରାଯାଇ ପାରିବ।
- ଉପରୋକ୍ତ ପ୍ରାକୃତିକ ଖାଦ୍ୟର ପୋଷକ ତତ୍ତ୍ୱର ସୁରକ୍ଷା ପାଇଁ ଗ୍ରାମ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ବଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କୁ ଶିକ୍ଷିତ କରାଯାଇ  ପାରିବ।

## ୨.୬ ଭାରତର ଗ୍ରାମୀଣ ବଜାର

ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା (NSSO- National Sample Survey Organisation) ଗ୍ରାମୀଣ ବଜାର ସଂପର୍କରେ କହିଛନ୍ତି ଯେ, ଯେଉଁ ଅଞ୍ଚଳରେ ୫,୦୦୦ ରୁ କମ୍ ଜନତା ବସବାସ କରୁଥିବେ, ଅଥବା ଏକ ବର୍ଗ କିଲୋମିଟର ଭିତରେ ୪୦୦ ରୁ କମ୍ ଲୋକ ରହୁଥିବେ ଏବଂ ଏହି ଜନ ସଂଖ୍ୟାର ୭୫ ଭାଗ ପୁରୁଷ କୃଷି କାର୍ଯ୍ୟରେ ଲିପ୍ତ ଥିବେ ; ସେ ଅଞ୍ଚଳର ଗ୍ରାମୀଣ ହାଟ କେତେବଡ଼ ହୋଇ ନ ଥିବ ? ଏହି ସର୍ବେକ୍ଷଣ କହେ ଯେ, ୨୦୧୧ ଜନଗଣନାନୁଯାୟୀ ଭାରତରେ ୮୩.୩ କୋଟି (୬୯%) ଜନତା ଗ୍ରାମାଞ୍ଚଳରେ ବାସ କରନ୍ତି। ସଂଖ୍ୟାରେ ଏହି ଜନ ସଂଖ୍ୟାର ସ୍ଥିତି  ଅଧିକ ମାତ୍ର ଶତକଡ଼ାନୁସାରେ କମ୍ । ଭାରତ ତୁଳନାରେ ଚୀନ୍‌ର ଗ୍ରାମାଞ୍ଚଳ ଜନସଂଖ୍ୟା ଏହି ଆଧାରରେ ୨୦୦୧- ୧୧ ମଧ୍ୟରେ ୮୦ କୋଟିରୁ ୬୫ କୋଟି ଖସି ଯାଇଥିବା ବେଳେ ଭାରତ କିନ୍ତୁ ବିଶ୍ୱର ଏକ ନମ୍ବର ଗ୍ରାମ୍ୟ ଜନବସତି ପୂର୍ଣ୍ଣ ଦେଶ ଭାବରେ ନିଜର ସ୍ଥିତି ବଜାୟ ରଖିଛି ।

ଏପରି ସର୍ବେକ୍ଷଣରେ ଚୀନ ପ୍ରସଙ୍ଗକୁ ଭାରତର ଗ୍ରାମୀଣ ବଜାର ଓ ଗ୍ରାମୀଣ ଜନସଂଖ୍ୟା ଆଧାରରେ ଭାରତ ବିଶ୍ୱର ଶୀର୍ଷ ମାନ୍ୟତାରେ ଉପସ୍ଥିତ ହେବାକୁ ନେଇ ଆମେ ଖୁସି ହେବା ନ ଦୁଃଖ ପ୍ରକାଶ କରିବା ଏହା ଏକ ଆଲୋଚନାର ବିଷୟ। ଭାରତର ଗ୍ରାମୀଣ ବଜାରର ସଂଜ୍ଞା ଦେବାକୁ ଯାଇ ଲୋକ ସଂଖ୍ୟା ଓ ଚୀନ୍ ପ୍ରସଙ୍ଗ ଉତ୍‌ଥାପନ ଏକ ବାଚଳାମୀ ମାତ୍ର। ତଥ୍ୟବଳୀକୁ ସିଧାସଳଖ ଭାବରେ ଉପସ୍ଥାପନ କରି ନ ପାରିବା ଏବଂ ଜିଜ୍ଞାଷୁ ସନ୍ଦେହ ମୋଚନ କରି ନ ପାରିବା ହିଁ ମୁର୍ଖାମୀର ପରିଚୟ ମାତ୍ର।

ପ୍ରକୃତରେ ଗ୍ରାମୀଣ ବଜାର କହିଲେ, ସାଧାରଣତଃ ଗ୍ରାମାଞ୍ଚଳରେ ବସୁଥିବା ସାପ୍ତାହିକ ଓ ପାକ୍ଷିକ ହାଟକୁ ବୁଝାଇଥାଏ । ଯେଉଁଠି ଗ୍ରାମ୍ୟଜନତା ନିଜ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ କିମ୍ବା ହାତ ତିଆରି ଦ୍ରବ୍ୟ ସହିତ ପଶୁମାନଙ୍କୁ ମଧ୍ୟ ବିକ୍ରି କରି ନିଜର ଘରୋଇ ଆବଶ୍ୟକ ବସ୍ତୁ ସମୂହକୁ କ୍ରୟ କରିଥାଏ। ଯାହା ନିକଟରେ ଏହି ସବୁ ଦ୍ରବ୍ୟ ନ ଥାଏ, ସେ କଉଡ଼ି, ଟଙ୍କା - ପଇସା ଦେଇ କିଣିଥାଏ । ପ୍ରାଚୀନ କାଳରେ ଗ୍ରାମୀଣ ହାଟରେ ଦ୍ରବ୍ୟର ପ୍ରତିବଦଳ ଥିଲା ; ଏବେ ମଧ୍ୟ ପ୍ରଚଳିତ ଅଛି। ଏହି ହାଟ ଗୁଡ଼ିକ ଜନସଂଖ୍ୟା

ଆଧାରରେ ଗଢ଼ି ଉଠି ନଥିଲା । ସ୍ଥାନ ଓ ଯାତାୟତର ସୁବିଧାନୁସାରେ ଏହି ହାଟ ବସୁଥିଲା ଏବଂ ଗ୍ରାହକମାନେ ନିକଟବର୍ତ୍ତୀ ଗ୍ରାମରୁ ଆସୁଥିଲେ । ବର୍ତ୍ତମାନ ଏହିସବୁ ହାଟ ସ୍ଥାୟୀ ହାଟ (Daily Market) ରେ ପରିଣତ ହୋଇଗଲାଣି । ବଣିକମାନେ ଆଧୁନିକ ଓ ଡିଜିଟାଲ୍ ହୋଇଗଲେଣି । ଅପରପକ୍ଷରେ ଏମାନେ ଠକ ଓ ମୁନାଫାଖୋର ପ୍ରକୃତିକୁ ଆପଣେଇ ନେଲେଣି ମଧ୍ୟ, ଯାହା ଅତୀତରେ ନଥିଲା ।

- **ଏହା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ନୁହେଁ :** ବର୍ତ୍ତମାନର ବଜାର ବ୍ୟବସ୍ଥାନୁସାରେ ବ୍ୟବସାୟୀମାନେ ଅନୁଭବ କରନ୍ତି ଯେ ଗ୍ରାମୀଣ ଗ୍ରାହକ ପଦାର୍ଥର ମୂଲ୍ୟ ବୁଝନ୍ତି ନାହିଁ । ସେମାନେ ବ୍ରାଣ୍ଡେଡ୍ (ମାନକ ଦ୍ରବ୍ୟ) କମ୍ପାନୀର ଦ୍ରବ୍ୟ କିଣନ୍ତି ନାହିଁ । ସେମାନଙ୍କର ଆୟକୁ ଦେଖି ଓ ଚାହିଦାକୁ ଦୃଷ୍ଟିରେ ରଖି ଯଦି କୌଣସି କମ୍ପାନୀ ଦ୍ରବ୍ୟ ପ୍ରସ୍ତୁତ କରିବେ ; ତେବେ ଗ୍ରାମୀଣ ବଜାରକୁ ନିଜ ଅଧିନକୁ ଆଣି ପାରିବେ ।

  (ଅତୀତରେ ଗ୍ରାମ୍ୟ ଗ୍ରହକମାନେ ଜଣାଶୁଣା ସ୍ଥାନର ଦ୍ରବ୍ୟକୁ କିଣୁଥିଲେ । କାରଣ ସେମାନେ ଜାଣିଥିଲେ, ସେ ଅଞ୍ଚଳର ଦ୍ରବ୍ୟର ବା ଶସ୍ୟର କିଛିଟା ଗୁରୁତ୍ୱ ଓ ଗୁଣବତ୍ତା ଥିଲା, ଯାହା ଚାଷି ବା ପ୍ରସ୍ତୁତ କର୍ତ୍ତା ସେଥିରେ ସାଲିସ୍ କରୁନଥିଲେ । ଯେପରି ଖୋର୍ଦ୍ଧା ଗାମୁଛା, ମାଣିଆବନ୍ଧ ଶାଢୀ, ବାରିପଦା ମୁଢ଼ି, ଭଦ୍ରକ ପାଲୁଅ ଲଡୁ, ନୀଳଗିରି ପଥର ବାସନ ଇତ୍ୟାଦି । ଏହିସବୁ ଦ୍ରବ୍ୟର ସ୍ୱତନ୍ତ୍ର ପରିଚୟ ଥିଲା, ଟ୍ୟାକ୍ସ ଲାଗୁନଥିଲା କି ଠକାମି ନ ଥିଲା । ଏବେ ଯେଉଁସବୁ କମ୍ପାନୀ ଜିନିଷ ଆସୁଛି; ତାର ଗୁଣବତ୍ତା ସନ୍ଦେହ ଜନକ ତଥା ନକଲିର ସମ୍ଭାବନା ଅଧିକ । ତଥାପି ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଡଭ୍, ପାଣ୍ଟିନ୍, ସନସିଲ୍କ, ଶାଲିମାର, ସର୍ଫ ଇତ୍ୟାଦି କମ୍ପାନୀ ଦ୍ରବ୍ୟଗୁଡିକ ଛୋଟ ଛୋଟ ପାଉଚ୍ ପ୍ୟାକେଟ୍‌ରେ ମିଳୁଥିବାରୁ ଗ୍ରାମାଞ୍ଚଳ ଗ୍ରାହକ କିଣୁଛନ୍ତି ଏବଂ କମ୍ପାନୀମାନେ ମଧ୍ୟ ଗ୍ରାମୀଣ ହାଟରେ କେବେଠାରୁ ଧସେଇ ପଶି ଗଲେଣି ।

- **ଗ୍ରାମୀଣ ଗ୍ରାହକ ପ୍ରତ୍ୟେକ ଜିନିଷ  କିଣି ପାରନ୍ତି :** ବ୍ୟବସାୟୀମାନେ କହନ୍ତି ଗ୍ରାମୀଣ ଗରାଖ ଜିନିଷ କିଣିଲାବେଳେ କୌଣସି କମ୍ପାନୀ କିମ୍ବା ତା'ର ମୂଲ୍ୟ ବିଷୟରେ ଚିନ୍ତା କରନ୍ତି ନାହିଁ । ଦୋକାନର ସେଲଫରେ ଯେକୌଣସି ଜିନିଷ ଥାଏ ଏବଂ ତାର ମୂଲ୍ୟ ପ୍ରଦାନ କରିବାର କ୍ଷମତା ଥିଲେ ଓ ନିଜର ଆବଶ୍ୟକତା ଥିଲେ, କିଣି ନିଅନ୍ତି । ଏକଥା କେତେକାଂଶରେ ସତ; ମାତ୍ର ଆଜିର ବିଜ୍ଞାପନ ସର୍ବସ୍ୱ ଦୁନିଆରେ ଗ୍ରାମୀଣ ଗ୍ରାହକମାନେ ଆଉ ମଧ୍ୟଯୁଗୀୟ ବ୍ୟବସ୍ଥା ଭିତରେ ନାହାଁନ୍ତି । ସେମାନେ ମଧ୍ୟ ବ୍ରାଣ୍ଡେଡ୍ ଜିନିଷ କିଣିବାକୁ ଆଗ୍ରହ ପ୍ରକାଶ କଲେଣି । କିନ୍ତୁ ତାଙ୍କର ଆଗ୍ରହ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ନକଲି କମ୍ପାନୀ ଶସ୍ତା ଦରରେ ବ୍ରାଣ୍ଡେଡ୍ ଜିନିଷ କହି ଦଦରା ଜିନିଷ ବିକ୍ରି କରୁଥିବାରୁ ଗ୍ରାମୀଣ ଗ୍ରାହକ ଠକାମୀର ଶିକାର ହେଉଛନ୍ତି ।

- **ଗ୍ରାମୀଣ ବଜାର ସ୍ୱଳ୍ପମୂଲ୍ୟର ପଣ୍ୟ ବଜାର :** ପଦାର୍ଥର ମୂଲ୍ୟସୂଚୀ ପରଖିବାରେ ଓ ମାପତୁଳ – ମୂଲଚାଲ କରିବାରେ ଗ୍ରାମୀଣ ଗରାଖ ବିଶେଷ ସଚେତନ ବୋଲି, ଏକ ଦୃଢଧାରଣା ବ୍ୟବସାୟୀଙ୍କର

ରହିଛି । ଏହାର ମୂଳକାରଣ ହେଲା ବ୍ୟବସାୟୀମାନଙ୍କର ମୁନାଫା ଖୋର ଓ ଠକ ମନୋବୃତ୍ତି । ସେମାନେ ଯୁଗଯୁଗ ଧରି ଗ୍ରାମୀଣ ଖାଉଟିମାନଙ୍କୁ ଠକି ଆସିଥିବାରୁ ଗ୍ରାମୀଣ ଗ୍ରାହକମାନେ ତାଙ୍କର ଦ୍ରବ୍ୟ ଓ ଦ୍ରବ୍ୟର ମୂଲ୍ୟ ଏବଂ ବ୍ୟବସାୟୀ ବଚନକୁ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ବାସ୍ତବରେ, ଗ୍ରାମ୍ୟ ସମାଜରେ ଏମିତି କିଛି ପ୍ରାଚୁର୍ଯ୍ୟ ବା ଗ୍ରାହକ ଅଛନ୍ତି; ଯେଉଁମାନେ ନାମୀ ଦାମୀ କମ୍ପାନୀର ବସ୍ତୁ କିଣିବାରେ ସକ୍ଷମ । ଏପରି କ୍ଷେତ୍ରରେ ଉଭୟ ଗୋଷ୍ଠୀ (ଧନୀ ଓ ସାଧାରଣବର୍ଗ) ଙ୍କ ଆୟବ୍ୟୟକୁ ଦୃଷ୍ଟିରେ ରଖି ଗ୍ରାମୀଣ ବଜାର ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତି ହେବା ଦରକାର । ଅନ୍ୟ ପକ୍ଷରେ ଗ୍ରାମୀଣ ଖାଉଟିଙ୍କୁ ସର୍ବଦା ବିଶ୍ୱସ୍ଥ ବୋଲି ଭାବିବା ଉଚିତ୍ ନୁହଁ । ସେମାନେ କୌଣସି କଂପାନୀର ଉତ୍ପାଦକୁ ଅନ୍ଧ ଭାବରେ ବିଶ୍ୱାସ କରି କିଣନ୍ତି ନାହିଁ । ତାଙ୍କର ରୋଜଗାର ଓ ବ୍ୟୟ କରିବାର କ୍ଷମତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଯେଉଁ କମ୍ପାନୀ ଦ୍ରବ୍ୟ ପ୍ରସ୍ତୁତି କରୁଛନ୍ତି; ସେହି କମ୍ପାନୀମାନଙ୍କ ପ୍ରତି ଗ୍ରାମୀଣ ଖାଉଟି ପୁରୁଷ ପୁରୁଷ ଧରି ବିଶ୍ୱସ୍ଥ ରହିଆସିଛନ୍ତି ଏବଂ ସଂପୃକ୍ତ କମ୍ପାନୀମାନେ ମଧ୍ୟ ଅଦ୍ୟାବଧି ଗ୍ରାମୀଣ ଖାଉଟିଙ୍କ ବିଶ୍ୱାସକୁ ଭାଙ୍ଗି ନାହାଁନ୍ତି । ତନ୍ମଧ୍ୟରେ ଚବନପ୍ରାସ୍, କୋଲଗେଟ୍ ଟୁଥ୍‌ପେଷ୍ଟ, ଲକ୍ସ, ଲାଇଫବୟ, ସର୍ଫ, ବ୍ରିଟାନିୟା, ଅମୂଲ, ଟାଟା ସଲ୍ଟ, ସାଲିମାର, ପଣ୍ଡସ୍ ଇତ୍ୟାଦି କମ୍ପାନୀଗୁଡ଼ିକ ମୁଖ୍ୟତଃ ଗ୍ରାମୀଣ ଖାଉଟିଙ୍କ ନିକଟରେ ଅତି ପରିଚିତ । ବର୍ତ୍ତମାନ ଡେଟଲ ପରି ସାବୁନ ଲାଇଫ୍‌ବୟକୁ ପଛରେ ପକାଇ ଗ୍ରାମୀଣ ବଜାରକୁ ଅକ୍ତିଆର କଲାଣି । ସେହିପରି ହୁଇଲ୍ ସର୍ଫକୁ, ପାରାସୁଟ୍ ସାଲିମାରକୁ, ସନଫେଷ୍ଟ ବ୍ରିଟାନିୟାକୁ ଓ ଅମୂଲ୍ୟ ମିଲ୍କ ପାଉଡ଼ର ଅମୂଲକୁ ଗ୍ରାମୀଣ ମାର୍କେଟରେ ଟକ୍କର ଦେଲାଣି । ଏକ ଆକଳନରୁ ଜଣା ପଡ଼ିଛି ଯେ ଗ୍ରାମୀଣ ବଜାରରେ ଲାଇଫବୟ ବାର୍ଷିକ ୧୪% ଦ୍ରବ୍ୟ ବିକ୍ରି କରୁଥିବାବେଳେ ଡେଟଲ ୮.୨% ସାବୁନ ବିକ୍ରି କରୁଛି । ତେଣୁ କମ୍ପାନୀମାନଙ୍କର ବିଶ୍ୱାସନୀୟତା, ଗୁଣବତ୍ତା ଓ ମୂଲ୍ୟ ଗ୍ରାମୀଣ ଗରାଖଙ୍କର ନିକଟତର ହୋଇପାରିଲେ, ସେମାନେ ଗ୍ରାମୀଣ ବଜାରରେ ସ୍ଥିତି ମଜବୁତ୍ କରିପାରିବେ ।

- **ଗ୍ରାମୀଣ ବଜାରର ବଣ୍ଟନ ବ୍ୟବସ୍ଥା :** ଗ୍ରାମୀଣ ବଜାର ବ୍ୟବସ୍ଥାରେ ବଣ୍ଟନ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ମାତ୍ର ଏହା ଜନସଂଖ୍ୟା ଓ ସେମାନଙ୍କର ଆବଶ୍ୟକତା ଦୃଷ୍ଟିରେ ରଖି ବସ୍ତୁର ଯୋଗାଣ ପ୍ରକ୍ରିୟା କରାଯାଇ ନଥାଏ । ମନେ ରଖିବା ଉଚିତ ଯେ ଗ୍ରାମୀଣ ଖାଉଟି ସହରୀ ଖାଉଟିଙ୍କର ସୌଖିନ ମନୋବୃତ୍ତିଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି କି ସହରୀ ଖାଉଟିଙ୍କ ସ୍ୱପ୍ନତଳେ ସେମାନେ ଅବଦମିତ ନୁହଁନ୍ତି । ଯଦି ଗ୍ରାମୀଣ ବଜାର ବ୍ୟବସ୍ଥା, ଗ୍ରାମୀଣ ଖାଉଟିଙ୍କ ଉପାର୍ଜନ ଓ ବ୍ୟୟ କରିବାର କ୍ଷମତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ଓ ନିତ୍ୟ ବ୍ୟବହାର୍ଯ୍ୟ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ବା ଉତ୍ପାଦିତ ଦ୍ରବ୍ୟ ଯୋଗାଇ ନ ପାରେ; ତେବେ ସେମାନେ ନିଜର ଆବଶ୍ୟକତାନୁସାରେ ଚୀନ ନିର୍ମିତ ନକଲି ଓ ସ୍ୱଳ୍ପ ମୂଲ୍ୟର ଦ୍ରବ୍ୟ କିଣିବା ପାଇଁ ବିକଳ୍ପ ବ୍ୟବସ୍ଥାକୁ ନିଶ୍ଚିତ ଭାବରେ ଆପଣେଇ ନେବେ । ଫଳରେ ଗ୍ରାମୀଣ ଅର୍ଥନୀତି ସହିତ ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ନଷ୍ଟ ହେବ ।

- **ଉତ୍ତମ ଯୋଗାଯୋଗ / ବଜାର କୌଶଳ ପ୍ରଯୁଜ୍ୟ ଜରୁରୀ :** ଗ୍ରାମୀଣ ଭାରତରେ ୩୦ ଟି ଭାଷା ଓ ୧୬୫୦ ଉପଭାଷା ପ୍ରଚଳିତ । ତନ୍ମଧ୍ୟରେ ବିଭିନ୍ନ ଜାତି, ଉପଜାତି, ଜନଜାତି, ଧର୍ମ- ସଂସ୍କୃତି ଓ ବିଶ୍ୱାସ ମଧ୍ୟ ଅନ୍ତର୍ଭୁକ୍ତ । କୌଣସି କମ୍ପାନୀ ନିଜ ଉତ୍ପାଦିତ ବସ୍ତୁର ବଜାର ବ୍ୟବସ୍ଥା କରିବା ପୂର୍ବରୁ ଭାରତର କୋଣ ଅନୁକୋଣରେ ବସବାସ କରୁଥିବା ଜନତାଙ୍କର ସମ୍ବେଦନଶୀଳ ଭାବନାକୁ ଦୃଷ୍ଟିରେ ରଖି ବିଜ୍ଞାପନ ପ୍ରଚାର କରିବା ଉଚିତ୍ । ତା' ନହେଲେ ମନମୁଖୀ ଭାବରେ କାହାର ବିଶ୍ୱାସ ଓ ଧର୍ମ ଭାବନାକୁ ଆଘାତ ଦେଲା ପରି ବିଜ୍ଞାପନ ଦେଇ କମ୍ପାନୀ ବଦନାମ ହେବ ସିନା, ଖାଉଟିଙ୍କର ବିଶ୍ୱାସ ଭାଜନ ହୋଇପାରିବ ନାହିଁ (ଗାନ୍ଧୀ ବେଶରେ ସଜାଇ ବିଅର ବିଜ୍ଞାପନ, ବିଷ୍ଣୁ ଅବତାର ରୂପରେ ମହେନ୍ଦ୍ର ସିଂ ଧୋନୀଙ୍କର ଯୋତା ବିଜ୍ଞାପନ ଇତ୍ୟାଦି) ।
- **ଗ୍ରାମୀଣ ବଜାର ପାଇଁ ସାମଗ୍ରୀ :** ଗ୍ରାମୀଣ ବଜାର ପାଇଁ ମୁଖ୍ୟତଃ ଚାରିପ୍ରକାର ବସ୍ତୁର ଆବଶ୍ୟକ ପଡ଼େ; ୧- କୃଷି ଉତ୍ପାଦିତ ବସ୍ତୁ, ଯାହା ଖାଦ୍ୟ ପାଇଁ ପ୍ରଯୁଜ୍ୟ; ୨- ଗୃହ ଉପକରଣ, ଫର୍ଣ୍ଣିଚର, କଂସା ବାସନ ଓ ଇଲେକ୍ଟ୍ରିକ୍ ଉପକରଣ ଇତ୍ୟାଦି; ୩- ମନୋରଂଜନ ଓ ପ୍ରସାଧନ ସାମଗ୍ରୀ; ଟିଭି, ରେଡ଼ିଓ, ଘଣ୍ଟା, ଓ ପ୍ରସାଧନ ସାମଗ୍ରୀ; ୪- ଗମନାଗମନ ପାଇଁ ସାଇକେଲ୍, ଲୁନା, ସ୍କୁଟି ଓ ମଟର ସାଇକେଲ । ଉପରୋକ୍ତ ଚାରି ପ୍ରକାର ଆବଶ୍ୟକ ସାମଗ୍ରୀ ମଧ୍ୟରୁ କୃଷି ଉତ୍ପାଦିତ ବସ୍ତୁ ଗ୍ରାମୀଣ ବଜାରରେ ପ୍ରାଥମିକତା ଲାଭ କରିଥିବା ବେଳେ, ପ୍ରସାଧନ ସାମଗ୍ରୀ (ସାବୁନ୍, ତେଲ, ସାମ୍ପୁ, ପାଉଡର, ଅତର) ଦ୍ୱିତୀୟ ସ୍ଥାନ ଅଧିକାର କରେ । ଭାରତୀୟ ବଜାରରେ ଉପଲବ୍ଧ ଖାଦ୍ୟ ଦ୍ରବ୍ୟ (ଗହମ, ଚାଉଳ, ଡାଲି, ତେଲ, ମାଛ, ମାଂସ, ଫଳ, ପନିପରିବା ଓ ଦୁଗ୍ଧଜାତ ଦ୍ରବ୍ୟ ଇତ୍ୟାଦି) ମୁଖ୍ୟତଃ କୃଷିଭିତ୍ତିକ ଓ ସର୍ବଦା ଉତ୍ପାଦନ ଉପରେ ନିର୍ଭରଶୀଳ । କ୍ଷୁଦ୍ରଚାଷୀମାନଙ୍କର କୃଷିର ଭିତ୍ତିଭୂମିକୁ ସୁଦୃଢ଼ କରି ସେମାନଙ୍କ ଉତ୍ପାଦିତ ଖାଦ୍ୟଶସ୍ୟକୁ ଉପଯୁକ୍ତ ପ୍ରକ୍ରିୟା ଦ୍ୱାରା ଗ୍ରାମୀଣ ବଜାରରେ ବିକ୍ରି କରାଯାଇ ପାରିଲେ, ଚାଷୀ ଉତ୍ପାଦିତ ଶସ୍ୟର ଉଚିତ୍ ମୂଲ୍ୟ ପାଇ ପାରନ୍ତା ଏବଂ ଗ୍ରାମୀଣ ଖାଉଟିମାନେ (ଚାଷୀଙ୍କ ବ୍ୟତୀତ) ବେପାରୀମାନଙ୍କର ଠକାମୀ ଓ ମଧ୍ୟବର୍ତ୍ତୀ ଲାଭଜନିତ ମୂଲ୍ୟବୃଦ୍ଧିର ଶୀକାର ହୁଅନ୍ତେ ନାହିଁ (ହରଡ଼ ଡାଲିର ଉତ୍ପାଦିତ ବିକ୍ରିମୂଲ୍ୟ ଚାଷୀ ପାଖରେ ୪୦ ଟଙ୍କା ଏବଂ ଏହା ପ୍ରକ୍ରିୟାକୃତ ଓ ପ୍ୟାକେଟିଂ କରାଯାଇ ଖାଉଟି ପାଖରେ ଏପରିକି ଗ୍ରାମୀଣ ବଜାରରେ ପହଞ୍ଚିଲା ବେଳକୁ ୧୨୦ ଟଙ୍କା ଠିକ୍ ଗହମ ମୂଲ୍ୟ ଓ ଅଟା ମୂଲ୍ୟ ଭିତରେ ଥିବା ଆକାଶ- ପାତାଳ ପାର୍ଥକ୍ୟ ପରି) । ସମସ୍ତେ ଜାଣନ୍ତି ଯେ ପ୍ରତ୍ୟେକଟି ଖାଦ୍ୟ- ଶସ୍ୟ ଭାରତର ସମସ୍ତ ରାଜ୍ୟ ଓ ଅଞ୍ଚଳରେ ଉତ୍ପାଦିତ ହୁଏ ନାହିଁ; ସେଥିପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ରାଜ୍ୟ ପ୍ରମୁଖତା ହାସଲ କରିଛନ୍ତି । ମାତ୍ର ଉପଯୁକ୍ତ ସୂଚନା, ଯୋଗାଯୋଗ, ପରିବହନ, କୃଷି ଗବେଷଣା, ଜଳ ସେଚନ, ଶିକ୍ଷା ଓ ବଜାର ପରିଚାଳନା ବ୍ୟବସ୍ଥା ଦ୍ୱାରା ଚାଷୀମାନଙ୍କୁ ସଚେତନ କରାଇ ପାରିଲେ ଭାରତର ପ୍ରତ୍ୟେକ ଗ୍ରାମୀଣ ବଜାରରେ କୃଷିଜାତ ଦ୍ରବ୍ୟ ଗୁଡ଼ିକ ସୁବିଧାରେ ଓ ସୁଲଭ

ମୂଲ୍ୟରେ ଗ୍ରାମୀଣ ଖାଉଟିଙ୍କ ପାଖରେ ପହଞ୍ଚିପାରନ୍ତା ଏବଂ ବ୍ୟବସାୟୀ ଓ କୃଷକମାନଙ୍କ ଆୟରେ ସମାନ୍ତରାଳ ଅଭିବୃଦ୍ଧି ସମ୍ଭବ ହୋଇ ପାରନ୍ତା ।

ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ କ୍ଷୁଦ୍ରଚାଷୀମାନଙ୍କର ଉତ୍ପାଦନ ବୃଦ୍ଧି ପାଇଁ ପ୍ରାକୃତିକ ସଂପଦର ଉପଯୋଗ, ଚାଷ ଜମିର ଉର୍ବରତା ବୃଦ୍ଧି, ଜଳସେଚନ ଓ ତା'ର ସଦୁପଯୋଗ, ଜଳ ସଂରକ୍ଷଣ ଓ ଅମଳ, କୃଷି କାର୍ଯ୍ୟରେ ସାରପ୍ରୟୋଗ ଓ କୃଷି ବିଜ୍ଞାନ ସମ୍ବନ୍ଧୀୟ ବୈଷୟିକ କୌଶଳ ପ୍ରୟୋଗ ଓ ଚାଷୀମାନଙ୍କୁ ଗ୍ରାମୀଣ ଓ ଜାତୀୟ ବଜାର ବ୍ୟବସ୍ଥା ସହିତ ସଠିକ୍ ସଂଯୋଗ ସରକାରୀ ଉଦ୍ୟମରେ କରାଯାଇ ସେମାନଙ୍କୁ ଦକ୍ଷ, ପାରଙ୍ଗମ ଓ ସ୍ୱାବଲମ୍ବୀ କରାଯାଇ ପାରିଲେ, ଭାରତରେ କୃଷି ଉତ୍ପାଦନ ବୃଦ୍ଧି ଓ ସୁଗମବଣ୍ଟନ ବ୍ୟବସ୍ଥା ଅତି ସହଜ ହେବା ସହିତ ଖାଦ୍ୟ ଶସ୍ୟ ଅପଚୟ ନ ହୋଇ ଖାଦ୍ୟ ସୁରକ୍ଷାର ମହତ ଉଦ୍ଦେଶ୍ୟକୁ ସଫଳ କରିପାରିବ।

ଗ୍ରାମୀଣ ବଜାର ବ୍ୟବସ୍ଥାରେ ଉଚ୍ଚମୂଲ୍ୟଯୁକ୍ତ ଖାଦ୍ୟ- ଶସ୍ୟ ଓ ସାମଗ୍ରୀର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ବ୍ୟାପାରୀମାନେ ଏହି ସବୁ ସାମଗ୍ରୀକୁ ଶାଗ- ମାଛ ଦରରେ କିଣି ନେଇ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ଚଢା ଦରରେ ବିକ୍ରି କରି ମାଲାମାଲ ହୋଇଯା'ନ୍ତି। ମାତ୍ର ଚାଷୀ ତା'ର ଉପଯୁକ୍ତ ମୂଲ୍ୟ ପାଇପାରେ ନାହିଁ। ଏହିସବୁ ସାମଗ୍ରୀ ଗୁଡିକ ମଧ୍ୟରେ ଚିଙ୍ଗୁଡି, ପାମ୍ଫଲେଟ୍ ମାଛ, କାଜୁ, ପେସ୍ତାବାଦାମ, ଆଖରୋଟ୍, ଜାଫ୍ରାନ୍, କଫି ଇତ୍ୟାଦି ଦୁର୍ମୂଲ୍ୟ ପଦାର୍ଥଗୁଡିକ ଅନ୍ତର୍ଭୁକ୍ତ। ଏହାର ପ୍ରକ୍ରିୟାକରଣ ବଜାରବ୍ୟବସ୍ଥାରେ ନିୟୋଜିତ ପ୍ରାଇଭେଟ୍ ସେକ୍ଟର ସହିତ ଚାଷୀମାନଙ୍କୁ ସହଭାଗୀ କରାଯାଇ ପାରିଲେ, ତା'ର ଉପଯୁକ୍ତ ବଜାରମୂଲ୍ୟ ସେମାନଙ୍କ ନିକଟକୁ ଆସି ଗ୍ରାମୀଣ ଅର୍ଥନୀତି ସୁଦୃଢ ହୋଇ ପାରନ୍ତା।

## ୨.୭ ଗ୍ରାମୀଣ ବଜାର ବ୍ୟବସ୍ଥାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ

ଏକବିଂଶ ଶତାବ୍ଦୀରେ ଜାତୀୟ ଓ ଆନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ନିଜ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଗ୍ରାମୀଣ ଖାଉଟିଙ୍କ ନିକଟରେ ପହଞ୍ଚାଇବାକୁ ବେଶି ତତ୍ପରତା ପ୍ରକାଶ କରିବାର କାରଣ ଗୁଡ଼ିକ ମଧ୍ୟରେ କେତେକ ମୁଖ୍ୟ କାରଣ ହେଲା –

- **ବିପୁଳ ଗ୍ରାମୀଣ ଜନସଂଖ୍ୟା :** ଭାରତର ସମୁଦାୟ ଜନସଂଖ୍ୟାର ଦୁଇ ତୃତୀୟାଂଶ (୬୯%) ଜନତା ଗ୍ରାମାଞ୍ଚଳରେ ବାସ କରନ୍ତି। ଏମାନେ ସମଗ୍ର ଭାରତରେ ପ୍ରାୟତଃ ୬ ଲକ୍ଷ ଗ୍ରାମରେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି ଏବଂ ଏମାନଙ୍କୁ ଦୃଷ୍ଟିରେ ରଖି ବ୍ୟାପାରୀମାନେ ଗ୍ରାମୀଣ ବଜାର ବ୍ୟବସ୍ଥାର ସଫଳତା କଥା ଚିନ୍ତା କରିଥା'ନ୍ତି।

- **କ୍ରୟ କ୍ଷମତାର ବୃଦ୍ଧି :** ବିଗତ ୧୯ଶ ଶତାବ୍ଦୀର ଷଷ୍ଠ ଦଶକ ଏବଂ ବର୍ତ୍ତମାନ ସମୟ ଭିତରେ ଗ୍ରାମାଞ୍ଚଳରେ ବାସ କରୁଥିବା ଜନତାଙ୍କର ଆୟରେ ଯଥେଷ୍ଟ ଉନ୍ନତି ସଂଘଟିତ ହୋଇଛି। ତଦନୁସାରେ

ସେମାନଙ୍କର କ୍ରୟ କରିବାର କ୍ଷମତା ମଧ୍ୟ ବୃଦ୍ଧି ପାଇଛି । ବ୍ୟାପାରୀମାନେ ଗ୍ରାମୀଣ ଜନତାଙ୍କର ଆର୍ଥିକ ସ୍ଥିତି ଓ ବ୍ୟୟ କରିବାର କ୍ଷମତାକୁ ଦୃଷ୍ଟିରେ ରଖି ଭାରତର ଗ୍ରାମାଞ୍ଚଳରେ ସେମାନଙ୍କର ବିପଣୀମାନ ଖୋଲି ଦେଲେଣି । ବିଗତ ଦୁଇ ଦଶନ୍ଧି ଭିତରେ ଚୀନ୍ ପରି ଭାରତରେ ସାମଗ୍ରିକ ବିକାଶର ପଦଧ୍ୱନି ଶୁଣାଯିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳର ଜନତା ବଜାର ପ୍ରବେଶ କରୁଥିବା, ପ୍ରତିଟି ନୂତନ ପଦାର୍ଥକୁ ହାତେଇବାକୁ ପ୍ରଚେଷ୍ଟା କଲେଣି । ଯାହାଫଳରେ ସଫ୍ଟ ଡ୍ରିଙ୍କସ୍ , ପଟାଟୋ ଚିପ୍ସ, ମୋବାଇଲ ଫୋନସ୍, ଡିସ୍ ଟିଭି, ଇଣ୍ଟରନେଟ୍ ଓ ପିଜା-ବରଗର ପରି ପଦାର୍ଥ ମଧ୍ୟ ଗ୍ରାମାଞ୍ଚଳରେ ଉପଲବ୍ଧ ହେଲାଣି ।

- **ବଜାର ଅଭିବୃଦ୍ଧି :** ବିଗତ ଦୁଇ ଦଶନ୍ଧି ଭିତରେ ଗ୍ରାମାଞ୍ଚଳରେ 'ଡିମାଣ୍ଡ ଆଣ୍ଡ ସପ୍ଲାଇ' (ଆବଶ୍ୟକତାନୁସାରେ ଯୋଗାଣ ବ୍ୟବସ୍ଥା) ନିୟମରେ କିଛି ପାରଂପରିକ ବ୍ୟବହାର୍ଯ୍ୟ ବସ୍ତୁ ମଧ୍ୟମରେ ସାଇକେଲ୍, ଲୁନା, କୃଷି, ଯନ୍ତ୍ରପାତି ଭିତରେ ଟ୍ରାକ୍ଟର ପାୱାର ଟିଲର, ପାଣି ପମ୍ପ; ପ୍ରସାଧନ ସାମଗ୍ରୀ ମଧ୍ୟରେ ସାବୁନ୍, ସାମ୍ପୁ, ତେଲ, ସ୍ନୋ- ପାଉଡର; ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ ମଧ୍ୟରେ ଟିଭି, ଫ୍ରିଜ୍, ୱାସିଙ୍ଗମେସିନ ଏବଂ ଦ୍ରୁତ ପରିବହନଶୀଳ ଖାଉଟି ଦ୍ରବ୍ୟ (FMCG) ମଧ୍ୟରେ ମାଛ, ଅଣ୍ଡା, ଫଳ, ଆଇସ୍‌କ୍ରିମ୍, ଦହି, କ୍ଷୀର ଇତ୍ୟାଦିର ଆବଶ୍ୟକତା ବୃଦ୍ଧି ପାଇଛି । ତଦନୁସାରେ ଗ୍ରାମାଞ୍ଚଳରେ ଛୋଟ ଛୋଟ ବଜାରମାନ ଗଢ଼ି ଉଠିବା ସହିତ କମ୍ପାନୀମାନଙ୍କର ଲାଭାଂଶ ମଧ୍ୟ ବୃଦ୍ଧି ପାଇଛି ।

- **ଗ୍ରାମୀଣ ଭିତ୍ତିଭୂମିର ବିକାଶ :** ବିଗତ ଦୁଇ ଦଶକରେ ଭାରତର ଗ୍ରାମାଞ୍ଚଳରେ ଭିତ୍ତିଭୂମିର ଯଥେଷ୍ଟ ବିକାଶ ସମ୍ଭବ ହୋଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନା ଓ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଅନୁସାରେ ଭାରତର ପ୍ରତ୍ୟେକଟି ଗ୍ରାମକୁ ସହର ସହିତ ସଂଯୋଗ କରାଯାଇଛି । ନଦୀ ନାଳ ମାନଙ୍କରେ ସେତୁ ନିର୍ମାଣ କରାଯାଇ ପ୍ରତ୍ୟେକ ଅଞ୍ଚଳର ଦୂରତା କମ୍ କରାଯାଇ ଉତ୍ତମ ଯୋଗାଯୋଗ ଓ ଗମନାଗମନର ସୁବିଧା କରାଯାଇଛି । ଗ୍ରାମାଞ୍ଚଳରେ ବିଦ୍ୟୁତିକରଣ ଓ ସୌରଆଲୋକର ବ୍ୟବସ୍ଥା କରାଗଲାଣି । ତତ୍ ସହିତ ଅଟୋ ମୋବାଇଲ୍ କମ୍ପାନୀମାନେ ଛୋଟ ଛୋଟ ପରିବହନକାରୀ ଯାନ ନିର୍ମାଣ କରି ବଜାରକୁ ଛାଡ଼ିବା ଦ୍ୱାରା ସ୍ୱଳ୍ପ ମାଲ ପରିବହନ ଓ ଗ୍ରାମାଞ୍ଚଳର ଗଳିକନ୍ଦି ରାସ୍ତାରେ ସୁବିଧାରେ ଗମନାଗମନ ସମ୍ଭବ ହେବା ଫଳରେ ଗ୍ରାମୀଣ ବଜାର ଧୀରେ ଧୀରେ ବୃଦ୍ଧି ପାଉଛି ।

- **ଦୁର୍ବଳ ଜୀବନାଦର୍ଶ :** ଗ୍ରାମାଞ୍ଚଳର ଗ୍ରାହକମାନେ କେବଳ ଦୁର୍ବଳ ଅର୍ଥନୀତିରେ ଘାଣ୍ଟି ହୁଅନ୍ତି ନାହିଁ। ସାମାଜିକ ଓ ସାଂସ୍କୃତିକ ସ୍ଥିତିର ସ୍ଥାଣୁତା, ଶିକ୍ଷାପ୍ରତି ଅନାଗ୍ରହ, ସଞ୍ଚୟ ହୀନତା, ପରିଶ୍ରମକାତରତା ଓ ଶସ୍ତା ରାଜନୀତିରେ ଅଂଶ ଗ୍ରହଣ ପରି କେତେକ ଅବାଞ୍ଛିତ କ୍ରିୟା କଳାପ ପାଇଁ ସେମାନଙ୍କ ଜୀବନଯାପନ ଶୈଳୀରେ ଉନ୍ନତି ସମ୍ଭବ ହୁଏ ନାହିଁ। ଏହିସବୁ ଦିଗ ବିଷୟରେ ସେମାନେ ସଚେତନ ହେଲେ ଗ୍ରାମାଞ୍ଚଳରେ ବିକାଶ ସମ୍ଭବ ହେବ।

- **ପାରଂପରିକ ଦୃଷ୍ଟିଭଙ୍ଗୀ :** ଗ୍ରାମାଞ୍ଚଳର ଜନତା ସର୍ବଦା ପୁରୁଷାନୁକ୍ରମିକ ପରଂପରାକୁ ବଜାୟ ରଖିବାକୁ ଗୁରୁତ୍ୱ ଦେଇଥାନ୍ତି। ପରିବର୍ତ୍ତନଶୀଳ ଦୁନିଆ ସହିତ ସାମିଲ ନ ହୋଇ ସ୍ଥିର- ସ୍ଥବିର ପରି ରହିବାକୁ ପ୍ରଚେଷ୍ଟା କରନ୍ତି। ତେଣୁ ସେମାନଙ୍କର ଦ୍ରୁତ ଉନ୍ନତି ଘଟେ ନାହିଁ। ପରନ୍ତୁ କିଛି ଗ୍ରାମ୍ୟ ଜନତା ସେମାନଙ୍କ ଜୀବନ ଯାପନ ଓ ଆବଶ୍ୟକତା ଶୈଳୀ ଅନୁସାରେ ଧୀରେ ଧୀରେ ପରିର୍ତ୍ତନ ଆଡ଼କୁ ଯାଇ ନୂତନତାର ଦ୍ୱାରରେ ଉପନିତ ହେଲେଣି।

- **ବଜାର ସମୀକରଣ :** ବଜାର ବ୍ୟବସ୍ଥାରେ କେବଳ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିଦେଲେ ଚଳିବ ନାହିଁ। ଏଥିରେ ପ୍ରତ୍ୟେକ ଗରାଖଙ୍କର ସ୍ଥିତି, ପରିବାର ସଦସ୍ୟଙ୍କ ପରିମାଣ ଓ ଆବଶ୍ୟତାକୁ ନେଇ ସମୀକରଣ ନୀତି ଗ୍ରହଣ କରାଯାଇ ନଥାଏ । ଯେପରି ସହରୀ ଗରାଖ ପାଇଁ ଉଦ୍ଦିଷ୍ଟ ବସ୍ତୁ ଗ୍ରାମୀଣ ଗରାଖ କିଣି ପାରିବ ନାହିଁ; ତେଣୁ ଗ୍ରାମୀଣ ଗରାଖର କ୍ରୟ କ୍ଷମତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଜାରରେ "ଛୋଟା ପ୍ୟାକ୍ ଠାରୁ ବଡ଼ା ପ୍ୟାକ୍" ପର୍ଯ୍ୟନ୍ତ ଦ୍ରବ୍ୟ ରଖିବାକୁ ପଡ଼ିଥାଏ। ସେଥିପାଇଁ ଛୋଟ ପାଉଚ୍ ପ୍ୟାକେଟ୍‌ର ବ୍ୟବସ୍ଥା ସହିତ ଫ୍ୟାମିଲି ପ୍ୟାକ୍ (ଦଶ ଟଙ୍କିଆ ମ୍ୟାଙ୍ଗୋ ଫ୍ରୁଟି ସହିତ ଦୁଇ ଲିଟର ଫ୍ୟାମିଲି ପ୍ୟାକ୍) ବଜାରରେ ଉପଲବ୍ଧ କରାଯାଇଥାଏ। ସେହିପରି ଛୋଟ ପିଲାମାନଙ୍କ ପାଇଁ ମଧ୍ୟ ଆବଶ୍ୟକତାନୁସାରେ ପ୍ରତ୍ୟେକଟି ଦ୍ରବ୍ୟର ଉପଲବ୍ଧ ହୋଇଥାଏ। ଏହାଦ୍ୱାରା ପ୍ରତ୍ୟେକସ୍ତରର ଗ୍ରାହକ ବଜାର ସହିତ ସଂଯୁକ୍ତ ହୋଇ ପାରୁଛନ୍ତି।

## ୨.୮ ଶେଷ କଥା

ଖାଦ୍ୟସୁରକ୍ଷାର ମାନେ ନୁହେଁ ଯେ, କେବଳ ପ୍ରାକୃତିକ ଓ ଆର୍ଥିକ ସ୍ଥିତି ମାଧ୍ୟମରେ ବଞ୍ଚିବାପାଇଁ ସର୍ବନିମ୍ନ ଖାଦ୍ୟର ଆୟୋଜନ କରିବା ; ମାତ୍ର ଏହି ଖାଦ୍ୟରେ କେତେ ପରିମାଣରେ ପୋଷକତତ୍ତ୍ୱ ରହିଛି ସେ ବିଷୟରେ ଜ୍ଞାନ ଆହରଣ କରିବା ନିତାନ୍ତ ଆବଶ୍ୟକ। ଯେତେବେଳେ ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ସମସ୍ୟାର ସମାଧାନ ବିଷୟରେ ବିସ୍ତୃତ ଆଲୋଚନା କରାଯାଏ ; ସେତେବେଳେ ଏହାର ବୃହତ୍ତର ଦିଗ ପ୍ରତିଧ୍ୟାନ ଦେବା ଜରୁରୀ । ଖାଦ୍ୟ ସୁରକ୍ଷା ସିଧା ସଳଖ ଉତ୍ପାଦିତ ଖାଦ୍ୟ ଶସ୍ୟର ଅସମାନ ବଣ୍ଟନ ବ୍ୟବସ୍ଥା ଓ ଦାରିଦ୍ର୍ୟ

ସହିତ ଜଡ଼ିତ । ଜନ ସଂଖ୍ୟା ବୃଦ୍ଧି, ଅସ୍ଥିର ଅର୍ଥନୀତି, ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ, ଅନଭିଜ୍ଞ କୃଷି ପ୍ରଣାଳୀ ଓ କୃଷିନୀତି, କୃଷି କ୍ଷେତ୍ରରେ ମାନବ ସମ୍ବଳର ହ୍ରାସ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ଜନତାଙ୍କର ଶିକ୍ଷାହୀନ ଅନୁନ୍ନତ ଜୀବନଶୈଳୀ ଖାଦ୍ୟ ସୁରକ୍ଷାର ମହତ ଉଦ୍ଦେଶ୍ୟକୁ ପ୍ରତିହତ କରୁଅଛି । ଅନ୍ୟ ପକ୍ଷରେ ଅର୍ଦ୍ଧସହରୀ ଜୀବନ-ଯାପନ କରୁଥିବା ଜନତା କେବଳ ନିଜର ଶାରୀରିକ କ୍ଷମତା ଓ ଶ୍ରମ ଉପରେ ନିର୍ଭର କରି ଖାଦ୍ୟ ସଂଗ୍ରହ କରିଥା'ନ୍ତି । ସେମାନଙ୍କ ନିକଟରେ ଖାଦ୍ୟ-ଶସ୍ୟ ଉତ୍ପାଦନ କରିବା ପାଇଁ ଆବଶ୍ୟକ ଚାଷଜମି ନ ଥିବାରୁ ଏକ ପରିଶ୍ରମ ବର୍ଗ ହେଲେ ମଧ୍ୟ ଏହି ଧାରାରୁ ସ୍ୱତଃ ବିଚ୍ଛିନ୍ନ ହୋଇ ଯାଉଛନ୍ତି ।

ଏହି ପରିଶ୍ରମୀ ବର୍ଗଙ୍କ ମଧ୍ୟରୁ ଯେଉଁ ସ୍ୱଳ୍ପ ସଂଖ୍ୟକଙ୍କ ନିକଟରେ ଯେଉଁ ଜମି ଅଛି, ତାହାକୁ ସଂପୂର୍ଣ୍ଣ ଭାବରେ କୃଷି ଉପଯୋଗୀ କରିପାରୁନାହାଁନ୍ତି । କାରଣ କୃଷି ଶ୍ରମିକର ଅଭାବ, ଅଭାବିତ ଜଳସେଚନ ଓ ସ୍ୱଳ୍ପ ବୃଷ୍ଟି, ସେମାନଙ୍କର ଆଶା ଆକାଂକ୍ଷାକୁ ଧୂଳିସାତ୍ କରିଦେଉଛି । ଦ୍ୱିତୀୟରେ କାୟା ବିସ୍ତାର କରୁଥିବା ଛୋଟ ବଡ଼ ସହର ଓ ଶିଳ୍ପର କରାଳଗ୍ରାସରେ ପ୍ରଲୁଭିତ ହୋଇ ଅଧିକ ଅର୍ଥ ଆଶାରେ କୃଷକମାନେ ନିଜର ଚାଷଜମିକୁ ଜମି ମାଫିଆଙ୍କ ହାତରେ ଟେକି ଦେବା ଫଳରେ ଖାଦ୍ୟ-ଶସ୍ୟର ଉତ୍ପାଦନ କମିଗଲାଣି । ତୃତୀୟରେ ଖାଦ୍ୟ ସୁରକ୍ଷା ଆଇନର ସଠିକ୍ ପରିଚାଳନାଗତ ଦକ୍ଷତା ଅଭାବରୁ ନିର୍ଦ୍ଦିଷ୍ଟ ଭାବରେ ଯେଉଁମାନେ ଅପପୁଷ୍ଟିରେ ପୀଡ଼ିତ ଓ ପ୍ରକୃତରେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି; ସେମାନଙ୍କର ଚିହ୍ନଟ କରାଯାଇ ପାରୁନି । ଅନ୍ୟ ପକ୍ଷରେ ଉତ୍ପାଦିତ ଖାଦ୍ୟ-ଶସ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପାରୁ ନଥିବାରୁ ମୁନାଫା ଖୋର ବ୍ୟବସାୟୀମାନେ ପାଞ୍ଚ ଟଙ୍କାର ଦ୍ରବ୍ୟକୁ ପଚାଶ ଟଙ୍କାରେ ବିକିବା ଫଳରେ ଗରିବ, ନିମ୍ନମଧ୍ୟବିତ୍ତ - ଏପରିକି ମଧ୍ୟବିତ୍ତ ଖାଉଟିମାନେ ଆବଶ୍ୟକ ଖାଦ୍ୟପଦାର୍ଥ କିଣିବା ପାଇଁ ସକ୍ଷମ ହୋଇ ପାରୁନାହାଁନ୍ତି (ଫଳ ମାର୍କେଟରେ ଚଢାଦାମ୍ ଯୋଗୁଁ ପ୍ରାୟତଃ ୪୦% ଫଳ ବିକ୍ରି ନ ହୋଇ ପଚିଯାଏ । ଫଳ ଓ ପରିବା ମାର୍କେଟର ପଛପଟକୁ ନୀରିକ୍ଷଣ କଲେ ଏହାର ସତ୍ୟତା ଜଣାପଡ଼ିବ) ଫଳରେ ଅନେକ ଫଳ ଓ ପନିପରିବା ବିକ୍ରି ନ ହୋଇ ନଷ୍ଟ ହୋଇଯାଏ । ସେହିପରି ଉତ୍ପାଦିତ ଖାଦ୍ୟ-ଶସ୍ୟର ସଠିକ୍ ରପ୍ତାନୀ ଓ ଆମଦାନୀ ଏବଂ ପରିବହନ ନୀତି ଅଭାବରୁ କୃଷି କ୍ଷେତ୍ରରେ ପ୍ରାୟତଃ ୩୦ ଭାଗ ପନିପରିବା ନଷ୍ଟ ହୋଇଯାଏ । ଏହା ସତ ଯେ ସରକାର କୃଷିନୀତି ଅନୁସାରେ ଖାଦ୍ୟ- ଶସ୍ୟର ଉତ୍ପାଦନ, ବିତରଣ, ବଜାରୀକରଣ, ଶ୍ରମିକମାନଙ୍କର ସମସ୍ୟା ସମାଧାନ, ଚାଷିମାନଙ୍କୁ ଧାର୍ଯ୍ୟ ଉତ୍ପାଦିତ ମୂଲ୍ୟ ପ୍ରଦାନ, ଉପଯୁକ୍ତ ସମୟରେ କୃଷକମାନଙ୍କୁ ବିହନ, ସାର- ବିଷ ବିତରଣ, ଉତ୍ପାଦନ ବୃଦ୍ଧି ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ପରି ଜନ ହିତକର ଯୋଜନାମାନ ପ୍ରଣୟନ କରି ନିଜର ଦାୟିତ୍ୱ ଶେଷ କରି ଦେଇଛନ୍ତି । ମାତ୍ର ଗବଗଚ୍ଛ ଚିହ୍ନି ନଥିବା ଅଫିସର ମାନଙ୍କର ଦୂରଦୃଷ୍ଟିର ଅଭାବ, ଆନ୍ତରିକତାହୀନ ଶାସନ ବ୍ୟବସ୍ଥା ଓ ସ୍ୱାର୍ଥପର ନୀତିଯୋଗୁଁ କୌଣସି ଯୋଜନା ଫଳପ୍ରସୂ ହୋଇ ପାରୁ ନାହିଁ । ସେଥିରୁ ଖାଦ୍ୟ ସୁରକ୍ଷା ପରି ଏକ ନିର୍ମଳ, ମହତ ଓ ଜନହିତକର ଯୋଜନାଟି ବାଦ୍ ଯିବ କିପରି ? ଅଞ୍ଚଳ ବିଶେଷର ଜମିର ଉର୍ବରତା

ଅନୁସାରେ ଫସଲ ଚୟନ କରି ମୂଲ୍ୟଯୁକ୍ତ ମିଶ୍ରିତ ଶସ୍ୟ ଉତ୍ପାଦିତ କରିବା ଦ୍ୱାରା କୃଷିରେ ବିବିଧତା ଆସିଥାଏ । ଏପରିକି ଜଳସେଚନ, ମାନବ ସମ୍ବଳର ବିକାଶ, ଅମଳବୃଦ୍ଧି  ଜ୍ଞାନ କୌଶଳ ଓ ଶ୍ରମର ଉନ୍ନତି କ୍ଷେତ୍ରରେ ମଧ୍ୟ ବିବିଧତା ସୃଷ୍ଟି କରି କୃଷିର ଉନ୍ନତି କରାଯାଇ ପାରିବ। ଅନେକ ସମୟ ଖାଦ୍ୟ ସୁରକ୍ଷା ସଂପର୍କରେ ଏକ ବିପରୀତ ସୂଚନା ମିଳେ ଯେ, ସାଧାରଣ ବଣ୍ଟନ ବ୍ୟବସ୍ଥାନୁସାରେ ଗରିବ ଲୋକମାନଙ୍କୁ ଯେଉଁ ଖାଦ୍ୟ ଶସ୍ୟ (ବିପିଏଲ୍ ଓ ଅନ୍ତ୍ୟୋଦୟ ଚାଉଳ) ପ୍ରଦାନ କରାଯାଏ; ତାହା ପ୍ରକୃତରେ ସେମାନଙ୍କର ନିକଟରେ ପହଞ୍ଚେ ନାହିଁ। ଯଦିବା ପହଞ୍ଚେ ତା'ର ମାନ ଅତି  ନିମ୍ନ, ତଥା ଗୋଦାମରେ ପଡ଼ି ପଡ଼ି ପୋକ ଲାଗି ଗଲାପରେ ଦିଆଯାଏ। ଏହିସବୁ ଖାଦ୍ୟ ଶସ୍ୟର କ୍ରୟ ସଂରକ୍ଷଣ ଓ ବଣ୍ଟନ ପ୍ରଣାଳୀରେ ମଧ୍ୟ ଅଧିକାରୀମାନଙ୍କର ଅନାଗ୍ରହ ଯୋଗୁଁ ପର୍ଯ୍ୟାପ୍ତ ସରକାରୀ ଅର୍ଥ ବ୍ୟୟ କରାଯାଇ ସରକାରୀ ଅର୍ଥବ୍ୟବସ୍ଥାକୁ ପଙ୍ଗୁ ଓ ଅଥର୍ବ କରିଦିଆଯାଇଥାଏ। ଏହିପରି ସମସ୍ୟାର ସମାଧାନ ପାଇଁ, ଘରୋଇ କ୍ଷେତ୍ରଗୁଡିକର ପରିଚାଳନା ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ବୁଦ୍ଧିଜୀବୀମାନଙ୍କର ମତ। ମାତ୍ର ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କର ଦଲାଲୀଗିରି ଖାଦ୍ୟସୁରକ୍ଷା ଓ ବଣ୍ଟନ ବ୍ୟବସ୍ଥାକୁ ସଂପୂର୍ଣ୍ଣ (ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ଘରୋଇକରଣ ପରି) ଧୂଳିସାତ୍ କରିଦେଲା ଭଳି ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ କ୍ଷେତ୍ରରେ ଅମଲାତନ୍ତ୍ରର ସୁଚିନ୍ତିତ ବିଶୃଙ୍ଖଳା ସୃଷ୍ଟି ଏବଂ ପର୍ଯ୍ୟାପ୍ତ ପରିମାଣର ପ୍ରଶାସନିକ ବ୍ୟୟବୃଦ୍ଧି, ଖାଦ୍ୟ- ଶସ୍ୟରେଦିଆଯାଉଥିବା ସବ୍‌ସିଡିକୁ ଅତିକ୍ରମ କରିଯିବା ଫଳରେ ଖାଦ୍ୟ ସୁରକ୍ଷା ଦିଗରେ ନିଆଯାଉଥିବା ଆନ୍ତରିକ ରାଜନୈତିକ ଉଦ୍ଦେଶ୍ୟଟି ଜନତାଙ୍କ ହିତରେ ଲାଗିବା ପୂର୍ବରୁ ରୁଗ୍ଣ ହୋଇ ପଡୁଛି। ତେଣୁ ଚିନ୍ତା କରାଯାଉଛି ଯେ ଖାଦ୍ୟ-ଶସ୍ୟ ପରିଚାଳନା ପରି ମହତ୍ କାର୍ଯ୍ୟକୁ ଦାୟିତ୍ୱପୂର୍ଣ୍ଣ ଭାବରେ ପୁନର୍ବିନ୍ୟାସ କରାଯାଇ ଖାଦ୍ୟ ଶସ୍ୟର ଅଧିଗ୍ରହଣ ଓ ବଣ୍ଟନ ଦାୟିତ୍ୱ, ବିଶ୍ୱସ୍ତ ଓ ଦାୟିତ୍ୱବାନ୍ ପରି ଜଣାଶୁଣା ସ୍ଥାନୀୟ ଲୋକଙ୍କ ହାତରେ ଅର୍ପଣ କରାଗଲେ, ସମ୍ଭବତଃ ଦରିଦ୍ର ଜନତା ଏହାର ସୁଫଳ ପାଇ ପାରିବେ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ -୭

**ଦ୍ରଷ୍ଟବ୍ୟ :** କ) ପ୍ରଦତ୍ତ ଖାଲି ସ୍ଥାନକୁ ଉତ୍ତର ପାଇଁ ବ୍ୟବହାର କର।

ଖ) ପରିଚ୍ଛେଦ ଶେଷରେ ପ୍ରଦତ୍ତ ଉତ୍ତର ସହିତ ତୁମ ଉତ୍ତର ମେଳ ଖାଉଛି କି ନାହିଁ ମିଳାଇ ଦେଖି ନିଅ।

୩. ଖାଦ୍ୟ ସୁରକ୍ଷା କ'ଣ ? ଭାରତ କିପରି ଖାଦ୍ୟସୁରକ୍ଷା ପରି ଏକ ଜାତୀୟ ବିଷୟକୁ ଅନୁଧ୍ୟାନ କରି ପଦକ୍ଷେପ ନେବ ?

ଉତ୍ତର :____________________________________________________________

୪. ଗ୍ରାମୀଣ ବଜାର କ'ଣ ? ଗ୍ରାମୀଣ ବଜାର ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?

ଉତ୍ତର :

## ୨.୯ ସାରାଂଶ

- ବିଶ୍ୱ ଖାଦ୍ୟ ସୁରକ୍ଷା ଆଇନ୍ ସଂପର୍କରେ ମିଳିତ ଜାତିସଂଘ ସୂଚନା ପ୍ରଦାନ କରି କହିଛନ୍ତି ଯେ-ଯେଉଁଦିନ ବିଶ୍ୱର ପ୍ରତ୍ୟେକ ନାଗରିକ ସୁସ୍ଥ, ସବଳ ଓ ନିରୋଗ ଜୀବନଯାପନ ପାଇଁ ବର୍ଷତମାମ ପ୍ରାକୃତିକ, ସାମାଜିକ ଓ ଆର୍ଥନୀତିକ ସ୍ଥିତି ବଳରେ ପ୍ରଚୁର ପୌଷ୍ଟିକ ଖାଦ୍ୟ ପାଇବାରେ ହକ୍‌ଦାର ହେବ; ସେହିଦିନ ଖାଦ୍ୟ ସୁରକ୍ଷାର ମହତ୍ ଉଦ୍ଦେଶ୍ୟ ସାଧିତ ହେବ।

- ବିଗତ କିଛି ବର୍ଷ ମଧ୍ୟରେ ଜଳବାୟୁର ଦ୍ରୁତ ପରିବର୍ତ୍ତନ, ବିଶ୍ୱ ଜନସଂଖ୍ୟାର ଆଶାତୀତ ବୃଦ୍ଧି, ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଓ ପରିବେଶ ଜନିତ ପ୍ରଭାବ ଫଳରେ ଖାଦ୍ୟ ସୁରକ୍ଷା ଦିଗରେ ଏକ ଆକସ୍ମିକ ସମସ୍ୟା ସୃଷ୍ଟି କରିଛି। ତେଣୁ ଏହି ସମସ୍ୟାର ଆଶୁ ସମାଧାନେ ପାଇଁ ସ୍ୱତନ୍ତ୍ର ରଣ କୌଶଳ ପ୍ରସ୍ତୁତି, ବିଶ୍ୱସ୍ତରରେ ଥିବା ବିଭିନ୍ନ ନୀତିର ପରିବର୍ତ୍ତନ, ଜଳର ସଠିକ୍ ଉପଯୋଗ ଓ ସଂରକ୍ଷଣ, ଶସ୍ୟ ଅନୁସାରେ କୃଷି କ୍ଷେତ୍ରର ସଠିକ୍ ଉପଯୋଗ, ଖାଦ୍ୟ-ଶସ୍ୟର ଉପଯୁକ୍ତ ବଣ୍ଟନ, ପରିବହନ ଓ ବଜାର ବ୍ୟବସ୍ଥା, ଅମଳ ପରେ ଖାଦ୍ୟ – ଶସ୍ୟ ପ୍ରକ୍ରିୟା କରଣ ଓ ସଂରକ୍ଷଣ, ଖାଦ୍ୟ – ଶସ୍ୟର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ଭାବରେ ମହଜୁଦ୍ ରଖିବା ପରି କାର୍ଯ୍ୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କରିବା ଉଚିତ୍। ଏହିପରି ଦୂରଦୃଷ୍ଟି ସଂପନ୍ନ ନୀତିଗୁଡ଼ିକର କାର୍ଯ୍ୟକାରୀ କରାଗଲେ ସମଗ୍ର ବିଶ୍ୱରେ ବାସ କରୁଥିବା କୃଷକ ଓ ଗ୍ରାମୀଣ ଜନତାଙ୍କର ଜୀବନ ଯାପନ ଶୈଳୀରେ ପରିବର୍ତ୍ତନ ଆସି ପାରିବ।

- ବିଶ୍ୱର ପ୍ରତ୍ୟେକ ଦେଶ ଯଦି "ଖାଦ୍ୟ ସୁରକ୍ଷା ନିୟମ"କୁ ଅଗ୍ରାଧିକାର ଦେବେ ; ତେବେ ସର୍ବକାଳୀନ ଆର୍ଥିକ ସ୍ଥିତିର ବୃଦ୍ଧି ସମ୍ଭବ ହେବ। ଯଦି କୌଣସି ଗୋଟିଏ ଦେଶ ଖାଦ୍ୟ ସୁରକ୍ଷା ନିୟମକୁ ଗ୍ରହଣ ବା କାର୍ଯ୍ୟକାରୀ ନ କରେ, ତେବେ ଜାଣିବାକୁ ହେବ ଯେ ସେହି ଦେଶ କେବଳ ନିଜର ଆର୍ଥିକ ଅଭିବୃଦ୍ଧିରେ ପ୍ରତିବନ୍ଧକ ସାଜୁ ନାହିଁ ବରଂ ଦେଶୀୟ, ଆଞ୍ଚଳିକସ୍ତର ଓ ବିଶ୍ୱସ୍ତରୀୟ ଆର୍ଥିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି। ସେହିପରି ମନ୍ଦବୁଦ୍ଧି ସଂପନ୍ନ ଦେଶ ଜାଣିବା ଉଚିତ୍ ଯେ ଖାଦ୍ୟ ସୁରକ୍ଷା ନିୟମ ଦରିଦ୍ର ଜନତା, ଶିଶୁ ଓ ମହିଳା ମାନଙ୍କର ବିଶେଷ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ମହିଳାମାନେ ଅପପୁଷ୍ଟିରେ ପୀଡ଼ିତା ହେଲେ ଆଗାମୀ ବଂଶଧରମାନେ ପଙ୍ଗୁ ଓ ଅଥର୍ବ ହୋଇଯିବେ।

- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଖାଦ୍ୟ ସୁରକ୍ଷାର ତିନୋଟି ମୁଖ୍ୟ ଉପଜିବ୍ୟ ସ୍ଥିତି ବିଷୟରେ ଉଲ୍ଲେଖ କରି କହିଛି ଯେ- ଖାଦ୍ୟର ସହଜ ପ୍ରାପ୍ତି, ଖାଦ୍ୟ ପାଇବାର ସୁଯୋଗ ଓ ଖାଦ୍ୟର ସଠିକ୍ ଉପଯୋଗ, ଖାଦ୍ୟ ସୁରକ୍ଷା ନୀତିକୁ ସୁଦୃଢ଼ କରେ। ପରେ ଖାଦ୍ୟ ଓ କୃଷି ସଂଗଠନ (FAO) 'ଖାଦ୍ୟର ସ୍ଥିରତା' (ଜୀବନସାରା ପାଇବାର ସ୍ଥିତି) କୁ ଚତୁର୍ଥ ଉପଜିବ୍ୟ ସ୍ଥିତି ଭାବରେ ସଂଯୋଗ କରିଛନ୍ତି।

- ଖାଦ୍ୟସୁରକ୍ଷା ନୀତିର ସମୀକ୍ଷା ସମୟରେ ଭିନ୍ନ ଭିନ୍ନ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ୨୦୦୯ ରେ ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଖାଦ୍ୟ ସୁରକ୍ଷା ସମିତିର ସର୍ବେକ୍ଷଣରେ ରିପୋର୍ଟ ପ୍ରକାଶପାଇଛି ଯେ, ସମଗ୍ର ବିଶ୍ୱର ଜନତାଙ୍କୁ ଖାଦ୍ୟ-ଶସ୍ୟ ଯୋଗାଇ ପାରିବାର କ୍ଷମତା ଭାରତର ଅଛି ଏବଂ ବର୍ତ୍ତମାନ ଏହା ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ। ତେଣୁ ବ୍ୟସ୍ତ ହେବାର କିଛି କାରଣ ନାହିଁ।

ମାତ୍ର ସେହି ସମୟ ଅର୍ଥାତ୍ ୨୦୧୦ ରେ ଖାଦ୍ୟ ଓ କୃଷି ସଂଗଠନ (FAO) ଦର୍ଶାଇ ଅଛି, ୧୯୮୯ ମସିହାଠାରୁ (୧୭୨୧ ନିୟୁତ ଟନ) ୨୦୧୦ ମସିହାରେ (୨୩୪୨ ନିୟୁତ ଟନ୍) ମାତ୍ର ୩୬% ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇଛି। ବଳକା ୬୨୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ବିକାଶୋନ୍ମୁଖୀ ଦେଶ ଗୁଡିକୁ କରିବାକୁ ପଡ଼ିବ। ତା' ନହେଲେ ଭବିଷ୍ୟତରେ ଖାଦ୍ୟ ସମସ୍ୟା ଉତ୍କଟ ରୂପ ଧାରଣ କରିବ। ଏହି ପରିପ୍ରେକ୍ଷୀରେ ଭାରତ ପରି ବିଶ୍ୱର ଏକ ଦ୍ୱିତୀୟ ବୃହତ୍ ଜନସଂଖ୍ୟା ବହୁଳ ଦେଶ ସମଗ୍ର ବିଶ୍ୱର ଜନତାକୁ ଖାଦ୍ୟଶସ୍ୟ ଯୋଗାଇ ପାରିବାର କ୍ଷମତା ରଖିବା ପରି ସର୍ବେକ୍ଷଣ ରିପୋର୍ଟ ପ୍ରକାଶ କରିବା ନିଶ୍ଚିତ ଭାବରେ ସନ୍ଦେହ ଜନକ। ତେବେ ଏହି ୬୨୧ ନିୟୁତ ଟନ୍ ନିଅଣ୍ଟ ଖାଦ୍ୟ - ଶସ୍ୟକୁ ଭରଣା କରିବା ପାଇଁ ବିଶ୍ୱସ୍ତରରେ ଉନ୍ନତ ବିହନ, ରାସାୟନିକ ସାର ଓ କୃଷି ଯନ୍ତ୍ରପାତି ସୃଷ୍ଟି ପାଇଁ ପ୍ରଚେଷ୍ଟା ରହିବା ଆବଶ୍ୟକ।

## ୨.୧୦ ମୁଖ୍ୟ ଶବ୍ଦାବଳୀ

- **ଖାଦ୍ୟ ସୁରକ୍ଷା :** ଖାଦ୍ୟ ସୁରକ୍ଷା ନୀତି ସଂପର୍କରେ ମିଳିତ ଜାତିସଂଘ ସୂଚନା ପ୍ରଦାନ କରି କହିଛନ୍ତି ଯେ "ବିଶ୍ୱର ପ୍ରତ୍ୟେକ ନାଗରିକ ସୁସ୍ଥ, ସବଳ ଓ ନିରୋଗ ଜୀବନ ଯାପନ କରିବା ପାଇଁ ବର୍ଷସାରା ପ୍ରାକୃତିକ, ସାମାଜିକ ଓ ଆର୍ଥନୀତିକ ସ୍ଥିତିବଳରେ ଆବଶ୍ୟକ ପୌଷ୍ଟିକ ଖାଦ୍ୟ ପାଇବାର ଅଧିକାରକୁ ଖାଦ୍ୟସୁରକ୍ଷା ନୀତି ବୋଲି କୁହାଯାଏ"।

- **ଗ୍ରାମୀଣ ବଜାର :** ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା (NSSO) ଙ୍କ ତଥ୍ୟାନୁସାରେ ଏକ ବର୍ଗ କିଲୋମିଟର ସ୍ଥାନରେ ୪୦୦ ଜନସଂଖ୍ୟା ବସବାସ କରୁଥିଲେ ଏବଂ କୌଣସି ଅଞ୍ଚଳରେ ଅନ୍ୟୁନ ୫୦୦୦ ଜନସଂଖ୍ୟା ଥିଲେ, ସେମାନଙ୍କ ପାଇଁ ଗ୍ରାମୀଣ ବଜାର ସୃଷ୍ଟି ହୋଇଥାଏ। ମାତ୍ର ଭାରତ ପରି ଏକ କୃଷି ପ୍ରଧାନ ଦେଶରେ ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥାର ନୀତି ଅନୁସାରେ ଗ୍ରାମୀଣ ହାଟ ବସେ ନାହିଁ। ଆମ ମତାନୁସାରେ ଗ୍ରାମୀଣ ଜନତାଙ୍କର କୃଷି ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ଓ ଆବଶ୍ୟକ ଗୃହ ଉପଯୋଗୀ ଦ୍ରବ୍ୟ କିଣା ବିକା କରିବା ପାଇଁ ଗ୍ରାମର ଶେଷମୁଣ୍ଡ ସ୍ଥିତ ପଡିଆରେ ଯେଉଁ ହାଟ ବସେ ଏବଂ ଆଖପାଖ ଗ୍ରାମର କ୍ରେତା ଓ ବିକ୍ରେତା ଏକାଠି ହୋଇ ନିଜର ଆବଶ୍ୟକ ବସ୍ତୁ କିଣା ବିକା କରିବା ସହିତ ସାମାଜିକ ଓ ସାଂସ୍କୃତିକ ଭାବ ବିନିମୟ କରନ୍ତି; ତାହାକୁ ଗ୍ରାମୀଣ ବଜାର କହନ୍ତି।

- **ଜଳବାୟୁ ପରିବର୍ତ୍ତନ :** ଭୌଗୋଳିକ ସ୍ଥିତିର ପରିବର୍ତ୍ତନ ସହିତ ପାଣିପାଗର ଅନିୟମିତତାକୁ ଜଳବାୟୁ ପରିବର୍ତ୍ତନ ବୋଲି କହନ୍ତି। ଭୂବିଜ୍ଞାନିଙ୍କ ମତରେ ପ୍ରତି ୨୦ ବର୍ଷରେ ଥରେ ବିଶ୍ୱର ପ୍ରତ୍ୟେକ ଅଞ୍ଚଳରେ ଏହି ପରିବର୍ତ୍ତନ ଆସେ। ଫଳରେ ସ୍ୱଳ୍ପ ବୃଷ୍ଟି, ଅତ୍ୟଧିକ ବୃଷ୍ଟିପରି ଶୀତ ଓ ଗ୍ରୀଷ୍ମର ସ୍ୱାଭାବିକତା ରହେ ନାହିଁ। ଏହାକୁ ଜଳବାୟୁ ପରିବର୍ତ୍ତନ ବୋଲି କୁହାଯାଏ। ଏହା ଫଳରେ ଜନସାଧାରଣ, ପଶୁପକ୍ଷୀ ବୃକ୍ଷଲତା ଓ ଫସଲ ମଧ୍ୟ ପ୍ରଭାବିତ ହୁଏ। ବର୍ତ୍ତମାନ ଅତ୍ୟଧିକ କଳକାରଖାନା ପ୍ରତିଷ୍ଠା ଓ ତହିଁରୁ ନିର୍ଗତ ଅଙ୍ଗାରକାମ୍ଳ ପାଇଁ ବିଶ୍ୱତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ଘଟି ଜଳବାୟୁକୁ ପ୍ରଭାବିତ କରିବା ଫଳରେ ଅନାବଶ୍ୟକ ଭାବରେ ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ଦେଖା ଦେଲାଣି।

- **କୃଷି-ଜୈବ ବିବିଧତା :** କୃଷିଭିତ୍ତିକ ଜୈବ- ବିବିଧତା ଏକ ବୃହତର ଦିଗକୁ ସୂଚିତ କରୁଥିଲେ ହେଁ ଏହା ଖାଦ୍ୟ ଓ କୃଷି ପାଇଁ ବିଶେଷ ପ୍ରଯୁଜ୍ୟ; ଯାହା ଜୈବ ବିବିଧତାର ସମସ୍ତ ଗୁଣଧର୍ମକୁ ନେଇ ସଂଗଠିତ। କୃଷି ଜୈବ ବିବିଧତା କହିଲେ ସାଧାରଣତଃ ଜୈବିକ କୃଷିକୁ ସୂଚିତ କରିଥାଏ।

ବିବିଧ ପ୍ରାଣୀ, ଉଦ୍ଭିଦ, କ୍ଷୁଦ୍ର ଅଣୁଜୀବ ଓ ଜୈବ ପରିବେଶର ସମ୍ମିଶ୍ରଣକୁ ଜୈବ କୃଷି ବୋଲି କୁହାଯାଇ ପାରିବ ।

- **ଚିରସ୍ଥାୟୀ କୃଷି :** ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗରେ ପରିବେଶ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ମାନବ ସମାଜର ସୁରକ୍ଷା, ଏବଂ ପ୍ରାଣୀମାନଙ୍କର ଜୀବନ ଧାରଣ ପାଇଁ ଖାଦ୍ୟ, ବୃକ୍ଷ – ଲତା ଓ ପଶୁସଂପଦକୁ କୃଷି ପ୍ରଣାଳୀ ଦ୍ୱାରା ବାରମ୍ବାର ଉତ୍ପନ୍ନ ଓ ଉତ୍ପାଦନ କରାଯାଇ ଭବିଷ୍ୟତ ବଂଶଧରଙ୍କ ପାଇଁ ସଂରକ୍ଷିତ କରିବା ପ୍ରଣାଳୀକୁ ଚିରସ୍ଥାୟୀ କୃଷି (Sustainable Agriculture) ବୋଲି କୁହାଯାଏ ।

- **ଗ୍ରାମୀଣ ବିକାଶ (Rural Development) :** ଗ୍ରାମ୍ୟ ଜନତାଙ୍କୁ ଶୋଷଣ, କଷଣ ଓ ଦାରିଦ୍ର୍ୟରୁ ମୁକ୍ତ କରି ଉନ୍ନତମାନର ଜୀବନ ଧାରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା, ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଜଳ, ଜମି, ଜଙ୍ଗଲର ସଦୁପଯୋଗ ପାଇଁ ସୁବିଧା ପ୍ରଦାନ, ଉନ୍ନତ କୃଷି ପ୍ରଣାଳୀ ପାଇଁ ପ୍ରୋତ୍ସାହନ, ଖାଦ୍ୟ ଓ କୃଷିଜାତ ଦ୍ରବ୍ୟର ସୁଷମ ବଣ୍ଟନ, ମାର୍କେଟିଂ ଓ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଇ ସବୁ ଦିଗରୁ ସହଯୋଗ କରି ଜାତୀୟ ଓ ଆନ୍ତର୍ଜାତୀୟ ଜନସାଧାରଣଙ୍କ ସହ ସଂଯୋଗ କରିବାକୁ ଗ୍ରାମୀଣ ବିକାଶ କୁହାଯାଏ ।

## ୨.୧୧ ସହାୟକ ଗ୍ରନ୍ଥସୂଚୀ

**Abraham, Vinod (2009)- Employment Growth in Rural India:** Distress Driven", Economic and Political Weekly, vol. 44 No. 16.

**Ahmad, Mumtaz Uddin (2006) :** Rural Development and Proverty Alleviation through Promotion of Rural Non-Farm Activities in the Asia- Pacific Region: Review of Evidence, Patterns and Issue", Asia- Pacific Journal of Rural Development vol.16 No.1.

**Basant, Rakesh (1994):** "Economic Diversification of Rural Areas", Economic and Political Weekly, Vol.29, No. 39

**Basant, Rakesh and B.L.Kumar (1989) :** "Rural Non-Agricultural Activities in India: A Review of Available Evidence", Social Scientist, Vol. 17, No. 1-2

**Bhalla, G.S. and Peter Hazell (2003):** "Rural Employmentand Poverty: Strategies to Eliminate Rural Poverty within a Generation", Economic and Political Weekly,Vol. 38, No. 33

**Chadha, G.K. (2002) :** "Rural Non-Farm Employment in India: What does Recent Experience Teach Us?", The Indian Journal of Labour Economics, Vol. 45, No. 4.

**Dev, Mahendra S. (1990) :** "Non-Agricultural Employment in Rural India:Evidence at a Disaggregated Level", Economic and Political Weekly, Vol. 26, No.28.

**Fisher, Thomas, Vijay Mahajan and Ashok Singha (1997):** The Forgotten Sector: Non-farm Employment and Enterprises in Rural India, London: IntermediateTechnology Publications

**Gill, L. S. (2005):** "Deceleration of Industrial Growth and Rural Industrialization Strategy for Indian Punjab", Journal of Punjab Studies, Vol. 12, No. 2

# ତୃତୀୟ ଏକକ
# ଆୟ ବୃଦ୍ଧି କାର୍ଯ୍ୟକ୍ରମ

**ଶିକ୍ଷାର ଉଦ୍ଦେଶ୍ୟ :**

**ଉକ୍ତ ଅନୁଚ୍ଛେଦ ଶେଷରେ ଆପଣ ଜାଣିବାକୁ ପାଇବେ -**

- ଗ୍ରାମୀଣ ଭାରତରେ ଆୟବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଓ ତା'ର ଆବଶ୍ୟକତା।
- ଗ୍ରାମୀଣ ଜନତାଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରୀ ସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ତାଲିକା ବିଷୟରେ ଜ୍ଞାନ ଆହରଣ।
- ସରକାରୀ ସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମର ବୈଶିଷ୍ଟ୍ୟ ଓ ତା'ର ବିଶ୍ଲେଷଣ।

**ବିଷୟ ଗଠନ**

୩.୧ ଉପକ୍ରମ

୩.୨ ଭାରତରେ ନିଯୁକ୍ତି କାର୍ଯ୍ୟକ୍ରମ

୩.୩ ମଜୁରୀଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ

୩.୪ ସାରାଂଶ

୩.୫ ମୁଖ୍ୟ ଶବ୍ଦାବଳୀ

୩.୬ ସହାୟକ ଗ୍ରନ୍ଥସୂଚୀ

୩.୭ ଅଗ୍ରଗତିର ପରୀକ୍ଷା– ସମ୍ଭାବ୍ୟ ଉତ୍ତର

## ୩.୧ ଉପକ୍ରମ

"ଭାରତର ଆତ୍ମା ଗ୍ରାମ", ଭାରତର ରାଜନୀତିକ, ସାମାଜିକ ଓ ଆର୍ଥନୀତିକ ଦୃଶ୍ୟପଟ୍ଟକୁ ଉପଲବ୍ଧି କରି ଜାତିର ପିତା ମହାତ୍ମା ଗାନ୍ଧି ଏକଦା ଏହି କଥା କହିଥିଲେ; ଯାହା ଆଜି ମଧ୍ୟ ଏହି ବାର୍ତ୍ତାର ଗୁରୁତ୍ୱ ପରିଲକ୍ଷିତ ହୁଏ। ୦୧୧ ଜନଗଣନାନୁସାରେ ଭାରତରେ ୧୨୧.୦୨ କୋଟି (ବର୍ତ୍ତମାନ ୧୩୦ କୋଟିରୁ ଅଧିକ) ଜନତାଙ୍କ ମଧ୍ୟରୁ ୬୮.୮୪% (୮୩.୩୧ କୋଟି) ଲୋକ ଗ୍ରାମାଞ୍ଚଳରେ ବସବାସ

କରୁଥିବାବେଳେ ମାତ୍ର ୩୧.୧୬% (୩୭.୬୯) ଜନତା ସହରାଞ୍ଚଳରେ ବାସ କରନ୍ତି। ଗ୍ରାମୀଣ ଭାରତର ଜନତା ସର୍ବଦା ଦାରିଦ୍ର୍ୟ, ବେରୋଜଗାରୀ ଓ ଆବଶ୍ୟକ ଉନ୍ନତିମୂଳକ ଭିତ୍ତିଭୂମି ସମସ୍ୟାରେ ଘାଣ୍ଟି ହେଉ ଥିବାବେଳେ ସହରାଞ୍ଚଳରେ ଥିବା ବସ୍ତି ବାସିନ୍ଦାଙ୍କର ସମସ୍ୟା ମଧ୍ୟ ତଦ୍ରୂପ। ଏମାନେ ଗ୍ରାମୀଣ ଜନତାଙ୍କ ପରି ସାମାଜିକ ଓ ଆର୍ଥନୀତିକ ସମସ୍ୟା ଜନିତ ଉଦ୍‌ବେଗ ପ୍ରପୀଡ଼ିତ। ଭାରତର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ଥିବାବେଳେ ଗ୍ରାମୀଣ ଜନତାଙ୍କର ଜୀବନ ଶୈଳୀର ଉନ୍ନତି; କୃଷି, ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ପରି ଉନ୍ନତି ମୂଳକ କାର୍ଯ୍ୟକ୍ରମଗୁଡ଼ିକର ବିକାଶ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ। ବିଗତ କିଛି ବର୍ଷ ହେଲା, ଗ୍ରାମୀଣ ଯୁବକଙ୍କର ବେକାରୀ ସମସ୍ୟା ଓ ରୋଜଗାର ହୀନତା, ଗ୍ରାମୀଣ ବିତ୍ତୀୟ ବ୍ୟବସ୍ଥା ଓ ଜୀବନଶୈଳୀକୁ ପଶ୍ଚାତ୍‌ଗାମୀ କରୁଥିବାରୁ ଯେଉଁ ସମସ୍ୟା ଉପୁଜିଲାଣି, ତାର ପ୍ରତିକାର କରି ସବୁପ୍ରକାର ବିକାଶ ଧାରାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ବେକାରୀ ଓ ରୋଜଗାରୀ ସମସ୍ୟାର ବୃଦ୍ଧି ଭବିଷ୍ୟତରେ ଭାରତ ପରି ଏକ ବିକାଶୋନ୍ମୁଖୀ ଦେଶ ପାଇଁ ନୀରବ ଘାତକ ସାଜିବା ପୂର୍ବରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ୍।

---

୧. ଦାରିଦ୍ର୍ୟ, ୨. ଶିକ୍ଷା ଓ ନିଯୁକ୍ତି ଜନିତ ସୁଯୋଗର ଅଭାବ , ୩. ମହାଜନମାନଙ୍କର ଶୋଷଣ, ୪. ଆର୍ଥିକ ପରିସ୍ଥିତିର ଉନ୍ନତି ପାଇଁ ଅକ୍ଷମତା, ୫. ଅସ୍ୱାସ୍ଥ୍ୟକର ପରିବେଶ, ୬. ଅପପୁଷ୍ଟି ରୋଗର ଶିକାର, ୭. ଆର୍ଥିକ ସ୍ଥିତିର ନିଃସରଣ, ୮. ଋଣ ଯନ୍ତାରେ ପ୍ରପୀଡ଼ିତ।

---

ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା (NSSO) ର ୫୫ତମ ସର୍ବେକ୍ଷଣ ଅନୁସାରେ ୧୯୯୩-୯୪ ରେ ଭାରତରେ ବେକାରୀ ସଂଖ୍ୟା ୫.୯୯% ଥିବା ବେଳେ ଏହା ୧୯୯୩- ୨୦୦୦ ବେଳକୁ ୭.୩୨% କୁ ବୃଦ୍ଧି ପାଇଥିଲା। ଆନ୍ତର୍ଜାତୀୟ ଶ୍ରମିକ ସଂଗଠନଙ୍କ ରିପୋର୍ଟ କହେ ଯେ ୨୦୦୪- ୦୫ ତୁଳନାରେ ୨୦୦୯-୧୦ ବେଳକୁ ସମଗ୍ର ବିଶ୍ୱରେ ନିଯୁକ୍ତି ସଂଖ୍ୟା ମାତ୍ର ୧.୧ ମିଲିୟନ ବୃଦ୍ଧି ପାଇଥିଲା। ମାତ୍ର ଭାରତରେ ଏହି ସମୟ ବେଳକୁ ୧୩.୯ ମିଲିୟନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିଥିବା କଥା ଉଲ୍ଲେଖ କରାଯାଇଅଛି। ତୃତୀୟ ବାର୍ଷିକ ବେକାରୀ ଓ ନିଯୁକ୍ତି ସର୍ବେକ୍ଷଣ ଅନୁସାରେ ୨୦୧୩ ବେଳକୁ ଭାରତରେ ବେକାରୀ ସଂଖ୍ୟା ହ୍ରାସ ପାଇ ୪.୭% ରେ ପହଞ୍ଚି ପାରିଥିଲା। ଏହାର ମୂଳକାରଣ ହେଲା ଶ୍ରମିକ ଭାବରେ କାର୍ଯ୍ୟ କରିବା ପାଇଁ ଯୁବକମାନଙ୍କର ଅନିଚ୍ଛା ପ୍ରକାଶ। ଏମାନେ ସମସ୍ତେ ସରକାରୀ ବା ବେସରକାରୀ ସଂସ୍ଥାରେ ଅଫିସ୍ କାର୍ଯ୍ୟରେ ନିଯୁକ୍ତି ହେବାକୁ ଆଗ୍ରହ କରୁଥିବାରୁ କନଷ୍ଟ୍ରକ୍ସନ୍, କୃଷିକ୍ଷେତ୍ର, କଳକାରଖାନା, ବ୍ୟବସାୟ ଓ ଘରୋଇ ଶ୍ରମିକଙ୍କର ଅଭାବ ପରିଲକ୍ଷିତ ହେଉଛି। ଏସବୁ କ୍ଷେତ୍ରରେ ଆତ୍ମନିଯୁକ୍ତି ବା ନିଯୁକ୍ତି ସମ୍ଭବ ହେଲେ ଭାରତରେ ବେକାରୀ ସମସ୍ୟା ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ସ୍ତରରେ ଯେଉଁ ସର୍ବେକ୍ଷଣ କରାଯାଇଥିଲା, ସେଥିରେ ମହିଳା ବେକାରୀ ୭.୨% ଏବଂ ପୁରୁଷ ବେକାର ମାତ୍ର ୪% ଥିବା କଥା ଉଲ୍ଲେଖ କରାଯାଇ ଅଛି। ଏପରିକି ସମୁଦାୟ ବେକାରମାନଙ୍କର ସଂଖ୍ୟାର ମାତ୍ର ୪.୪% ଗ୍ରାମାଞ୍ଚଳରେ ଥିବାବେଳେ ସହରାଞ୍ଚଳରେ ଏହାର ସଂଖ୍ୟା ୫.୭%। ମୋଟ

ଉପରେ ନିଯୁକ୍ତି ସଯୋଗ ସୃଷ୍ଟି ଓ ବେକାରୀ ସମସ୍ୟାର ସମାଧାନ କେବଳ ସ୍ଲୋଗାନରେ ସମ୍ଭବ ନୁହେଁ ; ଏହାର ସମାଧାନ ଦେଶର ସର୍ବାଙ୍ଗୀନ ବିକାଶ, ଆର୍ଥିକ ପ୍ରଗତି, ଉତ୍ପାଦନ ବୃଦ୍ଧି ଓ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ଉପରେ ନିର୍ଭର କରେ । ବିଗତ ତିନି ଦଶନ୍ଧି ମଧ୍ୟରେ ଭାରତରେ ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହୋଇଥିବାରୁ ନିଯୁକ୍ତି ବୃଦ୍ଧି କିଛି ପରିମାଣରେ ମଧ୍ୟ ବୃଦ୍ଧି ପାଇଛି ।

୧୯୯୨- ୯୩ ରୁ ୨୦୦୦- ୦୧ ମଧ୍ୟରେ ଜାତୀୟ ଅଭିବୃଦ୍ଧି ହାର ୬.୪% ଥିବା ସତ୍ତ୍ୱେ ସମୁଦାୟ ନିଯୁକ୍ତି ସୁଯୋଗ ୨% ରୁ ୧% କୁ ଖସି ଆସିଥିଲା । କାରଣ ଏହି ସମୟ ଭିତରେ ବେକାରୀ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଥିଲା । ତା'ର ମୁଖ୍ୟ କାରଣ ହେଲା, ଆର୍ଥିକ ଅଭିବୃଦ୍ଧି ହାର ଲକ୍ଷ୍ୟ ତୁଳନାରେ କମ୍ ହୋଇଥିବାରୁ ନିଯୁକ୍ତି ସୁଯୋଗ କମିଗଲା । ତଥାପି ବିଗତ ଦୁଇ ଦଶନ୍ଧି ମଧ୍ୟରେ ଯେଉଁ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହୋଇଛି ; ସେଥିରେ ସହରାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ବେଳେ ଗ୍ରାମାଞ୍ଚଳରେ ନିରାଶାଜନକ ପରିସ୍ଥିତି ସୃଷ୍ଟି କରିଛି ।

ଭାରତୀୟ ପ୍ଲାନିଂ କମିଶନଙ୍କ ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ର ସର୍ବେକ୍ଷଣ ଅନୁସାରେ ୨୦୦୪-୦୫ ରେ ଗ୍ରାମାଞ୍ଚଳରେ ୩୦୩.୨ ମିଲିୟନ ଶ୍ରମିକ ମାନଙ୍କର ଆବଶ୍ୟକତା ଥିଲାବେଳେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ମାତ୍ର ୨୭୮.୧ ମିଲିୟନ୍ ଜନତା । ବାକି ୨୫ ମିଲିୟନ ଗ୍ରାମ୍ୟ ଜନତା କେବଳ ବେକାର ଜୀବନ ବିତାଉଥିଲେ । ମାତ୍ର ଦଶମ ପଞ୍ଚବାର୍ଷିକ ଯୋଜନାରେ ଯଥେଷ୍ଟ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ଥିବାରୁ ଗ୍ରାମାଞ୍ଚଳରେ ବେକାରୀ ହାର କମିଯାଇଥିଲା ବୋଲି କମିଶନ ସ୍ୱୀକାର କରିଛନ୍ତି । ତେବେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ (ଏକାଦଶ ପଞ୍ଚବାର୍ଷିକରେ ୧୫.୦୩% - ଦଶମ ପଞ୍ଚବାର୍ଷିକରେ ୧୨.୩%) ଦଶମ ପଞ୍ଚବାର୍ଷିକ ଯୋଜନାନୁସାରେ ଅଧିକ ୩% ବେକାରୀ ବୃଦ୍ଧି ପାଇବାର ମୁଖ୍ୟ କାରଣ, କୃଷି କ୍ଷେତ୍ରରେ ଶ୍ରମିକର ଅଭାବକୁ ଦର୍ଶାଯାଇ ଅଛି ।

ଗ୍ରାମାଞ୍ଚଳରେ କୃଷି ଓ କୃଷି ସମ୍ବନ୍ଧୀୟ କାର୍ଯ୍ୟଗୁଡିକ ଶ୍ରମିକମାନଙ୍କୁ ଯଥେଷ୍ଟ ପରିମାଣର ଶ୍ରମ ଯୋଗାଇ ଥାଏ । ଯାହାର ହାର ୧୯୮୩ ରେ ୬୫.୪୨% ଥିଲାବେଳେ ୨୦୦୪-୦୫ ବେଳକୁ ଏହା ୫୨.୦୬% କୁ ଖସି ଆସିଥିଲା । ଏହିପରି କୃଷି ଶ୍ରମିକମାନଙ୍କର ସଂଖ୍ୟା ହ୍ରାସର ମୂଳ କାରଣ ଥିଲା ୧୯୮୦ ଦଶକରେ ଗଢି ଉଠିଥିବା ଜନପ୍ରିୟ ସଭ୍ୟତା ଓ ସଂସ୍କୃତି । ସହରୀ ଜୀବନ ଝକଝକ୍ୟ, ପକ୍କା ସଡ଼କ, ସିନେମା ଓ ହୋଟେଲ ଶିଳ୍ପ ଗ୍ରାମୀଣ ଶିକ୍ଷିତ ଯୁବକଙ୍କୁ ଆକର୍ଷିତ କରିବା ଫଳରେ ଗ୍ରାମ୍ୟ ଯୁବକ ମାନଙ୍କର ଲମ୍ବା ଧାଡ଼ି ସହରାଭିମୁଖୀ ହେଲା । ଯାହା ଫଳରେ ଗ୍ରାମର କୃଷି କ୍ଷେତ୍ର ସବୁ ଶ୍ରମିକ ଅଭାବରୁ ପଡ଼ିଆ ପଡ଼ିଲା, କୃଷି ଉତ୍ପାଦନ କମିଗଲା ଏବଂ କୃଷି ଉପରେ ନିର୍ଭର କରୁଥିବା କୃଷକ ଦାରିଦ୍ର୍ୟ ସୀମାରେଖା ତଳେ କାଳାତିପାତ କଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ କାର୍ଯ୍ୟନିଯୁକ୍ତି କାର୍ଯ୍ୟକ୍ରମକୁ ସବୁଠାରୁ ପ୍ରାଥମିକତା ଦିଆଯାଇଛି । ଯାହାଫଳରେ ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ

କରିବା ପାଇଁ ପ୍ରାୟତଃ ୮୦% ସରକାରୀ ପଦବୀ ଖୋଲାଯାଇ ଅଭିଜ୍ଞ ଅଧିକାରୀ ମାନଙ୍କୁ ନିଯୁକ୍ତ କରାଯାଇ ଗ୍ରାମାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମିର ବିକାଶ, ପିଇବା ପାଣି, ଗମନାଗମନ, କୃଷିର ବିକାଶ ପରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବା ଯୋଗୁଁ ବର୍ତ୍ତମାନ ଗ୍ରାମୀଣ ଜନତାଙ୍କର ଦୂରାବସ୍ଥା ହ୍ରାସ ପାଇ ଜୀବନ ଯାପନ ଶୈଳୀର ମାନ ବୃଦ୍ଧି ଘଟିଅଛି ।

## ୩.୨ ଭାରତରେ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ

ଭାରତର ସ୍ୱାଧିନତା ପ୍ରାପ୍ତି ପରଠାରୁ ଉନ୍ନତିମୂଳକ ଯୋଜନା ଆଧାରରେ "ସମାଜର ଯଥୋଚିତ ବିକାଶକୁ ପ୍ରାଥମିକତା ଦିଆଯାଇ ଆସୁଅଛି । ସମାଜରେ ଦାରିଦ୍ର୍ୟ ଓ ବେକାରୀ ସମସ୍ୟାର ଅସ୍ତିତ୍ୱକୁ ବିକାଶର ଗୁରୁତର ବାଧକ ଭାବରେ ବିଚାର କରାଯାଇଛି । ମାତ୍ର ବେକାରୀ ଓ ବେରୋଜଗାରୀ ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର କୌଣସି ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତି କରିନାହାଁନ୍ତି । (ସବୁ ଯଦି ସରକାର କରିବେ, ବ୍ୟକ୍ତିବିଶେଷ କ'ଣ କରିବେ ? ସର୍ବଦା ସରକାରଙ୍କ ମୁଣ୍ଡରେ ଦୋଷ ଦିଆଯାଇ ଏ ଦେଶର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ଦିଗଟିକୁ ନଷ୍ଟ ଭ୍ରଷ୍ଟ କରିଦିଆଗଲାଣି । ଶିକ୍ଷିତ ଯୁବକମାନେ ଶିକ୍ଷା ପାଇବା ପରେ ନିଜର ଦକ୍ଷତା, ବୌଦ୍ଧିକ ବିକାଶ ଓ ଶାରୀରିକ ପରିଶ୍ରମ ଦ୍ୱାରା ନିଜର ଆର୍ଥନୀତିକ ସ୍ଥିତିକୁ କିପରି ସୁଦୃଢ଼ କରାଯାଇ ପାରିବ, ସେ ବିଷୟରେ ଅନୁଶୀଳନ କରିବା କଥା । ଶିକ୍ଷାନୁଷ୍ଠାନମାନଙ୍କରୁ ଅସତ୍ ଉପାୟରେ ଡିଗ୍ରୀ ହାସଲ କରିନେଇ, ଗାଁ ମୁଣ୍ଡରେ, ଚ' ଦୋକାନରେ ଖଟି ମାରି ବସିଲେ କେହି ଶିକ୍ଷିତ ବେକାର ହୋଇଯାଏ ନାହିଁ । ଶିକ୍ଷା ଗ୍ରହଣର ସାଧୁତା ଓ କଠିନ ଅଧ୍ୟବସାୟ ଉପରେ ଗଭୀର ଆସ୍ଥା ପ୍ରକଟ କରୁଥିବା ଛାତ୍ର ଛାତ୍ରୀ କେବେ ବେକାରୀ ଜୀବନ ନେଇ ପଙ୍ଗୁ ପାଲଟିଯାଏ ନାହିଁ କି ଚାଷ ଜମିରେ ପାଣିପାଗକୁ ଦୃଷ୍ଟିରେ ରଖି ଚାଷ କରୁଥିବା କୃଷକ ଭୋକରେ ମରେ ନାହିଁ । ବିକାଶ, ଅର୍ଥନୀତି ଓ ଅଭିବୃଦ୍ଧି ବିଷୟରେ ଲମ୍ବା ଭାଷଣ ଦେଉଥିବା ବୁଦ୍ଧିଜୀବୀ ଓ ଆଳଙ୍କାରିକ ଇଂରାଜୀ ଭାଷାରେ ବହି ଲେଖୁଥିବା ପଣ୍ଡିତମାନେ ଗ୍ରାମୀଣ ଭାରତର ପରିଶ୍ରମ କାତର ଓ ଅଥର୍ବ ଜନତାଙ୍କର ମାନସିକତାକୁ ଅଧ୍ୟୟନ କରିବା ଉଚିତ୍) । ବରଂ ତାଙ୍କର ବିବରଣୀ ଅନୁସାରେ ଗ୍ରାମାଞ୍ଚଳରେ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହେଲେ ବେକାରୀ ସମସ୍ୟା ଦୂରହେବ । ସରକାରୀ ଆକଳନ ଅନୁସାରେ ୧୯୬୯ ରୁ ୨୦୦୪ ମସିହା ଭିତରେ ଯେଉଁ ୨୨ ମିଲିୟନରୁ ୪୨ ମିଲିୟନ ବେକାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି ; ତାହାର ସ୍ଥାୟୀ ସମାଧାନ ସରକାରୀ ଯୋଜନାର ସଫଳ ରୂପାୟନ, ଆତ୍ମ ନିଯୁକ୍ତି ଓ ଆତ୍ମ ନିର୍ଭରଶୀଳତା ଏବଂ ମଜୁରୀଭିତ୍ତିକ ନିଯୁକ୍ତି ଦ୍ୱାରା କରାଯିବ ।

ଦାରିଦ୍ର୍ୟରୋଗର ଉପଶମ ପାଇଁ ଦାରିଦ୍ର୍ୟ ଉପରେ ସିଧାସଳଖ ଆକ୍ରମଣ ଦରକାର । ଏହି ବିଚାରଧାରାକୁ ଦୃଷ୍ଟିରେ ରଖି ଭାରତ ସରକାର ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବିଗତ ତିନି ଦଶନ୍ଧି ଧରି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଜାତୀୟ, ରାଜ୍ୟସ୍ତରୀୟ ଯୋଜନା ସହିତ ଅନେକ

ବେସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ, ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରାଯାଇ, କ୍ଷୁଦ୍ର ବ୍ୟବସାୟ, ଲଘୁ ଉଦ୍ୟୋଗ ପ୍ରତିଷ୍ଠା, ଗୋପାଳନ, ଛେଳିପାଳନ, ମତ୍ସ୍ୟଚାଷ  ଇତ୍ୟାଦି ପାଇଁ ସହାୟକ ରାଶି ମଧ୍ୟପ୍ରଦାନ କରାଯାଉଅଛି । ସେହିପରି ମହିଳା ଓ ଶିଶୁମାନଙ୍କର ବିକାଶ ପାଇଁ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟରକ୍ଷା ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ, ସ୍କୁଲ ଡ୍ରପଆଉଟର ନିଷେଧ (ପ୍ରତ୍ୟେକ ଶିଶୁ ସ୍କୁଲ ଯିବା ବାଧ୍ୟତାମୂଳକ କାର୍ଯ୍ୟ) ପାଇଁ ଅଙ୍ଗନବାଡ଼ି  କେନ୍ଦ୍ର ପ୍ରତିଷ୍ଠା ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗ୍ରାମ୍ୟ ଜନତାଙ୍କର ଆର୍ଥିକ,ଶାରୀରିକ,ବୌଦ୍ଧିକ ଓ ସାମାଜିକ ବିକାଶ ପାଇଁ ପ୍ରଚେଷ୍ଟା କରାଯାଇଅଛି । ଏତଦ୍ ବ୍ୟତୀତ ଗରିବରୁ ଅତି ଗରିବ ଗ୍ରାମ୍ୟ ଜନତାଙ୍କ ପାଇଁ ଏକ ଟଙ୍କିଆ ଚାଉଳ, ମୁକ୍ତ ବିଜୁଳି, ପିଇବା ପାଣି ଓ ଇନ୍ଦିରା ଆବାସ ଇତ୍ୟାଦି ପ୍ରଦାନ କରାଯାଇ ସେମାନଙ୍କର ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା ପ୍ରସ୍ତୁତି କରାଯାଇଛି  ।

ନିଃସନ୍ଦେହରେ କୁହାଯାଇପାରେ ଯେ ବିଗତ ତିନିଦଶନ୍ଧି ଧରି ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଉନ୍ନତିମୂଳକ ଯୋଜନା ସବୁ କାର୍ଯ୍ୟକାରୀ କରାଯାଇ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ପ୍ରଚେଷ୍ଟା କରାଯାଇଛି । ଫଳରେ ୧୯୬୦ ମସିହାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୫୦% ଗ୍ରାମାଞ୍ଚଳ ଜନତାଙ୍କ ସଂଖ୍ୟା ୧୯୯୦ ବେଳକୁ ଖସି ଆସି ୩୦% ରେ ପହଞ୍ଚିଥିଲା । ମାତ୍ର ସରକାରଙ୍କ ପରିବାର ନିୟୋଜନ ଯୋଜନା ସଂପୂର୍ଣ୍ଣ ବିଫଳ ହେବା ଫଳରେ, ଭାରତର ଜନସଂଖ୍ୟା ବର୍ତ୍ତମାନ ୧୩୦ କୋଟିରେ ପହଞ୍ଚିବା ଫଳରେ, ତଦନୁସାରେ ପରିକ୍ରମ କାତର ବେକାରୀ ଦରିଦ୍ରଙ୍କ ସଂଖ୍ୟାରେ ମଧ୍ୟ ଆଶାତୀତ ବୃଦ୍ଧି ଘଟିଛି । ଏପରି ଗୁରୁତର ସମସ୍ୟା ଓ ଉଦ୍‌ବେଗ ଜନକ ପରିସ୍ଥିତିର ସମାଧାନ ପାଇଁ ଯେଉଁ ସଚେତନତା ଲୋଡ଼ା ତା'ର ସଠିକ୍ ରୂପାୟନ କରାଯାଉଥିଲେ ମଧ୍ୟ "କାଲା ଆଗରେ ମୂଳା ଝୁଲାଇବା" ନ୍ୟାୟରେ ଗ୍ରାମ୍ୟ ଜନତା ସାରାଜୀବନ 'କଲା' (ଗରିବ) ହୋଇ ରହିବାର ମାନସିକତା ଭିତରେ ରହିବା ପାଇଁ ଅଧିକ ଶ୍ରେୟଃ ମଣୁଛନ୍ତି ।

## ୩.୨.୧ ପୂର୍ଣ୍ଣାଙ୍ଗ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ (ଆଇ ଆର ଡିପି)

ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୧୯୭୮ ମସିହାରେ ପୂର୍ଣ୍ଣାଙ୍ଗ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (ଆଇ.ଆର୍.ଡି.ପି) ପ୍ରସ୍ତୁତ କରାଯାଇ ୧୯୮୦ ବେଳକୁ ସମଗ୍ର ଦେଶରେ କାର୍ଯ୍ୟକ୍ଷମ କରାଗଲା । ଏହାକୁ ଅନ୍ୟ ଅର୍ଥରେ 'ସମ୍ମନ୍ୱିତ ଗ୍ରାମୀଣ ବିକାଶ ଯୋଜନା' ବୋଲି ମଧ୍ୟ କୁହାଯାଇ ଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରୁ ବେକାରୀ ଓ ବୋରୋଜଗାରୀ ସମସ୍ୟାର ମୂଳୋତ୍ପାଟନ ପାଇଁ ଗରିବ ଜନତାଙ୍କର ଆତ୍ମ ନିର୍ଭରଶୀଳତା ଓ ଆତ୍ମନିଯୁକ୍ତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇ, ସେମାନଙ୍କ ଅର୍ଥନୀତିର ବିକାଶ କରିବା । ଏହି ଯୋଜନାନ୍ତର୍ଗତ ଟାରଗେଟ୍ ଗ୍ରୁପ୍ (ଚିହ୍ନିତ ଗରୀବ ଗୋଷ୍ଠୀ) ମାନଙ୍କ ମଧ୍ୟରେ ଥିଲେ, କ୍ଷୁଦ୍ର ଚାଷୀ, କୃଷି ଶ୍ରମିକ, ଗ୍ରାମୀଣ କାରିଗର,

ଉପଜାତି ଓ ଜନଜାତି ଓ ଶାରୀରିକ ଅକ୍ଷମମାନେ । ଏମାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିରେ କ୍ଷୁଦ୍ରଚଷୀଙ୍କ କ୍ଷେତ୍ରରେ ୨୫%, କୃଷିଶ୍ରମିକ ଓ ଗ୍ରାମୀଣ କାରିଗରଙ୍କ ପାଇଁ ୩୩% ଏବଂ ଉପଜାତି, ଜନଜାତି ଓ ଶାରୀରିକ ଅକ୍ଷମଙ୍କ କ୍ଷେତ୍ରରେ ୫୦% ସବ୍‌ସିଡି ପ୍ରଦାନ କରାଯାଉଥିଲା; ଯାହାର ସର୍ବୋଚ୍ଚ ସବ୍‌ସିଡି ସିଲିଂ ଥିଲା ଟ. ୬୦୦୦/- (ଏସ୍‌ସି / ଏସ୍‌ଟି) ଓ ଟ. ୪୦୦୦/- (ଅନ୍ୟମାନଙ୍କ ପାଇଁ) । ପୁନଶ୍ଚ ମହିଳାମାନଙ୍କ କ୍ଷେତ୍ରରେ ଏହି ସବ୍‌ସିଡ଼ି ବ୍ୟବସ୍ଥା ଥିଲା ୪୦% ଏବଂ ଏହି ଯୋଜନା ଭିତରେ ଗୋତିଶ୍ରମିକ ଓ ସବୁଜ ପତ୍ରିକାଧାରୀମାନଙ୍କୁ ମଧ୍ୟ ସାମିଲ କରାଯାଇ, ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସରକାରୀ ପ୍ରଚେଷ୍ଟା କରାଯାଇଥିଲା ।

ପୂର୍ଣ୍ଣାଙ୍ଗ ଗ୍ରାମ୍ୟ ବିକାଶ ଯୋଜନାରେ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମଗୁଡ଼ିକୁ ବିଶେଷ କରି ସଂଯୁକ୍ତ କରାଯାଇ ଅଛି । ଆଇ ଆରଡିପିର ଉଦ୍ଦେଶ୍ୟ ଥିଲା, ସମନ୍ୱିତ ଋଣ ଓ ସବସିଡ଼ି ଯୋଜନାରେ ଗରିବୀ ସୀମାରେଖା ତଳେ ଥିବା ପରିବାରଗୁଡିକୁ ଆର୍ଥିକ ସହାୟତା ମାଧ୍ୟମରେ ଆୟ ବୃଦ୍ଧିର ସୁଯୋଗ ପ୍ରଦାନ କରାଯାଇ, ଅର୍ଥାଭାବର ସମସ୍ୟା ଭିତରୁ ଉଦ୍ଧାର କରିବା । ଏହି ଯୋଜନାରେ ୧୯୯୮ ର ଜନଗଣନାନୁସାରେ ବାର୍ଷିକ ୨୦ ହଜାରରୁ କମ୍ ଆୟ କରୁଥିବା ପରିବାରଗୁଡ଼ିକ ବିପିଏଲ୍ (Below the Poverty Line) ତାଲିକା ଭୁକ୍ତ ହୋଇଛନ୍ତି ।

ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ୩୩.୨ ମିଲିୟନ୍ ଟଙ୍କା ଖର୍ଚ୍ଚ ବରାଦ କରାଯାଇଥିବା ବେଳେ ୫୩.୭ ମିଲିୟନ ଟଙ୍କା ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାର ଜମା ପରିମାଣ ବୃଦ୍ଧି ପାଇଁ ବରାଦ କରାଯାଇଥିଲା; ଯାହାର ସିଧାସଳଖ ଲାଭ (୧୩୦ ଲକ୍ଷ ପରିବାରରୁ ବୃଦ୍ଧି ପାଇ) ୧୮୦ ଲକ୍ଷ୍ୟ ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହିପରି ବିକାଶମୂଳକ କାର୍ଯ୍ୟକ୍ରମ ଗ୍ରାମୀଣ ଗରିବ କୃଷକ, କାରିଗର ଓ ଶ୍ରମିକମାନଙ୍କର ଶିକ୍ଷା, ସଚେତନତା ଓ ଆର୍ଥନୀତିକ ଅଭିବୃଦ୍ଧି ଓ କୃଷି ଉତ୍ପାଦନ ବୃଦ୍ଧି ପାଇଁ କରାଯାଉଥିବାରୁ ବିଗତ ତିନି ଦଶନ୍ଧି ମଧ୍ୟରେ ଭାରତର ଗ୍ରାମୀଣ ଜନତାଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇଛି ।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମୀଣ ପରିବାର ଗୁଡ଼ିକୁ ଚିହ୍ନଟ କରାଯାଇ ସେମାନଙ୍କୁ ଉତ୍ପାଦିତକ୍ଷମ ସାମଗ୍ରୀ ଓ ଉପକରଣ ଯୋଗାଦିଆଯାଇ, ତାଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣି ଗରିବୀ ସୀମାରେଖା ତଳୁ ଉର୍ଦ୍ଧ୍ୱକୁ ଆଣିବା ଉଦ୍ଦେଶ୍ୟରେ ସମନ୍ୱିତ ଗ୍ରାମୀଣ ବିକାଶ ଯୋଜନାର ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଦେଶର ସମସ୍ତ ବ୍ଲକ୍‌ରେ ଆରମ୍ଭ କରାଯାଇ ଆର୍ଥିକ ସହାୟତା ବ୍ୟୟକୁ କେନ୍ଦ୍ର ଓ ରାଜ୍ୟ ଦ୍ୱାରା ୫୦% କରି ବହନ କରୁଥିଲେ । ପରେ ଏହି ଯୋଜନା ୧୯୯୯ ଜାନୁୟାରୀ ମାସରେ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା (SGSY) ସହିତ ମିଶାଇ ଦିଆଯାଇଥିଲା ।

## ୩.୨.୨ ଆତ୍ମନିର୍ଭରଶୀଳତା ପାଇଁ ଗ୍ରାମୀଣ ଯୁବକଙ୍କୁ ପ୍ରଶିକ୍ଷଣ (ଟ୍ରାଇଜେମ୍)

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମୀଣ ପରିବାରଗୁଡିକୁ ଆତ୍ମନିର୍ଭରଶୀଳ ହେବାପାଇଁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦ୍ୱାରା ସେମାନଙ୍କୁ ଯେପରି କୃଷି କ୍ଷେତ୍ର, ଶିଳ୍ପ, ବ୍ୟବସାୟ ପରି ଭିନ୍ନ ଭିନ୍ନ କ୍ଷେତ୍ରରେ ଆତ୍ମନିଯୁକ୍ତି ଓ ଶ୍ରମଭିତ୍ତିକ ନିଯୁକ୍ତି ମିଳି ପାରିବ ଏବଂ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟି ପାରିବ, ସେଥିପାଇଁ କେନ୍ଦ୍ର ସରକାର ଟ୍ରାଇଜେମ୍ (Training of Rural Youth for Self – Employment) ଯୋଜନା ପ୍ରସ୍ତୁତ କରିଥିଲେ ।

ଗ୍ରାମୀଣ ଯୁବକଙ୍କ ପାଇଁ ଟ୍ରାଇଜେମ୍ ଥିଲା ସବୁଠାରୁ ବିଶାଳ ସ୍ୱପ୍ନମୟ ଯୋଜନା । ଏହିସବୁ ପ୍ରଶିକ୍ଷଣ ସାଧାରଣ ଅନୁଷ୍ଠାନ, ଶିଳ୍ପସଂସ୍ଥା, ସେବାକେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ଓ କାରିଗରିକ କଳାକୌଶଳ ଅନୁଷ୍ଠାନ ମାଧ୍ୟମରେ ପ୍ରଦାନ କରାଯାଉଥିଲା । ଏହି ପ୍ରଶିକ୍ଷଣ ବ୍ୟବସ୍ଥାର ଅବଧି ଥିଲା ମାତ୍ର ଛଅମାସ । ଏହି ପ୍ରଶିକ୍ଷଣ ପରେ ପ୍ରଶିକ୍ଷିତ ଯୁବକମାନେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଥିବା ଆଇଆରଡିପି ଯୋଜନା ଅନ୍ତର୍ଗତ ବ୍ୟାଙ୍କ ଠାରୁ ଋଣ ନେଇ ନିଜର ବ୍ୟବସାୟିକ ତଥା ଆତ୍ମନିଯୁକ୍ତି ମୂଳକ ଯୋଜନାର ଶୁଭାରମ୍ଭ କରୁଥିଲେ । ଉଦ୍ଦିଷ୍ଟ ଋଣର ପରିମାଣକୁ କେନ୍ଦ୍ର ଓ ରାଜ୍ୟ ସରକାର ଅଧା ଅଧା ବହନ କରୁଥିଲେ ଏବଂ କେନ୍ଦ୍ରଶାସିତ ରାଜ୍ୟଗୁଡ଼ିକର ଋଣକୁ କେନ୍ଦ୍ରସରକାର ପୂର୍ଣ୍ଣରୂପେ ବହନ କରୁଥିଲେ । ପ୍ରଶିକ୍ଷଣ ସମୟରେ ଅନୁଷ୍ଠାନ ଗୁଡିକର ଭିତ୍ତିଭୂମିର ବିକାଶ (ଘର, ଉପକରଣ, ଶିକ୍ଷା ଯନ୍ତ୍ରପାତି) ଓ ଶିକ୍ଷାନବିସ୍ ଛାତ୍ର-ଛାତ୍ରୀମାନଙ୍କର ଷ୍ଟାଇପେଣ୍ଡ ଅର୍ଥକୁ କେନ୍ଦ୍ର ସରକାର ମଧ୍ୟ ବହନ କରୁଥିଲେ । ପରେ ଏହିପରି ଏକ ବିକାଶମୂଳକ ଯୋଜନା ଜାନୁୟାରୀ ୧୯୯୯ ରେ ସ୍ୱର୍ଣ୍ଣ ଜୟନ୍ତି ଗ୍ରାମ ସ୍ୱରୋଜଗାର ଯୋଜନା (SGSY) ସହିତ ବିଲୀନ ହୋଇ ଯାଇଥିଲା ।

- **ଲକ୍ଷ୍ୟଭୁକ୍ତ ଗୋଷ୍ଠୀ (Target Group) :** ଏହି ଯୋଜନାର ଲକ୍ଷ୍ୟଭୁକ୍ତ ଗୋଷ୍ଠୀ ଭିତରେ ୧୮-୩୫ ବର୍ଷ ବୟସ୍କ ଗ୍ରାମୀଣ ଯୁବଗୋଷ୍ଠୀକୁ ଗ୍ରହଣ କରାଯାଉଥିଲା । ମାତ୍ର ପିତୃମାତୃ ହୀନଙ୍କ କ୍ଷେତ୍ରରେ ଏହି ବୟସସୀମା ଥିଲା ୧୬ ବର୍ଷ, ବିଧବାମାନଙ୍କ ପାଇଁ ଥିଲା ୪୫ ବର୍ଷ; ଏତଦ୍ ବ୍ୟତୀତ ଗୋତି ଶ୍ରମିକ, ଜେଲଦଣ୍ଡ ମୁକ୍ତ ବ୍ୟକ୍ତି, ନଦୀବନ୍ଧ- ଶିଳ୍ପ- ରେଳ- ରାସ୍ତା – ଖଣି ପରି ଯୋଜନାରେ ବାସଚ୍ୟୁତ ପରିବାର ଓ କୁଷ୍ଠରୋଗମୁକ୍ତ ବ୍ୟକ୍ତିଙ୍କୁ ଏହି ଯୋଜନାର ଲକ୍ଷ୍ୟଭୁକ୍ତ ଗୋଷ୍ଠୀ ଭାବେ ଗ୍ରହଣ କରାଯାଇଥିଲା । ପୁନଶ୍ଚ ସାମଗ୍ରିକ ଭାବରେ ୫୦% ତଫସିଲଭୁକ୍ତ ଜାତି ଓ ଉପଜାତି ଓ ୩% ଶାରୀରିକ ବିକଳାଙ୍ଗ ଯୁବକମାନଙ୍କ ପାଇଁ ଏହି ଯୋଜନା ସଂରକ୍ଷିତ ଥିଲା ।

**କାର୍ଯ୍ୟକ୍ରମର ନିଷ୍କର୍ଷ :** ୧୯୮୦- ୧୯୯୬ ମସିହା ମଧ୍ୟରେ ଆଇଆରଡ଼ିପି ଓ ଟ୍ରାଇଜେମ୍‌ର ଫଳାଫଳ ଆଶାଜନକ ନଥିଲା । ଏହି ସମୟ ମଧ୍ୟରେ ପ୍ରାୟତଃ ୩୯୦ ଲକ୍ଷ ଗ୍ରାମୀଣ ଯୁବଗୋଷ୍ଠୀ

ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ଏବଂ ତନ୍ମଧ୍ୟରୁ ମାତ୍ର ୫୩% ନିଯୁକ୍ତି ପ୍ରାପ୍ତ ହୋଇଥିଲେ; ଯେଉଁଥିରୁ ୨୫ ଭାଗ ଶ୍ରମଭିତ୍ତିକ ନିଯୁକ୍ତି ପାଇଥିବାର ସୂଚନା ମିଳେ। ଏହି ସମୟ ମଧ୍ୟରେ ଯେଉଁ ଆତ୍ମନିଯୁକ୍ତିର ସୁଯୋଗ ସରକାର ସୃଷ୍ଟି କରିଥିଲେ , ତାହା ବିଫଳ ହୋଇଥିଲା । ଅନେକ ଗ୍ରାମୀଣ ଯୁବକ ଏହି ଯୋଜନାରେ ଋଣ ଉଠାଇ ମୋଟର ସାଇକେଲ କିଣିବା ପରି ସୌଖିନ କାର୍ଯ୍ୟରେ ଲଗାଇବା ଫଳରେ ଗ୍ରାମୀଣ ଅର୍ଥନୀତିରେ ବିକାଶ ଓ ରୋଜଗାର ସୃଷ୍ଟି ପରି ସରକାରଙ୍କର ମହତ୍ ଯୋଜନାଟି ଫସର ଫାଟି ଯାଇଥିଲା । ମାତ୍ର ଅଷ୍ଟମ ପଞ୍ଚବାର୍ଷିକ (୧୯୯୨-୯୭) ଯୋଜନାରେ ଟ୍ରାଇଜେମ୍ ଦ୍ୱାରା ପ୍ରଦତ୍ତ ଟ୍ରେନିଂ ପ୍ରାୟତଃ ୧୫୦ ଲକ୍ଷ ଗ୍ରାମ୍ୟ ଯୁବ ଗୋଷ୍ଠୀ ହାସଲ କରିଥିଲେ। ତନ୍ମଧ୍ୟରୁ ମାତ୍ର ୪୯% (ଏହି ୪୯% ର ୬୯% ଆତ୍ମନିର୍ଭରଶୀଳ ହୋଇଥିଲେ ଏବଂ ବାକି ଶ୍ରମଭିତ୍ତିକ ନିଯୁକ୍ତି ପାଇଥିଲେ) ନିଯୁକ୍ତି ପାଇଥିବାର ସୂଚନା ମିଳିଅଛି ।

## ୩.୨.୩ ଗ୍ରାମାଞ୍ଚଳର ମହିଳା ଓ ଶିଶୁମାନଙ୍କର ବିକାଶ (DWCRA)

ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଗତ ୧୯୮୨ ମସିହା ସେପ୍ଟେମ୍ବର ମାସରେ ସମଗ୍ର ଦେଶରେ ପ୍ରାୟତଃ ୫୦ ଟି ଜିଲ୍ଲାରେ ପରୀକ୍ଷାମୂଳକ ଭାବରେ ଗ୍ରାମାଞ୍ଚଳର ମହିଳା ଓ ଶିଶୁଙ୍କ ବିକାଶ (Development of Women and Children in Rural Areas- DWCRA) ପାଇଁ ଆଇଆରଡ଼ିପି ଅଧିନରେ ଅନ୍ୟଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା । ଗ୍ରାମାଞ୍ଚଳରେ ଥିବା ଗରିବ ମହିଳାମାନେ କିପରି ଲାଭଜନକ କାର୍ଯ୍ୟ କରି ନିଜର ଆୟ ବୃଦ୍ଧି କରିବେ ଏବଂ ଗ୍ରାମୀଣ ଅର୍ଥନୀତି ସୁଦୃଢ ହେବ; ଏହାହିଁ ଥିଲା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଗ୍ରାମାଞ୍ଚଳର ଶିଶୁ ଓ ମହିଳାଙ୍କର ଜୀବନଶୈଳୀର ଉନ୍ନତି, ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ଓ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ପ୍ରମୁଖ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରେ ଦକ୍ଷତା ବିକାଶ ପାଇଁ ଟ୍ରେନିଂ ଏବଂ ଆତ୍ମନିଯୁକ୍ତି ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଅଧିକୃତ ଜାତୀୟ ବ୍ୟାଙ୍କ୍ ଗୁଡ଼ିକ ଜରିଆରେ ଋଣ ସହାୟତା ପ୍ରଦାନ ମଧ୍ୟ କରାଯାଉଥିଲା ।

ଏହି ସହାୟତା ରାଶି ମହିଳାଙ୍କର କାର୍ଯ୍ୟ ଦକ୍ଷତା ଓ ଦାୟବଦ୍ଧତାକୁ ଦୃଷ୍ଟିରେ ରଖି, ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ବ୍ୟବସାୟ ଓ କୁଟୀର ଶିଳ୍ପର ବିକାଶ ପାଇଁ ଏକକ କିମ୍ବା ଗୋଷ୍ଠୀ ବଦ୍ଧ ମହିଳାଙ୍କୁ ଅନ୍ୟୁନ ୧୫ ହଜାର ଟଙ୍କା ପରିଚାଳନା ରାଶି ରୂପେ ପ୍ରଦାନ କରାଯାଉଥିଲା ; ଯାହା ପରବର୍ତ୍ତୀ ସମୟରେ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା ବୋଲି ସୂଚନା ମିଳେ। ପରେ ସପ୍ତମ ପ୍ଲାନିଂ କମିଶନ ତାଙ୍କ କାର୍ଯ୍ୟକାଳ ପ୍ରାରମ୍ଭରେ ବିଶ୍ଳେଷଣ କରି ଜାଣିବାକୁ ପାଇଲେ ଯେ ଗ୍ରାମାଞ୍ଚଳର ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟଶ୍ରମ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମଭାବରେ ପ୍ରଦାନ କରାଯାଇ ପ୍ରାରମ୍ଭିକ ସହାୟତା ରାଶିର ପରିମାଣ ଥିଲା ୧୫ କୋଟି ଟଙ୍କା ଏବଂ ଏହାର ସିଧାସଳଖ ତଦାରଖ ପାଇଁ କିଛି ସ୍ୱେଚ୍ଛାସେବୀ ସଂଗଠନ ସରକାରଙ୍କ ସୁପାରିଶକ୍ରମେ ନିୟୋଜିତ ହୋଇଥିଲେ । ଏହି ସମୟରେ (ଷଷ୍ଠ

ବାର୍ଷିକ ଯୋଜନା) ୩୩୦୮ ମହିଳା ଗୋଷ୍ଠୀଙ୍କୁ ନେଇ ଆରମ୍ଭ ହୋଇଥିବା ଯୋଜନାର ୫୨୧୬୦ ଜଣ ମହିଳା ଉପକୃତ ହୋଇଥିଲେ । ଏହିପରି ଏକ ଜନମଙ୍ଗଳକାରୀ ଯୋଜନାର ମଜ୍‌ବୁତିକରଣ ପାଇଁ ୟୁନିସେଫ୍ ୫ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରିଥିବାବେଳେ ୭ମ ପଞ୍ଚବାର୍ଷିକ ଯୋଜନାରେ ଦେଶର ୧୬୧ଟିରେ ୨୮୦୦୦ ମହିଳା ଗୋଷ୍ଠୀରେ ୪ ଲକ୍ଷ ୬୦ ହଜାର ମହିଳା ନିଜକୁ ପଞ୍ଜିକୃତ କରାଇ ଯୋଜନାର ଫାଇଦା ପାଇ ଥିଲେ । ଅଷ୍ଟମ ପଞ୍ଚବାର୍ଷିକ (୧୯୯୨-୯୭) ରେ ଏହି କାର୍ଯ୍ୟକ୍ରମ ଦେଶରେ କାର୍ଯ୍ୟକାରୀ ହୋଇଥିଲା ।

ମହିଳା ଓ ଶିଶୁ ବିକାଶ ଯୋଜନାରେ, ଶିଶୁମାନଙ୍କ ପାଇଁ ଆବଶ୍ୟକ ମୌଳିକ କାର୍ଯ୍ୟକ୍ରମଗୁଡ଼ିକୁ ୧୯୯୪-୯୬ ରେ ସଂଯୁକ୍ତ କରାଗଲା ଏବଂ ଏଥିରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (Information, Education and Communication- IEC) ଦିଗଟିକୁ ସଂଯୁକ୍ତ କରାଯାଇ ଗ୍ରାମୀଣ ମହିଳା ଓ ଶିଶୁମାନଙ୍କର ଉନ୍ନତି ଓ କଲ୍ୟାଣ ନିମନ୍ତେ ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପ୍ରସ୍ତାବ ଦିଆଗଲା । ଫଳରେ ୧୯୮୯ ମସିହାରେ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡ଼ିଲା ଯେ, ଏହି ଯୋଜନାରେ ସମୁଦାୟ ୧୯୦ କୋଟି ୭୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ୧୪୧୩୮୬ ଡିଡବ୍ଲ୍ୟୁସିଆରଏ ଗ୍ରୁପ୍‌ରେ ୨୨୬୮୩୨୭ ଜଣ ଉପକୃତ ହୋଇଛନ୍ତି । ପରେ ୧୯୯୯ ବେଳକୁ ଏହି ଯୋଜନା (DWCRA) ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) ରେ ମିଶ୍ରଣ କରି ଦିଆଯାଇଥିଲା ଏବଂ ଦଶମ ପଞ୍ଚବାର୍ଷିକ ଯୋଜନାରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ୧୯୮୨-୮୩ ରୁ ୧୯୯୮-୯୯ ମସିହା ମଧ୍ୟରେ ଗ୍ରାମୀଣ ମହିଳା ଓ ଶିଶୁ ବିକାଶ ଯୋଜନାରେ ୨୭୩ ଲକ୍ଷ ମହିଳାଗ୍ରୁପ୍‌ରେ ଦେଶର ସମୁଦାୟ ୪୧,୪୫୦୦ ହଜାର ମହିଳା ଲାଭବାନ ହୋଇଥିଲେ ।

## ୩.୨.୪ ଗ୍ରାମୀଣ କାରିଗରଙ୍କୁ ଉନ୍ନତି ଯନ୍ତ୍ରପାତି ଯୋଗାଣ (ସିତ୍ରା)

ଏହି ଯୋଜନା (Supply of Improved Tool kits to Rural Artisans- SITRA) ରେ ପ୍ରାୟତଃ ୯୦% ସବ୍‌ସିଡ଼ିରେ ଗ୍ରାମାଞ୍ଚଳରେ ଥିବା ହସ୍ତଶିଳ୍ପୀ ଓ ଅନ୍ୟାନ୍ୟ କୁଶଳୀ କାରିଗର (ବୁଣାକାର, ଦର୍ଜି, ସୁଚୀକର୍ମଶିଳ୍ପୀ ଓ ବିଡ଼ି ଶ୍ରମିକ ବ୍ୟତୀତ) ମାନଙ୍କୁ ପ୍ରୋତ୍ସାହନରାଶିର ସହାୟତା ପ୍ରଦାନ କରାଯାଇ ସେମାନଙ୍କର ଆର୍ଥିକ ଉନ୍ନତି ଓ ଜୀବନ ଶୈଳୀର ବିକାଶ ଏବଂ ସହରାଞ୍ଚଳକୁ ପଳାୟନର ରାସ୍ତା ବନ୍ଦ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହି ଯୋଜନା ଆଇଆରଡିପି ଅଧିନରେ ଜୁଲାଇ ୧୯୯୨ରୁ ଆରମ୍ଭ ହୋଇ ସମଗ୍ର ଦେଶରେ ଥିବା ଏହି ଧରଣ କାରିଗରଙ୍କୁ ଚିହ୍ନଟ କରାଗଲା ଏବଂ ସର୍ବୋଚ୍ଚ ୨ ହଜାର ଟଙ୍କା ପରିମାଣ ମୂଲ୍ୟରେ ଆବଶ୍ୟକୀୟ ଯନ୍ତ୍ରାଂଶ ବା ଯନ୍ତ୍ରାଂଶ ପାଇଁ ଅର୍ଥ ଯୋଗାଇ ଦିଆଗଲା । ପ୍ରୋକ୍ତ ୨ ହଜାର ଟଙ୍କାରୁ ମାତ୍ର ୨୦୦ ଟଙ୍କା ସଂପୃକ୍ତ କାରିଗରଙ୍କୁ ଦେବାକୁ ପଡୁଥିଲା ଏବଂ ବାକି ୯୦% (୧୮୦୦ ଟଙ୍କା) କେନ୍ଦ୍ର ସରକାର ବହନ କରୁଥିଲେ । ଏହି ଯୋଜନାରେ ବିଦ୍ୟୁତ୍ ଚାଳିତ ଉପକରଣ ଗୁଡ଼ିକ ପାଇଁ ସର୍ବୋଚ୍ଚ ୪୫୦୦ ଟଙ୍କାର ସହାୟତା ରାଶି ଧାର୍ଯ୍ୟ କରାଯାଇଥିଲା ଏବଂ ପୂର୍ବପରି କାରିଗରଙ୍କୁ

ଏ ବାବଦରେ ମାତ୍ର ୪୫୦ ଟଙ୍କା ଦେବାକୁ ପଡୁଥିଲା । ଟ୍ରାଇଜେମ୍ ଯୋଜନାରେ ପ୍ରଶିକ୍ଷିତ କାରିଗରମାନଙ୍କ ପାଇଁ ଆଇଆରଡିପି ଯୋଜନାରେ ଏଥିପାଇଁ ସ୍ୱତନ୍ତ୍ର ଋଣ ବ୍ୟବସ୍ଥା କରାଯାଇ ଗ୍ରାମୀଣ କାରିଗରଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ କେନ୍ଦ୍ର ସରକାର ଦୃଷ୍ଟାନ୍ତ ମୂଳକ ପଦକ୍ଷେପମାନ ଗ୍ରହଣ କରିଥିଲେ । ସର୍ବେକ୍ଷଣରୁ ଜଣାଗଲାଯେ, କେନ୍ଦ୍ର ସରକାର ୧୯୯୨ ରୁ ୧୯୯୯ ମଧ୍ୟରେ ୨୦୯୯୨ ଲକ୍ଷ ଟଙ୍କାରେ ୧୦୬୧ ହଜାର ଯନ୍ତ୍ରପାତି ଗ୍ରାମୀଣ କାରିଗରମାନଙ୍କୁ ପ୍ରଦାନ କରି ଏକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିସାରିଥିଲେ । ମାତ୍ର ଭାରତୀୟ ନାଗରିକମାନଙ୍କର ଜନ୍ମଗତ ପ୍ରବୃତ୍ତି ଯୋଗୁଁ ; ସେମାନେ ଯେଉଁ ତିମିରେକୁ ସେହି ତିମିରରେ ରହିବାର ମାନସିକତାକୁ ଲକ୍ଷ୍ୟ କରି ଶେଷରେ କେନ୍ଦ୍ର ସରକାର ଏହାକୁ ଜାନୁୟାରୀ ୧୯୯୯ରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ସହିତ ମିଶାଇ ଦେଇଥିଲେ ।

## ୩.୨.୫ ଗଙ୍ଗା କଲ୍ୟାଣ ଯୋଜନା (GKY)

ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର ନାମମାତ୍ର ଋଷି ମାନଙ୍କର କୃଷି କ୍ଷେତ୍ରକୁ ମାଗଣାରେ ଜଳ ସେଚନ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୯୬-୯୭ ମସିହାରେ ଆଇଆରଡିପି ଯୋଜନା ଅଧିନରେ "ଗଂଗା କଲ୍ୟାଣ ଯୋଜନା" ର ଶୁଭାରମ୍ଭ କରାଯାଇଥିଲା । କେନ୍ଦ୍ର ସରକାର ଏଥିପାଇଁ ୧୯୯୬ – ୯୭ ବଜେଟ୍‌ରେ ୧୯୦୮୧ କୋଟି ୫୦ ଲକ୍ଷ୍ୟ ଟଙ୍କାର ବ୍ୟୟ ବରାଦ କରିଥିଲେ ଏବଂ ୧୯୯୮ ମସିହା ଶେଷ ବେଳକୁ ଏଥିରୁ ମାତ୍ର ୧୦୯୩୫ କୋଟି ୪୫ ଲକ୍ଷ ଉପଯୋଗ କରାଯାଇପାରିଥିଲା । ଏହି ଯୋଜନାରେ ସମୁଦାୟ ୬୧୪୨ ଜଣ କୃଷକ ଏବଂ ୧୫୩୬ କୃଷକ ସଂଗଠନ ସହାୟକ ରାଶି ଗ୍ରହଣ କରି ଋଷ ଜମିରେ ଜଳ ସେଚନ ପାଇଁ କୂଅ ଓ ନଳକୂପ ଖୋଳିବା ପାଇଁ ସକ୍ଷମ ହୋଇଥିଲେ । ପରେ ଏହି କୃଷକ କଲ୍ୟାଣ ମୂଳକ ଯୋଜନାର ସୁଫଳ ବିଶେଷ ଆଖିଦୃଶିଆ ନ ହେବାରୁ , ଏହା ଜାନୁୟାରୀ ୧୯୯୯ରେ ସେହି ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ସହିତ ମିଶାଇ ଦିଆଯାଇଥିଲା ।

## ୩.୨.୬ ନିୟୁତ କୂପ ଯୋଜନା (MWS)

ଭାରତ ସରକାରଙ୍କ ଗ୍ରାମାଞ୍ଚଳ ଓ ନିଯୁକ୍ତି ମନ୍ତ୍ରଣାଳୟ ୧୯୮୮-୮୯ ରେ ନିୟୁତ କୂପ ଯୋଜନା (million wells Scheme-MWS) ଆରମ୍ଭ କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା – ଗୋଟି ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଋଷୀ ଏବଂ ଗରିବ ତଫସିଲଭୁକ୍ତ ଜାତି ଓ ଜନଜାତିର କୃଷକମାନଙ୍କୁ ମାଗଣାରେ ଋଷକାର୍ଯ୍ୟରେ ଜଳ ସେଚନ ପାଇଁ କୂପ ଯୋଗାଇ ଦେବା । ଯେଉଁଠାରେ କୂଅ ଖୋଳିବାରେ ସମସ୍ୟା ଅଛି, ସେ ଅଞ୍ଚଳ ପାଇଁ ଅର୍ଥ ଯୋଗାଣ କରି ପୋଖରୀ ଖୋଳିବା, ଜଳ ସଂରକ୍ଷଣ କରିବା ଓ ପଡ଼ିଆ ଜମିକୁ ଚାଷ ଉପଯୋଗୀ କରିବା ପାଇଁ ସୁବିଧା ପ୍ରଦାନ କରାଯାଉଥିଲା। କୂଅ ଖୋଳିବା ପାଇଁ ଉଦ୍ଦିଷ୍ଟ

ମଜୁରୀକୁ ସିଧାସଳଖ ହିତାଧିକାରୀ ଓ ତାଙ୍କ ଦ୍ୱାରା ନିୟୋଜିତ ଶ୍ରମିକଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା । ଏହି ଯୋଜନାର ସାମାନ୍ୟ ଫଳ ଆତ୍ମନିଯୁକ୍ତି ଏବଂ ଋଣମାନଙ୍କର ଆର୍ଥିକ ଅଭିବୃଦ୍ଧି ରୂପରେ ପରିଲକ୍ଷିତ ହୋଇଥିବାର ସୂଚନା ମିଳେ । ଯାହା ଫଳରେ ୧୯୯୮-୯୯ ବେଳକୁ ଏହି ଯୋଜନାରେ ସମଗ୍ର ଭାରତରେ ୧୩୦୮୪୩୩ କୂଅ ଖୋଳା ଯାଇଥିଲା ଏବଂ ସମୁଦାୟ ୪୯୭୬ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି ।

## ୩.୨.୭ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରାଜଗାର ଯୋଜନା (SGSY)

ଭାରତର ସ୍ୱାଧୀନତା ପ୍ରାପ୍ତିର ପଚାଶ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ଶୁଭାରମ୍ଭ କରାଯାଇଥିଲା । ଗରିବ ଗ୍ରାମୀଣ ପରିବାରଗୁଡ଼ିକୁ ଏହି ଯୋଜନାଭୁକ୍ତ କରାଯାଇ, ସବସିଡ୍ ଯୁକ୍ତ ବ୍ୟାଙ୍କରଣ ଯୋଗାଇ ଦିଆଗଲା । ଫଳରେ ସେମାନେ ଆତ୍ମ ନିଯୁକ୍ତି ଓ ଆତ୍ମନିର୍ଭର ଶୀଳ ହୋଇ କୃଷି, ବ୍ୟବସାୟ ଓ କୁଟୀର ଶିଳ୍ପର ସୁପରିଚାଳନା କରି ଉଦରପୋଷଣ କରିବା ସହିତ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ପାରିବେ । ସରକାର ଆଶାବ୍ୟକ୍ତ କରିଥିଲେ ଯେ, ଗ୍ରାମୀଣ ପରିବାର ଗୁଡ଼ିକର ମୂଲ୍ୟବାନ ସାମଗ୍ରୀସବୁ ପ୍ରସ୍ତୁତ କରିବାର ଦକ୍ଷତା ଅଛି , ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲେ ସେମାନେ ବିକାଶ ଓ ପ୍ରଗତିର ଧାରାରେ ସହଜରେ ନିଜକୁ ମିଶାଇ ଦେଇ ପାରିବେ । ଫଳରେ କେନ୍ଦ୍ର ସରକାର ଅତୀତରେ ପ୍ରସ୍ତୁତି କରିଥିବା ଆଇଆରଡିପି , ଟ୍ରାଇଜେମ୍, ସିଟ୍ରା , ଗଂଗା କଲ୍ୟାଣ ଯୋଜନା ଓ ନିୟୂତକୂପ ଯୋଜନାପରି ଅନେକ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଏକତ୍ର ମିଶାଇଦେଇ ୧୯୯୯ ମସିହା ଏପ୍ରିଲ୍ ମାସରୁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାକୁ କାର୍ଯ୍ୟକାରୀ କଲେ । ଏହି ନୂତନ ଯୋଜନା ଗ୍ରାମୀଣ ବିକାଶ କାଯ୍ୟକ୍ରମର ସମସ୍ତ ଦିଗକୁ ପରିଚାଳନା କରିବା ସହିତ ନୂତନ କରି ୧୦-୧୫ ଜଣ ମହିଳାଙ୍କୁ ନେଇ ଦେଶର ପ୍ରତ୍ୟେକ କ୍ଲଷ୍ଟର ସ୍ତରରେ ସ୍ୱୟଂ ସହାୟିକା ଗୋଷ୍ଠୀ (Self Help Groups - SHGs) ସୃଷ୍ଟି କଲେ । ଏହି ଗୋଷ୍ଠୀ ସରକାରଙ୍କଠାରୁ ଆର୍ଥିକ ସହାୟତା ଗ୍ରହଣ କରି ସମାଜିକ ସଚେତନତା ମାଧ୍ୟମରେ ନିଜର ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଓ କୌଶଳ ବିକାଶ, ନିଜସ୍ୱ ଭିତ୍ତିଭୂମିର ବିକାଶ, ଏବଂ ସ୍ୱନିର୍ମିତ ଘରୋଇ ଉପକରଣର ବିକ୍ରି କରି ଋଣ ପରିଶୋଧ କରିବା ସହିତ ନିଜସ୍ୱ ପୁଞ୍ଜି ବ୍ୟବସ୍ଥା କରି ଅନ୍ୟ ଗରିବ ପରିବାରକୁ ସାହାଯ୍ୟ କରିବା ପରି ଜନକଲ୍ୟାଣ ମୂଳକ କାର୍ଯ୍ୟମାନ ଆରମ୍ଭ କଲେ ।

ନୂତନ ଭାବରେ ଗଠିତ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ସିଧାସଳଖ ଜିଲ୍ଲା ଗ୍ରାମ୍ୟ ବିକାଶ ସଂସ୍ଥା (DRDA), ରାଜ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ (PRIs), ବ୍ୟାଙ୍କ୍ ଓ କେତେକ ସ୍ୱେଚ୍ଛା ସେବୀ ସଂଗଠନ (NGOs) ଙ୍କ ତଦାରଖରେ କାର୍ଯ୍ୟକାରୀ କରାଗଲା । ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା , ପ୍ରତ୍ୟେକ ସ୍ୱରୋଜଗାରୀ ପରିବାର ଗୁଡ଼ିକ ଅନ୍ୟୁନ ମାସିକ ୨ ହଜାର ଟଙ୍କା ରୋଜଗାର କରିବାର

ସକ୍ଷମ ହେବା ସହିତ ବ୍ୟାଙ୍କ୍‌ରୁ ନେଇଥିବା ଋଣକୁ ଯଥା ସମୟରେ ପରିଶୋଧ କରିବେ । ଏହି ଯୋଜନା ସ୍ୱତନ୍ତ୍ର ଭାବରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ମହିଳାମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ଯତ୍ନବାନ ହେଲା । ପ୍ରତ୍ୟେକ ସ୍ୱରୋଜଗାରୀ ପରିବାର ଓ ସ୍ୱୟଂ ସହାୟିକା ଗୋଷ୍ଠୀରେ ୫୦ ପ୍ରତିଶତ ମହିଳା ୩ ପ୍ରତିଶତ ଶାରୀରିକ ବିକାଳାଙ୍ଗ ଏବଂ ମୋଟ ସଦସ୍ୟଙ୍କ ସଂଖ୍ୟାର ୫୦ ପ୍ରତିଶତ ଆଦିବାସୀ – ହରିଜନ (ଆଦିବାସୀ ହରିଜନ ପ୍ରଭାବିତ  ଅଞ୍ଚଳରେ) ଙ୍କ ଭାଗିଦାରୀଙ୍କୁ ମଧ୍ୟ ବାଧ୍ୟତାମୂଳକ କରାଯାଇଥିଲା । ଏହି ଯୋଜନାରେ ବ୍ୟୟକରାଯାଉଥିବା ଅର୍ଥକୁ କେନ୍ଦ୍ର ସରକାର ୭୫ ଭାଗ ଓ ରାଜ୍ୟ ସରକାର ମାତ୍ର ୨୫ ଭାଗ ବହନ କରୁଥିଲେ । ଯୋଜନାର ନିୟମାନୁସାରେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ନିକଟତମ ବ୍ୟାଙ୍କଶାଖାରେ ଗୋଟିଏ ସଞ୍ଚୟ ଖାତା ଖୋଲି  ବଳକା ଅର୍ଥକୁ ଜମା କରିବାକୁ ବାଧ୍ୟତାମୂଳକ କରାଯାଇଥିଲା । ସଂପୃକ୍ତ ବ୍ୟାଙ୍କରୁ ସେମାନେ ଅନ୍ୟୁନ ୨୫ ହଜାର ଟଙ୍କାର ପରିଚ୍ଛଳନା ରାଶି ଋଣ ଅକାରରେ ପାଇବାର ସୁବିଧା ଅଛି । ଉକ୍ତ ୨୫ ହଜାର ଟଙ୍କାର ଋଣ ରାଶିରୁ ସେମାନେ ୫ ହଜାର ଟଙ୍କାର ସବ୍‌ସିଡ଼ି ପାଉଥିଲେ ଏବଂ ବାକି ୨୦ ହଜାର ଟଙ୍କାରୁ ମାତ୍ର ୧୦ ହଜାର ଟଙ୍କା ଉପରେ ବ୍ୟାଙ୍କ ସୁଧ ଆଦାୟ କରୁଥିଲା । ବଳକା ୧୦ ହଜାର ଟଙ୍କା ବ୍ୟାଙ୍କ ଡିଆରଡିଏ ଠାରୁ ସଂଗ୍ରହ କରିନେଉଥିଲା । ମାତ୍ର ସ୍ୱରୋଜଗାରୀ ପରିବାରଙ୍କ କ୍ଷେତ୍ରରେ ପ୍ରୋକ୍ତ ସବ୍‌ସିଡ୍ ସର୍ବୋଚ୍ଚ ୭୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ତଫସିଲ୍‌ଭୁକ୍ତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେ ଏହାକୁ ୫୦ ପ୍ରତିଶତରେ ସୀମିତ କରାଯାଇଥିଲା ।

ନବମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ତିନି ବର୍ଷରେ (୧୯୯୯-୨୦୦୦ରୁ ୨୦୦୧-୦୨) ଏହି ଯୋଜନା ପାଇଁ ୪୪୮୦ କୋଟି ୮୫ ଲକ୍ଷ ଅର୍ଥ ବରାଦ କରାଯାଇ ଥିବା ବେଳେ ଖର୍ଚ୍ଚ ହୋଇଥିଲା ମାତ୍ର ୨୫୭୬ କୋଟି ୯ ଲକ୍ଷ ଟଙ୍କା । ଏହି ସମୟରେ ସମୁଦାୟ ୭୪୨୩୫୪ ଟି ସ୍ୱୟଂ ସହାୟିକା ଗୋଷ୍ଠୀ ପଞ୍ଜିକୃତ ହେବାର ସୁଯୋଗ ପାଇଥିଲେ । ଏହି ସୟରେ ୨୪,୪୪,୨୯୨ ସ୍ୱରୋଜଗାରୀ ପରିବାରକୁ ଅର୍ଥ ସହାୟତା ଦିଆଯାଇଥିଲା ; ଉପକୃତ ହୋଇଥିଲେ ମାତ୍ର ୧୫,୭୪,୭୫୮ । ୧୦ମ ପଞ୍ଚବାର୍ଷିକ ଯୋଜନାରେ ସମୁଦାୟ ୫୬,୮୨,୧୩୨ ଟି ହିତାଧିକାରୀ ଏହି ଯୋଜନାର ସୁଫଳ ପାଇଥିଲେ ଏବଂ ସେମାନଙ୍କ ପାଇଁ ସରକାର ସମୁଦାୟ ୬୦୧୮ କୋଟି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ତଦନୁସାରେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଆକଳନ କରାଯାଇଥିଲା ଯେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଆକଳନ କରାଯାଇଥିଲା ଯେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା  ବେଳକୁ ୧୭୮୦୩ କୋଟି ହିତାଧିକାରୀ ମାନଙ୍କ ପାଇଁ ସମୁଦାୟ ୧୨୩୩୪ କୋଟି ୩୦ ଲକ୍ଷ ଟଙ୍କାର ଆବଶ୍ୟକତା ପଡ଼ିବ ।

ଏତେ ସବୁ ଯୋଜନାରେ ଅର୍ଥ ଅପଚୟ , ନିୟମ ପ୍ରଣୟନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କ ସିଧାସଳଖ ତତ୍ତ୍ୱାବଧାନ ସତ୍ତ୍ୱେ କୌଣସି ଆଖି ଦୃଶିଆ ବିକାଶ ସମ୍ଭବ ହେଲା ନାହିଁ । ଗ୍ରାମୀଣ ପରିବାର ଗୁଡ଼ିକ ଋଣ ନେଇ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇବା ଦ୍ୱାରା ଉଦ୍ଦିଷ୍ଟ କଲ୍ୟାଣମୂଳକ ଯୋଜନାଟି ବିଫଳ

ହୋଇଗଲା । ବ୍ୟାଙ୍କ ଗୁଡ଼ିକ ପ୍ରଦତ୍ତ ଋଣ ପରିମାଣ ଅସୁଲ କରି ନ ପାରି ଦେବାଳିଆ ହୋଇଗଲେ। ଅନ୍ୟ ପକ୍ଷରେ ଏହି ଯୋଜନା ପାଇଁ ନିଯୁକ୍ତ ଅଧିକାରୀମାନଙ୍କର ଦୁର୍ବଳ ଶାସନ ପ୍ରଣାଳୀ ଓ ପରିଚାଳନାଗତ ଅକ୍ଷମତା ପାଇଁ ଏହି ଜନକଲ୍ୟାଣକାରୀ ଯୋଜନାର ମହତ୍ ଉଦ୍ଦେଶ୍ୟଟି ଫସର ଫାଟି ଗଲା । ଫଳରେ ଭାରତ ସରକାର ୨୦୧୧ ମସିହାରେ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାର ନାମାନ୍ତରଣ କରି ଜାତୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ (National Rural Livelihood Mission- NRLM) କରି ଦେଲେ ଏବଂ ଗ୍ରାମୀଣ ଜନତାଙ୍କର ଦାରିଦ୍ର୍ୟ ଦୂରୀକରଣ ପାଇଁ ଅତୀତର କାର୍ଯ୍ୟଦକ୍ଷତାନୁସାରେ ସହାୟତା ପ୍ରଦାନ କଲେ ।

## ୩.୩ ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ (WEP)

ଦାରିଦ୍ର୍ୟ ଦୂରୀକରଣ ପାଇଁ କେତେକ ପ୍ରମୁଖ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଭାରତ ସରକାର ୧୯୫୧ ମସିହାଠାରୁ ଏ ପର୍ଯ୍ୟନ୍ତ ସାଧାରଣ ଯୋଜନାର୍ନ୍ତଭୁକ୍ତ କରିଆସି ଅଛନ୍ତି । ସେଥିପାଇଁ ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ (Wage Employment Programmes- WEP) ଜରିଆରେ ଗ୍ରାମାଞ୍ଚଳର କୃଷି ଶ୍ରମିକ ମାନଙ୍କୁ କୃଷି କାର୍ଯ୍ୟ ସରିଗଲା ପରେ କିପରି ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ ଚିନ୍ତା କରାଗଲା । ଏପରିକି ବନ୍ୟା , ମରୁଡ଼ି ଓ ଅନ୍ୟାନ୍ୟ ଦୈବ ଦୁର୍ବିପାକ ସମୟରେ ଶ୍ରମିକମାନଙ୍କୁ କେମିତି ଅଣକୃଷି କର୍ମରେ ନିଯକ୍ତ କରାଯାଇ ସେମାନଙ୍କର ପରିବାର ପ୍ରତିପୋଷଣ ପାଇଁ ମଜୁରୀ ପ୍ରଦାନ କରାଯିବ, ସେ ବିଷୟରେ ମଧ ଚିନ୍ତା କରାଗଲା । ଶେଷରେ ନିଷ୍କର୍ଷ ବାହାରିଲା ଯେ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ପାଇଁ ପୋଖରୀଖନନ, ସ୍କୁଲଘର ନିର୍ମାଣ, ରାସ୍ତା ନିର୍ମାଣ, ଓ କେନାଲ ଖନନ ପରି କାର୍ଯ୍ୟରେ ଏହି ଶ୍ରମିକମାନଙ୍କୁ ନିଯୁକ୍ତ କରାଗଲେ, ସେମାନଙ୍କ ପାଇଁ କାମ ଓ ମଜୁରୀର ଅଭାବ ରହିବ ନାହିଁ। ଶେଷରେ ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସାଧାରଣ ମଜୁରୀଠାରୁ ଅଧିକ ମଜୁରୀ ଶ୍ରମିକମାନେ ପାଇଲେ ଏବଂ ସରକାରୀ କାର୍ଯ୍ୟପ୍ରତି ଆକୃଷ୍ଟ ମଧହେଲେ । ଫଳରେ ଦାଦନ ଖଟିବାକୁ ଅନ୍ୟ ପ୍ରଦେଶକୁ ପଳାଇ ଯାଉଥିବା ଶ୍ରମିକମାନଙ୍କର ସ୍ଥିତିରେ ମଧ କ୍ରମଶଃ ସୁଧାର ଆସିଲା ଏବଂ ସେମାନେ ଅନ୍ୟ ରାଜ୍ୟକୁ ଯାଇ ଯେଉଁ ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ କଟାଉଥିଲେ, ସେଥିରେ ମଧ ଉନ୍ନତି ଆସିଲା । ଗ୍ରାମୀଣ ଶ୍ରମିକ ମାନେ ନିଜ ଘରେ ରହି କାର୍ଯ୍ୟକଲେ । ବାହାର ରାଜ୍ୟରେ କୁଲି ସର୍ଦ୍ଦାର ଦ୍ୱାର ନିର୍ଯ୍ୟାତିତ ହେଲେ ନାହିଁ। ସେମାନଙ୍କ ପିଲାମାନଙ୍କର ସ୍କୁଲ ମଧ ବନ୍ଦ ହେଲା ନାହିଁ । ସରକାରଙ୍କ ଏହି କଲ୍ୟାଣ ମୂଳକ ଯୋଜନାର କାର୍ଯ୍ୟକାରୀ ଫଳରେ ଗ୍ରାମାଞ୍ଚଳରେ ଥିବା ଦାରିଦ୍ର୍ୟତା ହାର ୫୬.୪% (୧୯୭୩ - ୭୪) ରୁ ଖସି ୧୯୮୩ – ୯୪ ବେଳକୁ ୩୭.୩% ଏବଂ ୨୦୦୪-୦୫ ବେଳକୁ ଆହୁରି ସୁଧାର ହୋଇ ୨୮.୩% କୁ ଚାଲିଆସିଲା । ଫଳରେ ୧୯୬୦ ମସିହାରୁ ଅତିଦୟନୀୟ ଭାବରେ କାଳାତିପାତ କରୁଥିବା ୩୦ କୋଟି (ତତ୍କାଳୀନ/

ଜନସଂଖ୍ୟାର) ଗ୍ରାମ୍ୟ ଜନତାଙ୍କ ଆର୍ଥିକ ସ୍ଥିତିର ସୁଧାର ପାଇଁ ସରକାରଙ୍କ ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ସଫଳ ହେଲା ।

ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକ ବିଶେଷ ଫଳପ୍ରଦ ହୋଇଛି ;

୧. ଗ୍ରାମୀଣ ମାନବଶକ୍ତି କାର୍ଯ୍ୟକ୍ରମ (Rural Manpower Programme - RMP) ୧୯୬୦-୬୧.

୨. ଗ୍ରାମୀଣ କର୍ମ କାର୍ଯ୍ୟକ୍ରମ (Rural Work Programme-RWP) ୧୯୭୦ – ୭୧

୩. ତ୍ୱରିତ ଗ୍ରାମୀଣ ନିଯୁକ୍ତି ଯୋଜନା (Crash Scheme for Rural Employment CSRE) ୧୯୭୧-୭୨

୪. ଶକ୍ତିଶାଳୀ ପଥପ୍ରଦର୍ଶକ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (Pilot Intensive Rural Employment Programe- PIREP), ୧୯୭୨

୫. କ୍ଷୁଦ୍ର ଚାଷୀଙ୍କ ଉନ୍ନତିମୂଳକ ଉପାୟ କାର୍ଯ୍ୟକ୍ରମ (Small Farmers Development Agency Programme- SFDAP)

୬. କାମ ପାଇଁ ଖାଦ୍ୟ କାର୍ଯ୍ୟକ୍ରମ (Food for Work Programme - FWP) ୧୯୭୭

୭. ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (National Rural Employment Programme - NREP) ୧୯୮୦.

୮. ଗ୍ରାମୀଣ ଭୂମିହୀନଙ୍କ ସୁନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ (Rural Landless Employment Guarantee Programme- RLEGP) ୧୯୮୩.

୯. ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (Employment Assurance Scheme- EAS)୧୯୮୩

୧୦. ଜବାହାର ରୋଜଗାର ଯୋଜନା (Jawahar Rojagar Yojana - JRY) ୧୯୯୩- ୯୪

୧୧. ଜବାହର ଗ୍ରାମ ସମୃଦ୍ଧି ଯୋଜନା (Jawahar Gram Samrudhi Yojana JGSY) ୧୯୯୯-୨୦୦୦.

୧୨. ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY) ୨୦୦୧-୦୨

୧୩. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ସୁନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମ (Mahatma Gandhi National Rural Employment Guarantee Programme- MGNREGP)

## ୩.୩.୧ ଗ୍ରାମୀଣ ମାନବ ଶକ୍ତି କାର୍ଯ୍ୟକ୍ରମ (RMP)

୧୯୬୦- ୬୧ ମସିହାରେ ଗ୍ରାମୀଣ ମାନବ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ପ୍ରତ୍ୟେକ ଗ୍ରାମୀଣ ଗରିବ ପରିବାରକୁ ଅନ୍ୟୁନ ୧୦୦ ଦିନର କାର୍ଯ୍ୟ ଦେବା ପାଇଁ ଧାର୍ଯ୍ୟ କରାଗଲା । ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଦେଶର ୨ କୋଟି ୫୦ ଲକ୍ଷ ଲୋକଙ୍କର ଶ୍ରମଶକ୍ତି ନିୟୋଜିତ କରାଯାଇ ଦେଶର ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ପ୍ରାଥମିକ ସ୍ତରରେ ଗ୍ରାମୀଣ ଶ୍ରମଶକ୍ତିର ଉପଯୋଗିତାକୁ ପରୀକ୍ଷା କରିବା ପାଇଁ ଦେଶର ୩୨ଟି ବ୍ଲକ୍‌ରେ ଆରମ୍ଭ କରାଯାଇଥିଲା । ଋତୁ ଭିତ୍ତିକ କାର୍ଯ୍ୟ ଗୁଡ଼ିକରେ ବିଭିନ୍ନ ଶ୍ରମଶକ୍ତିର ପ୍ରୟୋଜନାନୁସାରେ ଏହି ଯୋଜନା ବେଶ୍ ଉତ୍ସାହ ଜନକ କାର୍ଯ୍ୟ କରିଥିଲା । ଦଶମ ପ୍ଲାନିଂ କମିଶନଙ୍କ ରିପୋର୍ଟରୁ ଜଣାପଡ଼ିଲା ଯେ, ୧୯୬୮-୬୯ ସୁଦ୍ଧା ଏହି ଯୋଜନାରେ ମାତ୍ର ୨୦ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ହୋଇଛି ଏବଂ ୧୩୭୦ ଲକ୍ଷ ଦିନ ସମୁଦାୟ କାର୍ଯ୍ୟପାଇଁ ୧୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ସେତେବେଳେ ଏହି କାର୍ଯ୍ୟକ୍ରମର ବିଫଳତାକୁ ଲକ୍ଷ୍ୟ କରି ୧୯୬୮- ୬୯ ରେ ଏହାକୁ ବନ୍ଦ କରି ଦିଆଗଲା ।

ପୁନଶ୍ଚ ଗ୍ରାମ୍ୟ ନିଯୁକ୍ତିର ସ୍ଥାୟୀ ପ୍ରତିକାର ପାଇଁ ୧୯୭୦-୭୧ ମସିହାରେ ଏହି ଯୋଜନା ନୂଆ ରୂପରେ ଆରମ୍ଭ କରାଗଲା । ଲକ୍ଷ୍ୟ ଥିଲା, ଏକ ଲକ୍ଷ୍ୟ ଶ୍ରମିକଙ୍କୁ ବାର୍ଷିକ ୧୦୦ ଦିନର କାମ ଦିଆଯିବ ଏବଂ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ୧୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୫୦ କୋଟି ଗ୍ରାମୀଣ ଶ୍ରମିକଙ୍କ ଶ୍ରମଶକ୍ତି ଦେଶର ବିକାଶ କାର୍ଯ୍ୟରେ ଉପଯୋଗ କରାଯିବ । ମାତ୍ର ଶ୍ରମିକମାନଙ୍କୁ କାମ ଯୋଗାଇବାରେ ସମସ୍ୟା ସୃଷ୍ଟି ହେବାରୁ ପାଞ୍ଚ ବର୍ଷ ଭିତରେ ମାତ୍ର ୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାରିଲା ।

ପ୍ଲାନିଂ କମିଶନଙ୍କ କାର୍ଯ୍ୟକ୍ରମ ସର୍ବେକ୍ଷଣ ସଂସ୍ଥା (PEO) ରିପୋର୍ଟ ଦେଲେ ଯେ ବିଭିନ୍ନ କାରଣ ପାଇଁ ଏହି ଯୋଜନା ଫଳପ୍ରଦ ହୋଇପାରୁ ନାହିଁ । ତନ୍ମଧ୍ୟରୁ ଅର୍ଥ ବରାଦ ଜନିତ କଠୋର ନୀତି କାର୍ଯ୍ୟକ୍ରମ ସଂପ୍ରସାରଣରେ ମୁଖ୍ୟ ବାଧକ ସାଜୁଅଛି ; ଯାହାଫଳରେ ରାଜ୍ୟ ସରକାରମାନେ ସଫଳତାର ସହ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଫଳ ହେଉଛନ୍ତି । ଏତଦ୍‌ବ୍ୟତୀତ ଦୁର୍ବଳ ଅଞ୍ଚଳର ସଠିକ୍ ଚୟନ, ଯୋଜନାର

ନୀତି ନିର୍ଦ୍ଧାରଣ , ଅର୍ଥ ପ୍ରଦାନରେ ବିଳମ୍ବ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଅଭାବ, ତ୍ରୁଟିପୂର୍ଣ୍ଣ ଯୋଜନା ପ୍ରଣୟନ ଓ ସ୍ଥାନୀୟ କଞ୍ଚାମାଲର ତ୍ରୁଟିଯୁକ୍ତ ଆକଳନ ଏବଂ ଉପଯୁକ୍ତ କୁଶଳୀ ଅଫିସରଙ୍କ ଅଭାବ ଏହି ଯୋଜନାର ବିଫଳତାକୁ ସହାୟତା ଯୋଗାଇଲା ।

## ୩.୩.୨ ତ୍ୱରିତ ଗ୍ରାମୀଣ ନିଯୁକ୍ତ ଯୋଜନା (CSRE)

ଭାରତରେ ୧୯୭୧-୭୨ ରେ ତ୍ୱରିତ ଗ୍ରାମୀଣ ନିଯୁକ୍ତି ଯୋଜନାର ଶୁଭାରମ୍ଭ ହେଲା । ଦେଶର ସମଗ୍ର ଜିଲ୍ଲାରେ ବର୍ଷକୁ ୨୫୦ ଲକ୍ଷ ଶ୍ରମ ଦିବସର ଯୋଜନା କରାଯାଇ ଗ୍ରାମୀଣ ଶ୍ରମିକ ମାନଙ୍କୁ ରାସ୍ତାକାମ, ଜଳ ସେଚନ ପାଇଁ କେନାଲ ଖୋଳା, ମୃତ୍ତିକା ସଂରକ୍ଷଣ, କଲଭର୍ଟ (ପୟପ୍ରଣାଳୀ) ନିର୍ମାଣ , ଜଙ୍ଗଲ ସୃଷ୍ଟି ପରି ପଞ୍ଚାୟତ ସ୍ତରୀୟ ଜନ କଲ୍ୟାଣ ମୂଳକ କାର୍ଯ୍ୟରେ ନିଯୁକ୍ତ କରାଇ, ତାଙ୍କର ଉପାର୍ଜନ ବଢାଇବା ଥିଲା ଏହି ଯୋଜନାର ଉଦ୍ଦେଶ୍ୟ । ଏହି ଯୋଜନାର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିଲେ ହେଁ, କାର୍ଯ୍ୟକାରୀ କରିବାର ଦାୟିତ୍ୱ ଥିଲା ରାଜ୍ୟସରକାରଙ୍କ ହାତରେ । ଏହି ସମୟରେ ମାତ୍ର ତିନିବର୍ଷ ପାଇଁ ସର୍ବମୋଟ ଖର୍ଚ୍ଚ ଅଟକଳ ୧୪୨ କୋଟି ୭୪ ଲକ୍ଷ ଟଙ୍କା ଥିଲାବେଳେ,ରାଜ୍ୟ ସରକାର ମାନଙ୍କୁ ମାତ୍ର ୧୨୨ କୋଟି ୬୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । କିନ୍ତୁ ରାଜ୍ୟ ସରକାରମାନେ ବକେୟା ଅର୍ଥ ପାଇବା ଆଶାରେ ଅଧିକ ୨ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାରୁ ସମୁଦାୟ ଖର୍ଚ୍ଚ ୧୨୫ କୋଟି ୩୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା ।

ମାତ୍ର ଏହି ଯୋଜନାର ସଫଳତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଶ୍ରମିକମାନଙ୍କୁ କମ୍ ମଜୁରୀ ପ୍ରଦାନ, କନଷ୍ଟ୍ରକସନ୍ କାମରେ ନିମ୍ନମାନର ସିମେଣ୍ଟ ବ୍ୟବହାର, ପୁରୁଣା କାମକୁ ନୂଆକାମ ଭାବରେ ଦର୍ଶାଇ ଅଧିକାରୀମାନଙ୍କର ଅର୍ଥର ବାଟମାରଣା, ଏବଂ କର୍ମକାର୍ଯ୍ୟ ଦିବସକୁ ଅଧିକ କରି ଅର୍ଥର ତୋଷରପାତ ପରି ଅନେକ ଅଭିଯୋଗ , ଏହି ଯୋଜନାର ସଫଳତାକୁ ପଣ୍ଡ କରିଦେଲା । ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ, କଣ୍ଟ୍ରାକ୍ଟରମାନଙ୍କର ଠକ ମନୋବୃତ୍ତି ପରି କେତେକ କାରଣ ଯୋଗୁଁ ମଜୁରୀଭିତ୍ତିରେ ଗଢିଉଠିଥିବା ସରକାରୀ ପ୍ରୋଜେକ୍ଟ ସବୁ ଖୁବ୍ କମ୍ ଦିନରେ ଅକାମୀ ହୋଇ ଯିବାରୁ ସରକାରଙ୍କ ମହତ ଉଦ୍ଦେଶ୍ୟଟି ପାଣି ଫୋଟକା ପରି ମିଳେଇ ଗଲା ।

## ୩.୩.୩ ଶକ୍ତିଶାଳୀ ପଥପ୍ରଦର୍ଶକ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (PIREP)

ଗ୍ରାମୀଣ ମାନବଶକ୍ତି କାର୍ଯ୍ୟକ୍ରମ ଓ ତ୍ୱରିତ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମକୁ ଅଧିକ ଦୃଢ ଓ ସଫଳ କରିବା ପାଇଁ କେତେକେ ଆବଶ୍ୟକ ଅଞ୍ଚଳର ଅନୁଧ୍ୟାନ କରାଯାଇ ଗ୍ରାମୀଣ ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମକୁ ସଫଳତା ଦେବା ପାଇଁ ସରକାର ଉଦ୍ୟମ ଆରମ୍ଭ କଲେ । ତେଣୁ ୧୯୭୨ ରେ ସମଗ୍ର ଦେଶରୁ ମାତ୍ର ୧୫

ବ୍ଲକ୍‌କୁ ୩ ବର୍ଷ ପାଇଁ ପରୀକ୍ଷାମୂଳକ ଭାବରେ ଅଧିଗ୍ରହଣ କରି ଏକ ସମୟରେ ଦ୍ୱରିତ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (CSRE) ଏବଂ ଶକ୍ତିଶାଳୀ ପ୍ରଥପ୍ରଦର୍ଶକ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (PIREP) ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟର ଅୟମାରମ୍ଭ କରାଗଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଗ୍ରାମାଞ୍ଚଳରେ ଥିବା ଅଣକୁଶଳୀ ଶ୍ରମିକମାନଙ୍କୁ ଶ୍ରମ ଭିତ୍ତିକ ନିଯୁକ୍ତି ପ୍ରଦାନ କରି ଜନ କଲ୍ୟାଣକର ସରକାରୀ ସଂପତ୍ତିର ସୃଷ୍ଟି; ଯାହା ପରବର୍ତ୍ତୀ କାଳରେ ସ୍ଥାନୀୟ ବାସିନ୍ଦାମାନଙ୍କର କାମରେ ଲାଗିବ । ଏହି କାର୍ଯ୍ୟକ୍ରମ ପାଇଁ ୧ମ ବର୍ଷରେ ୧ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୨ ହଜାର ୮୨୦ ଟି ଶ୍ରମିକ ଦିବସ, ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା । ପରେ ୧୯୭୩-୭୪ ରେ ୨କୋଟି ୪୮ ଲକ୍ଷ ଓ ୧୯୭୪-୭୫ ରେ ୬ କୋଟି ଟଙ୍କା ବିନିମୟରେ ୩ ବର୍ଷରେ ସମୁଦାୟ ୧୮୧୬୦ ଲକ୍ଷ କାର୍ଯ୍ୟ ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା ।

## ୩.୩.୪ କ୍ଷୁଦ୍ରଋଷୀଙ୍କ ଉନ୍ନତି ମୂଳକ କାର୍ଯ୍ୟକ୍ରମ (SFDA)

କ୍ଷୁଦ୍ର ଋଷୀମାନଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମର ଆରମ୍ଭ ୧୯୭୧ ମସିହାରେ ସମଗ୍ର ଦେଶରେ ୧୮୧୮ଟି ବ୍ଲକ୍‌ରେ କାର୍ଯ୍ୟ କଲା । କ୍ଷୁଦ୍ର ଋଷୀ, ନାମ ମାତ୍ର ଋଷୀ ଓ କୃଷି ଶ୍ରମିକମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ଏହି ପ୍ରୋଜେକ୍ଟ କାମ କଲା । ସେମାନଙ୍କୁ ସରକାରୀ ସହାୟତାରେ ସବ୍‌ସିଡ଼ି ଯୁକ୍ତ କୃଷି ଉପକରଣ, ଜଳସେଚନ, ସାର- ବିଷ-ବିହନ ଇତ୍ୟାଦି ଯୋଗାଇ ଦିଆଗଲା । ଏଥି ସହିତ ସେମାନଙ୍କର ଆର୍ଥିକସ୍ଥିତି ସୁଦୃଢ କରିବା ପାଇଁ କୁକୁଡା ଋଷ, ଗୋ-ପାଳନ, ଛେଳି ପାଳନ, ମତ୍ସ୍ୟଋଷ ଓ ଉଦ୍ୟାନକୃଷି ପରି ଅର୍ଥକାରୀ ଋଷ ପାଇଁ ମଧ୍ୟ ସବ୍‌ସିଡ଼ିଯୁକ୍ତ ଋଣ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଥିଲା ।

ଟାରଗେଟ୍ ଗ୍ରୁପ୍‌ରୁ ଗରୀବ ଋଷୀମାନଙ୍କୁ ବାଛି ସମବାୟ ସଂସ୍ଥାରେ ସେମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯାଇ ଋଣ ପ୍ରଦାନର ପ୍ରାବଧାନ କରାଗଲା । ୧୯୮୦ ରେ ଷଷ୍ଠ ପ୍ଲାନିଂ କମିଶନଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ, ଏହି ସମୟ ମଧ୍ୟରେ ୧୯୭୦ ଲକ୍ଷ ଆଶାୟୀଙ୍କୁ ଏହି ଯୋଜନାରେ ସହାୟତା ପ୍ରଦାନ କରାଯାଉଥିଲା; ତନ୍ମଧ୍ୟରୁ ୧୩୦ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତିର ହିତାଧିକାରୀ ଅନ୍ତର୍ଭୁକ୍ତ ଥିଲେ । ଏହି ହିତାଧିକାରୀମାନଙ୍କ ମଧ୍ୟରୁ ୬୧୦ ଲକ୍ଷ ହିତାଧିକାରୀ ଉନ୍ନତ କୃଷି ପ୍ରଣାଳୀ ଏବଂ ମତ୍ସ୍ୟ- କୁକୁଡ଼ା ଋଷ ଓ ଗୋପାଳନ ଦ୍ୱାରା ନିଜର ଆର୍ଥିକ ଅଭିବୃଦ୍ଧି ଘଟାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ୧୯୦ ଲକ୍ଷ ହିତାଧିକାରୀ କେବଳ ଛେଳି ମେଣ୍ଢା ଓ ଗୋପାଳନ ଏବଂ କ୍ଷୀର, ଅଣ୍ଡା ବିକ୍ରି କରି ଉନ୍ନତ ଜୀବନଶୈଳୀ ଓ ଜୀବିକା ନିର୍ବାହର ପଥ ସୃଷ୍ଟି କରିପାରିଥିଲେ । ଅନ୍ୟମାନଙ୍କ ମଧ୍ୟରୁ କେତେକ ଶାଗୁଆନ୍ ,ଆମ୍ବପଣସ ଓ ନଡ଼ିଆ ରୋପଣ; କୁଟୀର ଶିଳ୍ପର ବିକାଶ; କ୍ଷୁଦ୍ର ଜଳ ସେଚନ ବ୍ୟବସ୍ଥାରେ ପୋଖରୀଖନନ ଓ ଜଳ ଉତ୍ସ ନିର୍ମାଣ ମାଧ୍ୟମରେ ମତ୍ସ୍ୟଋଷ ଏବଂ ଫଳ ଓ ପନିପରିବା ଋଷ କରି ନିଜର ସ୍ଥିତିକୁ ସୁଦୃଢ କରି ପାରିଥିଲେ । ୧୯୭୯- ୮୦ ବେଳକୁ ଜଣାଗଲା ଯେ, ଏହି ଯୋଜନା

ଅଧୀନରେ ଆସୁଥିବା ଚାଷୀମାନେ ସମବାୟ ସଂସ୍ଥାରୁ ୨୭ କୋଟି ୭୯ ଲକ୍ଷ ଓ ବ୍ୟାଙ୍କରୁ ୬ କୋଟି ୩ ଲକ୍ଷ ଟଙ୍କା ଋଣ ଗ୍ରହଣ କରି ନିଜ କାର୍ଯ୍ୟରେ ଲଗାଇ ପାରିଛନ୍ତି ଏବଂ ଲାଭବାନ୍ ମଧ୍ୟ ହୋଇଛନ୍ତି ।

ତଥାପି ଏହି କାର୍ଯ୍ୟକ୍ରମ ଆଶାନୁରୂପ ସଫଳତା ଲାଭ କଲା ନାହିଁ । ଜଣାଗଲା ଯେ, ପଞ୍ଚାୟତ ଅଧିକାରୀମାନଙ୍କ ଅନାଗ୍ରହ, ଦୁର୍ବଳ ପରିଚାଳନା ବ୍ୟବସ୍ଥା, ସମବାୟ ସଂସ୍ଥାଗୁଡ଼ିକର ଋଣ ପ୍ରଦାନ ଓ ଋଣ ଆଦାୟରେ ଅବହେଳା ଏବଂ ଦୁର୍ବଳ ଉପଦେଶ ଓ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁଁ ହିତାଧିକାରୀମାନେ ଧୀରେ ଧୀରେ ନିଷ୍କ୍ରିୟ ଓ ଲଗାମ ଛଡ଼ା ହୋଇ ଯିବାରୁ ଯୋଜନାଟି ସଂପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଗଲା । ଏପରିକି ଯେମିତି ହିତାଧିକାରୀଙ୍କୁ ବଛାଯାଇଥିଲା, ତନ୍ମଧ୍ୟରୁ ଅର୍ଦ୍ଧାଧିକ ପ୍ରୋଜେକ୍ଟ ଶେଷ ହେବା ପର୍ଯ୍ୟନ୍ତ ସହାୟତା ପାଇବାରୁ ବଞ୍ଚିତ ଥିଲେ ଏବଂ ଯେଉଁ ମାନଙ୍କୁ ବ୍ୟାପାର କି ଚାଷ କରିବା ପାଇଁ ଋଣ ପ୍ରଦାନ କରାଗଲା, ସେମାନେ ସେହି କାର୍ଯ୍ୟ କରିବାକୁ ସଂପୂର୍ଣ୍ଣ ଅକ୍ଷମ ଥିଲେ (ବଢେଇକୁ ଲୁଗାବୁଣିବା ତନ୍ତ ପ୍ରଦାନ କରାଯାଇଥିବାର ସୂଚନା ଅଛି) । ଫଳରେ ଏହି ପରି ଅବ୍ୟବସ୍ଥା ଲକ୍ଷ୍ୟ କରି ଶେଷରେ ଏହି କାର୍ଯ୍ୟକ୍ରମକୁ ୧୯୮୦ ରେ ଆଇଆରଡିପିରେ ମିଶାଇ ଦିଆଗଲା ।

## ୩.୩.୫ ଖାଦ୍ୟ ପାଇଁକାମ କାର୍ଯ୍ୟକ୍ରମ (FWP)

ଖାଦ୍ୟ ଶସ୍ୟ ଯଦି କିଣାଯାଇ ନ ପାରିଲା, ତେବେ ମଜୁରୀର କିଛି ମୂଲ୍ୟ ନ ଥାଏ । ତେଣୁ ଏହି ସମସ୍ୟାକୁ ଦୂର କରିବା ପାଇଁ ସରକାରଙ୍କଠାରେ ଗଚ୍ଛିତ ଥିବା ଖାଦ୍ୟ ଶସ୍ୟକୁ ମଜୁରୀରୂପରେ ବିତରଣ କରାଗଲା । ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ଲାଗି ଶ୍ରମିକ ରୂପରେ ନିୟୋଜିତ ପୁରୁଷ ଓ ମହିଳା ଉଭୟ 'ଖାଦ୍ୟ ପାଇଁ କାମ' ଯୋଜନାର ଲାଭ ପାଇ ପାରିଲେ ।

**ଏହି ଯୋଜନାର ଲକ୍ଷ୍ୟ:**

କ) ଗ୍ରାମାଞ୍ଚଳରେ ଥିବା ଅସଂଖ୍ୟା ବେକାରମାନଙ୍କୁ ସୁଷମ ଖାଦ୍ୟ ଶସ୍ୟ ବଦଳରେ ଶ୍ରମଭିତ୍ତିକ ନିଯୁକ୍ତ ପ୍ରଦାନ କରି ବେକାରୀ ସମସ୍ୟାର ହ୍ରାସ ଓ ଗ୍ରାମୀଣ ଗରିବମାନଙ୍କର ଆର୍ଥିକ ସୁଧାର ପାଇଁ ଉଦ୍ୟମ ।

ଖ) ଗ୍ରାମାଞ୍ଚଳ ଜନତାଙ୍କ ଉନ୍ନତ ଜୀବନଶୈଳୀ ନିମନ୍ତେ ରାସ୍ତାଘାଟ, ବନ୍ଧବାଡ଼, କୂଅ ପୋଖରୀ, ସ୍କୁଲଘର ସାର୍ବଜନିତ ସଂପତ୍ତିର ବିକାଶ ଓ ବୃଦ୍ଧି ପାଇଁ ପ୍ରୟାସ ।

ଗ) ଦେଶରେ ମହଜୁଦ୍ ଥିବା ବଳକା ଖାଦ୍ୟ ଶସ୍ୟର ଉପଯୋଗ ସହିତ ମାନବ ସମ୍ବଳର ଉପଯୋଗ କରିବା ପାଇଁ ଉଦ୍ୟମ । ସର୍ବେକ୍ଷଣ ଅନୁସାରେ, ୧୯୭୮-୭୯ରେ ୧୨ ଲକ୍ଷ ଟନ୍ ଖାଦ୍ୟଶସ୍ୟ ବଦଳରେ ୩୭୨୮୦ ଲକ୍ଷ୍ୟ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ କରାଯାଇଥିବାର ସୂଚନା ଅଛି ।

ଏହି ଯୋଜନାରେ ରାଜ୍ୟ ସରକାରମାନେ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ହେଁ ଯୋଜନା ଓ ଅଣଯୋଜନା କାର୍ଯ୍ୟଗୁଡିକର ସରଳୀକରଣ କରାଯାଇ ଗ୍ରାମାଞ୍ଚଳର ବିକାଶ ପାଇଁ ପଦକ୍ଷେପ ନିଆଯାଇଥିଲା । ଫଳରେ ଏହି ଯୋଜନା ଅନେକ ଲୋକ ପ୍ରିୟତା ହାସଲ କରିବା ସହିତ ଗ୍ରାମୀଣ ନିଯୁକ୍ତିକୁ ଅନେକାଂଶରେ ସହଯୋଗ କରିଥିଲା । ଜଣାଯାଇଛି ଯେ, ୧୯୭୭-୮୦ ମସିହା ଭିତରେ ଏହି ଯୋଜନାନ୍ତର୍ଗତ ୯୮୯୩୨ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇ ଗ୍ରାମୀଣ ବେକାରଙ୍କୁ କାମ ଯୋଗାଇ ଦିଆଯାଇଥିଲା ।

ଗ୍ରାମାଞ୍ଚଳରେ କୃଷିକାର୍ଯ୍ୟ ସରିଗଲାପରେ ଯେଉଁ ଶ୍ରମିକମାନେ ପୁଣି କୃଷି କାର୍ଯ୍ୟ ଆରମ୍ଭ ପର୍ଯ୍ୟନ୍ତ ବେକାର ବସି ରହୁଥିଲେ; ସେମାନଙ୍କୁ କାମ ନଥିବା ସମୟରେ ଏହି ଯୋଜନାନ୍ତର୍ଗତ କାର୍ଯ୍ୟଗୁଡିକରେ ନିୟୋଜିତ କରାଯାଇ ପାରିଶ୍ରମିକ ବଦଳରେ ଚାଉଳ ଓ ଗହମ ଯୋଗାଇ ଦିଆଯାଉଥିଲା । ତଥାପି , ଏପରି ଏକ ଜନ କଲ୍ୟାଣ ଯୋଜନାରେ ମଧ୍ୟ ପରିଚାଳନାଗତ ସମସ୍ୟା ଥିଲା ; ଯେପରି ଏହି ଯୋଜନା ବର୍ଷ ବର୍ଷ ଧରି ଚାଲିବା, ଏବଂ ରାଜ୍ୟ ସରକାରଙ୍କ ପ୍ରଶାସନିକ ଉଦାସୀନତା ଓ ଆବଶ୍ୟକ ଯନ୍ତ୍ରପାତି ଓ କୌଶଳ ସହାୟତା ପ୍ରଦାନରେ ଅନିଶ୍ଚିତତା ଇତ୍ୟାଦି । ଏଥିପାଇଁ ଏହି ଯୋଜନା ଅନେକ ସମସ୍ୟା ଭିତରେ ଜଡ଼ିତ ହୋଇଯାଇଥିଲା । ଏପରିକି ରାଜ୍ୟ ସରକାର ମାନେ ଏପରି ଯୋଜନାର ବ୍ୟବହାର ଓ ପ୍ରୋଜେକ୍ଟଗୁଡିକର ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ଦେଲେ ନାହିଁ । ବିଡ଼ିଓ ମାନଙ୍କର ମନମୁଖୀ କାର୍ଯ୍ୟକଳାପ, ପିସି ଆଦାୟ ଓ ଜାତୀୟ ସଂପତ୍ତିର ସୁରକ୍ଷା ଜନିତ ଅପାରଗତା ବିଭିନ୍ନ ସ୍ଥାନରେ କାର୍ଯ୍ୟର ଅଗ୍ରଗତିକୁ ମନ୍ଥର କରିଦେଲା । ଏହିପରି ପ୍ରଶାସନିକ ଦୁର୍ବଳତା ଓ ଉଦାସୀନତାକୁ ଅନୁଧ୍ୟାନ କରି ଶେଷରେ କେନ୍ଦ୍ର ସରକାର ଏହି ଯୋଜନାକୁ ୧୯୮୦ ମସିହାରେ "ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ" (National Rural Employment Programme- NREP) ସହିତ ବିଲିନ କରିଦେଲେ ।

## ୩.୩.୬ ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (NREP)

ଏନ୍ ଆରଇପି (National Rural Employment Programme) ଯୋଜନାଟି ସଂପୂର୍ଣ୍ଣ ଭାବରେ ଗ୍ରାମାଞ୍ଚଳର କୃଷି ଶ୍ରମିକ ମାନଙ୍କର ଅତିରିକ୍ତ କର୍ମ ନିଯୁକ୍ତି ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା । କୃଷି କାର୍ଯ୍ୟ ଶେଷଠାରୁ ପୁନଶ୍ଚ ନୂତନ କୃଷିରରୁ ଆରମ୍ଭ ପର୍ଯ୍ୟନ୍ତ ବେକାର ସମୟକୁ କାର୍ଯ୍ୟରେ ପରିଣତି କରି ଅତିରିକ୍ତ ରୋଜଗାର ପ୍ରଦାନ ପାଇଁ ଏହା ଉଦ୍ଦିଷ୍ଟ ଥିଲା । କେନ୍ଦ୍ର ସରକାର ଓ ରାଜ୍ୟ ସରକାଙ୍କ ସମଭାଗ ସହଯୋଗୀତାରେ ୧୯୮୧ ମସିହାଠାରୁ ପରିଚାଳିତ ଏହି ଯୋଜନାରେ ଶ୍ରମନିୟୋଜନ କରି ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଓ ସ୍ଥାୟୀ ସାର୍ବଜନୀନ ସଂପତ୍ତି ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା ।

କେନ୍ଦ୍ର ସରକାର ଦେଶରେ ଗଚ୍ଛିତ ଥିବା ବଳକା ଖାଦ୍ୟଶସ୍ୟକୁ ଏହି ଯୋଜନାରେ ରାଜ୍ୟସରକାରଙ୍କୁ ପ୍ରଦାନ କରୁଥିଲେ ଏବଂ ରାଜ୍ୟ ସରକାର ନିଜ ଅଞ୍ଚଳରେ ଉତ୍ପାଦିତ ଖାଦ୍ୟଶସ୍ୟକୁ ସେଥିରେ ମିଶାଇ

ଶ୍ରମିକମାନଙ୍କୁ ମଜୁରୀ ଆକାରରେ ପ୍ରଦାନ କରୁଥିଲେ । ଫଳରେ ଏଫ୍‌ସିଆଇରେ ନଷ୍ଟ ହେଇଯାଉଥିବା ଖାଦ୍ୟ ଶସ୍ୟର ସଠିକ୍ ଉପଯୋଗ ହେବା ସହିତ ଗ୍ରାମାଞ୍ଚଳରେ ଶ୍ରମିକ ମାନଙ୍କୁ ବେକାର ନ ବସାଇ କାର୍ଯ୍ୟରେ ନିୟୋଜିତ କରାଯାଇପାରୁଥିଲା । ଏହି ଆଧାରରେ ପ୍ରତ୍ୟେକ ରାଜ୍ୟରେ ଯୋଜନାର ପୂର୍ଣ୍ଣାଙ୍ଗ ଖସଡା ପ୍ରସ୍ତୁତି ହେଲା । କୃଷି ଶ୍ରମିକମାନଙ୍କୁ ମିଳୁଥିବା ମଜୁରୀର ମୂଲ୍ୟାନୁସାରେ ନିଯୁକ୍ତ ଶ୍ରମିକ ମାନଙ୍କୁ ଖାଦ୍ୟଶସ୍ୟ ପ୍ରଦାନ କରାଗଲା । ଦିନ ପ୍ରତି ମୁଣ୍ଡପିଛା ଏହାର ପରିମାଣ ଥିଲା ମାତ୍ର ଦୁଇ କେ.ଜି. ।

ଏହି ଯୋଜନାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ସର୍ବମୋଟ ୨୪୭୩ କୋଟି ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୪୦୦୦ ଲକ୍ଷ ଅତିରିକ୍ତ ଶ୍ରମିକ ଦିବସ ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଇଥିଲା । ପରେ ଏହି ଯୋଜନାକୁ ଜବାହାର ରୋଜଗାର ଯୋଜନା ସହିତ ଏପ୍ରିଲ୍ ୧୯୮୯ ରେ ମିଶାଇ ଦିଆଗଲା ।

## ୩.୩.୭ ଗ୍ରାମୀଣ ଭୂମିହୀନଙ୍କ ସୁନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (RLEGP)

ଏହି ଯୋଜନା ୧୯୮୩ ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟକାରୀ ହେଲା । ଗ୍ରାମୀଣ ଭୂମିହୀନଙ୍କ ପରିବାରରୁ ଅନ୍ତତଃ ଜଣେ ସଦସ୍ୟଙ୍କୁ ବର୍ଷକୁ ୧୦୦ ଦିନ ସୁନିଶ୍ଚିତ କର୍ମ ଯୋଗାଣ ଥିଲା,ଏହି ଯେଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିଲେ ଏବଂ ଏହି ଯୋଜନାଗତ ଖର୍ଚ୍ଚରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ କରାଯାଉଥିଲା । ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଶେଷ ଦୁଇ ବର୍ଷ ପାଇଁ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ୧୯୮୩-୮୫ ଭିତରେ ୩୬୦୦ ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ପ୍ରକୃତରେ ୨୬୦୧ ଲକ୍ଷ୍ୟ ୮୦ ହଜାର ଦିନ କାର୍ଯ୍ୟ ଦିବସ ସୃଷ୍ଟି କରିବା ସମ୍ଭବ ହୋଇଥିଲା । ପରେ ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ୨୬୪୦ କୋଟି ୨୭ ଲକ୍ଷ ଟଙ୍କା ଏହି ଯୋଜନା ପାଇଁ ମଞ୍ଜୁର କରାଯାଇଥିଲା ଏବଂ ଏହି ଅର୍ଥରୁ ମାତ୍ର ୨୪୧୧ କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧୧୫୪୩,୯୦ ଲକ୍ଷ କାର୍ଯ୍ୟଦିବସ ସୃଷ୍ଟି କରାଯାଇ ପାରିଥିଲା ।

## ୩.୩.୮ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (EAS)

୧୯୯୩ ଅକ୍ଟୋବର ୨ ପବିତ୍ର ଗାନ୍ଧିଜୟନ୍ତି ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ଏହି ଯୋଜନାରେ ଆଦିବାସୀ ଅଧ୍ୟୁଷିତ ମରୁଡି ପ୍ରପୀଡ଼ିତ ପାହାଡ଼ିଆ ଅଞ୍ଚଳକୁ ସର୍ଭେ କରାଯାଇ ଦେଶରୁ ସମୁଦାୟ ୧୭୭୮ ଟି ବ୍ଲକ୍‌କୁ ନେଇ କାର୍ଯ୍ୟାରମ୍ଭ କରାଯାଇଥିଲା । ପରେ ଏପ୍ରିଲ୍ ୧୯୯୭ ରୁ ଏହି ଯୋଜନାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଗଲା । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କୃଷିକାର୍ଯ୍ୟ ନଥିବା ସମୟରେ ଗ୍ରାମୀଣ ଗରିବ ପରିବାରର ୧୮ ରୁ ୬୦ ବର୍ଷ ଭିତରେ ଥିବା ଯେକୌଣସି ଦୁଇ ଜଣ

ସଦସ୍ୟଙ୍କୁ ବର୍ଷକୁ ୧୦୦ ଦିନ ନିଶ୍ଚିତ କର୍ମ ଯୋଗାଇ ଦେଇ, ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ଶ୍ରମଶକ୍ତିର ଉପଯୁକ୍ତ ବିନିଯୋଗ କରାଯାଇ ସାମାଜିକ ଓ ଗୋଷ୍ଠୀ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ଭିତ୍ତିଭୂମି ସୃଷ୍ଟି କରିବା । ଏହି ଯୋଜନାର ଖର୍ଚ୍ଚକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୭୫:୨୫ ଭାଗ ଅନୁପାତରେ ବହନ କରୁଥିଲେ । ପ୍ରଥମେ କେନ୍ଦ୍ରସରକାର ଏହି ଯୋଜନାକୁ ପ୍ରତିବର୍ଷ ଓ ପ୍ରତ୍ୟେକ ଅଞ୍ଚଳରେ କାର୍ଯ୍ୟକାରୀ କରିଥିଲେ । ପରେ ଅଞ୍ଚଳ ବିଶେଷ ଓ ଜିଲ୍ଲାର ଆବଶ୍ୟକତାନୁସାରେ ଏହି ଯୋଜନାରେ ବ୍ୟୟ ବରାଦ କରାଯାଇ କାର୍ଯ୍ୟ କରାଗଲା ।

କେନ୍ଦ୍ର ସରକାର ପ୍ରଦାନ କରୁଥିବା ଅର୍ଥ ସିଧାସଳଖ ପ୍ରତି ଜିଲ୍ଲାର ଡିଆରଡିଏ ପିଡିଙ୍କ ପାଖକୁ ଆସୁଥିଲା ଏବଂ ଏହି ଅର୍ଥ ପାଇବା ପରେ ରାଜ୍ୟ ସରକାର ତାଙ୍କର ସମତୁଲ୍ୟ ରାଶି ପ୍ରଦାନ କରୁଥିଲେ । ୧୯୯୩-୯୪ ରୁ ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ୧୯୯୬-୯୭ ପର୍ଯ୍ୟନ୍ତ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଶି ମଞ୍ଜୁର କରିଥିବା ୬୫୧୪ କୋଟି ୬୫ ଲକ୍ଷ ଟଙ୍କାରୁ ଖର୍ଚ୍ଚ ହୋଇଥିଲା ମାତ୍ର ୫୨୭୮ କୋଟି ୧୬ ଲକ୍ଷ । ୧୯୯୯ ବେଳକୁ ଆର୍ଥିକ ଦୁର୍ବଳ ଓ ପଛୁଆ ରାଜ୍ୟଗୁଡ଼ିକର ଭିତ୍ତିଭୂମି ଆକଳନ କରାଯାଇ ୧୯୯୯-୨୦୦୦ ଏବଂ ୨୦୦୦-୦୧ ମସିହାରେ ଯଥାକ୍ରମେ ୨.୦୪୦ କୋଟି ଓ ୧୩୦୦ କୋଟି ଟଙ୍କା ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ମଞ୍ଜୁର କରାଯାଇଥିଲା । ଦଶମ ଯୋଜନା କମିଶନ ରିପୋର୍ଟ ପ୍ରଦାନ କରିଥିଲେ ଯେ ଅଷ୍ଟମ ଯୋଜନା ମଧ୍ୟରେ ସମୁଦାୟ ୧୦.୭୨୯ ଲକ୍ଷ ୫୯ ହଜାର କାର୍ଯ୍ୟ ଦିବସ ଏବଂ ନବମ ଯୋଜନାରେ ୧୪୬୩୩ ଲକ୍ଷ ୪୬ ହଜାର କାର୍ଯ୍ୟଦିବସ ସୃଷ୍ଟି କରାଯାଇଥିଲା । ମାତ୍ର ପରେ ଏହି ଯୋଜନାକୁ ସପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY)ସହିତ ମିଶାଇ ଦିଆଯାଇ ଥିଲା ।

## ୩.୩.୯ ଜବାହର ରୋଜଗାର ଯୋଜନା (JRY)

ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (NREP) ଏବଂ ଗ୍ରାମୀଣ ଭୂମିହୀନଙ୍କ ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ (NLEGP) କୁ ଏପ୍ରିଲ ୧ ତାରିଖ ୧୯୮୯ ରେ ମିଶାଇ ଦିଆଯାଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ୮୦:୨୦ ଆନୁପାତିକ ସହଯୋଗରେ ଜବାହର ରୋଜଗାର ଯୋଜନା (JRY) କାର୍ଯ୍ୟକାରୀ କରାଗଲା । ଗ୍ରାମୀଣ ଗରିବ ଜନତାଙ୍କର ଧାରାବାହିକ ଉନ୍ନତି, ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଓ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଉଦ୍ଦେଶ୍ୟରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟତଃ କୃଷିକ୍ଷେତ୍ର ଓ ଋଷଜମିର ବିକାଶ ପାଇଁ ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମୀଣ ଜନତାଙ୍କର ଉନ୍ନତି କଳ୍ପେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା । ପୁନଶ୍ଚ ଏହି ଯୋଜନାକୁ ଭାଗଭାଗ କରାଯାଇ ୨୨.୫% ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି, ଗୋତି ଶ୍ରମିକଙ୍କ ପାଇଁ ଓ ୩୦ ପ୍ରତିଶତ ମହିଳାମାନଙ୍କ ପାଇଁ ସୁନିଶ୍ଚିତ

କରାଯାଇଥିଲା ବେଳେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ନିୟୋଜିତ କରାଯାଇ ଏହି ଯୋଜନାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ପଦକ୍ଷେପମାନ ନିଆଯାଇଥିଲା ।

ପ୍ରାଥମିକ ସ୍ତରରେ ଏହି ଯୋଜନାକୁ ଇନ୍ଦିରା ଆବାସ ଯୋଜନା (IAY) ଏବଂ ନିୟୁତ ନଳକୂପ ଯୋଜନା (MWS) ସହିତ ମିଶାଇ କାର୍ଯ୍ୟାରମ୍ଭ କରାଯାଇଥିଲା । ମାତ୍ର ଯେତେବେଳେ ଦଶମ ଯୋଜନା କମିଶନ ଗ୍ରାମୀଣ ଭାରତରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସମୀକ୍ଷା କଲେ ଜାଣିବାକୁ ପାଇଲେ ଯେ ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ଯେଉଁ ୧୮,୬୯୧ କୋଟି ଟଙ୍କା ଜବାହର ରୋଜଗାର ଯୋଜନା ପାଇଁ ଦିଆଯାଇଥିଲା, ତାଲହା ୯ମ ପଞ୍ଚମବାର୍ଷିକ ଯୋଜନାରେ ତାହା ୧୧,୬୮୮ କୋଟି ଟଙ୍କାକୁ ଖସି ଆସିଛି ଏବଂ ସର୍ବମୋଟ ୭୩୭୬୪ ଲକ୍ଷ ୮୩ ହଜାର ଶ୍ରମଦିବସ ୧୯୯୮-୯୯ ପର୍ଯ୍ୟନ୍ତ ସୃଷ୍ଟି କରାଯାଇ ପାରିଛି। ସେଥିରୁ ମାତ୍ର ୪୭ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ଉପକୃତ ହୋଇଛନ୍ତି । ତାଲିକାଭୁକ୍ତ ୪୦ ପ୍ରତିଶତ ଭୂମିହୀନ ଗ୍ରାମ୍ୟ ଜନତାଙ୍କ ମଧ୍ୟରୁ ମାତ୍ର ୩୬ ପ୍ରତିଶତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ପ୍ରକୃତରେ ନିଯୁକ୍ତି ପାଇଥିଲେ ମାତ୍ର ୧୫ ପ୍ରତିଶତ । ଏଥିରୁ ଜଣାଗଲା ଯେ ପ୍ରତିବର୍ଷ ଶ୍ରମଦିବସ ସୃଷ୍ଟି କରିବାର ମୂଳ ଯୋଜନାଟି ଧୀରେ ଧୀରେ ମନ୍ଥର ହେଉଛି ଓ ମଂଜୁରୀ ଅର୍ଥବ୍ୟୟ ଅନୁସାରେ ଅନୁରୂପ ସୁଫଳ ମିଳୁନାହିଁ । ପଞ୍ଚାୟତ ସ୍ତରରେ ଯେପରି ପଦକ୍ଷେପ ନେବା କଥା , ଅଧିକାରୀମାନଙ୍କର ଦାୟବଦ୍ଧତାର ଅଭାବ ଯୋଗୁଁ ତାହା ସମ୍ଭବ ହୋଇପାରୁନି । ଶେଷରେ ଏପରି ଏକ ଜନ ହିତକର ଯୋଜନାକୁ ଏପ୍ରିଲ ୧୯୯୯ରେ ନାମ ବଦଳାଇ ଦେଇ ଜବାହର ଗ୍ରାମ ସମୃଦ୍ଧି ଯୋଜନା (JGSY) ସହିତ ମିଶାଇ ଦିଆଗଲା।

## ୩.୩.୧୦ ଜବାହର ଗ୍ରାମ ସମୃଦ୍ଧି ଯୋଜନା (JGSY)

ଏହି ଯୋଜନା ଏପ୍ରିଲ ୧୯୯୯ରେ ଆରମ୍ଭ କରାଯାଇଥିଲା ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଗରିବ ଜନତାଙ୍କ ପାଇଁ ଅତିରିକ୍ତ ରୋଜଗାର ସଂସ୍ଥାନ ସୃଷ୍ଟି କରିବା । ଗ୍ରାମୀଣ ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳ ସେଚନ ପରି ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରି ଜୀବନ ଧାରଣ ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା । ଗ୍ରାମପଞ୍ଚାୟତମାନେ ଏହାର ବାର୍ଷିକ ଯୋଜନା ଅଟକଳ ପ୍ରସ୍ତୁତି କରି ଗ୍ରାମ ସଭାର ଅନୁମୋଦନ କ୍ରମେ ସଂପୂର୍ଣ୍ଣ ରୂପରେଖ ପ୍ରସ୍ତୁତି କରୁଥିଲେ। ଜିଲ୍ଲା ପରିଷଦ ଏବଂ ଡିଆରଡିଏ ଏହି ସବୁ କାର୍ଯ୍ୟପାଇଁ ନିୟମାବଳୀ ପ୍ରସ୍ତୁତ କରିବା ସହିତ ତଦାରଖ, ଯୋଗସୂତ୍ର ଓ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତ କରୁଥିଲେ ଏବଂ ସିଧାସଳଖ ଭାବରେ ପଞ୍ଚାୟତମାନଙ୍କୁ ଅର୍ଥ ମଞ୍ଜୁର ମଧ କରୁଥିଲେ । ଏହି ଯୋଜନା କେନ୍ଦ୍ର ସରକାରଙ୍କର ସଂପୂର୍ଣ୍ଣ ଭାବରେ ପ୍ରାୟୋଜିତ ଯୋଜନା ହୋଇଥିଲେ ହେଁ ପ୍ରତ୍ୟେକ ରାଜ୍ୟ ସରକାର ଯୋଜନାର ୨୫ ପ୍ରତିଶତ ବ୍ୟୟବରାଦକୁ ଭରଣା କରୁଥିଲେ ଏବଂ କେନ୍ଦ୍ର ଶାସିତ ରାଜ୍ୟ ଗୁଡ଼ିକୁ କେନ୍ଦ୍ର ସରକାର ଶତପ୍ରତିଶତ ଖର୍ଚ୍ଚ ପ୍ରଦାନ କରୁଥିଲେ ।

ଯୋଜନା ବ୍ୟୟର ଅର୍ଥରୁ ୧୫ ପ୍ରତିଶତ ସରକାରୀ ସଂପତ୍ତି ବା ଶ୍ରମଶକ୍ତିରେ ନିର୍ମାଣ କରାଯାଇଥିବା ସ୍ଥାୟୀ ସଂପତ୍ତିଗୁଡିକର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତ ମାନେ ବ୍ୟୟ କରୁଥିଲେ । ପୂର୍ଣ୍ଣ ଅନୁଦାନର ୨୨.୫ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ଏବଂ ୩ ପ୍ରତିଶତ ଶରୀରିକ ବିକଳାଙ୍ଗମାନଙ୍କ ପରି ହିତାଧିକାରୀଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଖର୍ଚ୍ଚ କରାଯାଉଥିଲା । ଏହି ଯୋଜନାରେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ମଜୁରୀ ଅନୁସାରେ ଶ୍ରମିକ ମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଉଥିଲା । ତେବେ ଦେଖାଗଲା ଯେ ବିପୁଳ ଅର୍ଥ ଖର୍ଚ୍ଚ ବଦଳରେ ଏହି ଯୋଜନାର ସୁଫଳ ରୂପେ ମାତ୍ର ୬୨୨୭ ଲକ୍ଷ ୪ ହଜାର ଶ୍ରମଦିବସର ଉପଯୋଗ କରାଯାଇଛି । ଏହିପରି ବିଫଳତାକୁ ଦୃଷ୍ଟିରେ ରଖି ଶେଷରେ ସେପ୍ଟେମ୍ବର ୨୦୦୧ ମସିହାରେ ଏହି ଯୋଜନାକୁ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY) ସହିତ ମିଶାଇ ଦିଆଗଲା ।

## ୩.୩.୧୧ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY)

ପୂର୍ବ ଯୋଜନା ଗୁଡ଼ିକ ପରି ଭାରତ ସରକାର ଏହି ଯୋଜନାରେ ମଧ୍ୟ ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଗରିବ କୃଷି ଶ୍ରମିକ ମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିର ଦୃଢତା, ଖାଦ୍ୟ ସୁରକ୍ଷା ଓ ଅପପୁଷ୍ଟିର ନିରାକରଣ ପାଇଁ ଗୁରୁତ୍ୱ ଦେଇ ୨୫ ସେପ୍ଟେମ୍ବର ୨୦୦୧ ମସିହାରୁ ଏହାର ଶୁଭାରମ୍ଭ କଲେ । ପ୍ରାରମ୍ଭିକ ସ୍ତରରେ ଏହି ଯୋଜନା ପାଇଁ ୧୦ ହଜାର କୋଟିର ବ୍ୟୟ ଅଟକଳ କରାଯାଇଥିଲା । ଏଥିରୁ ୫ ହଜାର କୋଟିର ପ୍ରାୟ ୫୦ ଲକ୍ଷ ଟନ ଖାଦ୍ୟଶସ୍ୟ ଓ ୫ କୋଟି ନଗଦ ଟଙ୍କାକୁ ଯଥାକ୍ରମେ ମଜୁରୀ ଓ କଞ୍ଚାମାଲ କ୍ରୟରେ ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଏହି ଯୋଜନାରେ ଦୈନିକ ମଜୁରୀ ବାବଦରେ ଜଣେ ଶ୍ରମିକକୁ ୫ କେ.ଜି. ଶସ୍ୟ ବଦଳରେ ବର୍ଷକୁ ପ୍ରାୟତଃ ୧୦୦ ଗୋଟି ଶ୍ରମଦିବସ ପ୍ରତ୍ୟେକ ଗ୍ରାମୀଣ ଜନତାଙ୍କୁ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଏହି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲେ ହେଁ ଯୋଜନା ବ୍ୟୟର ୨୫ ପ୍ରତିଶତ ରାଜ୍ୟ ସରକାରମାନେ ବହନ କରୁଥିଲେ। ଖାଦ୍ୟଶସ୍ୟ ସମୂହକୁ କେନ୍ଦ୍ରସରକାର ରାଜ୍ୟମାନଙ୍କୁ ବିନାମୂଲ୍ୟରେ ଯୋଗାଇ ଦେଉଥିଲେ । ଗ୍ରାମୀଣ ଭାରତର ଅଣକୁଶଳୀ କୃଷି ଶ୍ରମିକ ଓ ଅନ୍ୟ ଶ୍ରମିକ ମାନଙ୍କ ପାଇଁ ଏହି ଯୋଜନା ସଂପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିଲା। ଏହି ଯୋଜନାରେ ମଧ୍ୟ ଅନୁସୂଚିତ ଜାତି, ଜନଜାତି ଓ ମହିଳାମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଥିଲା। ଏହି ଯୋଜନା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟ କରିବା ସହିତ ପ୍ରଦତ୍ତ ଖାଦ୍ୟ ଶସ୍ୟର ୨୨.୫ ପ୍ରତିଶତ ଯେପରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମାନଙ୍କ ମଜୁରୀ ଆକାରରେ ମିଳିପାରିବ । ସେଥିପ୍ରତି ଧ୍ୟାନ ଦେଉଥିଲେ । ଏପରିକି ସଂପୂର୍ଣ୍ଣ ଅଟକଳର ୫୦ ପ୍ରତିଶତ ଯେପରି ଗ୍ରାମୀଣ ଭିତ୍ତିଭୂମି ବିକାଶରେ ନିୟୋଜିତ ହେବ, ତା'ର ଉତ୍ତରଦାୟିତ୍ୱ ମଧ୍ୟ ପଞ୍ଚାୟତି ରାଜ ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା । ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କଲାବେଳେ ଯୋଜନା କମିଶନ ଜାଣିବାକୁ ପାଇଲେ ଯେ ୨୦୦୨-୦୫ ମସିହା ଭିତରେ ସର୍ବମୋଟ ୧୧୨୨ କୋଟି ୩୨ ଲକ୍ଷ ଟଙ୍କା ୨୮୯ ଲକ୍ଷ ମେଟ୍ରିକଟନ ଖାଦ୍ୟଶସ୍ୟ

ବିନିମୟରେ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ମାତ୍ର ୯୭୪ କୋଟି ଶ୍ରମଦିବସ ସୃଷ୍ଟି କରାଯାଇ ପାରିଛି । ଯୋଜନାର ଏପରି ଶୋଚନୀୟ ବିଫଳତାକୁ ଦୃଷ୍ଟିରେ ରଖି ଶେଷରେ ଏହାକୁ "ମହାତ୍ମାଗାନ୍ଧୀ ଜାତୀୟ ସୁନିଶ୍ଚିତ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (Mahatma Gandhi National Rural Employment Guarantee Act - MGN REGA) ସହିତ ୨୦୦୫ ସେପ୍ଟେମ୍ବର ୫ ତାରିଖରେ ମିଶାଇ ଦିଆଗଲା । ଏହି ଯୋଜନାନୁସାରେ ଗ୍ରାମୀଣ ଶ୍ରମଜୀବିମାନଙ୍କର ଜୀବିକା ନିର୍ବାହ ପାଇଁ ସରକାରଙ୍କ ତରଫରୁ ବାର୍ଷିକ ୧୦୦ ଦିନ ସୁନିଶ୍ଚିତ କର୍ମ ଯୋଗାଇ ଦେବାର ବ୍ୟବସ୍ଥା ରହିଲା ।

## ୩.୩.୧୨ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ସୁନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ (MGNREGA)

ଗ୍ରାମୀଣ ଜନତାଙ୍କର ଜୀବନ ଓ ଜୀବିକାର ସୁରକ୍ଷା ଓ ସୁନିଶ୍ଚିତତା ପାଇଁ ମନରେଗା Mahatma Gandhi National Rural Employment Guarantee Act - MGNREGA ର ପୁନଃବିକାଶ କରାଯାଇଥିଲା । ଏହି ଯୋଜନାର ପ୍ରସ୍ତାବ ଅଧିନିୟମ ୨୦୦୫ ଅଗଷ୍ଟ ୨୩ ତାରିଖରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଗୃହୀତ ହେଲା ପରେ ସେହିବର୍ଷ ସେପ୍ଟେମ୍ବର ୫ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲାପରେ ସେପ୍ଟେମ୍ବର ୭ ତାରିଖରେ ଅଧିସୂଚନା ଜାରି କରାଗଲା । ୨୦୦୬ ଫେବୃୟାରୀ ୨ ତାରିଖରେ ଦେଶର ବିଭିନ୍ନ ରାଜ୍ୟର ୨୦୦ ଟି ପଛୁଆ ଜିଲ୍ଲାକୁ ଚୟନ କରାଯାଇ ଏହି ଯୋଜନାର ଶୁଭାରମ୍ଭ କରାଗଲା । ୨୦୦୭ ଏପ୍ରିଲ୍ ୧ ତାରିଖରେ ପୁନଶ୍ଚ ୧୩୦ ଟି ଜିଲ୍ଲାକୁ ସାମିଲ କରାଯିବାପରେ ୧ ଏପ୍ରିଲ ୨୦୦୮ ରେ ଦେଶର ସମସ୍ତ ଜିଲ୍ଲା ଗୁଡିକୁ ଏହି ଯୋଜନାନ୍ତର୍ଭୁକ୍ତ କରାଯାଇ ପୂର୍ବ ଯୋଜନାମାନଙ୍କର ନିୟମାନୁଯାୟୀ ଗ୍ରାମୀଣ ଗରିବ ପରିବାରର ଜଣେ ସଦସ୍ୟଙ୍କୁ ବାର୍ଷିକ ୧୦୦ ଦିନ ସୁନିଶ୍ଚିତ କର୍ମ ଯୋଗାଣର ବନ୍ଦୋବସ୍ତ କରାଗଲା ।

### ମନରେଗାର ଆବଶ୍ୟକତା :

ଭାରତରେ ଶ୍ରମିକମାନଙ୍କ ସଂଖ୍ୟା ବାର୍ଷିକ ୨.୫ ପ୍ରତିଶତ ବୃଦ୍ଧି ଘଟୁଥିବା ବେଳେ ସଂଗଠିତ ଓ ଅଣସଂଗଠିତ କର୍ମ କ୍ଷେତ୍ରରେ ନିଯୁକ୍ତି ହାର ଥିଲା ମାତ୍ର ୨.୩ ପ୍ରତିଶତ । ଏହି ନିଯୁକ୍ତି ହାର ମଧ୍ୟ ଅତ୍ୟନ୍ତ ନିରାଶାଜନକ ଥିଲା । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବାର୍ଷିକ ପ୍ରାୟତଃ ୭୦ ଲକ୍ଷ ନୂତନ ଶ୍ରମିକ ମାନଙ୍କର ଆବିର୍ଭାବ ଘଟୁଥିଲା । ଏମାନଙ୍କୁ କର୍ମ ଯୋଗାଣ କରିବାରେ ସରକାର ଓ ବେସରକାରୀ ସଂସ୍ଥାମାନେ ପ୍ରାୟତଃ ବିଫଳ ହେଲେ କିମ୍ବା ସମସ୍ୟାର ସମ୍ମୁଖୀନ ହେଲେ । ଯାହା ଫଳରେ ଦିନକୁ ଦିନ ବେକାରୀ ମାନଙ୍କ ସଂଖ୍ୟା ବୃଦ୍ଧି ହେଲା । ଭାରତରେ ୧୯୯୪ ବେଳକୁ ଯେଉଁ ୩୬୭୦ ଲକ୍ଷ ବେକାର ଥିଲେ, ଏମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ୧୯୯୯ ରେ ୪୦୮୦ ଲକ୍ଷ ଓ ୨୦୦୧ ବେଳକୁ

୪୨୦୦ ଲକ୍ଷରେ ପହଞ୍ଚିଗଲା । ବାର୍ଷିକ ପ୍ରାୟତଃ ୫୫ରୁ ୬୦ ଲକ୍ଷ ନିଯୁକ୍ତି ଆଶାୟୀ ନାମ ପଞ୍ଜିକରଣ କରୁଥିଲେ ।

ଭାରତ ୫୮୯୬୨୬ ଗ୍ରାମରେ ସମୁଦାୟ ଜନସଂଖ୍ୟାର ପ୍ରାୟତଃ ୭୦ ପ୍ରତିଶତ ଗ୍ରାମୀଣ ଜନତା ବାସ କରୁଥିଲେ ; ଯେଉଁମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି ବା ଶ୍ରମ । ଏମାନଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିଲା । ଆକଳନରୁ ଜଣାଗଲା ଯେ ଗ୍ରାମାଞ୍ଚଳ କୃଷି ବିକାଶରେ ମଧ୍ୟ ନିମ୍ନଗତି ଆରମ୍ଭ ହୋଇ ଯାଇଥିଲା। ୧୯୯୩-୯୪ ବେଳକୁ କୃଷି କ୍ଷେତ୍ରରେ ୬୧% ଶ୍ରମିକ ନିଯୁକ୍ତ ଥିଲାବେଳେ ୨୦୦୪-୦୫ ବେଳକୁ ଏହା ହ୍ରାସ ପାଇ ୫୨.୧% ରେ ପହଞ୍ଚିଯାଇଥିଲା । ଏହିପରି ଏକ ଘଡ଼ିସନ୍ଧି ସମୟରେ ମନରେଗା କାର୍ଯ୍ୟକ୍ରମ ଗ୍ରାମୀଣ କୃଷି ଶ୍ରମିକ ମାନଙ୍କୁ କୃଷିକାର୍ଯ୍ୟ ନଥିବା ସମୟରେ କର୍ମ ଯୋଗାଣ କରି ସେମାନଙ୍କର ଦୁର୍ବଳ ସ୍ଥିତିକୁ ସବଳ କରିବାକୁ ସାହସ ପ୍ରଦାନ କଲା । ଗ୍ରାମୀଣ ଭାରତରେ ବାସ କରୁଥିବା ବହୁଳ ଗ୍ରାମୀଣ ଜନତାଙ୍କର ଶ୍ରମଶକ୍ତିକୁ ସଠିକ୍ ଉପଯୋଗ କରିବା ପାଇଁ ଭାରତ ସରକାରଙ୍କର ଏହା ଏକ ଐତିହାସିକ ପଦକ୍ଷେପ ଥିଲା । ୨୦୦୪-୦୫ ମସିହାର ସର୍ବେକ୍ଷଣରୁ ଜଣାଯାଇଥିଲା ଯେ, କୃଷି ଶ୍ରମିକ ଭାବରେ ଜୀବନ ନିର୍ବାହ କରୁଥିବା ସମୁଦାୟ ୫୬.୫ ପ୍ରତିଶତ ଶ୍ରମିକ ମାନଙ୍କ ମଧ୍ୟରୁ ୩୪୮୦ ଲକ୍ଷ ଶ୍ରମିକ ଗ୍ରାମାଞ୍ଚଳରେ ବାସ କରୁଥିଲେ । ମାତ୍ର ଏମାନେ କେବଳ କୃଷି କାର୍ଯ୍ୟ ଆରମ୍ଭରୁ ଅମଳ ପର୍ଯ୍ୟନ୍ତ କାମ ପାଉଥିଲେ ଏବଂ ବର୍ଷର ବାକି ଦିନଗୁଡ଼ିକ ବେକାର ହୋଇ ବସିରହୁଥିଲେ। ଯାହା ଫଳରେ ଭାରତର ସମୁଦାୟ ଅର୍ଥବ୍ୟବସ୍ଥା ସଠିକ୍ ରୂପେ ପରିଚାଳିତ ହେବାର ବାଧା ସୃଷ୍ଟି ହେଉଥିଲା । ସରକାର ମଦରେଗା କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଜାଣିପାରିଲେ ଯେ ୨୦୦୪-୦୫ ବେଳକୁ କୃଷି ଶ୍ରମିକ ନିଯୁକ୍ତି ମାତ୍ର (୧୯୯୩-୯୪ରେ ୬.୧% ଥିଲା) ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ବେକାର ସମସ୍ୟା ୯.୫ ପ୍ରତିଶତରୁ ବୃଦ୍ଧି ପାଇ ୧୫.୩ ପ୍ରତିଶତରେ ପହଞ୍ଚି ଯାଇଛି । ଏହି ସମସ୍ୟାର ଦୂରୀକରଣ ପାଇଁ କେନ୍ଦ୍ର ସରକାର ତୁରନ୍ତ ମନରେଗା ଯୋଜନା ଆରମ୍ଭ କରି ବୋକର କୃଷି ଶ୍ରମିକ ମାନଙ୍କୁ ଅଣକୃଷି କାର୍ଯ୍ୟ ଦିବସ ମାନଙ୍କରେ ଅନ୍ୟୁନ ୧୦୦ ଦିନ ଶ୍ରମ ଦିବସ ପ୍ରଦାନ କରିବାକୁ ମନସ୍ଥ କଲେ ।

**ମନରେଗାର ବୈଶିଷ୍ଟ୍ୟ :**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଅଧିନିୟମ (ମନରେଗା) ଗ୍ରାମୀଣ କୃଷି ଶ୍ରମିକ ମାନଙ୍କର ଏକ ମାନବିକ ଅଧିକାର ସଦୃଶ୍ୟ, ଯାହା ସେମାନଙ୍କର ଆବଶ୍ୟକତା ଓ ପୂର୍ଣ୍ଣତାକୁ ସମତୁଲ କରିବା ପାଇଁ ଏକ ଆଶୁ ପ୍ରତିକାର ବ୍ୟବସ୍ଥା ସଦୃଶ । ଯେପରି –

କ) ୧୦୦ ଦିନର ସୁନିଶ୍ଚିତ କର୍ମ ନିଯୁକ୍ତି ପ୍ରତିଶ୍ରୁତି : ମନରେଗା ଗ୍ରାମୀଣ ଭାରତର ଗରିବ ଜନତାଙ୍କ ପାଇଁ ଏକ ଅପୂର୍ବ ସୁଯୋଗ । ଏହି ଅଧିନିୟକ ୧୦୦ ଦିନର ନିଶ୍ଚିତ କର୍ମ ଯୋଗାଣର ପ୍ରତିଶ୍ରୁତି ପ୍ରଦାନ

କରେ । ଗରିବ ଗ୍ରାମୀଣ ପରିବାରର ଜଣେ ସଦସ୍ୟ ଏହି ଯୋଜନା ଅନୁସାରେ ୧୦୦ ଦିନର କାର୍ଯ୍ୟ ପାଇଁ ନିଜର ଗ୍ରାମପଞ୍ଚାୟତରେ ନିଜ ପରିବାରର ପଞ୍ଜିକରଣ କରିବାକୁ ପଡ଼େ ।

ଖ) ଗ୍ରାମୀଣ ବିକାଶର ଭିତ୍ତିଭୂମିର ଉନ୍ନତି, ଶ୍ରମିକମାନଙ୍କର ଦେଶାନ୍ତର, ଅଧିକ ଅଣକୁଶଳୀ କୃଷି ମଜୁରୀ ଓ ଆର୍ଥିକ ସୁରକ୍ଷା ପାଇଁ ଏହି ଯୋଜନା ଅଭିପ୍ରେତ ।

ଗ) ଦାରିଦ୍ର୍ୟ ସୀମାରେଖା ତଳେ କିମ୍ବା ଉର୍ଦ୍ଧ୍ୱରେ ଥିବା ସମସ୍ତ ଗ୍ରାମୀଣ ଜନତାଙ୍କ ପାଇଁ ଏହା ଉଦ୍ଦିଷ୍ଟ ।

ଘ) ଯେଉଁଠି ହିତାଧିକାରୀଙ୍କ ସଂଖ୍ୟା ଅଧିକ, ସେଠାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣ କରାଯାଏ ।

ଙ) ଯଥାନୁରୂପ ଶ୍ରମବଳ ଉପଯୋଗ ଓ ମେସିନ୍ ବ୍ୟବହାର ନ କରିବା ପାଇଁ ମନରେଗାରେ ଧ୍ୟାନ ଦିଆଯାଏ ।

ଚ) ଅନ୍ୟ ଯୋଜନାମାନଙ୍କ ପରି ଏହି ଯୋଜନାରେ ମଧ୍ୟ ସ୍ୱଚ୍ଛତା, ସାଧୁତା ବଜାୟ ରଖିବା ଓ ଉତ୍ତରଦାୟିତ୍ୱ ନ୍ୟସ୍ତ ଉପରେ ଗୁରୁତ୍ୱ ଦିଆଯାଇଛି ।

ଛ) ଏହି ଯୋଜନାର ଅଧିନିୟମାନୁସାରେ ୫୦ ଭାଗ କାର୍ଯ୍ୟ ଗ୍ରାମପଞ୍ଚାୟତ ଦ୍ୱାରା ସଂପାଦନ କରିବାର ଅଧିକାର ପ୍ରଦାନ କରାଯାଇଛି । ମନରେଗା କାର୍ଯ୍ୟର ସଂପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଗ୍ରାମପଞ୍ଚାୟତର । ପ୍ରକଳ୍ପ ଗୁଡ଼ିକର ପରିଚାଳନା, ଅନୁମୋଦନ ଓ କାର୍ଯ୍ୟ ସଂପାଦନର କାର୍ଯ୍ୟ ପଞ୍ଚାୟତକୁ ପ୍ରଦତ୍ତ କରାଯାଇଛି । ଏହି ଯୋଜନାରେ ଠିକାଦାର ନିଯୁକ୍ତିକୁ ମଧ୍ୟ ବାରଣ କରାଯାଇଛି ।

ଜ) ମନରେଗା କାର୍ଯ୍ୟରେ ନିଯୁକ୍ତ ଶ୍ରମିକ କୌଣସି କାରଣରୁ ଆହତ ବା ଦୁର୍ଘଟଣାର ସମ୍ମୁଖୀନ ହେଲେ । ସରକାର ତା'ର ଚିକିତ୍ସା ବହନ କରନ୍ତି ।

ଝ) କୌଣସି ଶ୍ରମିକ କାର୍ଯ୍ୟରତ ସମୟରେ ମୃତ ବା ବିକଳାଙ୍ଗ ହେଲେ, ସେ ସରକାରଙ୍କଠାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତି ପୂରଣ ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇ ପାରିବେ ।

ଞ) **ଜବ୍ କାର୍ଡ :** ଜବ୍ କାର୍ଡ ଶ୍ରମିକମାନଙ୍କ ପାଇଁ ଏକ ବୈଧ ଆଧିକାରିକ ପତ୍ର । ଏହି କାର୍ଡ ଏକ ପରିଚୟ ପତ୍ର ପରି ମଧ୍ୟ କାର୍ଯ୍ୟ କରେ । ଏଥିରେ ଶ୍ରମିକର ନାମ, ବୟସ, ଲିଙ୍ଗ, ପରିବାର ମୁଖିଆଙ୍କ ନାମ, ସାବାଳକ ମାନଙ୍କର ସଂଖ୍ୟା ଓ ସେ କାମ କରିବା ପାଇଁ ଇଚ୍ଛୁକ କି ନୁହେଁ, ଇତ୍ୟାଦିର ଉଲ୍ଲେଖ ଥାଏ । ଏହି କାର୍ଡ଼ ମାତ୍ର ପାଞ୍ଚବର୍ଷ ପାଇଁ ବୈଧ ଥାଏ । ଏଥିରେ କାର୍ଯ୍ୟର ବିବରଣୀ ଓ ମଜୁରୀ ମୂଲ୍ୟ ମଧ୍ୟ ଉଲ୍ଲେଖ କରାଯାଇଥାଏ । ପଞ୍ଚାୟତରେ ଜଣେ ନାମ ପଞ୍ଜିକରଣ କଲାପରେ ଏହି ଜବ୍ କାର୍ଡ଼ ପାଏ ଏବଂ ସେ ମନରେଗା ଯେଜନାରେ କାର୍ଯ୍ୟ କରିବାର କ୍ଷମତା ପ୍ରାପ୍ତ ହୁଏ ।

ଟ) **ସଂଖ୍ୟା ଯାଞ୍ଚ ଖାତା (Muster Roll) :** ମନରେଗା କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କର ତାଲିକାକୁ ମୋଷ୍ଟର ରୋଲ କହନ୍ତି । ଏହା ଏକ ଉପସ୍ଥାନ ଖାତା ପରି; ଯାହା ମନରେଗା କାର୍ଯ୍ୟରେ ଶ୍ରମଦିବସ  ସେଗୁଡ଼ିକର ହିସାବ ରଖିବାର ସହାୟକ ହୁଏ ।

ଠ) **କାର୍ଯ୍ୟ ସ୍ଥାନର ସୁବିଧା ସୁଯୋଗ :** ମନରେଗା କାର୍ଯ୍ୟସ୍ଥାନରେ ପିଇବା ପାଣି , ଫାଷ୍ଟ ଏଡ୍, ତୁରିତ ଚିକିତ୍ସା ପାଇଁ ଔଷଧ , ମହିଳା ଶ୍ରମିକ ମାନଙ୍କର (୬ ବର୍ଷରୁ କମ୍) ପିଲାମାନଙ୍କ ପାଇଁ ବିଶ୍ରାମ ସ୍ଥଳ ଇତ୍ୟାଦିର ସୁବିଧା ପ୍ରଦାନ କରାଯାଇଥାଏ ।

ଡ଼) **କାର୍ଯ୍ୟର ସ୍ଥାନ :** ପ୍ରତ୍ୟେକ ଶ୍ରମିକର ଘର ନିକଟରୁ କାର୍ଯ୍ୟସ୍ଥଳୀର ଦୂରତା ୫ କି.ମି. ଭିତରେ ରହେ। ଏହାଠାରୁ ଅଧିକ ଦୂରତା ହେଲେ ଅତିରିକ୍ତ ମଜୁରୀ ପ୍ରଦାନର ପ୍ରାବଧାନ ରହିଛି ।

ଢ) **ମଜୁରୀ ହାର :** କୃଷି ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଉଥିବା ସର୍ବନିମ୍ନ ମଜୁରୀହାର ଅନୁସାରେ ମନରେଗା ଶ୍ରମିକଙ୍କୁ ମଜୁରୀ ଦିଆଯାଏ । ଯାହା ମନରେଗା ଅଧିନିୟମ  ୬ (୧) ଓ ୧୯୪୮ ମଜୁରୀ ନିୟମର ଅନ୍ତର୍ଭୁକ୍ତ । ଆବଶ୍ୟକ ହେଲେ କେନ୍ଦ୍ର ସରକାର ସୂଚନା ଜାରୀ କରି ମଧ ମଜୁରୀ ହାରର ପରିବର୍ତ୍ତନ କରିପାରନ୍ତି। ଏହି ସମୟରେ ସରକାର ଦୁଇଟି ଦିଗପ୍ରତି ପ୍ରଧାନତଃ ଧ୍ୟାନ  ଦେଇଥାନ୍ତି। ପ୍ରଥମଟି ହେଲା ଶ୍ରମିକ ପରିବାର ଗୁଡ଼ିକର ସର୍ବନିମ୍ନ ଆବଶ୍ୟକତା ଓ କର୍ମ ସଂସ୍ଥାନ ଆଶାରେ ଭିଟାମାଟି ଛାଡ଼ୁ ଥିବା ଶ୍ରମିକ ମାନଙ୍କୁ ନିଜ ଅଞ୍ଚଳରେ କର୍ମ ଯୋଗାଣ ପ୍ରତି ବିଶେଷ ଧ୍ୟାନ ଦିଆ ଯାଇଥାଏ ।  ଦ୍ୱିତୀୟରେ ମଜୁରୀ ନିର୍ଦ୍ଧାରଣ କଲାବେଳେ ବଜାର ଦର ଏବଂ ଅନ୍ୟ ଶ୍ରମକ୍ଷେତ୍ରର ମଜୁରୀ ମୂଲ୍ୟ ପତି ଦୃଷ୍ଟି ପ୍ରଦାନ କରି ଶ୍ରମିକ ମାନଙ୍କର ହିତ ପାଇଁ ମଜୁରୀ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଥାଏ । ୧୯୪୮ ମଜୁରୀ ନିୟମାବଳୀ ଅନୁସାରେ ୧ ଏପ୍ରିଲ୍  ୨୦୧୪ ରେ ମନରେଗା ମଜୁରୀ ହାର ଜଣପ୍ରତି ଦୈନିକ ୨୩୬ ଟଙ୍କା (ଆଠଘଣ୍ଟାର ଶ୍ରମ ପାଇଁ) ଥିଲା ଏବଂ ଏହା ପ୍ରତି ୬ ମାସରେ ଉଭୟ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକଙ୍କ ପାରିଶ୍ରମିକରେ ବୃଦ୍ଧି କରାଯାଏ।

ଣ) **ମଜୁରୀ ପ୍ରଦାନ :** ପ୍ରତ୍ୟେକ ଶ୍ରମିକଙ୍କୁ ପ୍ରତି ସପ୍ତାହରେ କିମ୍ବା ଦୁଇ ସପ୍ତାହରେ ଥରେ ମଜୁରୀ ପ୍ରଦାନ କରାଯାଏ। ଯଦି କୌଣସି କାରଣରୁ ନିର୍ଦ୍ଧାରିତ ସମୟ ଭିତରେ ଦିଆଯାଇ ନ ପାରିଲା; ତେବେ ୧୯୭୨ ଶ୍ରମ ଅଧି ନିୟମ ଅନୁସାରେ କ୍ଷତିପୂରଣ ଦେବାର ବିଧି ରହିଛି ।

ତ) **ମଜୁରୀ ପ୍ରଦାନ ପ୍ରଣାଳୀ :** ମନରେଗା ଶ୍ରମିକ ମାନଙ୍କର ମଜୁରୀ ତାଙ୍କର ବ୍ୟାଙ୍କ୍ ବା ପୋଷ୍ଟ ଅଫିସ୍ ଜମା ଖାତାରେ ଜମା କରିଦିଆଯାଏ । ଦିର୍ନୀତି ରୋକିବାର ଏହା ଏକ ପ୍ରକୃଷ୍ଟ ମାର୍ଗ । ପୂର୍ବରୁ ପରିଚାଳନା ସଂସ୍ଥାମାନେ ଶ୍ରମିକ ତାଲିକା ଖାତାରେ ଯେଉଁ ହେରଫେର କରୁଥିଲେ ତାହା ମଧ ବନ୍ଦ ହୋଇଗଲା । ଅତୀତରେ ଯେଉଁ ମନରେଗା ଅର୍ଥକୁ ଅଧିକାରୀଗଣ ଆତ୍ମସାତ୍ କରୁଥିଲେ, ତାଙ୍କ

ଉପରେ ଅଙ୍କୁଶ ଲାଗି ପାରିଲା । ଏହି ପ୍ରଣାଳୀ ଦ୍ୱାରା ମନରେଗା ପରିଚାଳନା ସଂସ୍ଥା ଓ ମଜୁରୀ ପ୍ରଦାନ ସଂସ୍ଥା ସଂପୂର୍ଣ୍ଣ ପୃଥକ୍ ହୋଇଗଲା ଏବଂ ମଜୁରୀ ପ୍ରଦାନରେ ସ୍ୱଚ୍ଛତା ପରିଲକ୍ଷିତ ହେଲା । ତଥାପି ମନରେଗା ପରିଚାଳକମାନେ ଶ୍ରମିକମାନଙ୍କର ସଂଚୟ ଖାତାକୁ ହାତେଇ, ସେଥିରେ ଜାଲ ଦସ୍ତଖତ ମାଧ୍ୟମରେ ଟଙ୍କା ଜମା କରି ଉଠାଇ ମଧ୍ୟ ନେଉଛନ୍ତି ଏବଂ ସଂପୃକ୍ତ ଖାତା ଧାରୀ ଶ୍ରମିକଙ୍କୁ ସ୍ୱଳ୍ପ ଅର୍ଥ ଦେଇ ତା'ର ପାଟି ବନ୍ଦ କରି ଦେଉଛନ୍ତି ।

ଥ) **ସାମାଜିକ ହିସାବ ସମୀକ୍ଷା :** ସାମାଜିକ ଅଡିଟ୍ ଏକ ଅଭୁତପୂର୍ବ ବ୍ୟବସ୍ଥା । ଏହା ଦ୍ୱାରା ମନରେଗାର ପରିଚାଳନାଗତ ସମୀକ୍ଷା ହେବା ସହିତ ପରିଚାଳକମାନଙ୍କ ଉପରେ କାର୍ଯ୍ୟର ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । କାର୍ଯ୍ୟରେ ଭଲମନ୍ଦ ଓ କ୍ଷତି ପାଇଁ ପରିଚାଳକ ମାନେ ସାମାଜିକ ହିସାବ ସମୀକ୍ଷାକାରୀଙ୍କୁ କୈଫିୟତ ଦେବାକୁ ବାଧ୍ୟ ହୁଅନ୍ତି । ଫଳରେ ମନରେଗାର ପ୍ରତ୍ୟେକ କାଯ୍ୟରେ ସ୍ୱଚ୍ଛତା ପ୍ରକଟିତ ହୋଇଥାଏ । ସାମାଜିକ ହିସାବ ସମୀକ୍ଷା ଦ୍ୱାରା କାର୍ଯ୍ୟର ମୂଲ୍ୟାୟନ ପ୍ରକ୍ରିୟା ଓ ସରକାରୀ ବେସରକାରୀ ପରିଚାଳକଙ୍କ ବ୍ୟବହାରର ସମୀକ୍ଷା କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ଥାଏ ।

ଦ) **ବେକାରୀ ଭତ୍ତା :** ମନରେଗାର ବେକାରୀ ଭତ୍ତା ଏକ ଆକର୍ଷଣୀୟ ବୈଶିଷ୍ଟ୍ୟକୁ ନେଇ ଗଠିତ । ଯେପରି ଜଣେ ଦରଖାସ୍ତକାରୀ ଶ୍ରମିକଙ୍କୁ ୧୫ ଦିନ ଭିତରେ ଯଦି କୌଣସି କାର୍ଯ୍ୟ ଦିଆଯାଇ ନ ପାରିଲା ; ତେବେ ଦୈନିକ ବେକାରୀ ଭତ୍ତା ଦେବାର ବିଧି ବ୍ୟବସ୍ଥା କରାଯାଇ ଅଛି ; ଯାହା ଦିନକର ମଜୁରୀର ଏକ ଚତୁର୍ଥାଂଶ ମାତ୍ର । ଯଦି ଲଗାତାର ମାସେ ପର୍ଯ୍ୟନ୍ତ କାର୍ଯ୍ୟ ଦିଆଯାଇ ନ ପାରିଲା ତେବେ ପ୍ରଦତ୍ତ ମଜୁରୀର ଅର୍ଦ୍ଧ ମୂଲ୍ୟ ଶ୍ରମିକଙ୍କୁ ଦିଆଯାଏ । ଏହି କ୍ଷତିର ଭରଣା ରାଜ୍ୟ ସରକାର କରନ୍ତି ଏବଂ ସେଥିପାଇଁ ଉତ୍ତରଦାୟୀ ହୁଅନ୍ତି ସଂପୃକ୍ତ ପରିଚାଳନା ଅଧିକାରୀ । ମାତ୍ର ଏପରି କ୍ଷେତ୍ରରେ କେତୋଟି ନିୟମ ଅଛି, ଯେପରି (କ) ଜଣେ ଶ୍ରମିକ ବର୍ଷକରେ ୧୦୦ ଦିନ କାର୍ଯ୍ୟ ପାଇ ସାରିଛି (ଖ), ଯଦି ସେ କାମ କରିବାକୁ ମନକଲା କିମ୍ବା (ଗ) ସେ କାହାକୁ ନ ଜଣାଇ ୭ ଦିନ ପର୍ଯ୍ୟନ୍ତ ଛୁଟି ନେଇଗଲା; ତେବେ ସେପରି ଶ୍ରମିକ ୩ ମାସ ପର୍ଯ୍ୟନ୍ତ କୌଣସି ବେକାରୀ ଭତ୍ତା ପାଇବାର ହକଦାର ନୁହନ୍ତି । ମାତ୍ର ସେ ଏହି ଯୋଜନାରେ କାମ କରି ପାରିଶ୍ରମିକ ପାଇ ପାରିବେ ।

ଧ) **ଶ୍ରମିକ ପଳାୟନ :** ଅନେକ ସମୟରେ ଶ୍ରମିକମାନେ ନିଜ ରାଜ୍ୟରେ କାମଧନ୍ଦା ନ ପାଇବାରୁ ବାହାର ରାଜ୍ୟକୁ କାମ ଆଶାରେ ପଳାଇ ଯାଇ ଅନେକ ନିର୍ଯ୍ୟାତନାର ଶିକାର ହୁଅନ୍ତି । ଏପରି ଦେଶାନ୍ତରକୁ ବନ୍ଦ କରିବା ପାଇଁ ମନରେଗା ମୁଖ୍ୟତଃ ୩ ଟି ଦିଗରୁ କାର୍ଯ୍ୟ କରୁଛି : (କ) କାମ ନ ଥିବା ସମୟରେ ଶ୍ରମିକ ମାନଙ୍କୁ ନିଜ ଅଞ୍ଚଳରେ କାମ ଯୋଗାଇ ଦେବା, (ଖ) ରୋଜଗାର ଓ ସଞ୍ଚୟପ୍ରତି ପ୍ରେରଣା , (ଗ) ସାମାଜିକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଧ୍ୟାନ ଦେବା । ଯାହା ଫଳରେ ଶ୍ରମିକ ଚଲାଣ ଅନେକାଂଶରେ କମିଗଲା । ମନରେଗା ଅତିକମ୍‌ରେ ୧୦୦ ଶ୍ରମଦିବସ ପ୍ରଦାନ କରିବା ଫଳରେ ଶ୍ରମିକ ମାନଙ୍କର ରୋଜଗାର ବଢିଲା । ଦ୍ୱିତୀୟରେ ଆବଶ୍ୟକତା ଓ ଅଭାବ ଭିତରେ ଥିବା ଦୂରତା ହ୍ରାସ ପାଇଲା ।

ନ) **ବୀମା :** ମନରେଗା ଅଧିନିୟମରେ ଶ୍ରମିକମାନଙ୍କର ବୀମା କରାଯାଉଥିବାରୁ ଶ୍ରମିକଟିଏ ଦୁର୍ଘଟଣାରେ ଶିକାର ହେଲେ ହତାଶ ନ ହୋଇ ଚିକିତ୍ସା ସୁବିଧା ପାଇବାରେ ହକ୍‌ଦାର ହୋଇପାରିଲା ।

ପ) **ଅଭିଯୋଗ ପାଇଁ ଜାତୀୟ ସହାୟତା କେନ୍ଦ୍ର :** ମନରେଗା ଅଧିନିୟମାନୁସାରେ ଶ୍ରମିକ ମାନେ କୌଣସି ଅଭିଯୋଗ ପ୍ରଦାନ କରିବା ବା ସୂଚନା ପାଇବା ପାଇଁ ଜାତୀୟ ସହାୟତା କେନ୍ଦ୍ରର ନିଃଶୁଳ୍କ ୧୮୦୦୧୧୦୭୦୭ ଟେଲିଫୋନ୍ ନମ୍ବରକୁ ଫୋନ୍ କରିପାରିବେ । ଗ୍ରାମୀଣ ବିକାଶ ମନ୍ତ୍ରାଣାଳୟ (Ministry of Rural Development - MORD) ଏହି ସହାୟତା କେନ୍ଦ୍ର ଖୋଲିଛନ୍ତି ।

ଫ) **ସୁନିଶ୍ଚିତ ନିଯୁକ୍ତ ଦିବସ (ରୋଜଗାର ଦିବସ) :** ପ୍ରତ୍ୟେକ ଗ୍ରାମପଞ୍ଚାୟତ ଅନ୍ତତଃ ମାସକୁ ଥରେ ରୋଜଗାର ଦିବସର ଆୟୋଜନ କରିବା ଉଚିତ୍ । ଏହି ଦିବସରେ ସମ୍ଭାବ୍ୟ ଶ୍ରମିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇ, ସେମାନଙ୍କର ନାମ ପଞ୍ଜିକରଣ କରାଯାଇ ରସିଦ୍ ଦିଆଯିବା ସହିତ ସୁନିଶ୍ଚିତ ନିଯୁକ୍ତି ଦିବସର ଉଦ୍ଦେଶ୍ୟ, ଦରଖାସ୍ତର ଯାଞ୍ଚ ପ୍ରକ୍ରିୟାର ସର୍ବନିମ୍ନ ସମୟ ଶ୍ରମର ସୂଚନା, ମଜୁରୀ ପ୍ରଦାନ ଓ ତା'ର ପ୍ରଣାଳୀ, ସଞ୍ଚୟ ଖାତା ଖୋଲିବା, ମଜୁରୀ ହାର ଏବଂ ବେକାରୀ ଭତ୍ତା ସଂପର୍କରେ ସୂଚନା ପ୍ରଦାନ କରାଯାଇଥାଏ । ତଥାପି ସୁନିଶ୍ଚିତ ନିଯୁକ୍ତି ଦିବସ ଅପେକ୍ଷା ଯେକୌଣସି ଦିନ ଯଦି ଶ୍ରମିକଟିଏ କାର୍ଯ୍ୟ ପାଇଁ ଦରଖାସ୍ତ କରେ; ତେବେ ଗ୍ରହଣ କରାଯାଇ ପାରିବ ବୋଲି ମନରେଗା ଅଧିନିୟମରେ ଉଲ୍ଲେଖ କରାଯାଇ ଅଛି । ଗ୍ରାମପଞ୍ଚାତର ସଭାପତି ଓ ଗ୍ରାମରୋଜଗାର ସେବକର କର୍ମଚାରୀମାନେ ମନରେଗାର ସଠିକ୍ କାର୍ଯ୍ୟପ୍ରକ୍ରିୟା କାର୍ଯ୍ୟର ପରିଚାଳନା ଓ ଶ୍ରମିକ ମାନଙ୍କର ଅଧିକାର ଓ ଶ୍ରମ ଅଧିକାରକୁ ସୁଚାରୁ ରୂପେ ପରିଚାଳନା ଓ ତଦାରଖ କରିବା ପାଇଁ ମନରେଗା ଅଧିନିୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି ।

**ମନରେଗା ଅଧିନରେ ହେବାକୁ ଥିବା କାର୍ଯ୍ୟ :** ମନରେଗା ଯୋଜନା ଅଧିନରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କରିବା ପାଇଁ ଉଲ୍ଲେଖ କରାଯାଇଛି –

୧. ଜଳ ସଂରକ୍ଷଣ ଓ ଜଳ ଅମଳ ।

୨. ବୃକ୍ଷରୋପଣ କରି ମରୁଡ଼ି ପରିସ୍ଥିତିର ମୁକାବିଲା କରିବା ।

୩. କ୍ଷୁଦ୍ର ଓ ଅଣୁ ଜଳସେଚନ ଯୋଜନା ପ୍ରକଳ୍ପରେ କେନାଲ କାର୍ଯ୍ୟ କରିବା ।

୪. ଅନୁସୂଚିତ ଜାତି ଓ ଜନଜାତି ଜମି ମାଲିକ ଓ ହିତାଧିକାରୀଙ୍କୁ ଜଳ ସେଚନର ସୁବିଧା ପ୍ରଦାନ ।

୫. ଲୁଣା ପୋଖରୀର ଲବଣତା କମ୍ କରିବା ଓ ଗ୍ରାମୀଣ ଜଳାଶୟଗୁଡ଼ିକର ପୁନରୋଦ୍ଧାର ବ୍ୟବସ୍ଥା ।

୬. ମୃତ୍ତିକା ସଂରକ୍ଷଣ ଓ ଚାଷ ଜମିର ବିକାଶ ।

୭. ବନ୍ୟା ପ୍ରତିରୋଧ, ଅଧିକ ଜଳ ଜମୁଥିବା ଅଞ୍ଚଳକୁ ଜଳ ନିଷ୍କାସନ ଓ ବନ୍ୟାଜଳ ପ୍ରବେଶରୁ ଚାଷ ଜମିର ସୁରକ୍ଷା କାର୍ଯ୍ୟ ।

୮. ଗ୍ରାମାଞ୍ଚଳକୁ ସବୁ ଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା, ରାସ୍ତା ନିର୍ମାଣ ଓ ମରାମତି , ଜଳ ନିଷ୍କାସନ ପାଇଁ କଲଭର୍ଟ ନିର୍ମାଣ ଓ ଗ୍ରାମ୍ୟ ପରିବେଶର ସର୍ବକାଳୀନ ବିକାଶ କାର୍ଯ୍ୟ ।

୯. ଏତଦ୍ ବ୍ୟତୀତ ରାଜ୍ୟସରକାରମାନେ ଅନ୍ୟ କୌଣସି ବିକାଶ ମୂଳକ କାର୍ଯ୍ୟର ଆବଶ୍ୟକତା କରୁଥିଲେ, କେନ୍ଦ୍ର ସରକାର ସହିତ ଯୋଗାଯୋଗ କରି ଏହି ଯୋଜନାରେ ସଂଯୁକ୍ତ କରିପାରିବେ ।

## ଆତ୍ମ ନିରିକ୍ଷଣ ପ୍ରଶ୍ନାବଳୀ - ୩

ଦ୍ରଷ୍ଟବ୍ୟ : (କ) ପ୍ରଦତ୍ତ ଖାଲି ସ୍ଥାନରେ ଉତ୍ତର ଲେଖ

(ଖ) ଏହି ଅନୁଚ୍ଛେଦ ଶେଷରେ ପ୍ରଦତ୍ତ ଉତ୍ତର ସହିତ ତୁମ ଉତ୍ତରକୁ ମିଳାଇ ନିଅ ।

୫. ଭାରତରେ ଆୟ ସୃଷ୍ଟିକାରୀ ଯୋଜନା ଗୁଡ଼ିକର ଆବଶ୍ୟକତା କ'ଣ ?

ଉତ୍ତର :________________________________________

୬. ଭାରତରେ ଆରମ୍ଭ କରାଯାଇଥିବା ପାଞ୍ଚୋଟି ଆୟ ସୃଷ୍ଟିକାରୀ ଯୋଜନାର ନାମୋଲ୍ଲେଖ କରି ସେଗୁଡ଼ିକର ସବିଶେଷ ଆଲୋଚନା କର ।

ଉତ୍ତର :________________________________________

## ୩.୪ ସାରାଂଶ

- ଗ୍ରାମୀଣ ଭାରତର ବୈଶିଷ୍ଟ୍ୟକୁ ଅର୍ଥଶାସ୍ତ୍ରୀମାନେ ଦାରିଦ୍ର୍ୟ, ବେକାରୀ ଓ ପର୍ଯ୍ୟାପ୍ତ ଭିତ୍ତିଭୂମିହୀନ ଅଞ୍ଚଳ ଭାବରେ ଚିତ୍ରିତ କରିଛନ୍ତି ଏବଂ ଏହି ଅବସ୍ଥା ଜଳ ପ୍ରପାତରୁ ଜଳ ଝରି ଆସିଲା ପରି ଯୁଗ ଯୁଗ ଧରି ଭାରତର ବିକଶିତ ପ୍ରେକ୍ଷାପଟରେ ଉଙ୍କି ମାରୁ ଅଛି । ଗ୍ରାମୀଣ ଭାରତର ଏପରି ଦୟନୀୟ ଅବସ୍ଥା । ସହରାଞ୍ଚଳରେ ବସ୍ତିର ଆବିର୍ଭାବ, ସାମାଜିକ ଅସନ୍ତୁଳନ ଓ ଆର୍ଥନୀତିକ ଉଦ୍‌ବେଗ ସୃଷ୍ଟି କରିବାରେ ଲାଗିଛି ।
- ମାତ୍ର, ସରକାର ଏହି ସବୁ ଦିଗକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଭାରତୀୟ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାର ବିସ୍ତୃତ ଦୂରତାକୁ ହ୍ରାସ କରିବାକୁ ପ୍ରଚେଷ୍ଟା କରୁଛନ୍ତି । ଫଳରେ କିଛି ଦଶନ୍ଧି ଧରି ବର୍ଦ୍ଧିତ ବେକାରୀ ସମସ୍ୟାର ହ୍ରାସ ପରିଲକ୍ଷିତ ହେବା ସହିତ ଶ୍ରମିକ ଗଲଣରେ ମାତ୍ରା ମଧ୍ୟ କମ୍ ହୋଇଛି ।
- ସାମାଜିକ ନ୍ୟାୟ ବ୍ୟବସ୍ଥାର ବିକାଶ ଭାରତ ସରକାରଙ୍କର ଏକ ପ୍ରମୁଖ ଯୋଜନା । ସ୍ୱାଧିନତା ପ୍ରାପ୍ତିଠାରୁ ଅଦ୍ୟାବଧି ସମାଜର ପ୍ରତ୍ୟେକ ବର୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଯୋଗାଇ ଦେବାକୁ ସର୍ବଦା ସରକାର ପ୍ରଚେଷ୍ଟା କରି ଆସୁଛନ୍ତି। ଦାରିଦ୍ର୍ୟ ଓ ବେକାରୀ ସମସ୍ୟାକୁ ସରକାର ଏକ ଗୁରୁତର ସମସ୍ୟା ଭାବରେ ଗ୍ରହଣ ଓ ଏହାର ନିରାକରଣ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି।
- କିନ୍ତୁ ବେକାରୀ ସମସ୍ୟାର ସଂପୂର୍ଣ୍ଣ ନିରାକରଣ ପାଇଁ ସରକାର କୌଣସି ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରି ନାହାନ୍ତି । ସରକାର ଚିନ୍ତା କରୁଥିଲେ ଯେ ଗ୍ରାମାଞ୍ଚଳରେ ଜନତାଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟିଲେ ବେକାରୀ ସମସ୍ୟା ଆପେ ଆପେ ଦୂରୀଭୂତ ହୋଇଯିବ । ମାତ୍ର ତାହା ସମ୍ଭବ ହେଲା ନାହିଁ । ପରିବର୍ଦ୍ଧିତ ଶ୍ରମିକ ସଂଖ୍ୟା ଓ କୃଷି କାର୍ଯ୍ୟର ହ୍ରାସ ଗ୍ରାମାଞ୍ଚଳରେ ବେକାରୀ ସମସ୍ୟାକୁ ବହୁଗୁଣିତ କରିଦେଲା ।
- ଯଦି ବେକାରୀଶ୍ରମିକ ସଂଖ୍ୟା ୧୯୬୯ ମସିହାର ୨୨୦ ଲକ୍ଷରୁ ୨୦୦୪ ମସିହା ପର୍ଯ୍ୟନ୍ତ ୪୨୦ ଲକ୍ଷ୍ୟକୁ ବୃଦ୍ଧି ପାଇଁ ନଥାନ୍ତେ , ଏଭଳି ସମସ୍ୟା ସୃଷ୍ଟି ହୋଇ ନଥାନ୍ତା । ତେବେ ଏପରି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରି ଅତିରିକ୍ତ କର୍ମ ଯୋଗାଣର ବ୍ୟବସ୍ଥା ସରକାରୀ ସ୍ତରରେ କରାଗଲା । ଏଥିରେ ସ୍ୱରୋଜଗାର ଯୋଜନା ଓ ଶ୍ରମଭିତ୍ତିକ ରୋଜଗାର ଯୋଜନାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଗଲା।

- ଦୀର୍ଘତିନି ଦଶନ୍ଧି ଧରି ସରକାରୀ ଓ ବେସରକାରୀ ସ୍ତରରେ ଏହିପରି ଜନକଲ୍ୟାଣ ମୂଳକ ଅନେକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମାଞ୍ଚଳ ଜନତାଙ୍କର ଯଥେଷ୍ଟ ଉନ୍ନତି ସମ୍ଭବ ହୋଇଛି ।

- ସରକାର ଘୋଷଣା କରିଛନ୍ତି ଯେ ଏହିପରି ଅନେକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ପ୍ରାୟତଃ ଦାରିଦ୍ର୍ୟ ହାର ୨୦ ପ୍ରତିଶତ କମିଯାଇଛି । ସର୍ବେକ୍ଷଣରୁ ଜଣାଯାଇଛି ଯେ ୧୯୬୦ ମସିହା ବେଳକୁ ଭାରତରେ ସମୁଦାୟ ଜନସଂଖ୍ୟାର ପ୍ରାୟ ୫୦ ଭାଗ ଜନତା ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ୧୯୯୦ ମସିହାବେଳକୁ ଏମାନଙ୍କର ସଂଖ୍ୟା ୨୦ ପ୍ରତିଶତ ହ୍ରାସ ପାଇ ୩୦ ପ୍ରତିଶତକୁ ଖସି ଆସିଥିଲା ।

## ୩.୫ ମୁଖ୍ୟ ଶବ୍ଦାବଳୀ

**ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ :** ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଅନ୍ତର୍ଗତ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ସମୁଦାୟ ଖର୍ଚ୍ଚରୁ ମାତ୍ର ୨୫ ପ୍ରତିଶତ ରାଜ୍ୟ ସରକାର ବହନ କରନ୍ତି । ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ବେକାର ଯୁବକ ମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହିତ ସବ୍‌ସିଡ୍ ଯୁକ୍ତ ଋଣ ପ୍ରଦାନ କରାଯାଇ ବିଭିନ୍ନ ବ୍ୟବସାୟ କୁଟୀରଶିଳ୍ପ ଓ ଫାର୍ମ ପ୍ରସ୍ତୁତି କାରି ନିଜେ ରୋଜଗାରକ୍ଷମ ହେବା ସହିତ ଗ୍ରାମର ଅନ୍ୟ ଯୁବକମାନଙ୍କୁ କର୍ମ ଯୋଗାଇ ଦେଇ ଗ୍ରାମ - ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସୁଯୋଗ ପ୍ରଦାନ କରାଯାଉଥିଲା । ଯେଉଁମାନେ ଅନୁସୂଚିତ ଜାତି, ଜନଜାତି, ମହିଳା, ବିକଳାଙ୍ଗ ଓ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଥିଲେ, ସେମାନେ ଏହି ଯୋଜନା ସମୂହର ସୁବିଧା ନେଇ ନିଜର ଆର୍ଥିକ ସ୍ଥିତିକୁ ମଜବୁତ୍ କରିପାରିଛନ୍ତି ।

**ମଜୁରୀ :** ଶ୍ରମିକମାନଙ୍କୁ ତାଙ୍କର ଶ୍ରମ ବଦଳରେ ପରିବାର ପ୍ରତିପୋଷଣ ପାଇଁ ପ୍ରଦାନ କରାଯାଉଥିବା ପାରିଶ୍ରମିକୁ ମଜୁରୀ ବୋଲି କୁହାଯାଏ । ଏହି ମଜୁରୀ କାର୍ଯ୍ୟର ପ୍ରକାର ଭେଦ ଓ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କର ପ୍ରକାର ଭେଦ ଅନୁସାରେ ଭିନ୍ନ ଭିନ୍ନ । ବିଭିନ୍ନ ପ୍ରକଳ୍ପ ଓ ବ୍ୟବସାୟରେ ହେଉଥିବା ଖର୍ଚ୍ଚକୁ ମଜୁରୀର ଏକ ପ୍ରଧାନ ଅଙ୍ଗ ଭାବରେ ବିବେଚନା କରାଯାଏ ।

**କର୍ମନିଯୁକ୍ତି :** ଏହା ଦୁଇଟି ପାର୍ଟି ମଧ୍ୟରେ ଏକ ସହବନ୍ଧନ । କର୍ମ ଯୋଗାଣକାରୀ ଓ କର୍ମଚାରୀ ବା ଶ୍ରମିକ ମଧ୍ୟରେ ଏକ ସହବନ୍ଧନ । କର୍ମଯୋଗାଣକାରୀ ଓ କର୍ମଚାରୀ ଓ ଶ୍ରମିକ ମଧ୍ୟରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଯେଉଁ ଚୁକ୍ତି ପତ୍ରରେ ନିୟମାବଳୀ ସହିତ ପାରସ୍ପରିକ ବୁଝାମଣାରେ ସହବନ୍ଧନ କରାଯାଏ ; ତାହାକୁ ନିଯୁକ୍ତି ବୋଲି କୁହାଯାଏ । ନିଯୁକ୍ତି ଦାତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ନିଯୁକ୍ତ ବ୍ୟକ୍ତି ପାରିଶ୍ରମିକ / ଦରମା

ବଦଳରେ କରିଥାଏ । କମ୍ପାନୀ ସଂସ୍ଥାର ଲାଭକ୍ଷତି ଅନୁସାରେ ନିଯୁକ୍ତ ବ୍ୟକ୍ତିର ପାରିଶ୍ରମିକ ବୃଦ୍ଧି ଓ ବୋନସ୍ ବୃଦ୍ଧି ମଧ୍ୟ ହୋଇଥାଏ । ଏପରି ନିଯୁକ୍ତି ସପ୍ତାହକ, ମାସିକ, ବାର୍ଷିକ ଅଥବା ଅବସରପ୍ରାପ୍ତ ବୟସ ସୀମା ପର୍ଯ୍ୟନ୍ତ ହୋଇଥାଏ । ଦରମା ବ୍ୟତୀତ କର୍ମଚାରୀ ଙ୍କୁ ନିଯୁକ୍ତି ଦାତା ବୀମା, ସ୍ୱାସ୍ଥ୍ୟ ଖର୍ଚ୍ଚ, ଭଡ଼ାଗୃହ, ଭତ୍ତା, ଯାତାୟାତ ଖର୍ଚ୍ଚ ଓ ସୁରକ୍ଷା ପ୍ରଦାନ କରିଥାନ୍ତି । ଭାରତ ସରକାରଙ୍କ ଶ୍ରମ ଆଇନ୍ ବଳରେ ନିଯୁକ୍ତି ଦାତା କୌଣସି ଖିଲାପ କଲେ ଦଣ୍ଡ ପାଇବାର ପ୍ରାବଧାନ ମଧ୍ୟ ଅଛି ।

## ୩.୬ ସହାୟକ ଗ୍ରନ୍ଥ


- **Abraham, Vinod (2009) :** "Employment Growth in Rural India: Distress Driven", Economic and Political weekly vol.44 No. 16.
- **Ahmad, Mumtaz Uddin (2006) :** Rural Development and proverty Alleviation through promotion of Rural Non- Farm Activities in the Asia Pacific Region: Review of Evidence, Patterns and Issues". Asia Pacific Jounal and Rural Development, vol.16, No. -1 .
- **Basant Rakesh (1994) :** Economic Diversification in Rural Areas", Economic and Political weekly vol-29, No. 39.
- **Basant, Rakesh and B.L. Kumar (1989) :** "Rural Non Agricultural Activities in India: A Review of Available Evidence" social Scientist, Vol-17, No. 1-2.
- **Bhalla G.S. and Peter Hazell (2003) :** "Rural Employment and Poverty: Strategies to Elimimate Rural Poverty within a Generation" Economic and Political weekly Vol. 38, No. 33
- **Chadha G.K. (2002) :** "Rural and Non-Farm Employment in India: What does Recent Experience Teach us? The Indian Jounal of Labour Economics Vol. 45, No-4.
- **Dev Mahendra S. (1990): Non Agricultural Employment in Rural India :** Evidence at a Disaggnegated Level, Economic and Political weekly Vol. 26, No. 28.

- **Fisher Thomas, Vijay Mahajan and Ashok Singh (1997) :** The forgotten Sector: Non- Farm Employment and Enterprises in Rural India, London: Intermediate Technology Publications.
- Gill, L.S. (2005); "Decelaration of Industrial Growth and Rural Industrialization Strategy for Indian Punjab"; Journal of Punjab Studies, Vol. 12, No-2.


## ୩.୭ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀର ସମ୍ଭାବ୍ୟ ଉତ୍ତର

### ଅଗ୍ରଗତି - ୧

୧. କୃଷି କାର୍ଯ୍ୟର ସଂଜ୍ଞା ଓ ଏହାର ଆହ୍ୱାନ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି, ପ୍ରାଥମିକ ପର୍ଯ୍ୟାୟରେ ଦିଆଯାଇଥିବା ଅନୁଚ୍ଛେଦର ଆଲୋଚନା ସହିତ ତୁଳନା କର ।

୨. ପ୍ରତ୍ୟେକର ସଂଜ୍ଞା ଓ ସଂକ୍ଷିପ୍ତ ଉତ୍ତର ପାଠ୍ୟ ମଧ୍ୟରେ ଅଛି । ପ୍ରମୁଖ ତଥ୍ୟାବଳୀ ସହିତ ସଂକ୍ଷିପ୍ତ ଉତ୍ତର ଲେଖ ।

### ଅଗ୍ରଗତି -୨

୩. ଅନୁଚ୍ଛେଦ ୨.୫.୧ ରୁ ୨.୫.୮ ମଧ୍ୟରେ ଉଲ୍ଲେଖ କରାଯାଇଥିବା ଖାଦ୍ୟସୁରକ୍ଷା ଓ ଏହାର ନିରାପତ୍ତାନୁସାରେ ଉତ୍ତର ପ୍ରଦାନ କର ।

୪. ସେହି ଅନୁଚ୍ଛେଦ ଶେଷାଂଶ ଗ୍ରାମୀଣ ବଜାର ବ୍ୟବସ୍ଥାର ସଂପୂର୍ଣ୍ଣ ବିବରଣୀକୁ ନେଇ ଆଲୋଚିତ ହୋଇଛି । ଏହାର ସାହାଯ୍ୟ ନିଅ ।

### ଅଗ୍ରଗତି -୩

୫. ଆର୍ଥନୀତିକ ଦୃଷ୍ଟି କୋଣରୁ ଦାରିଦ୍ର୍ୟ କିପରି ଗ୍ରାମୀଣ ଭାରତର ଜୀବନ ଧାରଣର ମାନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି , ଏହି ମର୍ମରେ ଉତ୍ତର ପ୍ରଦାନ କର ।

୬. ଯେକୌଣସି ପାଞ୍ଚୋଟି ଜନକଲ୍ୟାଣ ମୂଳକ ଯୋଜନା ଚୟନ କରି ତା'ର ବୈଶିଷ୍ଟ୍ୟ ଓ ଫଳାଫଳ ସଂପର୍କରେ ଆଲୋଚନା କରି ଉତ୍ତର ପ୍ରଦାନ କର ।

❑❑❑

ଟିପ୍ପଣୀ

ଟିପ୍ପଣୀ